

ଜୟନ୍ତୀରେ ପ୍ରଣାମ

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ପ୍ରଥମ ଟି-୨୦ରେ ଭାରତ ବିଜୟୀ | ୭

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୯୫ Vol. 21 No-295 23 JANUARY 2025 THURSDAY BHUBANESWAR ଗୁରୁବାର, ୨୩ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୦ଟି ପ୍ରସ୍ତାବକୁ ଅନୁମୋଦନ

# ବିକଶିତ ଗାଁ, ବିକଶିତ ଓଡ଼ିଶାକୁ ମଞ୍ଜୁରି



- ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ
- ପ୍ରତି ପଞ୍ଚାୟତରେ ଖୋଲିବ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ
- ୫୮ଟି ସବ୍‌ଡିଭିଜନରେ ଖୋଲିବ ଗୋଟିଏ ଲେଖାଏଁ ଶୀତଳଭଣ୍ଡାର
- ସେମିକଣ୍ଡକ୍ଟର କାରଖାନା ସ୍ଥାପନ ପାଇଁ ଦିଆଯିବ ପ୍ରୋତ୍ସାହନ

ଭୁବନେଶ୍ୱର, ୨୨।୧ (ଭାସ୍କର ନ୍ୟୁଜ): ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ୯ଟି ବିଭାଗର ୧୦ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ବୈଠକ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେ କହିଥିଲେ ଯେ ରାଜ୍ୟବାସୀଙ୍କ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦିଆଯାଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜ୍ୟବାସୀଙ୍କ ଆଶା ଆକାଂକ୍ଷା ପୂରଣ ସହ ଓଡ଼ିଶାର ସାମାଜିକ ଓ ଆର୍ଥିକ ସ୍ଥିତିରେ କିପରି ସୁଦୃଢ଼ ଆସିବ ସେ ନେଇ ବୈଠକରେ ବିଶଦଭାବେ ଆଲୋଚନା କରାଯାଇଥିଲା। ରାଜ୍ୟ କ୍ୟାବିନେଟ୍‌ରେ ବିକଶିତ ଗାଁ ବିକଶିତ ଓଡ଼ିଶାକୁ ଅନୁମୋଦନ ଦିଆଯାଇଛି । ଗାଁର ବିକାଶ ହେଲେ ଦେଶର ବିକାଶ ସମ୍ଭବ ହୋଇ ପାରିବ। ଏଥିପାଇଁ ବଜେଟରେ ଥିବା ବ୍ୟୟବରାଦକୁ ବୃଦ୍ଧି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି। ଗ୍ରାମାଞ୍ଚଳ ଓଡ଼ିଶାର ତ୍ୱରିତ ଏବଂ ସାମଗ୍ରିକ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ଦୂର କରିବା, ତଥା ଗ୍ରାମାଞ୍ଚଳରେ ମୌଳିକ ଭିତ୍ତିଭୂମିର ବିକାଶ ନିମନ୍ତେ ବିଭିନ୍ନ ସ୍ଥାୟୀ ଉନ୍ନୟନମୂଳକ ପ୍ରକଳ୍ପମାନ ଯଥା ଅପହଞ୍ଚ ଗାଁ କୁ ରାସ୍ତା ଦ୍ୱାରା ସଂଯୋଗୀକରଣ, ସର୍ବସାଧାରଣଙ୍କ ସୁବିଧା ପାଇଁ ସମ୍ପଦ ସୃଷ୍ଟି କରିବା, ଶିକ୍ଷା ଏବଂ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତିକରଣ , କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀର ଉନ୍ନତିକରଣ ଇତ୍ୟାଦି ପାଇଁ ରାଜ୍ୟ ସରକାର ବିକଶିତ ଗାଁ ବିକଶିତ ଓଡ଼ିଶା ନାମରେ ଏକ ନୂତନ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି । ଏହି ଯୋଜନାରେ ଉଭୟ ଗ୍ରାମ ମଧ୍ୟସ୍ଥ ସଡ଼କ ଏବଂ ଗ୍ରାମଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତାର ବିକାଶ କରାଯିବ । ଏହି ଯୋଜନାରେ ଆବଶ୍ୟକତା ଅନୁଯାୟୀ ବିଭିନ୍ନ ଉନ୍ନୟନ ମୂଳକ ଗୋଷ୍ଠୀଭିତ୍ତିକ ସମ୍ପଦ ସୃଷ୍ଟି ପାଇଁ ପ୍ରକଳ୍ପମାନ ନିର୍ମାଣ କରାଯିବ । ଏହି ପରିପ୍ରେକ୍ଷୀରେ, କାର୍ଯ୍ୟର ଗୁଣବତ୍ତା, ସୃଷ୍ଟି ହୋଇଥିଠବା ସମ୍ପଦର ରକ୍ଷଣାବେକ୍ଷଣ ତଥା ତଦାରଖର ଉତ୍ତରଦାୟିତ୍ୱ ଗୋଷ୍ଠୀ ସମୁଦାୟ ଉପରେ ନ୍ୟସ୍ତ ରହିବ । ଆବଶ୍ୟକତା ଭିତ୍ତିରେ ପାଞ୍ଚ ବର୍ଷର ସମ୍ଭାବ୍ୟ ପ୍ରକଳ୍ପ ତାଲିକା ଏବଂ ପ୍ରତ୍ୟେକ ଆର୍ଥିକ ବର୍ଷ ପାଇଁ ବାର୍ଷିକ କାର୍ଯ୍ୟ ଯୋଜନା ଗ୍ରାମ ସଭା ଦ୍ୱାରା ପ୍ରସ୍ତୁତ ହେବ ଏବଂ ଗ୍ରାମ ପଞ୍ଚାୟତ ଦ୍ୱାରା ବ୍ଲକକୁ ସୁପାରିଶ କରାଯିବ। ଏଥିସହିତ ସମ୍ଭାବ୍ୟତା, ଗ୍ରହଣୀୟତା ଏବଂ ଆର୍ଥିକ ସୀମା କମିଟି ଦ୍ୱାରା ପ୍ରକଳ୍ପ ତାଲିକା ଯାଞ୍ଚ କରାଯିବ । ପ୍ରକଳ୍ପର ତାଲିକା ଅନୁମୋଦିତ ହେବ । ଓଡ଼ିଶାରେ ଉଚ୍ଚଶିକ୍ଷା ବ୍ୟବସ୍ଥା କୁ ଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ ରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏକାଡେମିକ୍ ଉତ୍କର୍ଷ, ଗୁଣାତ୍ମକ ଗବେଷଣା ନିମନ୍ତେ ଏବଂ ଅଧିକ ରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷା ପ୍ରାପ୍ତି ଦିଗ ରେ ହେଉଥାବା ସମସ୍ୟା ର ସମାଧାନ କରିବାକୁ ଏହି ସଂଶୋଧନ ର ଲକ୍ଷ୍ୟ ରହିଛି । ସଂଶୋଧନର ମୁଖ୍ୟ ଦିଗଗୁଡ଼ିକ ହେଉଛି • ପୃଷ୍ଠା ୫ ଦେଖନ୍ତୁ

## ମହାରାଷ୍ଟ୍ରରେ ବଡ଼ଧରଣର ଦୁର୍ଘଟଣା

# ଯାତ୍ରୀଙ୍କ ଉପରେ ମାଡ଼ିଗଲା ଟ୍ରେନ୍, ୧୨ ମୃତ

### ୪୦ରୁ ଅଧିକ ଆହତ

### ଘଟଣାସ୍ଥଳରେ ଉଦ୍ଧାରକାରୀ ଟିମ୍

### ଗଭୀର ଦୁଃଖ ପ୍ରକାଶ କଲେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ



ମୁମ୍ବାଇ, ୨୨।୧: ମହାରାଷ୍ଟ୍ରର ଜଲଗାଓଁରେ ବୁଧବାର ବଡ଼ଧରଣର ଟ୍ରେନ୍ ଦୁର୍ଘଟଣା ଘଟିଛି। ପୁଷ୍ପକ ଏକ୍ସପ୍ରେସ୍‌ରେ ନିଆଁ ଲାଗିଥିବା ଶୁଣି ଭୟରେ ଡେଇଁ ପଡ଼ିଥିବା ଯାତ୍ରୀଙ୍କ ଉପରେ ମାଡ଼ିଗଲା କର୍ଣ୍ଣାଟକ ଏକ୍ସପ୍ରେସ୍। ଫଳରେ ଘଟଣାସ୍ଥଳରେ ୧୨ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଯାତ୍ରୀମାନେ ବିପରୀତ ଦିଗକୁ ଡେଇଁ ପଡ଼ିଥିବାବେଳେ ଅନ୍ୟ ଟ୍ରାକ୍‌ରେ ଆସୁଥିବା କର୍ଣ୍ଣାଟକ ଏକ୍ସପ୍ରେସ ସେମାନଙ୍କୁ ଚାପି ଦେଇଥିଲା। ଜଲଗାଓଁ ଏକ୍ସପ୍ରେସ୍ ମହେଶ୍ୱର ରେଡ୍ଡୀ କହିଛନ୍ତି ଯେ ମିଳିଥିବା ସୂଚନା ଅନୁଯାୟୀ ଏହି ଦୁର୍ଘଟଣାରେ ୧୧ ଯାତ୍ରୀଙ୍କର ମୃତ୍ୟୁ ଘଟିଛି। ଅଗ୍ନିକାଣ୍ଡ ଗୁଜବ ଶୁଣି ସମସ୍ତେ ପୁଷ୍ପକ ଏକ୍ସପ୍ରେସରୁ ଡେଇଁ ପଡ଼ିଥିଲେ। ଏଥିରେ ୪୦ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜଲଗାଓଁର ପରଣ୍ଡା ରେଳ ଷ୍ଟେସନରେ ଏହି ଦୁର୍ଘଟଣା ଘଟିଛି। ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ ପୁଷ୍ପକ ଏକ୍ସପ୍ରେସରେ ନିଆଁ ଲାଗିବା ଗୁଜବ ପରେ ଯାତ୍ରୀମାନେ ଭୟଭୀତ ହୋଇ ଟ୍ରେନ୍‌ରୁ ଡେଇଁ ପଡ଼ିଥିଲେ। ଏହାପରେ ଅନ୍ୟ ଟ୍ରାକ୍‌ରେ ଆସୁଥିବା କର୍ଣ୍ଣାଟକ ଏକ୍ସପ୍ରେସ୍ ଅନେକ ଲୋକଙ୍କୁ ଚାପି ଦେଇଥିଲା। ସୂଚନାଯୋଗ୍ୟ ଯେ କର୍ଣ୍ଣାଟକ ଏକ୍ସପ୍ରେସ୍ ବେଙ୍ଗାଲୁରୁରୁ ନୂଆଦିଲ୍ଲୀ ଚାଲୁଥିବାବେଳେ ପୁଷ୍ପକ ଏକ୍ସପ୍ରେସ୍ ମୁମ୍ବାଇରୁ ଲକ୍ଷ୍ନୌ ଚଳାଚଳ କରୁଥିଲା। ଦୁର୍ଘଟଣା ଖବର ମିଳିବା ପରେ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ଜଣେ ରେଳ ଅଧିକାରୀ କହିଛନ୍ତି, ଲକ୍ଷ୍ନୌରୁ ମୁମ୍ବାଇ ଯାଉଥିବା ପୁଷ୍ପକ ଏକ୍ସପ୍ରେସ୍ ଜଲଗାଓଁ ଅତିକ୍ରମ କରୁଥିବାବେଳେ ଗୋଟିଏ ବଗିରେ ନିଆଁ ଲାଗିଯାଇଥିବା କଥା ପ୍ରଚାର କରାଯାଇଥିଲା। ଫଳରେ ଯାତ୍ରୀମାନେ ଭୟଭୀତ ହୋଇ ଟ୍ରେନ୍‌କୁ ଅଟକାଇବା ପାଇଁ ଚେନ୍‌କୁ ଭିଡ଼ି ଦେଇଥିଲେ। ଟ୍ରେନ୍ ମଝି ଟ୍ରାକ୍‌ରେ ଥିବାବେଳେ କିଛି • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଷଷ୍ଠ ଅର୍ଥ କମିଶନ ଗଠନ କଲେ ରାଜ୍ୟ ସରକାର

ଭୁବନେଶ୍ୱର, ୨୨।୧ (ଭାସ୍କର ନ୍ୟୁଜ): ମଙ୍ଗଳବାର ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ରାଜ୍ୟପାଳ ନିଜ କ୍ଷମତାର ଉପଯୋଗ କରି ରାଜ୍ୟ ଷଷ୍ଠ ଆୟୋଗର ଗଠନ କରିଛନ୍ତି। ଏଥିରେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅରୁଣ ପଣ୍ଡା ଅଧ୍ୟକ୍ଷ ରହିଛନ୍ତି। ତାଙ୍କ ବ୍ୟତୀତ ପ୍ରଫେସର ଅମରେଶ ସାମନ୍ତରାୟ, ପ୍ରଫେସର ଅସିତ ରଞ୍ଜନ ମହାନ୍ତି, ଡକ୍ଟର ବିଭୂପ୍ରସାଦ ନାୟକ ସଦସ୍ୟ ରହିଥିବାବେଳେ ସଦସ୍ୟ ସଚିବ ଭାବେ ଅର୍ଥ ବିଭାଗର ଅତିରିକ୍ତ ସଚିବ ଡକ୍ଟର ସତ୍ୟପ୍ରିୟ ରଥ ରହିଛନ୍ତି। ବିଜ୍ଞପ୍ତି ପ୍ରକାଶ ପାଇବାର ୬ ମାସ କମିଶନର କାର୍ଯ୍ୟକାଳ ରହିବ ବୋଲି ସୂଚନା ଦିଆଯାଇଛି।

### ଆଉ ୨ ନକ୍ସଲଙ୍କ ମୃତଦେହ ଠାବ

ନୂଆପଡ଼ା, ୨୨।୧ (ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଗରିଆବନ୍ଧ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ମୃତ୍ୟୁବରଣ କରିଥିବା ଆଉ ଦୁଇଜଣ ନକ୍ସଲଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ପୁରୁଷ ନକ୍ସଲ ରହିଥିବାବେଳେ ଜଣେ ମହିଳା ନକ୍ସଲ ଥିବା ସୂଚନା ଦିଆଯାଇଛି।

### ଭିତର କନିକାରେ ବଢ଼ିଲା କୁମ୍ଭୀର ସଂଖ୍ୟା

ରାଜନଗର, ୨୨।୧ (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଭିତରକନିକା ଅଭୟାରଣ୍ୟରେ କୁମ୍ଭୀର ଗଣନା ଶେଷ ହୋଇଛି। ଚଳିତବର୍ଷ ୧୮୨୬ଟି ବଉଳା କୁମ୍ଭୀର ଥିବା ଗଣନାରୁ ଜଣାପଡ଼ିଛି। ଗତବର୍ଷ ତୁଳନାରେ ଏହା ୧୫ଟି ଅଧିକ ବୋଲି କୁହାଯାଇଛି। ଗତବର୍ଷ ୧୮୧୧ଟି କୁମ୍ଭୀର ରହିଥିଲେ ।

ସେନ୍‌ସେକ୍ସ: ୭୬,୪୦୪.୯୯
ସର୍ବାଧିକ: ୩୧.୦ ଡିଗ୍ରୀ
ସର୍ବନିମ୍ନ: ୧୭.୨ ଡିଗ୍ରୀ

**୨୧।୧।୨୦୨୫ ର ମତାମତ**

ସରକାରୀ ଅଧିକାରୀଙ୍କ ଗାଡ଼ିଭଡ଼ା ବୃଦ୍ଧି ଠିକ୍ ନୁହେଁ କି ?




**ଆଜିର ପ୍ରସଙ୍ଗ**

ବାରମ୍ବାର ଘଟୁଥିବା ଟ୍ରେନ୍ ଦୁର୍ଘଟଣାକୁ ରୋକାଯାଇ ପାରିବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ନିବେଶକ ଏବେ ଓଡ଼ିଶା ମୁହାଁ

# ଉତ୍କର୍ଷ ଓଡ଼ିଶା ସାଜିବ ମାଧ୍ୟମ

ଭୁବନେଶ୍ୱର, ୨୨।୧ (ଭାସ୍କର ନ୍ୟୁଜ): ଶିଳ୍ପ ସମୃଦ୍ଧ ହେବ ଓଡ଼ିଶା। ଏଥିପାଇଁ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବ ଶିଳ୍ପ ମହାକୁମ୍ଭ ଉତ୍କର୍ଷ ଓଡ଼ିଶା। ଦୁଇଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାକୁ ଶିଳ୍ପ କ୍ଷେତ୍ରରେ ଶୀର୍ଷସ୍ଥାନରେ ପହଞ୍ଚାଇବା ପାଇଁ ଚାଲିବ ମାନସମନ୍ଥନ। ଦେଶ ତଥା ବିଦେଶରୁ ବଡ଼ ବଡ଼ ଶିଳ୍ପହସ୍ତୀ ଓଡ଼ିଶା ଆସିବେ। ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଞ୍ଚରୁ ନିବେଶକଙ୍କୁ ଓଡ଼ିଶାରେ ନିବେଶ ପାଇଁ ଭରସା ଦେବେ। କେବଳ ଦେଶ ନୁହେଁ, ବିଦେଶର ଶିଳ୍ପପତିଙ୍କୁ ମଧ୍ୟ ଆମନ୍ତ୍ରଣ କରିଛନ୍ତି ରାଜ୍ୟ ସରକାର। ଅଷ୍ଟ୍ରେଲିଆ, ମାଲେସିଆ, ଜାପାନ, ଜର୍ମାନୀ, ୟୁକେ, ସିଙ୍ଗାପୁରର ନିବେଶକମାନେ ଉତ୍କର୍ଷ ଓଡ଼ିଶାରେ ସାମିଲ ହେବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ଫର୍ଚ୍ୟୁନ ୫୦୦ କମ୍ପାନୀରୁ ୧୦୦ କମ୍ପାନୀର ପ୍ରତିନିଧି ଏହି ଶିଳ୍ପ ମହାକୁମ୍ଭରେ ଯୋଗଦେବେ। ସେହିଭଳି ଉତ୍କର୍ଷ ଓଡ଼ିଶା ଭଳି ବଡ଼ ପ୍ଲାଟଫର୍ମରେ ଯୁବ ଉଦ୍ୟୋଗୀଙ୍କୁ ସମ୍ମାନିତ କରିବେ ସରକାର। ଲୋକାଲ ଫର୍ ଭୋକାଲ ନୀତିରେ ଜିଲ୍ଲାସ୍ତରର ଉଦ୍ୟୋଗୀଙ୍କ ମନରେ ଜୋସ୍ ଭରିବେ। ଦୁଇଦିନ ଧରି ଚାଲିବାକୁ ଥିବା ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଓଡ଼ିଶାରେ ଶିଳ୍ପପାଇଁ ଥିବା ଅପାର ସମ୍ଭାବନା ବାବଦରେ ନିବେଶକଙ୍କୁ ଅବଗତ କରାଇବେ। ବିକଶିତ ଭାରତ ପାଇଁ ଓଡ଼ିଶାକୁ ଫୋକସରେ ରଖିଛନ୍ତି ପ୍ରଧାନମନ୍ତ୍ରୀ। ଯେଉଁଥିପାଇଁ ଓଡ଼ିଶାକୁ ସିରିଜ ଗସ୍ତ ମଧ୍ୟ କରୁଛନ୍ତି। ଗତ ୭ ମାସ ମଧ୍ୟରେ ୪ଥର ଓଡ଼ିଶା ଆସିଲେଣି ମୋଦୀ। ଓଡ଼ିଶାର ବିକାଶ ସହ ବିଶ୍ୱସ୍ତରରେ କିଭଳି ଗୁରୁତ୍ୱ ବଢିବ ସେ ନେଇ ଶୀର୍ଷସ୍ତରରେ ପ୍ରସ୍ତୁତି ରୋଡ ମ୍ୟାପ୍। ବିଶ୍ୱ ତଥା ଦେଶର ବଡ଼ ବଡ଼ ଶିଳ୍ପପତି ଓଡ଼ିଶାରେ ନିବେଶ ପାଇଁ ସୁଯୋଗ ଖୋଜୁଥିବାବେଳେ ଉତ୍କର୍ଷ ଓଡ଼ିଶା ସାଜିବ ମାଧ୍ୟମ। କିଭଳି ବିଦେଶରୁ ନିବେଶ ଆସିବ, ସେଥିପାଇଁ ସିଙ୍ଗାପୁର, ମୁମ୍ବାଇ ଓ ଦିଲ୍ଲୀରେ ଓଡ଼ିଶା ସରକାରଙ୍କ ପକ୍ଷରୁ ରୋଡ ଶୋ କରାଯାଇଛି। ଏବେ ଉତ୍କର୍ଷ ଓଡ଼ିଶା ଜରିଆରେ ଶିଳ୍ପସମୃଦ୍ଧ ଓଡ଼ିଶାର ସ୍ୱପ୍ନ କେବେ ପୂର୍ଣ୍ଣ ହେବ କେବଳ ତାକୁ ହିଁ ଅପେକ୍ଷା।

## ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଗାଣମନ୍ତ୍ରୀଙ୍କ ଚେତାବନୀ

# କାର୍ଡ ଫେରାଅ, ନଚେତ୍ କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର, ୨୨।୧ (ଭାସ୍କର ନ୍ୟୁଜ): ରାସନ କାର୍ଡକୁ ନେଇ ରାଜ୍ୟ ସରକାରଙ୍କ ବଡ଼ ଘୋଷଣା। ପୂର୍ବରୁ ଯେଉଁ ଅଯୋଗ୍ୟ ହିତାଧିକାରୀ ରାସନ ନେଉଥିଲେ, ସେମାନଙ୍କ କାର୍ଡ କାଟିଥିଲେ ରାଜ୍ୟ ସରକାର। ଇ-କେଓ୍ୱାଇସି ପ୍ରକ୍ରିୟା ଦ୍ୱାରା ପୂର୍ବରୁ ଧରା ପଡ଼ିଥିଲେ ଲକ୍ଷାଧିକ ଅଯୋଗ୍ୟ ହିତାଧିକାରୀ। ବିଧାନସଭାର ଶୀତକାଳୀନ ଅଧିବେଶନରେ ରାସନ କାର୍ଡ ପ୍ରସଙ୍ଗରେ ଉତ୍ତର ରଖିଥିଲେ ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଥିଲେ, ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ଆଗକୁ ଯେତେ ସ୍ଥାନ ଖାଲିହେବ ସେହି ସ୍ଥାନରେ ଯୋଗ୍ୟ ଆବେଦନକାରୀଙ୍କୁ ନୂତନ ରାସନ କାର୍ଡ ଯଥାଶୀଘ୍ର ଯୋଗାଇ ଦିଆଯିବ। ଅଯୋଗ୍ୟ ହୋଇଥିଲେ ମଧ୍ୟ ରାଜନୈତିକ କ୍ଷମତା ମାଧ୍ୟମରେ କିମ୍ବା ମିଥ୍ୟା ତଥ୍ୟ ଦେଇ ରାସନକାର୍ଡ ହାତେଇଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର • ପୃଷ୍ଠା ୫ ଦେଖନ୍ତୁ

# ସୁଭଦ୍ରାରେ ୧୫୭ ପୁରୁଷ କରିଛନ୍ତି ଆବେଦନ



ଭୁବନେଶ୍ୱର, ୨୨।୧ (ଭାସ୍କର ନ୍ୟୁଜ): ସୁଭଦ୍ରା ଯୋଜନା ନେଇ ଆସିଲା ସାଙ୍ଘାତିକ ତଥ୍ୟ। ମହିଳାଙ୍କ ପାଇଁ ହୋଇଥିବା ଏହି ସ୍କିମରେ ଆବେଦନ କରିଛନ୍ତି ପୁରୁଷ। ରାଜ୍ୟର ୧୫୭ ଜଣ ପୁରୁଷ ସୁଭଦ୍ରା ଯୋଜନା ପାଇଁ କରିଛନ୍ତି ଆବେଦନ। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଛନ୍ତି। ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି, ୧୫୭ ଜଣ ପୁରୁଷ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଛନ୍ତି। ସେମାନଙ୍କୁ ଏଥିରୁ ବାଦ ଦିଆଯାଇଛି। ମୁଁ ଭାବି ପାରୁନାହିଁ, ପୁରୁଷମାନେ କାହିଁକି ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଛନ୍ତି। ଆଧାର କାର୍ଡର ବ୍ୟାଙ୍କ ଲିଙ୍କ୍ ଡାଟା ଆସିବା ପରେ ୧୫୭ ଜଣ ପୁରୁଷ ଥିବା ଜଣାପଡ଼ିଥିଲା। ବେଳେବେଳେ ପୁଅ ଓ ଝିଅଙ୍କ ନାଁ ଏକା ଥାଏ। ସ୍ପେଲିଙ୍ଗ ବି ଏକା ହୋଇଥାଏ। ତ୍ରୁଟିରେ ପୁରୁଷମାନେ ସୁଭଦ୍ରା ପାଇଁ ଆବେଦନ କରିଦେଇଥିବେ। ସେମାନଙ୍କୁ ଏଥିରୁ ବାଦ ଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ଭଲା ଡିଜିଟାଲ ମିଟର ବସିଲା
ବିଲ୍ ଆସୁଅଛି ଚଢା,
ଖାଉଟି ମୁଣ୍ଡରେ ବଜ୍ର ପଡିଲାଣି
ବ୍ୟାପାରଟା କାନମୋଡା ।
ମିଟର ପାଇଁକି ଭଡା।
କିସ୍ତି କିସ୍ତି କରି ଝିଙ୍କି ନେଇଯିବ
ନୂଆ ଡିଜିଟାଲ ଘୋଡା ।






ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସାଆନ୍ଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୨ ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ, କାମାକ୍ଷାନଗର କାନପୁରା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ସମ୍ମାନିତ ଅତିଥିଭାବେ, ଢେଙ୍କାନାଳ ଧର୍ମଜାଗରଣ ମଞ୍ଚର ସଂଯୋଜକ ଶରତ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଗଙ୍ଗାଧର ପାଣି ସମ୍ପାଦକ ହେମନ୍ତ କୁମାର ପଣ୍ଡା ଅତିଥି ଭାବେ ମଞ୍ଚାସୀନ ହୋଇ ଆନୁଷ୍ଠାନିକ ଭାବେ ଶୁଭ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟ ଆଜକୁ ଦୀର୍ଘ ୨୨ ବର୍ଷ ଧରି ଗଢ଼ି ଉଠିଥିବା ବେଳେ, ଏହି ଅନୁଷ୍ଠାନ ପ୍ରତି ଯେଉଁ ମାନଙ୍କ ଅବଦାନ ରହିଛି ସେମାନଙ୍କ ମଧ୍ୟରେ ସନ୍ତୋଷ କୁମାର ପାଣି, ଅକ୍ଷୟ କୁମାର ପଣ୍ଡା, ଶିଶିର ପଣ୍ଡା, ନିରାକାର ପରିଡା ପ୍ରଦ୍ୟୁମ୍ନ କୁମାର ପାଣି ପ୍ରମୁଖଙ୍କୁ ମଞ୍ଚାସୀନ ଅତିଥି ମଞ୍ଚରେ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ କୁମାର ସାହୁଙ୍କ ସଭାପତିତ୍ୱରେ ମଞ୍ଚ ସଂଚାଳନ ହୋଇଥିବା ବେଳେ, ବିଦ୍ୟାଳୟ ସମ୍ପର୍କିତ ସବିଶେଷ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବିଦ୍ୟାର୍ଥୀ ମାନଙ୍କ ତୁଳନାରେ ଶ୍ରେଣୀଗୃହର ଆବଶ୍ୟକ ରହିଥିବାରୁ ପ୍ରଧାନ ଶିକ୍ଷକ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରିଶେଷରେ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ । ଏହି ବାର୍ଷିକ ଉତ୍ସବରେ ସମସ୍ତ ଅଭିଭାବକ, ନିମନ୍ତ୍ରିତ ଅତିଥି ଓ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲାବେଳେ ଶ୍ରୀ ପଣ୍ଡା ପରିଚୟ ପ୍ରଦାନ ଦାୟିତ୍ୱ ନିର୍ବାହ କରିଥିଲେ ।

# ବେତନଟୀ ବ୍ଲକରୁ ୧୮୧୮ ଜଣ ଦେବେ ମାଟ୍ରିକ ପରୀକ୍ଷା

ବେତନଟୀ (ଭାସ୍କର ନ୍ୟୁଜ୍) : ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୁଲ୍ୟରେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଆସନ୍ତା ଫେବୃୟାରୀ ୨୧ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖରେ ସମାପ୍ତ ହେବ ବୋଲି ବୋର୍ଡ ପକ୍ଷରୁ ସ୍ଥିରୀକୃତ ହୋଇଅଛି। ଚଳିତବର୍ଷ ମୟୂରଭଞ୍ଜ ଜିଲ୍ଲାରେ ସମୁଦାୟ ୨୯,୧୫୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ରେଗୁଲାର ଭାବେ ୨୯,୦୫୯ ଜଣ ଓ ଏକ୍ସ ରେଗୁଲାର ଭାବେ ୯୬ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ବେତନଟୀ ବ୍ଲକରେ ମୋଟ ୧୧ଟି ପରୀକ୍ଷା କେନ୍ଦ୍ରରେ ରେଗୁଲାର ଭାବେ ୧୮୧୬ ଜଣ ଓ ଏକ୍ସ ରେଗୁଲାର ଭାବେ ୨ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ ବୋଲି ଜଣାପଡିଛି। ସେଥିମଧ୍ୟରୁ ଏମ୍‌ପିସି ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୬୨ ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବେତନଟୀରେ ୧୯୦ ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶାଳବଣିରେ ୧୮୯ ଜଣ, ସତ୍ୟସାଇ ବିଦ୍ୟାପିଠ ଖୁଣ୍ଟାପୁରରେ ୧୪୪ ଜଣ, ଅଁଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୧୮ ଜଣ, ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ସନ୍ତରାରେ ୧୪୨ ଜଣ, ବ୍ରହ୍ମପୁରା ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୩୬ ଜଣ, ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟ ଛଚିନାପଦାରେ ୧୫୫ ଜଣ, କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ପାଟଳିପୁରାରେ ୧୨୯ ଜଣ, ମୁନିଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ବୈଶିଙ୍ଗାରେ ୧୪୮ ଜଣ ଓ ଗ୍ରାମ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଗଡଦେଉଳିଆରେ ୧୬୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାର ଜଣାପଡ଼ିଛି। ପ୍ରଶ୍ନପତ୍ର ଯୋଗାଣ ତଥା ପରିଚାଳନା ପାଇଁ ଏମ୍‌ପିସି ଉଚ୍ଚ ବିଦ୍ୟାଳୟ ବେତନଟୀକୁ ନୋଡାଲ ସେଣ୍ଟର କରାଯାଇଛି। କେବଳ ଗଣିତ ପରୀକ୍ଷା ବ୍ୟତୀତ ଅନ୍ୟ ସମସ୍ତ ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ଦିନ ୧୧ ଟା ୩୦ରେ ସରିବ। ଗଣିତ ପରୀକ୍ଷା ସକାଳ ୯ ଟାରୁ ଆରମ୍ଭ ହୋଇ ଦିନ ୧୧ ଟା ୪୫ରେ ସରିବ। ପରୀକ୍ଷାରେ ସ୍ୱଚ୍ଛତା ରକ୍ଷା କରିବାପାଇଁ ପ୍ରତି ପରୀକ୍ଷା କେନ୍ଦ୍ରରେ ପରିଦର୍ଶକ, ତ୍ରିସ୍ତରୀୟ ସ୍କ୍ୱାର୍ଡ ସହିତ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଥିବା ନେଇ ସୁଚନା ମିଳିଛି। ମୟୁରଭଞ୍ଜ ଜିଲ୍ଲା ଓଷ୍ଟା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ୍ ସଭାପତି ଶିଶିର କୁମାର ନାୟକ, ବ୍ଲକ୍ ସଂପାଦକ ସୁର୍ଯ୍ୟାନନ୍ଦ ନାୟକ ବ୍ଲକ୍‌ର ସମସ୍ତ ପରୀକ୍ଷାର୍ଥୀଙ୍କର ସଫଳତା କାମନା କରିଛନ୍ତି।

## ଅସ୍ତରଙ୍ଗ ଓ ଏଡ଼ବାଂଶରେ ଧାନକିଣା ଆରମ୍ଭ

# ଖୋଲିଲା ଧାନ ମଣ୍ଡି, ଆଶ୍ୱସ୍ତି ହେଲେ ଚାଷୀ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଖରିଫ ଋତୁ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ଶେଷ ପର୍ଯ୍ୟାୟରେ ଖୋଲିଲା ୨ଟି ଧାନ ମଣ୍ଡି । ଏଣିକି ଚାଷୀ ମାନେ ନିଜ କଷ୍ଟ ଅର୍ଜିତ ଫସଲ ବିକ୍ରି କରି ପାରିବେ । ପୁରୀ ଜିଲ୍ଲା ସମ୍ମିଳିତ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଂ ଅସ୍ତରଙ୍ଗ ଶାଖା ଅଧୀନ ଅସ୍ତରଙ୍ଗ ଓ ଏଡ଼ବାଂଶ ସେବା ସମବାୟ ସମିତି ତରଫରୁ ବୁଧବାର ଧାନମଣ୍ଡିରେ ଚାଷୀଙ୍କ ଠାରୁ ଖରିଫ ଧାନ କ୍ରୟ ଶୁଭାରମ୍ଭ ହୋଇଛି। ଅସ୍ତରଙ୍ଗ ସେବା ସମବାୟ ସମିତିର ସଭାପତି ବାଉରୀବନ୍ଧୁ ନାୟକଙ୍କ ସଭାପତିତ୍ୱରେ ଅତିଥି ଭାବେ ନିର୍ଦ୍ଦେଶକ କୁଞ୍ଜ ବିହାରୀ ପ୍ରଧାନ, ପୂର୍ବତନ ସରପଞ୍ଚ ଦିବାକର ଛାଟୋଇ, ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ମଣ୍ଡି ନୋଡାଲ ଅଧିକାରିଣୀ ନିବେଦିତା ପଟ୍ଟନାୟକ, ସୁଜିତ କୁମାର, ଅସ୍ତରଙ୍ଗ ସେବା ସମବାୟ ସମିତି ସମ୍ପାଦକ କାଳନ୍ଦୀ ପ୍ରଧାନ, ଡି. ଓ ଲିଜା ରାୟ ଓ ଏଡ଼ବାଂଶ ସମିତିର ସଭାପତି ସରୋଜକାନ୍ତ ମୁଦୁଲିଙ୍କ ସଭାପତିତ୍ୱରେ ଅତିଥି ଭାବେ ସ୍ଥାନୀୟ ଅଞ୍ଚଳ ସମାଜସେବୀ ପ୍ରତାପ ପରିଡା, ସରପଞ୍ଚ ଦୀପକ ପରିଡା, ସମିତି ସଭ୍ୟ ଅମୀୟ ରଞ୍ଜନ ସେଠି, ଅଶୋକ ପଢିୟାରୀ, ହଟକିଶୋର ବିଶ୍ୱାଳ, ପ୍ରଫୁଲ୍ଲ ସେନାପତି, ରାଜା ମହାନ୍ତି, ଦିବାକର ସାହୁ, ବିଜୟ ପଢିୟାରୀ, ରମାରଞ୍ଜନ ସେନାପତି, ପ୍ରଣୟ ସେନାପତି, ଏଡ଼ବାଂଶ ସେବା ସମବାୟ ସମିତି ସମ୍ପାଦକ ପ୍ରକାଶ ମହାନ୍ତି, ମଣ୍ଡି ନୋଡାଲ ଅଧିକାରୀ ବିଶ୍ୱଜିତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ଅସ୍ତରଙ୍ଗ ବ୍ଲକର ୧୦ଟି ସେବା ସମବାୟ ସମିତିରେ ୨୭୧୩ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ଧାର୍ଯ୍ୟ ବାରରେ ସକାଳ ୮ଟାରୁ ଦିନ ୨ଟା ମଧ୍ୟରେ ଧାନ ବିକ୍ରି କରି ପାରିବେ ଚାଷୀ। ତେବେ ସାଧାରଣ ମାନ କୁଇଣ୍ଟାଲ ପିଛା ୨୩ଶହ ଟଙ୍କା ଏବଂ ଗ୍ରେଡ଼ ଏ ମାନର ଧାନ କୁଇଣ୍ଟାଲ ପିଛା ୨୩ଶହ ୨୦ଟଙ୍କାରେ ସଂଗ୍ରହ କରାଯାଉଛି। ଚଳିତବର୍ଷ ଅସ୍ତରଙ୍ଗ ସେବା ସମବାୟ ସମିତିରେ ୨୭୩ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ୬ଜଣ ଚାଷୀ ୨ଶହ କୁଇଣ୍ଟାଲ ଧାନ ଓ ଏଡ଼ବାଂଶ ସେବା ସମବାୟ ସମିତିରେ ୧୩୧ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ୧୧ଜଣ ଚାଷୀ ୫ଶହ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଛନ୍ତି। ଅସ୍ତରଙ୍ଗ ସେବା ସମବାୟ ସମିତିରେ ବରିଷ୍ଠ ସଦସ୍ୟ ପ୍ରଶାନ୍ତ ନାୟକ, ନରେନ୍ଦ୍ର ଛାଟୋଇ ପ୍ରମୁଖ ଉପସ୍ଥିତ ଅତିଥି ମାନେ ନିଜ ବକ୍ତବ୍ୟରେ କହିଥିଲେ ଚଳିତବର୍ଷ ସୁରୁଖୁରୁରେ ଧାନ କିଣିବା ପାଇଁ ବିସ୍ତୃତ ଭାବେ ଆଲୋଚନା ହୋଇଛି। ସୋସାଇଟି ସମ୍ପାଦକ, ମିଲରଙ୍କ ମଧ୍ୟ ଆଲୋଚନା କରାଯାଇଛି। ଧାନ ଦେବାର ଚାଷୀ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ଚଳିତବର୍ଷ ଶତ ପ୍ରତିଶତ ଧାନ ଉଠାଇବାକୁ ଲକ୍ଷ ରଖିଛି ପ୍ରଶାସନ। ଚାଷୀ ମାନେ ମଣ୍ଡିରେ ଧାନ ଦେଇ ଖୁସି ହୋଇଥିଲେ।

# ହାଇକୋର୍ଟ ରାୟକୁ ଅଣଦେଖା କରାଯାଉଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ



ଧାମନଗର (ଭାସ୍କର ନ୍ୟୁଜ୍) : ବାତ୍ୟା ଦାନା ଜନିତ କ୍ଷୟକ୍ଷତିର ମରାମତି କାମ ଉପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଲଗାଇଥିବା ରହିତାଦେଶକୁ ଧାମନଗର ବ୍ଲକ ଉନ୍ନୟନ ଅଧିକାରୀ ବନବିହାରୀ ଦିନ୍ଦା ଅବମାନନା କରୁଥିବା ଅଭିଯୋଗ ହୋଇଛି । ହାଇକୋର୍ଟଙ୍କ ରାୟକୁ ଅଣଦେଖା କରି ବିଡିଓ ବିଭିନ୍ନ ପଞ୍ଚାୟତରେ କାମ କରାଉଥିବା ନେଇ ଭଦ୍ରକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ। ତେବେ ଜିଲ୍ଲାପାଳ ଦିଲୀପ ରାଉତରାୟ ଏନେଇ ଧାମନଗର ବିଡିଓଙ୍କୁ ତାଗିଦ କରିଥିବା କହିଛନ୍ତି ଅଭିଯୋଗକାରୀ ସରପଞ୍ଚ ଓ ସମିତି ସଭ୍ୟ। ଅକ୍ଟୋବର ମାସ ୨୪ରେ ଆସିଥିବା ଦାନା ବାତ୍ୟା ଯୋଗୁଁ ଧାମନଗର ବ୍ୟାପକ କ୍ଷୟକ୍ଷତି ହୋଇଥିବା ନେଇ ବ୍ଲକ ଓ ତହସିଲ ପକ୍ଷରୁ ସରକାରଙ୍କୁ ରିପୋର୍ଟ ଦିଆଯାଇଥିଲା। ଏହି ରିପୋର୍ଟ ଆଧାରରେ ମରାମତି ଓ କ୍ଷତିପୂରଣ ଲାଗି ରାଜ୍ୟ ସରକାର ପ୍ରାୟ ୧୯ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହି ଟଙ୍କାରେ କମ୍ୟୁନିଟି ସେଣ୍ଟର, ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ କୋଠା, ଗ୍ରାମୀଣ ରାସ୍ତାକୁ ମିଶାଇ ୮୦୦ରୁ ଅଧିକ ପ୍ରକଳ୍ପ କରିବାକୁ ଚିଠା ପ୍ରଦାନ କରିଥିଲେ। ଏହାପରେ ପଞ୍ଚାୟତର ଜିଆରଏସ୍, କାର୍ଯ୍ୟ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ଓ ବିଡିଓଙ୍କ ମାଧ୍ୟମରେ ଏ କାମ କରାଯାଉଥିଲା। ତେବେ ପ୍ରକଳ୍ପ ଗୁଡ଼ିକର କ୍ରିୟାନ୍ୱୟନରେ ସେମାନଙ୍କୁ ଅଣଦେଖା କରାଯାଉଥିବା ନେଇ ବିଜୁ ଜନତା ଦଳ ସମର୍ଥନରେ ବିଜୟୀ ହୋଇଥିବା ସରପଞ୍ଚ ଓ ସମିତି ସଭ୍ୟ ଅଭିଯୋଗ କରିଥିଲେ। ଏହାପରେ ସେମାନେ ଧାମନଗର ବିଡିଓ, ଭଦ୍ରକ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଏଥିରେ ହସ୍ତକ୍ଷେପ କରିବାକୁ ନିବେଦନ କରିଥିଲେ। ହେଲେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଧାମନଗର ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଖପରପଦା ସମିତି ସଭ୍ୟ ଭାରତ ବିଜୟ ଦଳାଇ ଓ ଅର୍ଜ୍ଜୁନପୁର ସରପଞ୍ଚ ସରିତା ମହାନ୍ତି ଏନେଇ ଓଡ଼ିଶା ହାଇକୋର୍ଟରେ ଆବେଦନ କରିଥିଲେ। କେଶ୍ ନଂ ୫୭୧/୨୦୨୫ରେ ହୋଇଥିବା ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ଆର. କେ. ପଟ୍ଟନାୟକ ପ୍ରକଳ୍ପ କାମ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ସଂପର୍କରେ ଧାମନଗର ବିଡିଓ, ଭଦ୍ରକ ଜିଲ୍ଲାପାଳ ଓ ଭଦ୍ରକ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ମଧ୍ୟ ଜଣାଇ ଦିଆଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ କାମ ଚାଲିଛି। ବିଶେଷ କରି ମୁସ୍ତଫାପୁର, ଦୋବଲ, ସୋହଡ଼ା ପଞ୍ଚାୟତରେ ଅଧିକାଂଶ ସ୍ଥାନରେ କାମ ଚାଲିଥିବା ଦେଖିବାକୁ ମିଳିଛି। ସେପଟେ ଏଭଳି ଅଭିଯୋଗକୁ ଧାମନଗର ବିଡିଓ ବନବିହାରୀ ଦିନ୍ଦା ଅସ୍ୱୀକାର କରିଛନ୍ତି।

## ଦାନପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଦାନପୁର ପଂଚାୟତ ଅନ୍ତର୍ଗତ ଦାନପୁର ପ୍ରକଳ୍ପ ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ମୁକୁନ୍ଦପୁର ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲି ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିବସ ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିବନ କୁମାର ନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ପୂର୍ବତନ ସରପଂଚ ଉମେଶ ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି ଓ ସମିତିସଭ୍ୟା ପ୍ରିୟତମା ଦାଶ ସମ୍ମାନିତ ଅତିଥିଭାବରେ ଯୋଗ ଦେଇଥିଲେ ।

# ବିନା ସ୍ୱାର୍ଥରେ ଜନତାଙ୍କ ସେବା କଲେ ଶାନ୍ତି ମିଳେ : ରୋଟାରୀ ଗଭର୍ଣ୍ଣର



ମାଲକାନଗିରି (ଭାସ୍କର ନ୍ୟୁଜ୍) : ଓଡିଶାର ରୋଟାରି କ୍ଲବ ଗଭର୍ନର ଯଜ୍ଞାଶିଷ ମହାପାତ୍ର ମାଲକାନଗିରି ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପରେ ଖଇରପୁଟ ବ୍ଲକ ବଣ୍ଡାଘାଟି ଯାଇ ସେଠାରେ ବଣ୍ଡା ମହିଳା ଓ ପୁରୁଷମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ସେମାନଙ୍କ ଜୀବନ ଶୈଳୀ, ଶିକ୍ଷା ଦୀକ୍ଷା, ଆଚାର ବ୍ୟବହାର, ଭାଷା, ବେଷଭୂଷା ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ । ୪ ଶହରୁ ଉର୍ଦ୍ଧ୍ୱ ବୟସ୍କ ମହିଳାମାନଙ୍କୁ ଶୀତବସ୍ତ୍ର କମ୍ବଳ ପ୍ରଦାନ କରିଥିଲେ। ପରେ ସେଠାରେ ଉପସ୍ଥିତ ଥିବା ୫ ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷମାନଙ୍କୁ ଉଦ୍‌ବୋଧନ ଦେଇ ହିଂସା ପରିବାରକୁ ନଷ୍ଟ କରିବା ସହ ଏହାର ବ୍ୟାଧି ଅନ୍ୟ ଉପରେ ପ୍ରଭାବ ପକାଏ । ବିନା ସ୍ୱାର୍ଥରେ ଲୋକଙ୍କ ସେବା କଲେ ଶାନ୍ତି ମିଳେ ବୋଲି କହିଥିଲେ । ସେ ଆହୁରି କହିଥିଲେ, ଆମ ଗର୍ବ ଓ ଅହଂକାର ହିଂସା ଅନେକ ସମୟରେ ବନ୍ଧୁ ବନ୍ଧୁ, ଜିଲ୍ଲା ଜିଲ୍ଲା ଓ ଦେଶ ମଧ୍ୟରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥାଏ । ତେଣୁ ରୋଟାରି କ୍ଲବ ଆଜି ସାରା ବିଶ୍ୱ ବାସୀଙ୍କୁ ଆହ୍ୱାନ ଦେଉଛି ଶାନ୍ତିର ବାର୍ତ୍ତା ସମସ୍ତଙ୍କ ପାଇଁ ଆଶୀର୍ବାଦ ଭଳି। ପୃଥିବୀର ପରିବେଶ ନଷ୍ଟ, ଜଳବାୟୁ ପରିବର୍ତ୍ତନ ମୃତ୍ୟୁମୁଖକୁ ଠେଲି ଦେଉଛି। ପରିବେଶ ସୁସ୍ଥ ଓ ସୁରକ୍ଷିତ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ଚାରାରୋପଣ କରିବାର ଆବଶ୍ୟକତା ରହିଛି। ବନ୍ୟା ବାତ୍ୟା ସମୟରେ ରୋଟାରୀ କ୍ଲବ ମାଧ୍ୟମରେ ବିପଦ ମୁଖରେ ଥିବା ଲୋକଙ୍କୁ ସାହାଯ୍ୟ କରିବା, ରକ୍ତଦାନ ଶିବିର କରି ବହୁ ରୋଗୀଙ୍କ ଜୀବନ ବଞ୍ଚାଇବା, ବଣ୍ଡା ଜନଜାତିଙ୍କ ଉନ୍ନତିର ଅଗ୍ରଗତି ନିମନ୍ତେ ସମସ୍ତେ ଶିକ୍ଷା ଗ୍ରହଣ କରିବା ପାଇଁ ପରାମର୍ଶ ଦେବା ସହ ନିଜ ଶରୀର ଓ ପୋଷାକ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ପରାମର୍ଶ ଦେଇଥିଲେ। ମାଲକାନଗି ନଗର ସଦର ମହକୁମା ସ୍ଥାନୀୟ ବସ୍‌ଷ୍ଟାଣ୍ଡ ମୁଖ୍ୟରାସ୍ତା କଡରେ ଏକ ଶାନ୍ତିସ୍ତୁପ ଉଦ୍‌ଘାଟନ କରିଥିଲେ। ପରେ ରୋଟାରୀ କ୍ଲବ ତରଫରୁ ଗରୀବ, ଅସହାୟ ଯୁବତୀ ଯୁବକଙ୍କୁ ମାଗଣାରେ ସିଲେଇ ଶିକ୍ଷା ଦେବାପାଇଁ ଏକ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ରୋଟାରି କ୍ଲବ ସଭାପତି ସୁରେନ୍ଦ୍ର ପାଢୀ, ରୋଟାରିଆନ ଜଗଦୀଶ ତ୍ରିପାଠୀ, ଦିଲିପ ସୋମାନୀ, ସୁଶାନ୍ତ ସାମଲ, ଦୁର୍ଯ୍ୟୋଧନ ପାତ୍ର, ଲବ ସାହୁ, ବିଜୟ ପଣ୍ଡା, ଲଛମନ ବିହାରୀ ସାମଲ ଓ ମୌସୁମି ତ୍ରିପାଠୀଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଖୋଲିଲା ଗଣେଶ୍ୱରପୁର ସେବା ସମବାୟ ସମିତି ଧାନମଣ୍ଡି



ଗୋପ (ଭାସ୍କର ନ୍ୟୁଜ୍) : ଖରିଫ ଋତୁ ପାଇଁ ଗୋପ ବ୍ଲକ ଗଣେଶ୍ୱରପୁର ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଖୋଲାଯାଇଛି । ମଣ୍ଡିର ସଭାପତି ଉଲ୍ଲାସ କୁମାର ପ୍ରଧାନଙ୍କ ଉପସ୍ଥିତିରେ ପୁରୀ ଜିଲ୍ଲା ବୋର୍ଡ ଅଫ୍ ଡାଇରେକ୍ଟର ତଥା ଗୋପ ବ୍ଲକ ଉପାଧକ୍ଷ ବନ ରଂଜନ ପଟ୍ଟନାୟକ ନଡିଆ ବାଡାଇ ଆନୁଷ୍ଠାନିକ ଭାବେ ଏହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ୧୧ ନଂ ଜୋନର ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ପୂର୍ବତନ ସରପଂଚ ଅଶ୍ୱନୀ କୁମାର ପଟ୍ଟନାୟକ, ଷ୍ଟେଟ୍ କୋ-ଅପରିଟିଭ୍ ଉପ-ସଭାନେତ୍ରୀ ସ୍ମୃତିମୟୀ ପ୍ରଧାନ, ପୁରୀ-ନିମାପଡା କୋ-ଅପରଟିଭ୍ ନିର୍ଦ୍ଦେଶକ ପର୍ଶୁରାମ ମହାପାତ୍ର, କରୁଣାକର ସାହୁ, ମଧୁସୂଦନ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ମଣ୍ଡିରେ ଧାନ କ୍ରୟ କିପରି ସୁପରିଚାଳନା ହେବ, ଚାଷୀମାନେ ଏହାର କିପରି ସୁଫଳ ପାଇବେ। ଧାନ ଦେବାରେ ଚାଷୀ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନହେବେ ସେଥିପ୍ରତି ଦୃଷ୍ଟି ଦେବା ସହ ମିଲରମାନଙ୍କ କାଟନୀ ଛାଟନୀକୁ ବିରୋଧ କରାଯିବ ବୋଲି ଅତିଥିମାନେ କହିଥିଲେ। ପ୍ରଥମ ଦିନରେ ୨୫୦ କୁଇଣ୍ଟାଲ ଧାନ ଚାଷୀମାନଙ୍କ ଠାରୁ କ୍ରୟ କରାଯାଇଥିବା ବେଳେ ଚଳିତ ବର୍ଷ ଶତ ପ୍ରତିଶତ ଧାନ ଉଠିବ ବୋଲି କହିଛନ୍ତି ମଣ୍ଡିର ସଭାପତି ଉଲ୍ଲାସ କୁମାର ପ୍ରଧାନ ।

## ଲକ୍ଷାଧିକ ଟଙ୍କାର ଲୁଟ୍ ଅଭିଯୋଗ

# ଜିଲ୍ଲା ସମାଜ ସୁରକ୍ଷା କାର୍ଯ୍ୟାଳୟ ସମ୍ମୁଖରେ କିନ୍ନର ମହାସଂଘର ବିକ୍ଷୋଭ



ବାରିପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲାରେ ନକଲି କିନ୍ନରଙ୍କୁ ଅସଲି ସଜାଇ ମିଛ ପ୍ରମାଣପତ୍ର ପ୍ରଦାନ କରି ଲକ୍ଷାଧିକ ଟଙ୍କା ବାଟମାରଣା ହୋଇଥିବା ନେଇ ଅଭିଯୋଗ ହୋଇଛି। ଯାହାକୁ ନେଇ ମୟୂରଭଞ୍ଜ ଜିଲ୍ଲା କିନ୍ନର ମହାସଂଘ ପକ୍ଷରୁ ବାରିପଦା ସ୍ଥିତ ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ମୟୂରଭଞ୍ଜ କିନ୍ନର ମହାସଂଘ ପକ୍ଷରୁ। ମୟୂରଭଞ୍ଜ ଜିଲ୍ଲାରେ ପୁରୁଷଙ୍କୁ ନକଲି କିନ୍ନର ପରିଚୟ ଦେଇ ଅସଲି କିନ୍ନରଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସହାୟତା ହାତେଇ ନେଇଛନ୍ତି ଅଧିକାରୀ ଓ ସଂପୃକ୍ତ ସଂସ୍ଥା ବୋଲି ଅଭିଯୋଗ ଆଣିଛନ୍ତି କିନ୍ନର ମାନେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏନ୍‌ଜିଓ ସଂସ୍ଥାର ମାଟିରେ ବାୟା ହୋଇ ଅନେକ ପୁରୁଷଙ୍କୁ ବେଆଇନ ଭାବେ ତୃତୀୟ ଲିଙ୍ଗୀ ପ୍ରମାଣପତ୍ର ପ୍ରଦାନ କରିଥିବାର ନେଇ ମୟୂରଭଞ୍ଜ କିନ୍ନର ମହାସଂଘ ଅଭିଯୋଗ କରିଛି ଓ ଜିଲ୍ଲା ପ୍ରଶାସନ ଠିକ୍ ଯାଞ୍ଚ ନକରି ଆବେଦନକାରୀଙ୍କୁ ମନଇଚ୍ଛା ଭାବେ କିନ୍ନର ପ୍ରମାଣପତ୍ର ପ୍ରଦାନ କରିଛି। ସରକାରୀ ଅଧିକାରୀଙ୍କ ସ୍ୱଚ୍ଛ ଶାସନ ନିତିରେ ଏଭଳି ମ୍ଳେଚ୍ଛ ଚିନ୍ତାଧାରା ଯୋଗୁଁ ଅନଲାଇନ୍ ଆପ୍ଲାଇ ବ୍ୟବସ୍ଥା ମଧ୍ୟ ଫେଲ ହୋଇଛି ଯାହା ଆଇନ୍ ଅନୁଯାୟୀ ଅକ୍ଷମଣୀୟ ଓ ଦଣ୍ଡନୀୟ ଅପରାଧ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଫଳରେ କିନ୍ନରମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ନ ପାରି ରାସ୍ତା କଡରେ ଛିଡା ହେବାକୁ ବାଧ ହେଉଛନ୍ତି ଓ ପ୍ରକୃତ କିନ୍ନର ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ସୂଚନାଅନୁସାରେ, ଜିଲ୍ଲାରେ ମୋଟ୍ ୪୫ଜଣ କିନ୍ନର ଥିବା ଦାବି କରାଯାଉଥିବାବେଳେ ସରକାରୀ ରେକର୍ଡରେ ଏହାର ସଂଖ୍ୟା ୮୯ କେମିତି। ଯାହାକି ଏକ ଭୁଲ ତଥ୍ୟ ଅଟେ ବୋଲି ଅଭିଯୋଗ ହେଉଛି। ଏଥିପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ କିନ୍ନର ମହାସଂଘ ଦାୟୀ କରିଛି। ଜିଲ୍ଲାରେ ନକଲି କିନ୍ନରଙ୍କ ସଂଖ୍ୟା ବୃଦ୍ଧି ପାଉଥିବା କାରଣରୁ ପ୍ରକୃତ କିନ୍ନରମାନେ ସରକାରୀ ପ୍ରୋତ୍ସାହନରୁ ବଞ୍ଚିତ ହେଉଛନ୍ତି । ସରକାର ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରି ଲକ୍ଷ ଲକ୍ଷ ଟଙ୍କା ପ୍ରଦାନ କରୁଥିବା ବେଳେ ତାହା ବାଟମାରଣା ହେଉଥିବା ଅଭିଯୋଗ କରିଛନ୍ତି । ବିଭିନ୍ନ ଯୋଜନାର ବାଟ ମାରଣା ହେଉଥିବା ବେଳେ ଏନ୍‌ଜିଓ ସଂସ୍ଥାଗୁଡ଼ିକ ଲାଭବାନ ହେଉଛନ୍ତି । ବାଧ୍ୟ ହୋଇ ଜଣେ କିନ୍ନର ରାସ୍ତା କଡ଼ରେ ଛିଡା ହେବା ସହ ରେଳଷ୍ଟେସନ ଓ ବସଷ୍ଟାଣ୍ଡ ଆଦିରେ ନାଚ ଗୀତ କରି ଭିକ୍ଷାବୃତ୍ତି କରି ପ୍ରତିପୋଷିତ ହେଉଛନ୍ତି ପ୍ରତକ୍ଷରେ ନ ହେଲେ ମଧ ପରୋକ୍ଷରେ ଏଇ କିନ୍ନରଙ୍କ ଏଭଳି ଦୁର୍ଦ୍ଦଶା ପାଇଁ ସରକାରୀ ଅଧିକାରୀ(ସାମାଜିକ ସୁରକ୍ଷା ଅଧିକାରୀ) ଓ ସର୍ବଗିଳା ଏନ୍‌ଜିଓ ସଂସ୍ଥା ଦାୟୀ ବୋଲି ସବୁଠି ଆଲୋଚନା ଶୁଣିବାକୁ ମିଳୁଛି। ତେଣୁ ଏସବୁର ସମାଧାନ କରିବା ସହିତ ଜିଲ୍ଲାର ପ୍ରକୃତ କିନ୍ନରଙ୍କୁ ଚିହ୍ନଟ କରି ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗତ ନଭେମ୍ବର ୭ ତାରିଖରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ମହାସଂଘର ସଦସ୍ୟମାନେ ଭେଟି ଏକ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ପ୍ରକୃତ କିନ୍ନରମାନଙ୍କ ସଂଖ୍ୟା ଅନୁଧାନ କରିବାକୁ ନିବେଦନ କରିଥିଲେ। କିନ୍ତୁ ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ଦିନ ପରେ ଦିନ ଗଡ଼ାଇ ଚାଲିଥିବା ବେଳେ ପ୍ରକୃତ ତଥ୍ୟ ପ୍ରଦାନ କରୁନାହାଁନ୍ତି ବୋଲି ଅଭିଯୋଗ କରିଛନ୍ତି। ମହାସଂଘ ଏହିସବୁ ଅବ୍ୟବସ୍ଥାକୁ ନେଇ ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୁରନ୍ତ ଏହାର ସମାଧାନ ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ନେଇ କିନ୍ନର ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ଓ ମୟୂରଭଞ୍ଜ କିନ୍ନର ମହାସଂଘ ସଭାପତି ମନୀଷା ସାହୁ, ମାୟା କିସନ୍, ମୟୂରୀ, ଶିବାନି ହାଁସଦା, ହରିଶ୍ଚନ୍ଦ୍ର ସିଂ, ଶ୍ରୀକାନ୍ତ ତରେଇ, ଦଶମାତ ଦଶମାତ ହେମ୍ବ୍ରମ ପ୍ରମୁଖ ବହୁ କିନ୍ନର ଉପସ୍ଥିତ ଥିଲେ ଓପରେ ବିକ୍ଷୋଭ ପ୍ରଦର୍ଶନକାରୀ କିନ୍ନର ମାନଙ୍କୁ ବୁଝାସୁଝା କରି ସ୍ଥିତି ସ୍ୱାଭାବିକ କରାଇବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବାରିପଦା, ବାରିପଦା ଏସ୍.ଡି.ପି.ଓ ସୁଜିତ ପ୍ରଧାନ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ସନ୍ତୋଷ ଜନକ ପ୍ରତିଶୃତି ପରେ ଧାରଣାରୁ ଅହରି ଯାଇଛନ୍ତି କିନ୍ନର ମାନେ। କିନ୍ତୁ ପ୍ରତିଶୃତି ଅନୁସାରେ ଯଦି ସମସ୍ୟାର ସମାଧାନ ନହୁଏ ତାହାଲେ ଆଗାମୀ ଦିନରେ ତୀବ୍ର ବିରୋଧ କରିବେ ବୋଲି ଚେତାବନୀ ଦିଆଯାଇଛି।

# ଭଞ୍ଜନଗରରେ ଜାତୀୟ ବାଳିକା ଦିବସ ପାଳିତ

ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ଭଞ୍ଜନଗର ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ଭେଜିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଭଞ୍ଜନଗର ବ୍ଲକ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ୍ ଧନଞ୍ଜୟଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମକୁ ଏବିଇଓ ତଥା ବିଆରସିସି ସୂର୍ଯ୍ୟ ନାଇକ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି ବାଳିକା ଶିକ୍ଷା, ଆତ୍ମ ନିର୍ଭରଶୀଳତା, ଆତ୍ମ ସୁରକ୍ଷା, ନାରୀ ସଶକ୍ତିକରଣ ତଥା ସୁଦୃଢ଼ୀକରଣ, କନ୍ୟା ରତ୍ନ ସଂରକ୍ଷଣ ତଥା ଅନ୍ୟାନ୍ୟ ଶୈକ୍ଷିକ ଦିଗ ଉପରେ ତଥ୍ୟ ପ୍ରଦାନ କରିଥିଲେ। ଏବିଇଓ ଗଜେନ୍ଦ୍ର କୁମାର ସେଠୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ବାଳିକା ଛାତ୍ରୀ ମାନଙ୍କୁ ନେଇ ନାରୀ ସୁରକ୍ଷା ଉପରେ ବିଭିନ୍ନ ପ୍ରତିଯୋଗିତା ଯଥା ପ୍ରବନ୍ଧ, ଚିତ୍ରାଙ୍କନ ଓ ସ୍ଲୋଗାନ ଲିଖନ ଆୟୋଜନ କରାଯାଇଥିଲା। ବିଚାର ପତି ଏବଂ ଉପସ୍ଥିତ ଶିକ୍ଷକ ଓ ସିଆରସିସିଙ୍କ ଗହଣରେ ଏବିଇଓ ଚରଣ ବେହେରା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରି ସମ୍ମାନୀତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ; ପ୍ରଦୀପ କୁମାର ସାସମଲ, ମନୋଜ କୁମାର ଗୌଡ଼, ରମେଶ ବେହେରା, ସନ୍ତୋଷ ରଥ, ସୋନିକା କୁମାରୀ ଗୌଡ଼ ଏବଂ କାଳୀଚରଣ ନାୟକ ବିଚାରପତି ରୂପେ କାର୍ଯ୍ୟ ନିର୍ବାହ କରିଥିଲେ।ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପାଣ୍ଡବ ସେଠୀ ଓ ସିଆରସିସି ବିଭୁ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସମସ୍ତ ପ୍ରକାରର ସାହାଯ୍ୟ ଓ ସହଯୋଗ କରିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୃଟିଂରେ ବାର୍ଷିକୋତ୍ସବ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଲି ବ୍ଲକ୍ ଅନ୍ତର୍ଗତ ଖୃଟିଂ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶୁକ୍ରୁଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ରହ୍ମାନନ୍ଦ ବେହେରା, ତହସିଦାର ଯତୀନ୍ଦ୍ରନାଥ ସେଠୀ, ଅବସର ପ୍ରାପ୍ତ ଅଧକ୍ଷ କରଞ୍ଜିଆ ଅଟୋନୋମସ୍ କଲେଜର ଭାଗିରଥି ପୃଷ୍ଟି, ଶୁକ୍ରୁଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଶାନ୍ତନୁ କୁମାର ଟୁଡୁ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷା ଦୀପିକା ଭୂୟାଁ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଏବଂ ଅଭିଭାବକ ଉପସ୍ଥିତ ଥିଲେ। ବର୍ତ୍ତମାନ ପାଠ ପଢିବା ସମୟ ଏଣୁ ଏହି ସମୟକୁ ସଦୁପଯୋଗ କରି ପାଠ ପଢାରେ ମନ ନିବେଶ କଲେ ନିଶ୍ଚିତ ଭାବରେ ସଫଳ ହେବ। ଭଲ ପାଠପଢି ବାପା ମା, ଗାଁ ଏବଂ ଦେଶର ନାମ କିଭଳ ରଖିବ ବିଭିନ୍ନ ଉଦାହରଣ ଦେଇ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ନିମନ୍ତ୍ରିତ ଅତିଥି ଗଣ। ସାଧାରଣ ସଭା ପରେ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# କଣ୍ଟାବାଞ୍ଜି ତହସିଲରେ ଷ୍ଟାମ୍ପ ଓ ଇ-ଷ୍ଟାମ୍ପର କଳାବଜାରୀ

କଣ୍ଟାବାଞ୍ଜି (ଭାସ୍କର ନ୍ୟୁଜ୍) : ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ତହସିଲ କାର୍ଯ୍ୟାଳୟରେ ଷ୍ଟାମ୍ପ ଭେଣ୍ଡରମାନଙ୍କ ଦ୍ୱାରା ଷ୍ଟାମ୍ପ ବିକ୍ରୟରେ ମହକିଲ ମାନଙ୍କୁ କଳାବଜାରୀ କରୁଥିବା ଅଭିଯୋଗ ହେଉଛି । ଭେଣ୍ଡରମାନେ ଅଫିସ ଦିନ ମାନଙ୍କରେ ନିୟମିତ ଅଫିସ ପରିସରରେ ରହୁ ନ ଥିବାରୁ ମହକିଲ ମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପ୍ରତ୍ୟେକ ଦିନ ପ୍ରତ୍ୟେକ ଷ୍ଟାମ୍ପର ଦରଠାରୁ ଦୁଇଗୁଣା ନେଉଥିବା ବେଳେ ସରକାରୀ ଛୁଟି ଦିନ ଏବଂ ଅଫିସ କାର୍ଯ୍ୟ ପରେ ମହକିଲ ମାନଙ୍କଠାରୁ ଧାର୍ଯ୍ୟ ଦରଠାରୁ ୪ଗୁଣା ଟଙ୍କା ନେଉଥିବା ଅଭିଯୋଗ ହେଉଛି । ବିଭିନ୍ନ ସମୟରେ ଷ୍ଟାମ୍ପ ଭେଣ୍ଡରମାନେ ମହକିଲମାନଙ୍କୁ ଷ୍ଟାମ୍ପ ପେପର ମିଳୁନାହିଁ ଦର୍ଶାଇ ମହକିଲମାନଙ୍କଠାରୁ ମନଇଛା ଟଙ୍କା ଦାବି କରୁଛନ୍ତି। ପୁଣି ପୁରୁଣା ବର୍ଷର ଷ୍ଟାମ୍ପ ଉପରେ ହଜାର ହଜାର ଟଙ୍କା ଦାବି କରୁଥିବା ଅଭିଯୋଗ ହେଉଛି। କଂଟାବାଂଜି ତହସିଲ ଓ ସବ୍ ରେଜେଷ୍ଟ୍ରୀରେ ଜମି ଜମା ପାଇଁ ଷ୍ଟାମ୍ପ ପେପର ଏବଂ ଇ-ଷ୍ଟାମ୍ପିକ ଉପରେ ଆବଶ୍ୟକ ଠାରୁ ଅଧିକ କମିଶନ ମ୍ନ ନେଉଥିବା ଅଭିଯୋଗ ହେଉଛି। ଷ୍ଟାମ୍ପ ଭେଣ୍ଡରମାନଙ୍କ ଏପରିକି କଳାବଜାରୀ ଉପରେ ପ୍ରଶାସନ କଡା ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।



# ୧୨ କ୍ୱିଣ୍ଟାଲ ଖଇର ଗଣ୍ଡି ସହ ଗାଡ଼ି ଜବତ, ଅଭିଯୁକ୍ତ ଓ ଡ୍ରାଇଭର ଫେରାର

ମୁରିବାହାଲ (ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବନ ବିଭାଗ ଦ୍ୱାରା ଚଢ଼ାଉ ବେଳେ ୧୨କ୍ୱିଣ୍ଟାଲ ଖଇର ଗଣ୍ଡି ସହ ଏକ ପିକ୍‌ଅପ୍ ଭ୍ୟାନ୍ ଗାଡ଼ି ଜବତ ହୋଇଥିବା ଜଣା ଯାଇଛି । ସୂଚନା ଅନୁସାରେ ମୁରିବାହାଲ ଗୁଡିଘାଟ ଚଳକି ରାସ୍ତା ରେ ପେଟ୍ରୋଲିଂ କରୁଥିବା ବେଳେ ୧୨ କ୍ୱିଣ୍ଟାଲ ଖଇର ଗଣ୍ଡି ନେଉଥିବା ଏକ ପିକ୍‌ଅପ୍ ଭ୍ୟାନ୍ (ନମ୍ବର ସିଜି ୧୩ଏ ୨୫୮୫) ମୁରିବାହାଲ ବନ ବିଭାଗ ଦ୍ୱାରା ଜବତ ହୋଇଛି। ପରେ ଖଇର ଗଣ୍ଡି ବୋଝେଇ ଏହି ଭ୍ୟାନ୍‌କୁ ଫରେଷ୍ଟ ବଙ୍ଗଳାକୁ ଅଣା ଯାଇଥିଲା। ଏହି ଚଢ଼ାଉ ସମୟରେ ଫରେଷ୍ଟର ଧ୍ରୁବଚରଣ ବଗର୍ତି, ଫରେଷ୍ଟ ଗାର୍ଡ ସୁମନ୍ତ ଧରୁଆ, ଘନଶ୍ୟାମ ପଶାୟତ ଏବଂ ଆଇଟିସିଇଏର ଗାର୍ଡମାନେ ସାମିଲ ଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କର୍ମଶାଳାର ଦ୍ୱିତୀୟ ଦିନରେ ଗ୍ରୁପ୍ ଗୁଡ଼ିକ ବାକି ଥିବା ବିଭିନ୍ନ କାର୍ଯ୍ୟ, ସମୟସୀମା, କାର୍ଯ୍ୟ ଯୋଜନା, ଏବଂ ଶିଶୁ ବାଟିକାଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଏବଂ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଜାତୀୟ ଶିକ୍ଷା ନୀତି ୨୦୨୦ ଏବଂ ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୨୩ କୁ ନେଇ ରୋଡମ୍ୟାପ୍ ପ୍ରସ୍ତୁତ କରିବା ନେଇ ଆଲୋଚନା କରାଯାଇଛି । ପାଠ୍ୟକ୍ରମ ଭାର ହ୍ରାସ କରିବା, ଧନ୍ଦାମୂଳକ ଶିକ୍ଷା ପ୍ରଚଳନ କରିବା ଏବଂ ଅଭିଜ୍ଞତାମୂଳକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଆଯିବା ସହ ଗ୍ରୁପ୍ ଗୁଡ଼ିକ ନୂତନ ବିଷୟ ପ୍ରଚଳନ କରିବା, ଅଭିନବ ଶିକ୍ଷାଦାନ ପଦ୍ଧତି ଗ୍ରହଣ କରିବା, ବିବିଧ ମୂଲ୍ୟାଙ୍କନର ବ୍ୟବହାର କରିବା ଏବଂ ଶିକ୍ଷା ମାନଦଣ୍ଡ ହାସଲ କରିବା ପାଇଁ ସୁସଂଗଠିତ ସମୟସୀମା ସୁନିଶ୍ଚିତ କରିବା ବିଷୟରେ ଆଲୋଚନା କରିଥିଲେ । ଗ୍ରୁପ୍ ଗୁଡ଼ିକ ପ୍ରଭାବଶାଳୀ ନିର୍ଦ୍ଦେଶ ଏବଂ ମୂଲ୍ୟାଙ୍କନ ପାଇଁ ଏକାଧିକ ବୋର୍ଡର ଏକୀକରଣ, ସ୍ପଷ୍ଟ ପାଠ୍ୟକ୍ରମ ଏବଂ ଶିକ୍ଷଣ ଫଳାଫଳ ସହିତ ଏକ 'ମାଧ୍ୟମିକ ପର୍ଯ୍ୟାୟ-୨ ରାଜ୍ୟ ପାଠ୍ୟକ୍ରମ ରୂପରେଖ' ବିକଶିତ କରିବା ନେଇ ଆଲୋଚନା କରିଥିଲେ ।

## ୨୮ରେ 'ଉତ୍କର୍ଷ ଓଡ଼ିଶା -ମେକ୍ଇନ୍ ଓଡ଼ିଶାକନ୍‌କ୍ଲେଭ
# ଯୋଗଦେବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୨୮ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱର ଜନତା ମୈଦାନ ଠାରେ ଆୟୋଜିତ 'ଉତ୍କର୍ଷ ଓଡ଼ିଶା'-ମେକ୍ଇନ୍ ଓଡ଼ିଶାକନକ୍ଲେଭ-୨୦୨୫ରେ ଯୋଗ ଦେବାକୁ ଆସିବେ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିବାକୁ ବୁଧବାର ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷଠାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନିର୍ଭୁଲ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକରେ ଆଲୋଚିତ ସୂଚନା ଅନୁଯାୟୀ, ଆଗାମୀ ଜାନୁଆରୀ ୨୮ ତାରିଖ ସକାଳ ୮.୩୫ମିନିଟ୍ ସମୟରେ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରୁ ବାୟୁସେବା ବିମାନ ଯୋଗେ ବାହାରି ପୂର୍ବାହ୍ନ ୧୦.୩୫ ମିନିଟ୍ ସମୟରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚି ପୂର୍ବାହ୍ନ୧୦.୫୫ରେ ଜନତା ମୈଦାନରେ ପହଞ୍ଚିବେ ଏବଂ ୧୧.୦୦ରୁ ୧୨.୩୦ ପର୍ଯ୍ୟନ୍ତ 'ଉତ୍କର୍ଷଓଡ଼ିଶା'-ମେକ୍ଇନ୍ ଓଡ଼ିଶା କନକ୍ଲେଭ କାର୍ଯ୍ୟକ୍ରମରେ ଯୋଗଦାନ କରିବେ। ଅପରାହ୍ଣ ୧୨.୫୫ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ବିମାନବନ୍ଦରରୁ ଉତ୍ତରାଖଣ୍ଡ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମ ସ୍ଥଳ ଓ ତାଙ୍କର ଯିବାଆସିବା ପଥରେ ବ୍ୟାପକସୁରକ୍ଷା ବ୍ୟବସ୍ଥାକରାଯିବା ସଂପର୍କରେ ଆଲୋଚନା କରାଯାଇଥିଲା ।କାର୍ଯ୍ୟକ୍ରମ ସ୍ଥଳରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ସଂପର୍କରେ ବ୍ୟବସ୍ଥା ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୃହ(ସ୍ୱରାଷ୍ଟ୍ର)ବିଭାଗ ସତ୍ୟବ୍ରତ ସାହୁ, ଅଗ୍ନିଶମ ସେବା ପୋଲିସ ମହା ନିର୍ଦ୍ଦେଶକ ଡଃ. ସୁଧାଂଶୁ ଷଡଙ୍ଗୀଙ୍କ ସମେତ ଶିଳ୍ପ, ପୂର୍ତ୍ତ, ବାଣିଜ୍ୟ ଓ ପରିବହନ ତଥା ନଗର ଉନ୍ନୟନ ବିଭାଗ, ସୂଚନା ଓ ଲୋକ ସମ୍ପର୍କ ପ୍ରମୁଖ ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ, ଇଡକୋର ପରିଚାଳନା ନିର୍ଦ୍ଦେଶକ, ଜିଲ୍ଲାପାଳ, ଖୋର୍ଦ୍ଧା, ବିଭିନ୍ନ ବିଭାଗ ତଥା ପୋଲିସ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ, ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ହୋଇଥିବା ଏବଂ କରାଯିବାକୁ ଥିବା ଶୃଙ୍ଖଳିତ ବ୍ୟବସ୍ଥା ଏବଂ ପ୍ରସ୍ତୁତି ସଂପର୍କରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## 'ଧାନ କିଣା ପ୍ରକ୍ରିୟା ଫେଲ କରିବାକୁ ମିଲର ମାଲିକଙ୍କୁ ଆୟୁଧ କରୁଥିଲା ବିଜେଡି'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଧାନ କିଣାରେ ରାଜ୍ୟ ସରକାର ମିଲର ମାଲିକଙ୍କ ରାଜୁତି ଖତମ କରିଦେଇଥିବାରୁ ଛାନିଆ ହୋଇଯାଇଛି ବିଜେଡି । ଏହାପରେ ଧାନ କିଣା ପ୍ରକ୍ରିୟା ଫେଲ କରାଇବା ପାଇଁ ମିଲରମାଲିକଙ୍କୁ ଆୟୁଧ କରି ଯେଉଁସବୁ ହୀନ ଉପାୟ କରୁଥିଲା ତାହା ପଦାରେ ପଡ଼ିଯାଇଛି ବୋଲି ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି । ମାଷ୍ଟରକ୍ୟାଣ୍ଟିନ୍ ଛକ ସ୍ଥିତ ବୁଲନ୍ ସେବା ସଦନ ସଭା କକ୍ଷରେ ଆଜି ଧାନ ସଂଗ୍ରହ ଅଭିଯାନ ଉପରେ ପ୍ରତ୍ୟେକ ଜିଲ୍ଲାର ଚାଷୀ ନେତାଙ୍କ ସହ ସମୀକ୍ଷା ବୈଠକ କରାଯାଇଥିଲା । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଶ୍ରୀ ସାହୁ କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଚାଷୀଙ୍କ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ଧାନର ସହାୟକ ମୂଲ୍ୟ ବୃଦ୍ଧି କରି ଚାଷୀଙ୍କ ଆୟକୁ ୨ଗୁଣ କରିବା ସହ ଟୋକନ ବ୍ୟବସ୍ଥାର ସରଳୀକରଣ କରିଛନ୍ତି । କେନ୍ଦ୍ରରେ ବିଜେପି ସରକାର ଧାନର ସର୍ବନିମ୍ନ ସହାୟତା ମୂଲ୍ୟ କ୍ୟୁଣ୍ଟାଲ ପିଛା ୨୩୦୦ ଟଙ୍କା ଦେଉଥିବାବେଳେ ରାଜ୍ୟ ସରକାର ୮୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ଦେଉଛନ୍ତି । ଏହିପରି ମୋଟ୍ ୩୧୦୦ ଟଙ୍କା ପ୍ରତ୍ୟେକ ଚାଷୀଙ୍କ ବ୍ୟାଙ୍କ ଖାତାକୁ ପହଂଚିଯାଇଛି । ଚାଷୀ ଧାନ ବିକ୍ରି କରିବାର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ଟଙ୍କା ପାଇଯାଉଛନ୍ତି । ଏନେଇ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ବୈଠକରେ ଧନ୍ୟବାଦ ଦେଇଥିଲେ ।

## ଶକ୍ତି ସଂରକ୍ଷଣ ପାଇଁ ନିଆଯାଉଥିବା ପଦକ୍ଷେପକୁ ଶୀଘ୍ର କାର୍ଯ୍ୟକାରୀ କର: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖାରବେଳ ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନର୍ଜି ଏଫିସିଏନ୍ସି ସର୍ଭିସର ବରିଷ୍ଠ ଅଧିକାରୀ ଶକ୍ତି ସଂରକ୍ଷଣ ପାଇଁ ଆଗାମୀ ପଦକ୍ଷେପ ବାବଦରେ ଏକ ଉପସ୍ଥାପନା ପ୍ରଦର୍ଶନ କରିଥିଲେ । ଓଡ଼ିଶା ସରକାରଙ୍କ ସହ ସହଭାଗିତାରେ କାର୍ଯ୍ୟ କରି ଉପଭୋକ୍ତାଙ୍କୁ କମ୍ ବିଦ୍ୟୁତ ଖର୍ଚ୍ଚ ହେଉଥିବା ଉପକରଣ ସୁଲଭ ମୂଲ୍ୟରେ ଯୋଗାଇଦେବା ବିଷୟରେ ଆଲୋଚନା କରାଯାଇଥିଲା । ଉର୍ଜାବୀର ଭଳି ଯୋଜନା ଗୁଡ଼ିକ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା ଏବଂ ଏନେଇ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ସରକାରୀ ଅଫିସ ଗୁଡିକରେ ବହୁବର୍ଷ ଧରି ଚାଲି ଆସୁଥିବା ପୁରୁଣା ଫ୍ୟାନ ଗୁଡ଼ିକୁ ବଦଳାଇ ଶକ୍ତି ସଂରକ୍ଷଣ କରୁଥିବା ଫ୍ୟାନ ଓ ବୈଦ୍ୟୁତିକ ଉପକରଣ ଲଗାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଯୋଜନା ଗୁଡ଼ିକୁ ଭଲଭାବେ ତର୍ଜମା କରି ଆଗାମୀ ପଦକ୍ଷେପ ନେବା ଓ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ସର୍ବୋଚ୍ଚ ଯନ୍ତ୍ରୀ ପ୍ୟାରୀମୋହନ ମିଶ୍ର ଏବଂ ଇଇଏସଏଲର ବରିଷ୍ଠ ଅଧିକାରୀ ବୃନ୍ଦ ଯୋଗଦେଇଥିଲେ ।

## ବିଧାନସଭା ଗ୍ରନ୍ଥାଗାର ସବ୍‌କମିଟି ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଧାନସଭା ଗ୍ରନ୍ଥାଗାର ଗବେଷଣା ସବ୍‌କମିଟିର ପ୍ରଥମ ବୈଠକ ବିଧାନସଭା ୫୩ ନଂ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସବ୍ ?କମିଟିର ଅଧ୍ୟକ୍ଷ ବିଧାୟକ ସରୋଜ କୁମାର ପାଢ଼ୀଙ୍କ ସମେତ ସବ୍‌କମିଟିର ସଦସ୍ୟ ବିଧାୟକ ଦୁର୍ଗାଚରଣ ତନ୍ତୀ, ପ୍ରକାଶ କୁମାର ସୋରେନ, ରଘୁନାଥ ଜଗଦ୍ଦଳ, ଡ. ଦୁର୍ଗାପ୍ରସନ୍ନ ନାଏକ, ପୂର୍ଣ୍ଣଚନ୍ଦ୍ର ସେଠୀ, ବଦ୍ରିନାରାୟଣ ପାତ୍ର, ନବକିଶୋର ମଲ୍ଲିକ, ଅଶୋକ କୁମାର ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ବୈଠକରେ ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ଗବେଷଣା ଶାଖାର କାର୍ଯ୍ୟଧାରା ସଂପର୍କିତ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଆଗାମୀ ଦିନରେ କିପରି ଏହି ବିଭାଗକୁ ଅଧିକ କ୍ରିୟାଶୀଳ କରାଯାଇପାରିବ ସେ ସଂପର୍କରେ ବିଷଦ ଭାବେ ବାଖ୍ୟା କରିଥିଲେ। ଅଧ୍ୟକ୍ଷଙ୍କ ସମେତ ସମସ୍ତ ସଦସ୍ୟ ଏ ଦିଗରେ ଅନୁକୂଳ ମତପୋଷଣ କରିଥିଲେ । ଅଧ୍ୟକ୍ଷ ଶ୍ରୀ ପାଢ଼ୀ ଗବେଷଣା ଶାଖାର ସୁବିଧା ଅସୁବିଧା ସମ୍ପର୍କରେ ଅବଗତ ହେବା ସହ ସଦସ୍ୟମାନେ କିପରି ତଥ୍ୟ ଓ ସୂଚନା ପାଇପାରିବେ ସେ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏହି ବୈଠକରେ ଗବେଷଣା ଶାଖାର ସମସ୍ତ ଅଧିକାରୀ ଯୋଗଦେଇଥିଲେ।

## ନନ୍ଦନକାନନରେ ହାତୀ ମୃତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନନ୍ଦନକାନନରେ ଚିକିତ୍ସାଧୀନ ଅବସ୍ଥାରେ ଏକ ହାତୀର ମୃତ୍ୟୁ ଘଟିଛି । ଏ ନେଇ ନନ୍ଦନକାନନ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ ଗତ ୬ ତାରିଖରେ କରଞ୍ଜିଆ ବନଖଣ୍ଡ ଅଂଚଳ ରୁ ହାତୀ କୁ ଉଦ୍ଧାର କରାଯାଇଥିଲା । ହାତୀ ର ମେରୁଦଣ୍ଡ ରେ ଆଘାତ ଲାଗିଥିବା ବେଳେ ହାତୀ ଅସୁସ୍ଥ ଥିଲା । ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ ଗଠନ କରାଯାଇ ହାତୀ ର ଚିକିତ୍ସା କରାଯାଉଥିଲା । ଏହା ସତ୍ୱେ ହାତୀ ର ସ୍ୱାସ୍ଥ୍ୟ ବସ୍ଥା ରେ କୌଣସି ସୁଧାର ଆସି ନ ଥିଲା । ଆଜି ସକାଳୁ ହାତୀ ଟି ପ୍ରାଣ ହରାଇଥିବା ବନ ବିଭାଗ ସୂଚନା ଦିଆଯାଇଛି।

## ଭିଜିଲାନ୍ସ ଜାଲରେ ଡାକ୍ତର

କଟକ(ଭାସ୍କର ନ୍ୟୁଜ୍): ଟକ ବଡ଼ମ୍ବା ସିଏଚ୍‌ସିର ଡାକ୍ତର ବିଶ୍ୱନାଥ ଅଡ଼େକ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଦ୍ୱାରା ଧରା ପଡିଛନ୍ତି । ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ପ୍ରେସ ବିବୃତି ଜରିଆରେ ଏହି ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଏକ ପୋଷ୍ଟମର୍ଟମ ରିପୋର୍ଟ ପାଇଁ ୨ ହଜାର ନେଲା ବେଳେ ଭିଜିଲାନ୍ସ ତାକୁ ଧରିଥିଲା । ସେ ରିପୋର୍ଟ ପାଇଁ ୫,୫୦୦ ଦାବି କରି ଦ୍ୱିତୀୟ କିସ୍ତିରେ ୨ ହଜାର ନେଉଥିଲେ । ଧରାପଡ଼ିବା ପରେ ଡାକ୍ତରଙ୍କ ଦୁଇଟି ଘରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଚଢାଉ କରାଯାଉଥିବା ଜଣା ପଡିଛି ।

## ସିଙ୍ଗଲ ୱିଣ୍ଡୋ ବୈଠକରେ ୧୭ ପ୍ରକଳ୍ପକୁ ମଞ୍ଜୁରି
# ବିନିଯୋଗ ହେବ ୩୮୮୪ କୋଟି



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ବୁଧବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସିଙ୍ଗଲ ୱିଣ୍ଡୋ ବୈଠକରେ ୧୭ଟି ବଡ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଏହି ୧୭ଟି ପ୍ରକଳ୍ପ ପାଇଁ ୩୮୮.୭୨କୋଟି ଟଙ୍କା ବିନିଯୋଗ କରାଯିବ। ଫଳରେ ୧୨,୨୮୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟ ସଚିବ ଶ୍ରୀ ଆହୁଜା ସୂଚନା ଦେଇଛନ୍ତି। ଏହି ସବୁ ପ୍ରକଳ୍ପ ସମ୍ବଲପୁର, ରାୟଗଡା, ଗଞ୍ଜାମ, ଯାଜପୁର, ଅନୁଗୁଳ, ଖୋର୍ଦ୍ଧା, ଢେଙ୍କାନାଳ ଓ ଝାରସୁଗୁଡା ଜିଲ୍ଲାରେ ପ୍ରତିଷ୍ଠା କରାଯିବ। ଓଡ଼ିଶାକୁ ଶିଳ୍ପର ହବ୍ କରିବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅହରହ ପ୍ରୟାସ ଜାରି ରଖିଛନ୍ତି। ଆସନ୍ତା ୨୮ତାରିଖରୁ ଆରମ୍ଭ ହେଉଥିବା ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ ପାଇଁ ଏହା ବେଶ ଫଳପ୍ରଦ ହେବ ବୋଲି କୁହାଯାଉଛି। ସ୍ଥାପନ ହେବାକୁ ଥିବା ପ୍ରକଳ୍ପ ଗୁଡିକ ମଧ୍ୟରେ ଷ୍ଟିଲ, ଆଇରନ ଓ ଫେରୋ ଆଲଏଜ, ଶକ୍ତି ଏବଂ ସୌରଶକ୍ତି, ଫାର୍ମାସ୍ୟୁଟିକାଲ୍ସ, କେମିକାଲ୍ସ, ଗ୍ରୀନ୍ ହାଇଡ୍ରୋଜେନ, ଟ୍ରାନ୍ସପୋରଟେସନ, ବାୟୋ ଫର୍ଟିଲାଇଜର, ଗ୍ରୀନ୍ ଏନର୍ଜି ସାମଗ୍ରୀ, ପେଟ୍ରୋଲିୟମ ଏବଂ ପେଟ୍ରୋ କେମିକାଲ୍ସ ପ୍ରକଳ୍ପ ମାନ ରହିଛି।

# ୩ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏକ ଦୂରଦୃଷ୍ଟିସଂପନ୍ନ କାର୍ଯ୍ୟକ୍ରମ ସ୍ୱରୂପ, ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ରାଜ୍ୟରେ ଜଳବାୟୁ ସ୍ଥିରତା ଏବଂ ସ୍ଥାୟୀ ବିକାଶ ପ୍ରୟାସକୁ ବୃଦ୍ଧି କରିବା ପାଇଁ ତିନୋଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ସହଭାଗିତା ଦ୍ୱାରା ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା କରିବା, ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା ଏବଂ ଓଡ଼ିଶାର ସମୃଦ୍ଧ ଜୈବ ବିବିଧତା ତଥା ଉପକୂଳୀୟ ପରିସଂସ୍ଥାନକୁ ସୁରକ୍ଷା ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ଉପକୂଳ ପରିସଂସ୍ଥାର ପୁନରୁଦ୍ଧାର, ସୁରକ୍ଷା ଏବଂ ପରିଚାଳନା ନିମନ୍ତେ ଆଇଆଇଟି, ଭୁବନେଶ୍ୱର ସହ ଭାଗୀଦାରିତା ଓଡିଶା ଉପକୂଳରେ ସାମୁଦ୍ରିକ ଘାସ ଶଯ୍ୟା ଓ ଲୁଣା ଜଳାଶୟର ସୁରକ୍ଷା, ପୁନରୁଦ୍ଧାର ଏବଂ ପରିଚାଳନା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଭାରତୀୟ ଉପକୂଳ ଅଧିବାସୀ ଗୋଷ୍ଠୀଙ୍କ ନିମନ୍ତେ ଜଳବାୟୁ ସହନଶୀଳତା ଅଭିବୃଦ୍ଧି ପ୍ରକଳ୍ପ ଅଧୀନରେ ଆଇଆଇଟି ଭୁବନେଶ୍ୱର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଏହି ସହଯୋଗ ସାମୁଦ୍ରିକ ଘାସ ଶଯ୍ୟା ଓ ଲୁଣା ଜଳାଶୟ ସମେତ ଗୁରୁତ୍ୱପୂର୍ଣ୍ଣ ଉପକୂଳୀୟ ପରିସଂସ୍ଥାର ପୁନରୁଦ୍ଧାର କରିବା ଦିଗରେ ଦୃଷ୍ଟି ଦେବ, ଯାହା ଜୈବବିବିଧତା, ଅଙ୍ଗାରକାମ୍ଳ ଆହରଣ ଏବଂ ଉପକୂଳ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହା ଉପକୂଳ ଅଧିବାସୀ ଗୋଷ୍ଠୀଙ୍କ ନିମନ୍ତେ ଜଳବାୟୁ ସହନଶୀଳତା ଅଭିବୃଦ୍ଧି କରିବା ପାଇଁ ଇକୋସିଷ୍ଟମ-ଆଧାରିତ ପଦ୍ଧତି ଉପରେ ଗୁରୁତ୍ୱ ପ୍ରଦାନ କରିବ । ଓଡ଼ିଶା ଉପକୂଳରେ ସମୁଦ୍ର ଘାସ ଏବଂ ଲୁଣା ଜଳାଶୟ ଇକୋସିଷ୍ଟମର ପୁନରୁଦ୍ଧାର, ସୁରକ୍ଷା ଏବଂ ସ୍ଥାୟୀ ପରିଚାଳନା ପାଇଁ ବୈଷୟିକ ସହାୟତା ସଂସ୍ଥା ଭାବରେ ମନୋନୀତ, ଆଇଆଇଟି, ଭୁବନେଶ୍ୱର ଏହାର ପରିଚାଳନା ପାଇଁ ବୈଷୟିକ ସହାୟତା ପ୍ରଦାନ କରିବ । ଏହି ଅବସରରେ ଅଧ୍ୟକ୍ଷତା କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ କହିଲେ ଯେ ଆଇଆଇଟି, ଭୁବନେଶ୍ୱର ସହିତ ଭାଗିଦାରୀତା ସ୍ଥାୟୀ ଉପକୂଳ ପରିଚାଳନା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଉନ୍ନତ ଗବେଷଣା ସୁଯୋଗ ଏବଂ ଗୋଷ୍ଠୀସମ୍ପୃକ୍ତି ପଦକ୍ଷେପ ପାଇଁ ପଥ ପ୍ରଶସ୍ତ କରିବାରେ ସହାୟକ ସାବ୍ୟସ୍ତ ହେବ । ଏହି ଅବସରରେ ଉପସ୍ଥିତ ରହି ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ ଯେ ରତ୍ନଗର୍ଭା ଓଡ଼ିଶାରେ ମୂଲ୍ୟବାନ ଖଣିଜ ପ୍ରଦାର୍ଥ ମହଜୁଦ ରହିଛି । ରାଜ୍ୟ ସରକାରଙ୍କ ତରଫରୁ ପରିବେଶ ନିର୍ଦ୍ଦେଶକ ପ୍ରେମ କୁମାର ଝା, ଆଇଆଇଟି, ଭୁବନେଶ୍ୱର ତରଫରୁ ଡିନ୍ ପ୍ରାୟୋଜିତ ଗବେଷଣା ଓ ଶିଳ୍ପ ପରାମର୍ଶଦାତା ପ୍ରଫେସର ଦିନାକର ପାସଲା, ଶକ୍ତି, ପରିବେଶ ଏବଂ ଜଳ ପରିଷଦ ତରଫରୁ ଡକଫର ବୈଭବ ଚତୁର୍ବେଦୀ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଡେପୁଟି କଣ୍ଟ୍ରି ଡାଇରେକଫର ସୁଶ୍ରୀ ନୋକୋମି ହାସିମୋଟୋ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଏହି କାର୍ଯ୍ୟକ୍ରମରେ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ ଉପସ୍ଥିତ ଥିଲେ ।

## ନାବାଳିକା ଦୁର୍ଷ୍କର୍ମ ମାମଲା
# ଆସାମୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

କଟକ(ଭାସ୍କର ନ୍ୟୁଜ୍): ବାରଙ୍ଗ ଥାନା ଅଞ୍ଚଳରେ ଘଟିଥିବା ୧୧ ବର୍ଷୀୟ ନାବାଳିକା ବଳାତ୍କାର ମାମଲାର ବିଚାର କରି କଟକ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ ତଥା ପୋକ୍ସୋ ଅଦାଲତ ଆସାମୀ ବେଲଗଛିଆ ଜୟପୁର ଗ୍ରାମର ମନୋଜ କୁମାର ନାୟକ (୩୧)କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ରାୟ ପ୍ରଦାନ କରିଛନ୍ତି। ଏଥିସହ ଆସାମୀଙ୍କୁ ୫୦ ହଜାର ଟଙ୍କାର ଜରିମାନା ପ୍ରଦାନ ପାଇଁ ଅଦାଲତ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଆସାମୀଙ୍କୁ ଆଉ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । ଅପରପକ୍ଷରେ ପିଡିତା ନାବାଳିକାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଅଦାଲତ କଟକ ଜିଲା ଆଇନସେବା ପ୍ରାଧିକରଣଙ୍କୁ ଆଦେଶ ଦେଇଛନ୍ତି। ଗତ ୨୦୨୩ ଅକ୍ଟୋବର ୧୧ ତାରିଖ ଅପରାହ୍ଣ ପ୍ରାୟ ୨ଟା ସମୟରେ ନାବାଳିକା ଜଣକ ଘର ନିକଟସ୍ଥ ବାରିରେ ବୁଲୁଥିଲେ। ଅଭିଯୁକ୍ତ ନାବାଳିକାଙ୍କ ପାଟି ବନ୍ଦ କରି ନିକଟସ୍ଥ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ନାବାଳିକାଙ୍କୁ ଦୁଷ୍କର୍ମ କରିବା ବେଳେ ସେ ଚିତ୍କାର କରିଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି କେତେକ ଗ୍ରାମବାସୀ ସେଠାରେ ପହଁଚି ଯାଇଥିଲେ। ଲୋକମାନଙ୍କୁ ଦେଖି ଅଭିଯୁକ୍ତ ସେଠାରୁ ଖସି ପଳାଇଥିଲେ। ସେ ନାବାଳିକାଙ୍କୁ ବଳାତ୍କାର ସମୟରେ ଉଠାଇଥିବା ଫଟୋ ଭାଇରାଲ କରିଦେବାର ଭୟ ଦେଖାଇଥିବା ନାବାଳିକା ପରିବାର ନିକଟରେ ପ୍ରକାଶ କରିଥିଲେ। ଏ ନେଇ ପିଡିତା ନାବାଳିକାଙ୍କ ମାଆ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ୍ ଥାନାରେ କେସ୍ ନଂ ୩୭୭/୨୦୨୩ ରୁଜୁ କରିବା ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହା ପରେ ପୋଲିସ୍ ୨୦୨୩ ଡିସେମ୍ବର ୧୮ ତାରିଖରେ ଅଭିଯୁକ୍ତ ବିରୋଧରେ ଅଭିଯୋଗପର୍ତ୍ତ ଦାଖଲ କରିଥିଲା। ଏହା ପରେ କୋର୍ଟ ୨୦୨୪ ମସିହା ଫେବୃୟାରୀ ୧୩ ତାରିଖରେ ଅଭିଯୁକ୍ତ ବିରୋଧରେ ଚାର୍ଜଫ୍ରେମ କରିଥିଲେ । କଟକର ପୋକ୍ସୋ ଅଦାଲତରେ ମାମଲାର ବିଚାର ଚାଲିଥିଲା । କୋର୍ଟ ଗତ ୧୫ ତାରିଖରେ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ପେଶାଲ ପିପି ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ରାଜ୍ୟସ୍ତରୀୟ ବେଟି ବଚାଓ ବେଟି ପଢ଼ାଓ ପାଳନ ଉତ୍ସବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମର ଦଶ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ କଳିଙ୍ଗ ଷ୍ଟାଡିୟମ୍ ରେ ରାଜ୍ୟ ସ୍ତରୀୟ ବେଟି ବଚାଓ ବେଟି ପଢ଼ାଓ ପାଳନ ଉତ୍ସବ ଆୟୋଜନ କରାଯାଇଛି। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଛନ୍ତି। ସ୍ଲୋଗାନ ରହିଛି ଝିଅ କୁ ଆଗକୁ ବଢିବାର ସୁଯୋଗ ଦିଅ, ସଫଳତାର ହସ ଫୁଟାଅ। ନାରୀକୁ ଶିକ୍ଷା, ସ୍ୱାସ୍ଥ୍ୟ, ସମୃଦ୍ଧି ଓ ବିକାଶ ଦିଗରେ ଆଗକୁ ବଢିବା ପାଇଁ ପ୍ରେରଣା ଦିଆଯିବା ପାଇଁ ଲକ୍ଷ୍ୟ ରହିଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ସ୍କୁଲ ଛାତ୍ରୀ ଭାଗ ନେଇଛନ୍ତି। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା ଆୟୋଜିତ ଏହି ରାଜ୍ୟ ସ୍ତରୀୟ ଉତ୍ସବରେ ଯୋଗଦେଇ ଏକ ପଦଯାତ୍ରାର ଶୁଭ ଉଦ୍‌ଘାଟନ କରିଛନ୍ତି । ସେ କହିଛନ୍ତି ଯେ ଶିଶୁ କନ୍ୟାର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି, ମହିଳାଙ୍କ କାର୍ଯ୍ୟଦକ୍ଷତା ଏବଂ ସାମଗ୍ରିକ ଅଭିବୃଦ୍ଧି ହେଉଛି ଏହି ଯୋଜନାର ଉଦ୍ଦେଶ୍ୟ । ଶିଶୁ କନ୍ୟା ପାଇଁ ଲିଙ୍ଗଗତ ଅସମାନ୍ୟତା ଦୂର କରିବା ସମାଜରେ ସମାନ ଅଧିକାର ଦେବା ଏବଂ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ସେମାନଙ୍କୁ ଶିକ୍ଷିତ କରିବା ଆମ ସମସ୍ତଙ୍କର ପ୍ରଧାନ ଉଦ୍ଦେଶ୍ୟ ହେବା ଉଚିତ ବୋଲି ସେ କହିଛନ୍ତି ।

## ଶିବରାମଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବତନ ପ୍ରାନ୍ତ ସଂଘଚାଳକ ଶିବରାମ ମହାପାତ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ସୋସିଆଲ ମିଡିଆରେ ଶୋକବାର୍ତ୍ତାରେ ଲେଖିଛନ୍ତି. ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପ୍ରାନ୍ତର ପୂର୍ବତନ ପ୍ରାନ୍ତ ସଂଘ ଚାଳକ ଶିବରାମ ମହାପାତ୍ରଙ୍କ ବିୟୋଗ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ। ମହାପ୍ରଭୁଙ୍କ ନିକଟରେ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି । ସେହିପରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବତନ ପ୍ରାନ୍ତ ସଂଘଚାଳକ ଶିବରାମ ମହାପାତ୍ରଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବିଚାର ପରିବାରର ପୂର୍ବତନ ପ୍ରାନ୍ତ ସଂଘ ଚାଳକ ତଥା ଓଡିଶାରେ ପ୍ରତିଷ୍ଠିତ ନୀଳକଣ୍ଠ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ସଭାପତି ଶିବରାମ ମହାପାତ୍ରଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ।

## କଣାସରେ ଡାଇରିଆରେ ଚାରି ମୃତ୍ୟୁ ଘଟଣା
# ୫ ନଦୀର ଜଳ ପ୍ରଦୂଷିତ ହେବା ସହିତ ଚିଲିକା ମଧ୍ୟ ପ୍ରଭାବିତ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲାର କଣାସ ବ୍ଲକରେ ଡାଇରିଆରେ ୪ ଜଣଙ୍କ ମୃତ୍ୟୁ ଓ ଶତାଧିକ ଆକ୍ରାନ୍ତ ଘଟଣାରେ ପ୍ରଦୂଷିତ ପାନୀୟ ଜଳ ମୁଖ୍ୟ କାରଣ ହୋଇଥିବା ବେଳେ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ, ବର୍ଜ୍ୟ ଜଳ ମିଶି ୫ଟି ନଦୀର ଜଳ ପ୍ରଦୂଷିତ ହେବା ସହିତ ଚିଲିକା ହ୍ରଦର ଜଳ ମଧ୍ୟ ପ୍ରଦୂଷିତ ହେଉଛି ବୋଲି ଅଭିଯୋଗ କରିଛନ୍ତି । ପ୍ରଦୂଷିତ ଜଳ ମିଶିବା କାରଣରୁ ଚିଲିକାର ଜୈବ ବିବିଧତା ପ୍ରଭାବିତ ହେବା ସହିତ ଚିଲିକା ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ମତ୍ସ୍ୟଜୀବୀ, ଚିଲିକାର ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ଡଲଫିନ ଓ ବିଦେଶାଗତ ପକ୍ଷୀମାନଙ୍କ ଉପରେ ବିପଦ ସୃଷ୍ଟି ହୋଇଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସବର୍ମା କହିଥିଲେ, ଭୁବନେଶ୍ୱର ଉପକଣ୍ଠରେ ଥିବା ବର୍ଜ୍ୟବସ୍ତୁ ପରିଚାଳନା ସ୍ଥଳରୁ ବର୍ଜ୍ୟ ଜଳ ଗଙ୍ଗୁଆ ନଦୀରେ ମିଶୁଛି। ଗଙ୍ଗୁଆର ପ୍ରଦୂଷିତ ଜଳ ପରେ ମକରା, ରାଜୁଆ, ଭାର୍ଗବୀ, ରତ୍ନଚିରା ଓ ଲୁଣା ନଦୀରେ ମିଶୁଛି । ଏହି ନଦୀର ଜଳ ଶେଷରେ ଚିଲିକାରେ ମିଶୁଥିବାରୁ, ଚିଲିକାର ଜଳ ପ୍ରଦୂଷିତ ହେଉଛି । ଗତକାଲି ଏ ସମଗ୍ର ଅଂଚଳ ଗସ୍ତ କରି ଜଳ ପ୍ରଦୂଷଣ ହୋଇ ଚିଲିକାକୁ କିପରି ପ୍ରଭାବିତ କରୁଛି ତାର ଭିଡିଓ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ପ୍ରଦର୍ଶିତ କରିଥିଲେ । ଶ୍ରୀ ଦାସବର୍ମା କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପୁରୀ ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ପ୍ରାୟ ୮୦ ପ୍ରତିଶତ କାମ ଶେଷ ହୋଇଯାଇଥିଲେ ମଧ୍ୟ ନୂଆ ସରକାର ଆସିବା ପରେ ଏହି କାମ ଗୁଡିକ ବନ୍ଦ ରହିଛି । ସେହିପରି ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ କହିଥିଲେ, ପିପିଲି, ଡେଲାଙ୍ଗ ନିର୍ବାଚନ ମଣ୍ଡଳୀରେ ଥିବା ୧୫ଟି ପଞ୍ଚାୟତ ଦୟା ନଦୀ ଉପରେ ନିର୍ଭର କରନ୍ତି । ଦୁଃଖର ବିଷୟ ଗଙ୍ଗୁଆ ନଦୀ ବର୍ତ୍ତମାନ ଗଙ୍ଗୁଆ ନାଳରେ ପରିଣତ ହୋଇଛି । ଗଙ୍ଗୁଆର ପ୍ରଦୂଷିତ ଜଳ ଦୟା ଓ ଅନ୍ୟ ନଦୀ ଗୁଡିକୁ ପ୍ରଦୂଷିତ କରୁଛି । ଅପରପକ୍ଷରେ ପାନୀୟ ଜଳ ପ୍ରକଳ୍ପ ଗୁଡିକର କାର୍ଯ୍ୟ ପ୍ରାୟତଃ ଶେଷ ହୋଇଥିଲେ ହେଁ ନୂଆ ସରକାର ଆସିବା ପରେ କାମ ବନ୍ଦ ରହିଛି । ଲୋକଙ୍କ ସମସ୍ୟା ପ୍ରତି ନୂଆ ସରକାର ଉଦାସୀନ ରହିଛନ୍ତି ।

# ସନ୍ଥ ଅରକ୍ଷିତ ଦାସ ଗ୍ରନ୍ଥ ସଂକଳନ ଉନ୍ମୋଚିତ



କଟକ(ଭାସ୍କର ନ୍ୟୁଜ୍): ମାନବ ଜନ୍ମ ଈଶ୍ୱରଙ୍କ ବରଦାନ। ନିଜକୁ ଚିହ୍ନି ସକଳ କାର୍ଯ୍ୟ କରିବା ଜୀବନର ପରମ ସଫଳତା । ଶ୍ରୀରାମ ଚନ୍ଦ୍ର ଭବନ କଟକଠାରେ ଆୟୋଜିତ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ ବାବାଜୀ ଭକ୍ତି ଚୈତନ୍ୟ ଦାସ। ଅଧ୍ୟକ୍ଷତା କରିଥିଲେ ଡ଼କ୍ଟର ସୌମ୍ୟ ରଞ୍ଜନ ମିଶ୍ର । ମୁଖ୍ୟଅତିଥି ଭାବେ ସ୍ୱାମୀ ବହ୍ମାନନ୍ଦ ସରସ୍ୱତୀ, ମୁଖ୍ୟବକ୍ତା ସ୍ୱାମୀ ଗୁରୁପାଦ ବ୍ରହ୍ମ ଅବଧୂତ ସୁକାନ୍ତ ଦାସ ମହାରାଜ, ବରଣ୍ୟ ଅତିଥି ଇଂ ସୋଫିଆ ଫିର୍ଦ୍ଦୋସ (ବିଧାୟିକା ବାରବାଟି, କଟକ) ସମ୍ମାନୀତ ଅତିଥି ବିରୁପାକ୍ଷ ତ୍ରିପାଠୀ (ସମ୍ପାଦକ ପ୍ରଗତିବାଦୀ, ଡ଼.ବାମଦେବ ବରାଳ, ଡ଼.ରବିନ୍ଦ୍ର ବିହାରୀ ଓ ଅଧ୍ୟାପକ କିଶୋର ଚନ୍ଦ୍ର ଦାସଯୋଗ ଦେଇଥିଲେ । ଏହି ଅବସରରେ ସନ୍ଥ ଅରକ୍ଷିତ ଦାସ ଗ୍ରନ୍ଥ ସଂକଳନ ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବାବାଜୀ ଭକ୍ତି ଚୈତନ୍ୟ ଦାସ ମହାରାଜଙ୍କୁ (ସନ୍ଥ ଅରକ୍ଷିତ ଦାସ ସମ୍ମାନ), ବାବାଜୀ ଅମୃତାନନ୍ଦ ଦାସ ମହାରାଜଙ୍କୁ (ମା'ଓଳାଶୁଣୀ ସମ୍ମାନ), ଡ଼ାକ୍ତର ଅଭୟକୁମାର ପାତ୍ର (ସେବା ଗୌରବ ସମ୍ମାନ), ଅମ୍ଳାନ ବଦନ ପଟ୍ଟନାୟକ (ସାମ୍ବାଦିକ ଗୌରବ ସମ୍ମାନ), ପ୍ରଫୁଲ୍ଲ କୁମାର ଛାଟୋଇ ଇଂ ରଶ୍ମୀ ରଞ୍ଜନ ରାୟ ପ୍ରମୁଖଙ୍କୁ ପ୍ରଦାନ କରାଯାଇଥିଲା। ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ

## ରାଜ୍ୟ କ୍ୟାବିନେଟ ବୈଠକ ପ୍ରସଙ୍ଗ
# ରାଜ୍ୟ ସରକାରଙ୍କୁ ଧନ୍ୟବାଦ : ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୁଧବାର ରାଜ୍ୟ କ୍ୟାବିନେଟ ବୈଠକରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଉପରେ ମୋହର ଲାଗିଛି । ବିଶେଷ ଭାବେ ଶିକ୍ଷା, ସ୍ୱାସ୍ଥ୍ୟ ସେବା, କୃଷିକଲ୍ୟାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି । ଯାହାକି, ଆଗାମୀ ବିକଶିତ ଓଡିଶା ଗଠନ ଦିଗରେ ସହାୟକ ହେବ । ସ୍କୁଲ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଉପରେ ମୋହର ଲାଗିଛି । ପ୍ରତି ପଞ୍ଚାୟତରେ ଗୋଟିଏ ଅତ୍ୟାଧୁନିକ ସ୍ମାର୍ଟ ସ୍କୁଲ ନିର୍ମାଣ କରାଯିବ, ଏଥିପାଇଁ ରାଜ୍ୟ ସରକାର ୪ ବର୍ଷରେ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ । ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ଦୃଢ କରିବା ଦିଗରେ ଓଡିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯ରେ ସଂଶୋଧନକୁ ଅନୁମୋଦନ ମିଳିଛି । ସେହିପରି 'ବିକଶିତ ଗାଁ, ବିକଶିତ ଓଡିଶା ଯୋଜନା'କୁ ବିଧିବଦ୍ଧ ଭାବେ କ୍ୟାବିନେଟ ଅନୁମୋଦନ କରିଛି । ଏହି ଯୋଜନାରେ ପ୍ରତି ବର୍ଷ ଗ୍ରାମଗୁଡିକର ବିକାଶ ପାଇଁ ରାଜ୍ୟ ସରକାର ୧୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବେ । ଓଡିଶାର ଡାକ୍ତର ଅଭାବକୁ ପୂରଣ କରିବା ପାଇଁ ନୂତନ ୫ ହଜାର ଡାକ୍ତର ଏବଂ ୧୨୬ ଦନ୍ତ ଚିକିତ୍ସକଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ଶୀତଳ ଭଣ୍ଡାର ନିର୍ମାଣ ପାଇଁ ରାଜ୍ୟରେ ଆହୁରି ପ୍ରୋତ୍ସାହନ ସୁବିଧା କରାଯାଇଛି । ଏହି ନିଷ୍ପତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ରାଜ୍ୟ ସରକାରଙ୍କ କ୍ୟାବିନେଟକୁ ରାଜ୍ୟ ସଭାପତି ମନମୋହନ ସାମଲ ଧନ୍ୟବାଦ ଜଣାଇଛନ୍ତି ।



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।
-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର
-ଭକ୍ତକବି ମଧୁସୂଦନ ରାଓ



# ପ୍ରଥମ ଦିନରୁ ନାଲିଆଖି
## ଚର୍ଚ୍ଚାରେ ଟ୍ରମ୍ପଙ୍କ ବିବାଦୀୟ ନିଷ୍ପତ୍ତି

ବିଶ୍ୱର ସର୍ବବୃହତ୍ ସମୃଦ୍ଧ ଓ ଶକ୍ତିଶାଳୀ ଦେଶ ଆମେରିକାର ୪୭ତମ ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ କରିବାର ପ୍ରଥମ ଦିନରେ ହିଁ ଡୋନାଲ୍ଡ ଟ୍ରମ୍ପ ଗ୍ରହଣ କରିଥିବା କେତେକ ନିଷ୍ପତ୍ତି ତାଙ୍କ ନିଜ ଦେଶ ସମେତ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଆତଙ୍କ ଓ ଆଶଙ୍କା ସୃଷ୍ଟି କରିଛି। ବିଧିବଦ୍ଧ ଭାବରେ ଦାୟିତ୍ୱ ଗ୍ରହଣ କରୁକରୁ ସେ ସମସ୍ତଙ୍କୁ ନାଲିଆଖି ଦେଖାଇବା ଆରମ୍ଭ କରିଛନ୍ତି ଏବଂ ଗୋଟିଏ ଦିନରେ ୮୦ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ତେବେ ତାଙ୍କର କେତେକ ନିଷ୍ପତ୍ତି ଆମେରିକାରେ ବସବାସ କରୁଥିବା ଭାରତୀୟଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଆମେରିକାରେ ଶିଶୁଟିଏ ଜନ୍ମ ହେଲେ ତାକୁ ଆମେରିକୀୟ ନାଗରିକତ୍ୱ ମିଳିବା ଲାଗି ଯେଉଁ ସାମ୍ବିଧାନିକ ଅଧିକାର ଆଜି ପର୍ଯ୍ୟନ୍ତ ରହି ଆସିଛି, ତାକୁ ତୁରନ୍ତ ଉଚ୍ଛେଦ କରି ଦିଆଯାଇଛି। ଦାୟିତ୍ୱ ଗ୍ରହଣର ପ୍ରଥମ ଦିନରେ ହିଁ ଏ ସମ୍ପର୍କୀୟ ନିର୍ଦ୍ଦେଶନାମାରେ ଟ୍ରମ୍ପ ସ୍ୱାକ୍ଷର କରିଛନ୍ତି। ଏହି ନିଷ୍ପତ୍ତି ଭାରତ ଓ ଅନ୍ୟ ରାଷ୍ଟ୍ର ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ମନେ ହେଉଛି। ଆମେରିକାର ନାଗରିକ ହୋଇନଥିବା ଦମ୍ପତିଙ୍କ ସନ୍ତାନ ଆମେରିକାରେ ଜନ୍ମଗ୍ରହଣ କଲେ, ସେମାନେ ସ୍ୱତଃ ସେଠାକାର ନାଗରିକ ହୋଇଯାନ୍ତି। ମାତ୍ର ଟ୍ରମ୍ପ ସ୍ୱାକ୍ଷର କରିଥିବା ନିର୍ଦ୍ଦେଶନାମା ଅନୁଯାୟୀ ଆମେରିକାରେ ଜନ୍ମଲାଭ କରିଥିବା ଅଣ-ଆମେରିକୀୟ ଦମ୍ପତିଙ୍କ ସନ୍ତାନ ଏଣିକି ସେଠାକାର ନାଗରିକତ୍ୱ ପାଇପାରିବେ ନାହିଁ। ନୂଆ ନିର୍ଦ୍ଦେଶ ଦ୍ୱାରା ଏଭଳି ନାଗରିକତ୍ୱ ପ୍ରଦାନ ବ୍ୟବସ୍ଥା ବନ୍ଦ କରିବା ସଙ୍ଗେ ସଙ୍ଗେ ବାହାର ଦେଶରୁ ଆସି ବେଆଇନ ଭାବେ ବସବାସ କରୁଥିବା ନାଗରିକଙ୍କୁ ବିତାଡିତ କରାଯିବ। ଟ୍ରମ୍ପଙ୍କ ନିଷ୍ପତ୍ତି ଯୋଗୁ ଆମେରିକାରେ ବସବାସ କରୁଥିବା ପ୍ରାୟ ୧୦ଲକ୍ଷ ଭାରତୀୟ ପ୍ରଭାବିତ ହେବେ। କାରଣ ଭାରତର ଅନେକ ନାଗରିକ ଏବେ ଆମେରିକାରେ ପର୍ଯ୍ୟଟକ ଭିସା, ଛାତ୍ର ଭିସା ଓ କାମ କରିବା ଭିସା ମାଧ୍ୟମରେ ଅବସ୍ଥାନ କରୁଛନ୍ତି। ଯେହେତୁ ସେମାନେ ଆମେରିକାର ସ୍ଥାୟୀ ବାସିନ୍ଦା ନୁହନ୍ତି, ତେଣୁ ସେମାନଙ୍କର ସନ୍ତାନମାନେ ଆଗାମୀ ଦିନରେ ସେଠାର ନାଗରିକତ୍ୱ ପାଇପାରିବେ ନାହିଁ। ଆମେରିକାର ୪୬ତମ ରାଷ୍ଟ୍ରପତି ଜୋ ବାଇଡେନ୍ ଦାୟିତ୍ୱ ଗ୍ରହଣ କରିବା ସମୟରେ ପରାଜିତ ଟ୍ରମ୍ପଙ୍କ ସମର୍ଥକମାନେ ୨୦୨୧ ଜାନୁଆରୀ ମାସରେ ବ୍ୟାପକ ହିଂସାକାଣ୍ଡ ଘଟାଇଥିଲେ। ସୋମବାର ଦ୍ୱିତୀୟ ପାଳି ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ କରୁକରୁ ଟ୍ରମ୍ପ ହିଂସାକାଣ୍ଡ ଘଟାଇଥିବା ତାଙ୍କର ୧୫୦୦ ସମର୍ଥକଙ୍କୁ ରାଜକ୍ଷମା ପ୍ରଦାନ କରିଛନ୍ତି। ପ୍ରଥମ ଦିନରେ ତାଙ୍କର ଆଉ ଦୁଇଟି ନିଷ୍ପତ୍ତି ବିଶ୍ୱବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ପ୍ୟାରିସ୍ ଜଳବାୟୁ ରାଜିନାମାରୁ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପାଳି ଶାସନ ସମୟରେ ୨୦୧୭ ମସିହାରେ ସେ ଅନୁରୂପ ପଦକ୍ଷେପ ନେଇ ବିବାଦୀୟ ହୋଇଥିଲେ, ଯାହାର ଏବେ ପୁନରାବୃତ୍ତି କରିଛନ୍ତି। ପ୍ୟାରିସ ଜଳବାୟୁ ରାଜିନାମା ଅନୁଯାୟୀ ସ୍ୱାକ୍ଷରକାରୀ ରାଷ୍ଟ୍ରଗୁଡ଼ିକ ଆସନ୍ତା ୨୦୩୫ ମସିହା ସୁଦ୍ଧା ବିଶ୍ୱ ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ସୋମବାର ଶପଥ ଗ୍ରହଣ ପରେ ଟ୍ରମ୍ପଙ୍କ ଆଉ ଏକ ବଡ଼ ନିଷ୍ପତ୍ତି ହେଉଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ)ରୁ ଆମେରିକା ଓହରିଯିବ। ବିଶ୍ୱର କୋଟି କୋଟି ନାଗରିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ କାର୍ଯ୍ୟରତ ଏହି ବିରାଟ ସଂଗଠନକୁ ଆମେରିକା ସର୍ବାଧିକ ପାଣ୍ଠି ଯୋଗାଉଥାଏ। ଗତ ୧୯୪୮ ମସିହାରୁ ଆମେରିକା 'ହୁ'ର ପ୍ରତିଷ୍ଠାତା ସଦସ୍ୟ ରହି ଆସିଥିବା ବେଳେ ଏବଂ ଏହାର କାର୍ଯ୍ୟ ପରିଚାଳନା ଓ ଯୋଜନା ପ୍ରଣୟନରେ ପ୍ରମୁଖ ଭୂମିକା ନେଉଥିବା ସମୟରେ ନୂତନ ରାଷ୍ଟ୍ରପତିଙ୍କ ଏହି ଅଚାନକ ନିଷ୍ପତ୍ତିର କାରଣ ସ୍ପଷ୍ଟ ହୋଇନାହିଁ। ତେବେ ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ମହାନିର୍ଦ୍ଦେଶକ ଟ୍ରମ୍ପ ପ୍ରଶାସନକୁ ନିବେଦନ କରିଛନ୍ତି। ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଙ୍କ ଉପରେ ଶତପ୍ରତିଶତ ଶୁଳ୍କ ଲାଗୁ କରିବାକୁ ନୂତନ ରାଷ୍ଟ୍ରପତିଙ୍କ ଚେତାବନୀ ବାସ୍ତବ କାର୍ଯ୍ୟରେ କାର୍ଯ୍ୟକାରୀ ହେଲେ ଭାରତକୁ ସର୍ବାଧିକ କ୍ଷତି ସହିବାକୁ ପଡ଼ିବ। ଦ୍ୱିତୀୟ ପାଳିରେ ରାଷ୍ଟ୍ରପତି ଟ୍ରମ୍ପ ଯେପରି କଠୋର ମନୋଭାବ ନେଇ ଦୁଃସାହସିକ ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କଲେଣି, ଭାରତୀୟ ସେୟାର ବଜାର ଉପରେ ମଧ୍ୟ ତାହାର ପ୍ରଭାବ ଲକ୍ଷ୍ୟ କରାଯାଇଛି ଏବଂ ମଙ୍ଗଳବାର ସେୟାର ବଜାର ପୁଣି ଧରାଶାୟୀ ହୋଇଛି। ଭାରତକୁ ଆଗାମୀ ଦିନରେ ନୂତନ ରାଷ୍ଟ୍ରପତିଙ୍କ ବିଭିନ୍ନ ପଦକ୍ଷେପ ଉପରେ ସତର୍କ ଦୃଷ୍ଟି ରଖିବାକୁ ପଡ଼ିବ।

## ନୀତିବାଣୀ

**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ନେତାଜୀଙ୍କୁ ଏବେବି ଆମେ ଭୁଲିନାହୁଁ



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା, କଟକ
ମୋ: ୯୯୩୭୧୭୪୦୯୭

୧୮୯୭ ମସିହା ଜାନୁଆରୀ ୨୩ ତାରିଖ ଦିନ ପୃଥିବୀ ପୃଷ୍ଠକୁ ଲକ୍ଷ ଲକ୍ଷ ଶିଶୁଙ୍କ ଆଗମନ, ତନ୍ମଧ୍ୟରୁ ଐତିହାସିକ କଟକ ସହରରେ ସେହିଦିନ ଏକ ଉଜ୍ଜଳ ନକ୍ଷତ୍ରର ଧରାପୃଷ୍ଠରେ ଅବତରଣ ହୋଇଥିଲା। କଟକ ସହରର ତ' କୁହାଯିବନାହିଁ ସେତେବେଳର କଟକ ଟାଉନସ୍ଥିତ ଓଡ଼ିଆବଜାର ଜାନକୀନାଥ ଭବନରେ ରାଏବାହାଦୁର ଶ୍ରୀଯୁକ୍ତ ଜାନକୀନାଥ ବୋଷ ଓ ଶ୍ରୀମତୀ ପ୍ରଭାବତୀ ବୋଷଙ୍କ ନବମ ଔରସରୁ ଜାତ ପୁତ୍ର ସନ୍ତାନଟି ସେହି ଉଜ୍ଜଳ ନକ୍ଷତ୍ର, ପିତା ମାତା ପରିବାର ବର୍ଗଙ୍କ ସ୍ନେହ ଶ୍ରଦ୍ଧାରେ ତା'ଙ୍କର ଜନ୍ମଦିନ ପାଳିତ ହୋଇଥିଲା। କେହି କେବେବି କ'ଣ ଭାବିଥିଲେ ଏଇ ଶିଶୁଟି ଦିନେ ସାରା ପୃଥିବୀରେ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ପାଲଟିଯିବ? ତା'ଙ୍କର ଆଠ ପୁତ୍ର ଓ ଛଅ କନ୍ୟାଙ୍କ ମଧ୍ୟରୁ ସୁଭାଷ ନବମ ସନ୍ତାନ ଥିଲେ, ପିତା ଜଣେ ଜମିଦାର ତଥା ନ୍ୟାୟାଳୟର ସୁନାମଧନ୍ୟ ଓକିଲ ଥିଲେ। ଆଭିଜାତ୍ୟ ପରିବାର ହିସାବରେ ତା'ଙ୍କର ଖୁବ ଖ୍ୟାତି ଥିଲା। ପିତା ପୁତ୍ରକୁ ସାହେବି ଢଙ୍ଗରେ ବଢ଼ାଇ ଚାଲିଥିଲେ। ପ୍ରଥମେ ବାପିଷ୍ଟି ମିଶନ ସ୍କୁଲ କଟକରେ ଶିକ୍ଷା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଥୋମାସ ଏଡ୍‌ୱାର୍ଡ଼ ରେଭେନ୍ସାଙ୍କ ଦ୍ୱାରା ୧୮୫୧ ସ୍ଥାପିତ ଓଡ଼ିଶାର ସର୍ବପୁରାତନ ସ୍କୁଲ 'ରେଭେନ୍ସା କଲିଜିଏଟ ସ୍କୁଲରେ' ୧୯୦୯ରୁ ୧୯୧୨ ପର୍ଯ୍ୟନ୍ତ ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପ୍ତ କରି ପିତାଙ୍କ ନିର୍ଦ୍ଦେଶରେ ଓଡ଼ିଶା ଛାଡି କଲିକତାର ପ୍ରେସିଡେନ୍ସି କଲେଜ ଏବଂ ପରେ କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିଥିଲେ। ନିଜର ସାଧନା ବଳରେ ସିଭିଲ ସର୍ଭିସ ପାଇ ମଧ୍ୟ ଦେଶମାତୃକାର ସେବା ପାଇଁ ଚାକିରୀ ଛାଡି ଦେଇଥିଲେ, ଦୁଇ ଦୁଇ ଥର ଭାରତୀୟ କଂଗ୍ରେସର ସାଧାରଣ ସମ୍ପାଦକ ମଧ୍ୟ ରହିଥିଲେ। ମହାତ୍ମା ଗାନ୍ଧୀଙ୍କ ସହିତ ତା'ଙ୍କର କିଛିଟା ମତଭେଦ ତଥା କାର୍ଯ୍ୟଶୈଳୀର ମେଳ ନଖାଇବାରୁ ନିଜର 'ଆଜାଦ ହିନ୍ଦ' ଫୌଜ ଗଢି 'ଦିଲ୍ଲୀ ଚାଲ' ଓ 'ତୁମେ ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି' ଏହି ନାରାରେ ଦେଶ ବିଦେଶ ଜାଗି ଉଠିଥିଲା। ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ଶୃଙ୍ଖଳିତ ନେତୃତ୍ୱ ତାଙ୍କୁ 'ନେତାଜୀ' କରିଦେଇଥିଲା। ତାଙ୍କର ଜନ୍ମ ଠାରୁ ଓଡିଶା ରହଣି ତାଙ୍କର ଶୈଶବ, ଯୁବାବସ୍ଥାକୁ ଏପରି ବିକଶିତ କରିଥିଲା ଯେ, ସେ ତା'ରି ଆଧାରରେ ପୃଥିବୀରେ 'ନେତାଜୀ' ନାମରେ ପରିଚିତ ହୋଇଗଲେ। ଓଡ଼ିଶା ତଥା କଟକର ଭାଇଚାରା, ବାରବାଟୀ ଦୁର୍ଗ, ମହାନଦୀ, କାଠଯୋଡ଼ିର ଶୀତଳ ବାୟୁ ସହରବାସୀଙ୍କ ଭଲପାଇବା ସୁଭାଷକୁ ଏପରି ଆକର୍ଷିତ କରିଥିଲା ଯେ, ସେ କର୍ମ ବ୍ୟସ୍ତତା ଭିତରେ ନିଜ ଜନ୍ମ ମାଟିକୁ କେବେ ଭୁଲିପାରି ନ'ଥିଲେ।

ସେତେବେଳେ ଚିକିତ୍ସା ଶାସ୍ତ୍ର ଏତେ ଉନ୍ନତି କରିନଥିଲା, ହଜାର ହଜାର ଲୋକ ହଇଜା ମହାମାରୀର ଶିକାର ହୋଇ ପୋକ ମାଛି ପରି ମରି ପଡିଥିଲେ, ଅସହାୟଙ୍କୁ ସହାୟତା ଦେବା, ଅପରିଚିତ ବ୍ୟକ୍ତିଙ୍କ ଶବ ସତ୍କାର କରିବା ପରି ମହାନ କାର୍ଯ୍ୟକୁ ସେ ନିଃସଙ୍କୋଚରେ କରିପାରି ଥିଲେ। ସୁଭାଷ ସେଇ କୈଶୋର ଅବସ୍ଥାରୁ ହିଁ ଏକ ସ୍ୱେଚ୍ଛାସେବୀ ଦଳ ଗଢି ଦଳିତ, ନିଃସହାୟ ଲୋକଙ୍କୁ ସାହାଯ୍ୟ କରୁଥିଲେ, ବାପାଙ୍କ ଠାରୁ ତାଗିଦ ସତ୍ତ୍ୱେ ବି ସେ ସେବା କାର୍ଯ୍ୟରୁ ଓହରି ପାରିନଥିଲେ। 'ତୁଳସୀ ଦୁଇ ପତ୍ରରୁ ବାସେ' ଠିକ ସେଇ ପରି କୈଶୋରରରୁ ସେ ଦେଶ ସେବା କରିବା ଓ ପିଲାଙ୍କ ଭିତରେ ନେତୃତ୍ୱ ନେଇ କାର୍ଯ୍ୟ କରିବାକୁ ଭଲ ପାଉଥିଲେ। ବ୍ରିଟିଶ ସରକାରଙ୍କ ଶାସନ କାଳରେ ତାଙ୍କ ପରି ଏକ ନିର୍ଭିକ ବାଳକର ସାହାସୀକତାର ଅନେକ ଉଦାହରଣ ଆଜି ଇତିହାସ ହୋଇ ଯାଇଛି। ପୃଥିବୀ ତାଙ୍କୁ ତାଙ୍କ ସାହାସିକତା ପାଇଁ ଓ ବଳିଷ୍ଠ ନେତୃତ୍ୱ ପାଇଁ ଚିରଦିନ ମନେ ରଖିବ। ଯେଉଁ ବ୍ରିଟିଶ ଶାସନରେ ସୂର୍ଯ୍ୟ ଅସ୍ତ ହେଉନଥିଲା ସେଇ ଦୁର୍ଦ୍ଦାନ୍ତ ବ୍ରିଟିଶ ଶାସକ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା କ'ଣ ଏତେ ସହଜ କଥା? ଆଜି କଟକବାସୀ ସୁଭାଷ ଚନ୍ଦ୍ର ବୋଷଙ୍କ ଲାଗି ଗର୍ବିତ ଓ କଟକର ପୂଣ୍ୟ ମାଟିରେ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ଜନ୍ମ ହୋଇଛି ଆଉ କଟକ ମାଟି ଆଜିବି ସେଇ ମହାନ ବ୍ୟକ୍ତିଙ୍କ ସ୍ମୃତିଚାରଣ କରୁଛି। ସୁଭାଷ ଚନ୍ଦ୍ର ବୋଷ କଟକର ପୁଅ, ସୁଭାଷ ଜୟନ୍ତୀ ଦିନ ହଜାର ହଜାର ସଂଖ୍ୟାରେ କଟକବାସୀ ସୁଭାଷ ବୋଷଙ୍କୁ ମନେପକାନ୍ତି ଅନେକ ସମାରୋହ ହୁଏ, ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଦିଆହୁଏ ସ୍ମୃତିଚାରଣ ହୁଏ, ତା'ପରେ ସବୁ ନୀରବ। ତାଙ୍କ ଜନ୍ମସ୍ଥାନ ଜାନକୀନାଥ ଭବନ ଅନେକଦିନ ଧରି ଏକ ମାତୃମଙ୍ଗଳ କେନ୍ଦ୍ର ଥିଲା କିନ୍ତୁ ସହରବାସୀ ତଥା ସରକାରଙ୍କ ଆନ୍ତରିକତା ଆଜି ସେଇ ପବିତ୍ର ଗୃହକୁ ଏକ ସଂଗ୍ରହାଳୟରେ ପରିଣତ କରିଛନ୍ତି। ସୁଭାଷ ବୋଷଙ୍କ ଅନେକ ସ୍ମୃତି ଆଜିବି ସେଇଠି ସାଇତା ହୋଇ ରହିଛି। ସୁଭାଷଙ୍କ ଅଭୂତପୂର୍ବ ସାହାସିକତା, ମନୋବଳ ତଥା ଦେଶପ୍ରେମ ଆଜି ଦେଖିବା ବିରଳ, ନିସ୍ୱାର୍ଥପର ଭାବେ ଦେଶକୁ ବ୍ରିଟିଶ ସରକାରଙ୍କ ଠାରୁ ଛଡାଇ ଆଣି ଏକ ସ୍ୱାଧୀନ ଭାରତ / ହିନ୍ଦୁସ୍ଥାନ ଗଢିବା ତାଙ୍କର ସ୍ୱପ୍ନ ଥିଲା। ଆଜାଦହିନ୍ଦ ଫୌଜ ଗଢି ଅନେକ ଦେଶପ୍ରେମୀଙ୍କୁ ସେ ତାଲିମ ଦେଇଥିଲେ। ଜାପାନ ଓ ଜର୍ମାନୀ ସରକାର ସୁବାଷଙ୍କ ସାହାସିକତାକୁ ଉଚ୍ଚ ପ୍ରଶଂସା କରି ସାମରିକ ସହାୟତା ଦେଇଥିଲେ। ଏପରି ଜଣେ ମହାନ ନେତାଙ୍କ ଜନ୍ମ ଏଇ କଟକ ସହରରେ ତେଣୁ କଟକବାସୀ ଖୁବ୍ ଗର୍ବିତ ହେବା ସ୍ୱାଭାବିକ କଥା। କଟକର ଘରେ ଘରେ ନେତାଜୀ ଆଦୃତ କହିଲେ ଅତ୍ୟୁକ୍ତି ହେବନାହିଁ, ତେବେ ନୂତନ ପିଢିଙ୍କୁ ଆମେ ଦେଶପ୍ରେମ ଓ ଦେଶର ସ୍ୱାଧୀନତା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିବା ଯୋଗଜନ୍ମା ମହାପୁରୁଷ, ନେତା, ସଂଗ୍ରାମୀମାନଙ୍କ ବିଷୟରେ ଅଳ୍ପ ବହୁତ ଶିକ୍ଷା ଦେବା ଉଚିତ୍। ଦେଶପ୍ରେମ ଆଉ ଦେଶପାଇଁ ବଳିଦାନ କ'ଣ ? ଆମ ଉତ୍ତର ପିଢ଼ି ଜାଣିବାକୁ ହୁଏତ ଇଚ୍ଛା କରୁନାହାନ୍ତି । ସେ ସମୟରେ ଦେଶପ୍ରେମରେ ଉଦ୍ଭାସିତ ହୋଇ ଆମ ଓଡ଼ିଶାର ଢେଙ୍କାନାଳ ଜିଲ୍ଲାର ବାର ବର୍ଷର ବାଳୁତ ବାଜି ରାଉତ ବ୍ରିଟିଶ ସୈନିକଙ୍କ ଗୁଳିରେ ଦେଶ ପାଇଁ ପ୍ରାଣବଳି ଦେଇଥିଲା, ଏଇ ଜାତି କ'ଣ ଏପରି ଦେଶପ୍ରେମୀମାନଙ୍କୁ କେବେ ଭୁଲି ପାରିବ?



୧୯୪୫ ଅଗଷ୍ଟ ୧୮ ତାରିଖ କେଉଁ ଏକ ଅଶୁଭ ମୁହୂର୍ତ୍ତରେ ତାଇପେଇ ଆକାଶ ଉପରେ ଏକ ଜାପାନୀ ବିମାନରେ ଯାଉଥିବା ସମୟରେ ବିମାନ ଦୁର୍ଘଟଣା ଘଟିଥିଲା, ସେ ଏପରି ଜଣେ ନେତା ଯାହାଙ୍କର ତିରୋଧାନ ଦିବସ ନାହିଁ। କେହି ଜାଣିନାହାନ୍ତି ସେ ଜୀବିତ ନା' ବିମାନ ଦୁର୍ଘଟଣାରେ ମୃତ, ସେ ଯାହାବି ହେଉ ଆଜି ସମସ୍ତଙ୍କ ହୃଦୟରେ ସେ ସଦାଜୀବିତ। ନେତାଜୀଙ୍କ ବିକଳ୍ପ ନାହିଁ। ଓଡ଼ିଶା ଆଜିବି ଗର୍ବିତ ନେତାଜୀଙ୍କ ପାଇଁ, ଓଡିଶା ସରକାରଙ୍କ ସ୍କୁଲ ପାଠ୍ୟକ୍ରମରେ ନେତାଜୀଙ୍କ ସାହାସିକତା, ଦେଶ ପ୍ରେମ ଓ ବଳିଷ୍ଠ ନେତୃତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଆଯାଉଛି। ନେତାଜୀଙ୍କ ଉପରେ ଅନେକ ପ୍ରାମାଣିକ ଚଳଚ୍ଚିତ୍ର କରାଯାଇଛି ଓ ତାଙ୍କ ଜନ୍ମ ଦିନକୁ ଓଡିଶା ସରକାର ସରକାରୀ ଛୁଟି ଘୋଷଣା କରିଛନ୍ତି। ନେତାଜୀଙ୍କ ପରି ବରପୁତ୍ରକୁ ଖାଲି କଟକ, ଓଡ଼ିଶା, ଭାରତ ନୁହେଁ ସାରା ପୃଥିବୀ ମନେ ରଖିଛି।

କଟକ ସହରର ପ୍ରବେଶ ଦ୍ୱାର କଟକ ରେଳ ଷ୍ଟେସନରେ ନେତାଜୀଙ୍କ ପ୍ରତିମୂର୍ତ୍ତି ରହିବା ସହିତ ସବୁ ପ୍ଲାଟଫର୍ମର 'କଟକ' ନାମଫଳକରେ 'ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ' ବୋଲି ଉଲ୍ଲେଖ କରିବାକୁ ତଥା ନେତାଜୀଙ୍କ ନାମରେ ଗୋଟିଏ ଟ୍ରେନ ଚଳାଇବାକୁ ରେଳ ମନ୍ତ୍ରୀଙ୍କୁ ଅନୁରୋଧ। 'ସୁଭାଷ ଏକ୍ସପ୍ରେସ' ବା 'ନେତାଜୀ ଏକ୍ସପ୍ରେସ' ନାମରେ ଓଡ଼ିଶାରୁ ଅନ୍ୟରାଜ୍ୟକୁ ରେଳ ଗାଡିଟିଏ ଚାଲିଲେ ହୁଏତ ଆମେ ନେତାଜୀଙ୍କୁ ଆଉଟିକେ ଭଲଭାବେ ମନେ ରଖିବୁ, ପର୍ଯ୍ୟଟକମାନଙ୍କୁ ନେତାଜୀଙ୍କ ଜନ୍ମସ୍ଥାନ ବିଷୟରେ ଧାରଣା ଦେବା ଆଉ ପର୍ଯ୍ୟଟନ ଶିଳ୍ପ ସହିତ ଜଡିତ ଥିବା ଅନୁଷ୍ଠାନମାନେ ଆଗେଇ ଆସନ୍ତୁ ସାଧାରଣତଃ ପଶ୍ଚିମବଙ୍ଗରୁ ଅନେକ ପର୍ଯ୍ୟଟକ ଓଡିଶା ବୁଲିବାକୁ ଆସନ୍ତି, ତାଙ୍କର ପ୍ରଥମ ଲକ୍ଷ୍ୟ ଜଗନ୍ନାଥ ଧାମ ପୁରୀ ଆସି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ଆଉ ପୁରୀର ବିସ୍ତୀର୍ଣ୍ଣ ବେଳାଭୂମିକୁ ଉପଭୋଗ କରିବା ତା'ଛଡା, କୋଣାର୍କ, ଭୁବନେଶ୍ୱର, ଚିଲିକା, ଭିତର କନିକା, ଦାରିଂବାଡ଼ି ଇତ୍ୟାଦି ଅନେକ ଆକର୍ଷଣର ସ୍ଥାନ ପରିଦର୍ଶନ କରିଥାନ୍ତି। ପର୍ଯ୍ୟଟନ ବିଭାଗ କେବେବି ଏହିସବୁ ପର୍ଯ୍ୟଟନ ସ୍ଥାନ ଭିତରେ କଟକକୁ ଯୋଡି ପାରିନାହିଁ, ଏକହଜାର କୋଡ଼ିଏ ବର୍ଷର କଟକ ଆଉ ତା'ର ଐତିହକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି । ଐତିହାସିକ ବାରବାଟୀ ଦୁର୍ଗ, ନେତାଜୀଙ୍କ ଜନ୍ମସ୍ଥାନ ସହିତ ଅନେକ ପୁରାତନ କୀର୍ତ୍ତିରାଜିର ସମାରୋହ ଏଇ କଟକ ସହରରେ ବିଦ୍ୟମାନ ଓ ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ଆଉ ନେତାଜୀଙ୍କୁ ମଧ୍ୟ ଲୋକ ଲୋଚନକୁ ଆଣିବା ପାଇଁ ଚେଷ୍ଟିତ ହୁଅନ୍ତୁ, ଏହା ହିଁ ଅନୁରୋଧ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆମ ଗର୍ବ ଆମ ଗୌରବ, ଆମେ ବିଶ୍ୱବାସୀଙ୍କୁ ଦେଖାଇଦେବା। ଅଖଣ୍ଡ ସ୍ୱାଧୀନ ଭାରତର ସ୍ୱପ୍ନ ଦେଖୁଥିବା ତଥା ସ୍ୱପ୍ନକୁ ସାକାର କରିବାକୁ ଯାଇ ଜୀବନକୁ ବାଜି ଲଗାଇ ଦେଇଥିବା ନେତାଜୀ ଆମର ଚିରନମସ୍ୟ।

# ଗୁରୁ ହିଁ ଭଗବାନ

ଦେବଦତ୍ତ ବିଶ୍ୱାଳ
ଚହଟା, କଟକ
ମୋ : ୯୮୬୧୯୪୪୫୯୪

ଗୁରୁଙ୍କ ମାଧ୍ୟମରେ କିପରି ଭଗବାନଙ୍କୁ ପ୍ରାପ୍ତ ହେବା ? ଆମ୍ଭମାନଙ୍କର ଛୋଟିଆ ତେଲ ଲୁଣର ସଂସାର ଆଉ ଜୀବନ ଗୁଜୁରାଣ ଭିତର ଏହି ପ୍ରଶ୍ନଟି ପ୍ରାୟତଃ ଅନେକଙ୍କ ଭିତରେ ଉଙ୍କି ମାରିଥାଏ। ସେହିପରି ଅନେକଙ୍କ ଭିତରେ ପ୍ରଶ୍ନ ଉଠେ ଯେ ଭଗବାନଙ୍କ ସାନ୍ନିଧ ପାଇବା ପାଇଁ ଆମ୍ଭମାନଙ୍କୁ ଜ୍ଞାନର କେତେ ଭାବର ଗଭୀରତା ଭିତରକୁ ଯିବାକୁ ପଡ଼ିବ ? ଏହିପରି ଅନେକ ଜଟିଳ ପ୍ରଶ୍ନ ଆମ୍ଭମାନଙ୍କ ଜୀବନକୁ ଆନ୍ଦୋଳିତ କଲାବେଳେ ଆଜିର ଆଧାତ୍ମିକ ଆଲୋଚନାଟି 'ଗୁରୁ ହିଁ ଭଗବାନ' ଶୀର୍ଷକ ଉପରେ ଛୋଟିଆ ଆଲୋଚନାଟି ରଖୁଛି।

ଆମ୍ଭମାନଙ୍କ ନିତିଦିନିଆ ଜୀବନରେ ଗୁରୁତ୍ୱପୂର୍ଣ୍ଣ ପ୍ରେରଣା ଓ ଭଗବତ୍ ଶକ୍ତି ଯୋଗାଉଥିବା ଶ୍ରୀମଦ୍ ଭଗବଦ୍ ଗୀତାରେ କୁହାଯାଇଛି କେହି ତାଙ୍କୁ ଜୟ କରିପାରିବେ ନାହିଁ କି କେହି ତାଙ୍କ ପାଖରେ ପହଞ୍ଚିପାରିବେ ନାହିଁ। କିନ୍ତୁ ତାଙ୍କୁ ଜୟ କରିହେବ। ଏହା କିପରି ସମ୍ଭବ? ଇନ୍ଦ୍ରିୟପ୍ରାପ୍ତ ଜ୍ଞାନ ବଳରେ ମାନସିକ କଳ୍ପନା କରିବା କିମ୍ବା ବଡ଼ ବଡ଼ ପୁସ୍ତକ ଲେଖିବା ସମ୍ଭବ। ମାତ୍ର ପରମ ପୁରୁଷ ଭଗବାନଙ୍କୁ ଜାଣିବା ମୂଢ଼ତା। ଗବେଷଣା ଛାଡ଼ିଦିଅ, ସବୁ ଫୋପାଡ଼ି ଦିଅ, ବିନୟୀ ହୁଅ। ଏ କଥା ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଆମର ଶକ୍ତି ସୀମିତ ଏବଂ ଆମେ ଭଗବାନଙ୍କ ଅଧୀନ। କେହି ଭଗବାନଙ୍କ ସହ ସମାନ ହୋଇପାରିବେ ନାହିଁ କିମ୍ବା ତାଙ୍କ ଠାରୁ ବଡ଼ ହୋଇପାରିବେ ନାହିଁ। ତେଣୁ ବିନୟୀ ହେବା। ଉପଯୁକ୍ତ ଅଧିକାରୀ ହୁଅନ୍ତୁ ବା ପରମ ପୁରୁଷ ଭଗବାନ, ସେମାନଙ୍କର ଦିବ୍ୟ ଗୁଣ ଓ ଗୌରବମାନ ଶ୍ରବଣ କରିବା। ଅର୍ଜୁନଙ୍କ ଭଳି ଭଗବାନଙ୍କୁ ବୁଝା ବିଶିଷ୍ଟ ଆଚାର୍ଯ୍ୟଗଣ ଯେଉଁ ପଥମାନ ଦେଖାଇଯାଇଛନ୍ତି, ତାହା ଅନୁସରଣ କରିବା। ତା'ହେଲେ ଆମ୍ଭେମାନେ ସବୁ କିଛି ଜାଣିପାରିବା ଯେ ଭଗବାନ ସର୍ବ କାରଣର କାରଣ। ଦିବ୍ୟ ଜ୍ଞାନ ପ୍ରାପ୍ତି ପାଇଁ ଭଗବାନଙ୍କର ଶରଣ ନିଅ। ଯିଏ ପ୍ରକୃତ ଜ୍ଞାନର ଅଧିକାରୀ, ତାଙ୍କ ମାଧ୍ୟମରେ ଭଗବାନଙ୍କୁ ଜାଣିବା। ଏପରି ଜଣେ ଅଧିକାରୀଙ୍କୁ ବାଛିବା ଯିଏ ପ୍ରକୃତ ଗୁରୁ ଏବଂ ଯାହାଙ୍କୁ ପରମ ତତ୍ତ୍ୱ ଜଣା। ଯଦି ଏ ପ୍ରକାର ଆଚାର୍ଯ୍ୟଙ୍କୁ ପାଇବା ତାଙ୍କର ସେବା କରିବା ଏବଂ ତାଙ୍କରି ଶରଣରେ ରହିବା ଅର୍ଥ ଭଗବାନଙ୍କ ଶରଣାଧୀନ ହେବା।

ଆମ୍ଭେମାନେ ଭୁଲିଯିବା ଅନୁଚିତ ଯେ ଆମ୍ଭମାନଙ୍କ ସାମ୍ନାରେ ଅନନ୍ତ ଆକାଶ ନିଜର କର୍ମ, ନିଜର ନିଷ୍ପତ୍ତି ଓ ତାହାରି ଉପରେ ଆଧାରିତ ଫଳାଫଳ ପାଇଁ ନିଜକୁ ହିଁ ଦାୟୀ କରିବା। ବିପଦ ସାମ୍ନାରେ ଛିଡ଼ା ହୋଇ କଠିନ ପରିସ୍ଥିତିର ଆଲିଙ୍ଗନରେ ଅଣନିଶ୍ୱାସୀ ନହୋଇ ଆନନ୍ଦ ଉଚ୍ଛସିତ ବିଜୟର ନିଆରା ଅନୁଭୂତି ଅନୁଭବ କରିବା। ବିଷାଦ ଓ ଚିନ୍ତାର ସମୟ ନଷ୍ଟ କରି ତୁରନ୍ତ ସତକର୍ମରେ ମନ ନିବେଶ କରିବା ଓ ସଠିକ ଭାବରେ ଜୀବନ ନିର୍ବାହ କରିବା। ଜୀବନର ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିକୁ ଆମ୍ଭେମାନେ ମୁକାବିଲା କରିପାରିବା। କୁରୁକ୍ଷେତ୍ର ରଣାଙ୍ଗନରେ ବିଷାଦ ଗ୍ରସ୍ତ ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ ବୁଝାଇବାକୁ ଯାଇ କହିଥିଲେ 'କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ' ... 'ନୈତକ୍ୱୋତ୍ତିଷ୍ଠ ପରନ୍ତପ।'

# ହୀରାଖଣ୍ଡର ହୀରା ବୀରସୁରେନ୍ଦ୍ର ସାଏ



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ:୯୯୩୭୬୯୧୪୭୫

ଇତିହାସ ପୃଷ୍ଠାରେ ଆମ ଦେଶ ଜାତି ପାଇଁ ସଂଗ୍ରାମ କରିଥିବା ବହୁ ବୀର ପୁରୁଷଙ୍କ ବୀରତ୍ୱର ଗାରିମା ଦେଖିବାକୁ ପାଉ। ଭାରତମାତାର ବୀର ସଂଗ୍ରାମୀମାନଙ୍କ ଦେଶପ୍ରେମ, ବୀରତ୍ୱଯୋଗୁଁ ଗର୍ବିତ ଓ ଗୌରବାନ୍ୱିତ। ପୃଥ୍ୱୀରାଜ, ମିବାରର ରାଣା ପ୍ରତାପ, ମରହଟ୍ଟା ବୀର ଛତ୍ରପତି ଶିବାଜୀ, ବକ୍ସି ଜଗବନ୍ଧୁଙ୍କ ସଂଗ୍ରାମର ଯେଉଁ ଦେଶପ୍ରେମ ଧାରାରେ ପ୍ଲାବିତ, ବୀରତ୍ୱ ଯେଉଁ ଜାତିର ସ୍ୱାଭିମାନର ପ୍ରତୀକ। ସେହି ଜାତିର ପ୍ରଥମ ଜନଜାଗରଣ ସିପାହୀ ବିଦ୍ରୋହର ନାୟକ ମଙ୍ଗଳ ପାଣ୍ଡେ, ଝାନ୍‌ସୀରାଣୀ ଲକ୍ଷ୍ମୀବାଈ, ନାନା ସାହେବ, ତାନ୍ତିଆଟୋପେ, ଅଯୋଧ୍ୟାର ବେଗମ୍, ପୁରୀର ଚନ୍ଦନ ହଜୁରୀ ଓ ହୀରାଖଣ୍ଡ ସାମ୍ରାଜ୍ୟ (ସମ୍ବଲପୁର ରାଜ୍ୟ)ର ହୀରୋ ମହାନ୍ ସଂଗ୍ରାମୀ, ବୀର, ବିପ୍ଳବୀ, ଦେଶପ୍ରେମୀ, ଚୌହାଣ ପରମ୍ପରାର ପ୍ରତୀକ ସମଲେଶ୍ୱରୀ ଧର୍ମସିଂହଙ୍କ ପୁତ୍ର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଏହି ଜନ୍ମମାଟିକୁ ବିଦେଶୀ କବଳରୁ ମୁକ୍ତ କରିବାର ସଂକଳ୍ପକୁ ଋଦ୍ଧିମନ୍ତ କରିଛି।

ସମ୍ବଲପୁର ରାଜ୍ୟ ତଥା ଐତିହ୍ୟପୂର୍ଣ୍ଣ ଚୌହାନ୍‌ରାଜତ୍ୱ ଖ୍ରୀ: ୧୫୫୨ରେ ନରସିଂହ ଦେବଙ୍କ ସାନଭାଇ ରାଜା ବଳରାମ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ବଳରାମ ଦେବଙ୍କ ପରେ ହ୍ରିଦେ ନାରାୟଣ ଦେବ, ବଳଭଦ୍ର ଦେବ, ମଧୁକର ସାଏ, ବଳୀୟାର ସିଂହ ଓ ଚୌହାଣ ବଂଶର ଶେଷରାଜା ମହାରାଜ ଛତ୍ର ସାଏ। ଚୌହାଣ ରାଜାମାନେ ୨୭୫ ବର୍ଷ ସମ୍ବଲପୁର ରାଜ୍ୟ ଶାସନ କରିଥିଲେ। ମଧୁକର ସାଏଙ୍କ ଛଅରାଣୀ ଏବଂ ପାଞ୍ଚ ପୁତ୍ର ଥିଲେ। ପ୍ରଥମ ପୁତ୍ର ବଳୀୟାର ସିଂହ ଅନ୍ୟମାନେ ହେଲେ ଅନିରୁଦ୍ଧ ସାଏ, ମଦନ ଗୋପାଳ, ବଂଶୀ ଗୋପାଳ ଓ ଅନନ୍ତ ସାଏ (କୃଷ୍ଣସିଂହ)। ମଧୁକର ସାଏ ବାନପ୍ରସ୍ଥ ଯିବାରୁ ଜ୍ୟେଷ୍ଠପୁତ୍ର ବଳୀୟାର ସିଂହ ସିଂହାସନ ଆରୋହଣ କଲେ। ରାଜା ବଳୀୟାର ସିଂହ ଅଠରଗଡ କରାୟତ କରି ହୀରାଖଣ୍ଡର ଛତ୍ରପତି ଉପାଧିରେ ଭୂଷିତ ହେଲେ।

ଅନିରୁଦ୍ଧ ସାଏ ସମ୍ବଲପୁର ରାଜା ମଧୁକର ସାଏଙ୍କ ଠାରୁ ଖିଣ୍ଡା ଓ ରାଜପୁର ଅଞ୍ଚଳ ପାଇଥିଲେ ମଧ୍ୟ ସମ୍ବଲପୁରରେ ରହୁଥିଲେ। ଅନିରୁଦ୍ଧ ସାଏଙ୍କ ପାଞ୍ଚ ପୁତ୍ର ଥିଲେ। ସେମାନେ ହେଲେ ରାମସିଂ, ଜଗନ୍ନାଥ ସିଂହ, ମଧୁସିଂହ, ଯଦୁସିଂହ ଓ ଅରୂପ ସିଂହ। ଅନିରୁଦ୍ଧ ସାଏଙ୍କ ତୃତୀୟ ପୁତ୍ର ମଧୁ(ମାଧବ) ସିଂହ ଖିଣ୍ଡା ଓ ରାଜପୁର ପ୍ରଗଣା ଦାୟିତ୍ୱ ବୁଝାସୁଝା କରୁଥିଲେ ମଧ୍ୟ ଅନିରୁଦ୍ଧଙ୍କ ବଂଶଧରମାନେ ସମ୍ବଲପୁର ପ୍ରାସାଦରେ ବସବାସ କରୁଥିଲେ। ମଧୁସିଂହଙ୍କର ତିନିପୁଅ, ସେମାନେ ହେଲେ ବାଲା ସିଂହ, ନରହରି ସିଂହ ଓ ଦିବ୍ୟସିଂହ। ଦିବ୍ୟସିଂହ (ଦ୍ରିପ୍ ସିଂହ)ଙ୍କର ତିନୋଟି ପୁତ୍ର ଥିଲେ। ସେମାନେ ହେଲେ ତେଜସିଂହ, କଲ୍ୟାଣ ସିଂହ ଓ ଗୁମାନ ସିଂହ, ତେଜସିଂହଙ୍କ ସମୟରେ ତାଙ୍କ ପରିବାର ଖିଣ୍ଡାକୁ ସ୍ଥାନାନ୍ତରିତ ହୋଇଥିଲେ। ତେଜସିଂହଙ୍କ ପାଞ୍ଚ ପୁଅଥିଲେ, ସେମାନେ ହେଲେ ଜରାବର, ମନୋହର, ବଳରାମ, ଅମରସିଂହ ଓ ଧର୍ମସିଂହ। ମନୋହର ସିଂହ ପ୍ରେମଜନିତ ଘଟଣାରୁ ନିହତ ହେଲେ। ଜରାବର, ବଳରାମ ଓ ଅମରସିଂହଙ୍କର ସନ୍ତାନସନ୍ତତି ନଥିବାରୁ ଧର୍ମସିଂହଙ୍କ ପ୍ରତି ଖିଣ୍ଡା ପରିବାରର ସ୍ନେହ ଓ ସଦିଚ୍ଛା ରହିଥିଲେ। ଅନିରୁଦ୍ଧ ସାଏଙ୍କ ଦ୍ୱିତୀୟ ପୁତ୍ର ଜଗନ୍ନାଥ ସିଂହଙ୍କ ଦୁଇପୁଅ ହେଲେ କୀର୍ତି ଓ ପୃଥ୍ୱୀ। ପୃଥ୍ୱୀଙ୍କ ତିନୋଟି ପୁଅ ଥିଲେ। ସେମାନେ ହେଲେ ରାଜ ସିଂହ, ସୁବଳ ସିଂହ ଓ ଅଜିତ ସିଂହ। ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ଖିଣ୍ଡା ବଂଶୀୟମାନେ ଥିଲେ ବିଶେଷ ପ୍ରଭାବଶାଳୀ।

ଧର୍ମସିଂହ ୧୮୦୦ ଖ୍ରୀ:ରେ ଦରଗାଁ ଜମିଦାରଙ୍କ କନ୍ୟା ରେବତୀ ଦେବୀଙ୍କୁ ବିବାହ କରିଥିଲେ। ଧର୍ମସିଂହଙ୍କ ଔରସରୁ ଓ ରେବତୀ ଦେବୀଙ୍କ ଗର୍ଭରୁ ୧୮୦୯ ଖ୍ରୀଷ୍ଟାବ୍ଦ ଜାନୁଆରି ୨୩ ତାରିଖ ଦିନ ବୀର ସୁରେନ୍ଦ୍ର ସାଏ ଜନ୍ମଗ୍ରହଣ କରିଥିଲେ। ସୁରେନ୍ଦ୍ର ସାଏଙ୍କ ଛଅଗୋଟି ଭାଇ ଓ ଗୋଟିଏ ଭଉଣୀ ଥିଲେ। ସେମାନେ ହେଲେ ଉଦନ୍ତ ସାଏ, ଧ୍ରୁବସାଏ, ଉଜ୍ଜ୍ୱଳ ସାଏ, ଛବିଳ ସାଏ, ଜାଜ୍ୱଳ ସାଏ, ମେଦିନୀ ସାଏ, ଭଉଣୀ ଅଞ୍ଜନା।

ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ପ୍ରଭାବଶାଳୀ ଦେୱାନ୍ ଆକବର ରାୟ ରାଜସୂପକାରଙ୍କୁ ହାତକରି ଖାଦ୍ୟରେ ବିଷ ଦେଇ ରାଜା ଅଜିତ୍ ସିଂହ ଓ ରାଜପୁତ୍ର ପ୍ରଦ୍ୟୁମ୍ନ ସିଂହଙ୍କୁ ହତ୍ୟା କରିଥିଲେ।



ଅଜିତସିଂହଙ୍କ ରାଣୀ 'ରାମ ଖୁଆସିନା'ଙ୍କୁ ହତ୍ୟା କରାଗଲା। ଖିଣ୍ଡା ବଂଶୀୟମାନେ ଆକବର ରାୟଙ୍କ ବିପକ୍ଷରେ ଅସ୍ତ୍ରଧାରଣ କରି ଥିଲେ। ସମ୍ବଲପୁର ରାଜଦରବାରର ଶେଷ ଚୌହାଣ ରାଜା ସାଏଙ୍କ ୧୮୨୭ ସ୍ୱର୍ଗାରୋହଣ ପରେ ରାଣୀ ମୋହନ କୁମାରୀ ଗାଦୀସୀନ ହେଲେ। ଖିଣ୍ଡା ପରିବାରର ପ୍ରଭାବଶାଳୀ, ସ୍ୱାଧୀନଚେତା ଓ ବିଚକ୍ଷଣ ବ୍ୟକ୍ତିତ୍ୱ ବଳରାମ ସାଏ ଦେବାନ ପଦରେ ନିଯୁକ୍ତ ହେଲେ। ଇଂରେଜମାନେ କୌଶଳକ୍ରମେ ବଳରାମ ସାଏଙ୍କୁ ଦେବାନ ପଦବୀରୁ ହଟାଇ ରାଜ୍ୟ ଶାସନ କଲେ। ୧୯୨୭ ରୁ ୧୮୩୩ ପର୍ଯ୍ୟନ୍ତ ରାଣୀମୋହନ କୁମାରୀଙ୍କ ନାମରେ ଶାସନ କାର୍ଯ୍ୟ ପରିଚାଳନା କଲେ। ଏହି ସମୟରେ ପିତୃବ୍ୟ ବଳରାମ ସାଏ ନିଜ ପୁତୁରା ସୁରେନ୍ଦ୍ର ସାଏଙ୍କ ପାଇଁ ଏକ ଭିତିଭୂମି ପ୍ରତିଷ୍ଠା କଲେ। ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଥମେ ଲଖନପୁରର ଜମିଦାର ବଳଭଦ୍ର ସିଂହଦାଓ ଆନ୍ଦୋଳନ ଆରମ୍ଭ କରିଦେଲେ ଓ ଏହାର ନେତୃତ୍ୱ ନେବାପାଇଁ ସୁରେନ୍ଦ୍ରସାଏଙ୍କୁ ପ୍ରବର୍ତ୍ତାଇଥିଲେ।

ସୁରେନ୍ଦ୍ରସାଏ ତତ୍କାଳୀନ ଛୋଟାନାଗପୁର ଅଧୀନରେ ଥିବା ହାତୀବାରି ଜମିଦାରଙ୍କ କନ୍ୟା ସୁବର୍ଣ୍ଣ କୁମାରୀଙ୍କୁ ବିବାହ କରିଥିଲେ। ୧୮୩୯ ଖ୍ରୀ:ରେ ସୁରେନ୍ଦ୍ର ସାଏଙ୍କର ଏକ ପୁତ୍ର ଜନ୍ମ ହୋଇଥିଲା ତା'ର ନାମ ମିତ୍ରଭାନୁ ସାଏ, ପରେ ଏକ କନ୍ୟା ଜନ୍ମ ହୋଇଥିଲା ଏବଂ ତାଙ୍କ ଭଉଣୀଙ୍କ ପରି ଅବିବାହିତ ଥିଲା। ସୁରେନ୍ଦ୍ରସାଏଙ୍କ ସହଧର୍ମିଣୀ ସୁବର୍ଣ୍ଣ କୁମାରୀ ଜଣେ ଧର୍ମପରାୟଣ, ଆଦର୍ଶ, ଦୟାଳୁ ଓ ସ୍ନେହମୟୀ କ୍ଷତ୍ରିୟ ଗୃହିଣୀ ଥିଲେ। ସେ ସୁରେନ୍ଦ୍ରଙ୍କୁ ସାହାସୀ, ଧୈର୍ଯ୍ୟବାନ, ନିର୍ଭୀକ, ସଂଗ୍ରାମୀ ଓ ସ୍ୱାଧିନଚେତା ହେବା ପାଇଁ ପ୍ରେରଣା ଦେଉଥିଲେ।

ଇଂରେଜମାନେ ରାଣୀ ମୋହନ କୁମାରୀଙ୍କୁ ପେନ୍‌ସନ୍ ଦେଇ ପ୍ରଥମେ କଟକ ଓ ପରେ ଖୋର୍ଦ୍ଧାକୁ ପଠାଇଥିଲେ। ଏହାପରେ ନାରାୟଣ ସିଂହ ନାମକ ଜଣେ ବିବାଦୀୟ ବ୍ୟକ୍ତିଙ୍କୁ ସମ୍ବଲପୁର ରାଜଗାଦିରେ ବସାଇ ଶାସନ କାର୍ଯ୍ୟ ଚଳାଇଲେ, ଫଳରେ ବିପ୍ଳବର ବହ୍ନି ତେଜିଉଠିଲା। ଖିଣ୍ଡାବଂଶୀୟ ବଳରାମ ସାଏଙ୍କ ପରାମର୍ଶରେ ଓ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ରାଜ୍ୟରେ ଆନ୍ଦୋଳନ ଆରମ୍ଭ ହେଲା। ବାରପାହାଡର ଡେବୀରଗଡ ଦୁର୍ଗ, ବାରବଖରା, ମଉଲା-ଭଣଜ୍ଞା, ଝରଘାଟୀ, ମୁଣ୍ଡେଇଘାଟୀ, ପପଙ୍ଗା ପାହାଡ, ସିଂଘୋଡା ଘାଟି ଇତ୍ୟାଦି ବିଭିନ୍ନ ସ୍ଥାନର ଜମିଦାର, ଗୌନ୍ତିଆମାନେ ଓ ବିଦ୍ରୋହୀ ନେତାମାନଙ୍କ ନେତୃତ୍ୱରେ ଆଦିବାସୀ ସୈନ୍ୟମାନେ ପାରମ୍ପରିକ ଆସ୍ତ୍ରଶସ୍ତ୍ର ଧରି ସୁରେନ୍ଦ୍ରଙ୍କ ସପକ୍ଷରେ ରହିଲେ। ୧୮୩୭ରେ ବାରପାହାଡ ଗିରିଗୁମ୍ଫାରେ ବିଶ୍ରାମରତ ଥିବାବେଳେ, ଇଂରେଜସୈନ୍ୟ, ନାରାୟଣ ସିଂହଙ୍କ ସୈନ୍ୟ ଓ ରାମପୁର ଜମିଦାର ସୁରେନ୍ଦ୍ରଙ୍କ ଉପରେ ଆକ୍ରମଣ କଲେ। ଏହି ଯୁଦ୍ଧ ପାଇଁ ସୁରେନ୍ଦ୍ର ପ୍ରସ୍ତୁତ ନଥିଲେ। ବଳଭଦ୍ର ସିଂହଦାଓ ନିହତହେଲେ ଓ ସୁରେନ୍ଦ୍ର ଆହତ ଅବସ୍ଥାରେ ପଳାୟନ କଲେ। ବୀର ସୁରେନ୍ଦ୍ରସାଏ ୧୮୪୦ରେ ରାମପୁର ରାଜବାଟୀ ଆକ୍ରମଣ କରି ଜମିଦାର ଓ ତାଙ୍କ ପୁତ୍ରଙ୍କୁ ହତ୍ୟା କରି ରାଜବାଟି ସମ୍ପୂର୍ଣ୍ଣ ଧ୍ୱଂସ କରିଥିଲେ। ଏହାପରେ ସୁରେନ୍ଦ୍ରଙ୍କର ସାହସ ଓ ଶକ୍ତି ବୃଦ୍ଧି ପାଇଥିଲା। ରାମପୁରଗଡ଼ ବିଜୟକରି ସୁରେନ୍ଦ୍ରସାଏ ବିପ୍ଳବୀ ସୈନ୍ୟ, ବଳରାମସାଏ ଓ ଭାଇ ଉଦନ୍ତ ସାଏଙ୍କୁ ଧରି ସମ୍ବଲପୁର ସହର ନିକଟ ଦେଇ ଯିବାସମୟରେ ମେଜର ଓସ୍‌ଲେ ସୁଦକ୍ଷ ଇଂରେଜ ସୈନ୍ୟବାହିନୀ ସହିତ ଦେହେରୀ ପାଲି ନିକଟସ୍ଥ ବୁଢ଼ାରଜା ପାହାଡ ନିକଟରେ ସୁରେନ୍ଦ୍ରଙ୍କୁ ଆକ୍ରମଣକଲେ। ଏହି ଯୁଦ୍ଧରେ ମେଜର ଓସ୍‌ଲେ ସୁରେନ୍ଦ୍ର ସାଏ, ପିତୃବ୍ୟ ବଳରାମ ସାଏ ଓ ଭାଇ ଉଦନ୍ତ ସାଏଙ୍କୁ ବନ୍ଦୀକଲେ। ଦଣ୍ଡ ସ୍ୱରୂପ ଆଜୀବନ ବନ୍ଦୀ ଭାବରେ ହଜାରିବାଗ ଜେଲରେ ରହିଲେ।

୧୯୪୯ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ୧୦ ତାରିଖରେ ରାଜା ନାରଣସିଂହଙ୍କ ମୃତ୍ୟୁହେଲା। ରାଣୀ 'ମୁଖ୍ୟପାନଦେବୀ' ଖୁବ୍ ଅଳ୍ପ ସମୟ ଶାସନକରିଥିଲେ। ରାଜ୍ୟସ୍ୱତ୍ୱ ଲୋପନୀତି ଅନୁସାରେ ସମ୍ବଲପୁର ରାଜ୍ୟ ଶାସନ ଇଂରେଜମାନଙ୍କ ହାତକୁ ଚାଲିଯାଇଥିଲା। ରାଜକନ୍ୟା ଆଶାକୁମାରୀଙ୍କୁ କଳାହାଣ୍ଡି ରାଜପୁତ୍ର ସହ ବିବାହ ଇଂରେଜ କର୍ତୃପକ୍ଷ କରାଇଥିଲେ। ୧୮୫୭ ମସିହାରେ ସିପାହୀ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହେଲା। ୧୮୫୭ ଜୁଲାଇ ୩୦ଦିନ ବିଦ୍ରୋହୀ ମାନେ ହଜାରିବାଗ ଜେଲଭାଙ୍ଗି ଦେଲେ। ୧୮୫୭ ମସିହା ଜୁଲାଇ ୩୧ ତାରିଖରେ ସୁରେନ୍ଦ୍ରସାଏ ଓ ତା'ର ଭାଇ ଉଦନ୍ତ ସାଏ ଜେଲ୍‌ରୁ ମୁକ୍ତ ହେଲେ, କିନ୍ତୁ ପିତୃବ୍ୟଙ୍କର ମୃତ୍ୟୁ ହୋଇସାରିଥିଲା।

ସୁରେନ୍ଦ୍ର ସାଏ ନିଜ ଜନ୍ମଭୂମିରେ ପହଞ୍ଚିବା ପରେ ସେମାନଙ୍କୁ ହଜାର ହଜାର ଲୋକ ସମର୍ଥନ ଜଣାଇଥିଲେ। ସୁରେନ୍ଦ୍ର ଇଂରେଜମାନଙ୍କୁ ମୁକାବିଲା କରିବା ପାଇଁ ଗରିଲା ରଣନୀତି ଆପଣାଇଥିଲେ। ଘଞ୍ଚବନାନୀ, ଗିରିଶୃଙ୍ଗକୁ ବିପ୍ଳବୀମାନେ ଆଶ୍ରୟସ୍ଥଳୀ ଭାବେ ବାଛି ନେଇଥିଲେ। ସୁରେନ୍ଦ୍ର ସାଏଙ୍କୁ ଶତଚେଷ୍ଟା ସତ୍ତ୍ୱେ ଇଂରେଜମାନେ ଧରିପାରି ନଥିଲେ। ସୁରେନ୍ଦ୍ର ସାଏ, ଗୋବିନ୍ଦ ସିଂହ ଓ କୁଞ୍ଜଲ ସିଂହଙ୍କୁ ଧରାଇଦେଲେ ଯଥାକ୍ରମେ ଏକ ହଜାର ଟଙ୍କା, ୫ଶହ ଟଙ୍କା ଓ ୨୫୦ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ମାତ୍ର କିଛି ଫଳ ହେଲାନାହିଁ। ଚକ୍ରାନ୍ତକାରୀଙ୍କ ଚକ୍ରାନ୍ତ, ଛଳନା ଓ ଚରମ ବିଶ୍ୱାସଘାତକତାର ଶିକାରହେଲେ ବୀରସୁରେନ୍ଦ୍ର ସାଏ। ଇଂରେଜ ଶାସକ ଇମ୍ପେଙ୍କ ଉଦାରନୀତି ଯୋଗୁଁ ବିଦ୍ରୋହୀମାନଙ୍କୁ ଆତ୍ମ ସମର୍ପଣ କରିବାର ସୁଯୋଗ ମିଳିଥିଲା। ୧୮୬୨ ମସିହା ମଇ ୧୬ ତାରିଖରେ ସୁରେନ୍ଦ୍ରସାଏ ତାଙ୍କର ଘନିଷ୍ଠ ସହକର୍ମୀ ଗଜରାଜ ସିଂ ଓ ଖଗେଶ୍ୱର ସିଂହଦାଓଙ୍କ ସହିତ ମେଜର ଇମ୍ପେଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ଇଂଲଣ୍ଡ ରାଣୀଙ୍କ ପକ୍ଷରୁ ଲଣ୍ଡନର ଇଣ୍ଡିଆ ଅଫିସ୍‌ରୁ ତା୧୭.୦୨.୧୮୬୩ ପତ୍ରାଙ୍କ ୧୧ ଅନୁସାରେ ସୁରେନ୍ଦ୍ର ସାଏଙ୍କୁ କ୍ଷମାପ୍ରଦାନ କରି ବଡଲାଟ ମଞ୍ଜୁର କରିଥିବା ବୃତିକୁ ଶେଷ ମଞ୍ଜୁରୀ ଦେଇଥିଲେ। ୧୮୬୪ରେ ଜେ.ଏସ୍ କେମ୍ପବେଲ୍ ସୁରେନ୍ଦ୍ର ଓ ସାଥୀମାନଙ୍କୁ ସମ୍ପୂର୍ଣ୍ଣ ମୁକ୍ତ କରିବାକୁ ରାୟପ୍ରକାଶ କରିଥିଲେ।

୧୮୧୮ ଆଇନର ଅଧିନନିୟମ ୩ ଅନ୍ତର୍ଗତ 'ଭାରତ ରକ୍ଷା ଆଇନ' ବଳରେ ମଧ୍ୟପ୍ରଦେଶ ଚିଫ୍ କମିଶନର ସାର୍ ରିଚାର୍ଡ ଟେମ୍ପଲ୍ ସୁରେନ୍ଦ୍ର ସାଏ ଓ ଅନ୍ୟ ୬ ଜଣ ବିଦ୍ରୋହୀଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଲେ। ନିର୍ଦ୍ଦୋଷମାନଙ୍କୁ ଦଣ୍ଡଦେଇ ଇଂରେଜ କର୍ତ୍ତୃପକ୍ଷ ଦୟାନିଧି ମେହେର ଓ ମୋହନ ସିଂହଙ୍କୁ ସୁରେନ୍ଦ୍ର ସାଏଙ୍କ ବିରୋଧରେ ଭଲ କାର୍ଯ୍ୟ କରିଥିବାରୁ ପୁରସ୍କୃତ କରିଥିଲେ। ୧୮୬୫ରେ ସୁରେନ୍ଦ୍ର ସାଏଙ୍କୁ ଅସୁରଗଡ ଗିରିଦୁର୍ଗରେ ବନ୍ଦୀ କରାଯାଇଥିଲା। ୧୮୮୪ ଫେବୃଆରୀ ୨୪ ତାରିଖରେ ଅସୁରଗଡ଼ ଦୁର୍ଗରେ ହିଁ ଏହି ମହାନ ବୀରଙ୍କ ଜୀବନ ଦୀପ ଲିଭିଯାଇଥିଲା। ଏହି ମହାନ୍ ବୀର ପୁରୁଷ ଓ ତାଙ୍କର ସହଯୋଗୀମାନେ ସମ୍ବଲପୁର ସମେତ ସାରା ଦେଶରେ ଯୁଗ ଯୁଗ ଧରି ଅମର ରହିବେ।



କୁକୁଡାଖଣ୍ଡି, (ଭାସ୍କର ନ୍ୟୁଜ୍): କୁକୁଡାଖଣ୍ଡି ବ୍ଲକ୍ କନଫରେନ୍ସ ହଲ୍ ପରିସରରେ ବୁଧବାର ମଧ୍ୟାହ୍ନ ସମୟରେ ବ୍ଲକ୍ ସ୍ତରୀୟ ବୈଷୟିକ ଶିକ୍ଷା ଓ ନିଯୁକ୍ତି ଭିତ୍ତିକ ଦକ୍ଷତା ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଓଏଲ୍ଏମ୍ ବିଭାଗର ସଞ୍ଜୁ ସାହୁଙ୍କ ସଂଯୋଜନା କରିଥିବା ବେଳେ ଏଥିରେ ଅତିଥି ରୂପେ କୁକୁଡାଖଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ପଲ୍ଲବୀ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ଡି.ଏସ୍.ଡି.ଇ.ଓ ଗୁପ୍ତ ମାଢ଼ି, ଏଟିଓ ସରକାରୀ ଆଇଟିଆଇ ପୁରୁଷୋତ୍ତମପୁର ରାଜଲକ୍ଷ୍ମୀ ରାଉତରାୟ ପ୍ରମୁଖ ମଞ୍ଚାସିନ ରହିଥିଲେ। ଏହି କାର୍ଯ୍ୟକ୍ରମ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଥିବା ନେଇ ସାହୁ କହିଛନ୍ତି। ଏହି କାର୍ଯ୍ୟେକ୍ରମରେ ଶିକ୍ଷିତ ବେକାର ଛାତ୍ରଛାତ୍ରୀମାନେ କିପରି ସିଲେଇ ଶିକ୍ଷା ଓ ଆଇଟିଆଇ କିମ୍ବା ଡିପ୍ଲୋମାର ବିଭିନ୍ନ ଟ୍ରେଡ୍‌ରେ ଆଗାମୀ ଦିନରେ ନିଯୁକ୍ତି ପାଇପାରିବେ ସେ ସମ୍ପର୍କରେ ନିଜନିଜର ମନ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀମାନେ କିପରି ମାଗଣା ତାଲିମ୍ ପାଇଁ ନିଯୁକ୍ତି ପାଇପାରିବେ ସେ ସମ୍ପର୍କରେ ମାଡି ନିଜର ମନ୍ତବ୍ୟ ରଖିଥିଲେ। ବ୍ଲକର ୨୨ଟି ପଞ୍ଚାୟତର ଏମ୍.ବି.କେ ଓ ସି.ଆର୍.ପି ଙ୍କ ନେତୃତ୍ୱରେ ପ୍ରତି ସରକାରୀ ବିଦ୍ୟାଳୟରୁ ୧୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ମେଳାରେ ଅଂଶଗ୍ରହଣ କରି ନିଜ ନାମ ପଞ୍ଜିକୃତ କରିଥିଲେ। ଏଥିରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିବା ଦେଖିବାକୁ ମିଳିଛି। ଏଥିରେ ପ୍ରତି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହ ଏମ୍.ବି.କେ, ସି.ଆର.ପି ଉପସ୍ଥିତ ଥିଲେ।

# ଇଣ୍ଡଷ୍ଟ୍ରିଆଲ୍ ପାର୍କ ପରିଦର୍ଶନ କଲେ ଜିଲ୍ଲାପାଳ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ବୁଧବାର ଅଚାନକ ଲକ୍ଷ୍ମୀପୁର ଗସ୍ତ କରି ଲକ୍ଷ୍ମୀପୁର ଆଇଟିଆଇ କଲେଜ ପାଖରେ ନିର୍ମିତ ହେଉଥିବା ଇଣ୍ଡଷ୍ଟ୍ରିଆଲ୍ ପାର୍କ ପରିଦର୍ଶନ କରିଛନ୍ତି। ଏହି ଗସ୍ତ ସମୟରେ ସେ ତୁରନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେଠାରୁ ବାହାରି ଜିଲ୍ଲାପାଳ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡ.ନବକିଶୋର କୁଣ୍ଡୁଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା ମଧ୍ୟ କରିଥିଲେ ଏବଂ ପରେ ପରେ ବ୍ଲକ୍ କାର୍ଯ୍ୟାଳୟରେ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଆବାସ ଯୋଜନା ଓ ଏନ୍‌ଆରଇଜିଏ କାମଗୁଡ଼ିକ ତୁରନ୍ତ ସାରିବାକୁ କହିଥିଲେ। ପରେ ଗୌଡ଼ଗୁଡା ପଞ୍ଚାୟତ ଅନ୍ତର୍ଗତ ତଳ ମିଟିଙ୍ଗ ଗ୍ରାମ ପାଖେ ଥିବା ୱାଟରଫଲ୍ ବୁଲି ଦେଖିବାକୁ ଜାଇ ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଏକ କୋଟି ବେୟରେ ଦରକାର ଥିବା ସମସ୍ତ ସୁବିଧା କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଲକ୍ଷ୍ମୀପୁର ବିଡ଼ିଓ ଗୁରେଶ୍ୱର ଭୋଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏମ.ପବନ କୁମାର, ଯନ୍ତ୍ରୀ ରଜନୀକାନ୍ତ ପାଣିଗ୍ରାହୀ, ଜିପିଓ ସୁଧୀର ବେହେରା, ସରପଞ୍ଚ ଭଗବତୀ ମୁଦୁଲିଙ୍କ ସମେତ ବ୍ଲକ୍ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସମସ୍ତ ସ୍ଥାନ ବୁଲି ଖୁସିବ୍ୟକ୍ତ କରିଥିଲେ।

# ‘ଘୁମୁରା’ ଉତ୍ସବରେ କଳାହାଣ୍ଡିର ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କଲା ବେଦାନ୍ତ



ଲାଞ୍ଜିଗଡ଼,(ଭାସ୍କର ନ୍ୟୁଜ୍): ବେଦାନ୍ତ ଆଲୁମିନିୟମହ ଭାରତର ଅଗ୍ରଣୀ ସ୍ମେଲଟର ଗ୍ରେଡ୍ ଆଲୁମିନା ଉତ୍ପାଦନକାରୀ ତଥା ବେଦାନ୍ତ ଆଲୁମିନିୟମର ସହାୟକ ସଂସ୍ଥା ବେଦାନ୍ତ ଲିମିଟେଡ୍ ପକ୍ଷରୁ କଳାହାଣ୍ଡି ଜିଲ୍ଲାର ୯ଜଣ ଯୁବକଙ୍କୁ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ବେଦାନ୍ତର ଆଲୁମିନା ବିଜନେସ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଜିଲ୍ଲାର ଯୁବ ପ୍ରତିଭାମାନଙ୍କୁ ସମ୍ମାନଜନକ ଜ୍ଞାନଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ। ବେଦାନ୍ତ ଆଲୁମିନିୟମ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ପୁରସ୍କାର ରାଜ୍ୟ ବୋର୍ଡ଼ ଟପର, ସିବିଏସ୍‌ଇ ବୋର୍ଡ଼ ଟପର, ଆଇସିଏସ୍‌ଇ ବୋର୍ଡ଼ ଟପରଙ୍କ ସମେତ ବିଭିନ୍ନବର୍ଗରେ ଶ୍ରେଷ୍ଠତା ବୃଦ୍ଧି କରିବା ସହ ଟପରମାନଙ୍କୁ ମାନ୍ୟତା ପ୍ରଦାନ କରିବ। ଏହି ଅବସରରେ କମ୍ପାନୀ ୯ଜଣ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପାଠପଢ଼ାରେ ସାହାଯ୍ୟ କରିବା ପାଇଁ ଲାପଟପ୍ ମଧ୍ୟ ଉପହାର ଦେଇଥିଲା। ଏହା ବ୍ୟତୀତ ବେଦାନ୍ତ ଆର୍ଚରୀ ଇନିସିଏଟିଭ ଯୁବ ତୀରନ୍ଦାଜମାନଙ୍କୁ ରାଜ୍ୟ ଓ ଜାତୀୟ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଛି। ଏହି କ୍ରୀଡ଼ାବିତମାନେ ଅଞ୍ଚଳର ପ୍ରଚୁର ସାମର୍ଥ୍ୟ ଏବଂ କ୍ରୀଡ଼ା ମାଧ୍ୟମରେ ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କରିବାରେ ବେଦାନ୍ତର ପ୍ରୟାସର ପ୍ରଭାବର ପ୍ରମାଣ ପାଲଟିଛନ୍ତି। ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଏହି ଅବସରରେ କହିଛନ୍ତି, ବେଦାନ୍ତର ଲାଞ୍ଜିଗଡ଼ ଅଭିଯାନରେ କଳାହାଣ୍ଡିର ଯୁବପିଢ଼ିଙ୍କ ପ୍ରତିଭା ଓ ସାମର୍ଥ୍ୟକୁ ପ୍ରୋତ୍ସାହିତ କରିବା ସହ ଏହି ଅଞ୍ଚଳର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷିତ ରଖିବା ପାଇଁ ଆମେ ଦୃଢ଼ ପ୍ରତିଶ୍ରୁତିବଦ୍ଧ। ଜ୍ଞାନଶ୍ରୀ ପୁରସ୍କାର ଏବଂ ଆମର ତୀରନ୍ଦାଜି କାର୍ଯ୍ୟକ୍ରମ ଭଳି ପଦକ୍ଷେପର ଉଦ୍ଦେଶ୍ୟ ସମ୍ପ୍ରଦାୟକୁ ଉତ୍କୃଷ୍ଟ କରିବା ପାଇଁ ସଶକ୍ତ କରିବା। କଳାହାଣ୍ଡିର ଜୀବନ୍ତ ସଂସ୍କୃତିକୁ ପାଳନ କରିବା ପାଇଁ ଆୟୋଜିତ ବାର୍ଷିକ ଉତ୍ସବ ଘୁମୁରାରେ କଳା, ପରମ୍ପରା ଓ ଐତିହ୍ୟର ସମନ୍ୱୟ କରାଯାଇ ଏହି ଅଞ୍ଚଳର ସମୃଦ୍ଧ ପରମ୍ପରାକୁ ପ୍ରଦର୍ଶିତ କରାଯାଇଥିଲା। ବେଦାନ୍ତ ଆଲୁମିନିୟମ ଷ୍ଟଲ ହଜାରହଜାର ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଷ୍ଟଲରେ ବିଜ୍ଞାନ, କଳା ଓ ପ୍ରଯୁକ୍ତିବିଦ୍ୟାକୁ ଏକାଠି କରି କମ୍ପାନୀର ଉତ୍ପାଦନ ଉତ୍କର୍ଷତାର ଏକ ଜୀବନ୍ତ ପ୍ରଦର୍ଶନ କରାଯାଇ ଥିଲା।’ ଆଲୁମିନିୟମ୍ ଦୁନିଆ’କୁ ଅନୁଭବ କରିବା ପାଇଁ ରାଜ୍ୟର ବିଶିଷ୍ଟ ବ୍ୟକ୍ତିଙ୍କ ଠାରୁ ଆରମ୍ଭକରି ଶିଳ୍ପପତି, କର୍ମଜୀବୀ, ବୃତ୍ତିଜୀବୀ, ଛାତ୍ରଛାତ୍ରୀ, ଗ୍ରାହକ, ବ୍ୟବସାୟୀ ଓ ସାଧାରଣ ଜନତାଙ୍କ ଭିଡ଼ ଜମିଥିଲା।

# ବେଟି ବଚାଓ ବେଟି ପଢ଼ାଓ ଉତ୍ସବ ପାଳିତ



ପୁରୀ, (ଭାସ୍କର ନ୍ୟୁଜ୍): ବୁଧବାର ପୂର୍ବାହ୍ନରେ ପୁରୀ ଜିଲ୍ଲା ସ୍ତରୀୟ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମର ଦଶବର୍ଷ ପୂର୍ତ୍ତି ପାଳନ ଉତ୍ସବ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ପୁରାଣ ଓ ଇତିହାସରେ ନାରୀକୁ ସର୍ବୋଚ୍ଚ ସମ୍ମାନ ଦିଆଯାଇଛି। ନାରୀ ବୀରାଙ୍ଗନା, ଜ୍ଞାନୀ, ଗୁଣୀ, ସ୍ନେହ, ସହନଶୀଳତା ଓ ମମତାର ପ୍ରତୀକ ବୋଲି କହିଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ବାଚସ୍ପତି ସୁରମା ପାଢ଼ୀ ଓ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉଦାହରଣ ଦେଇ ସେମାନେ କନ୍ୟା ହୋଇ ମଧ୍ୟ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିପାରିଛନ୍ତି ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ସମାଜସେବୀ ତଥା ଶିଶୁ ସୁରକ୍ଷା ବିଶେଷଜ୍ଞ ଘାସିରାମ ପଣ୍ଡା, ସମାଜସେବୀ ଜ୍ୟୋତି ମିଶ୍ର ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ, ସମ୍ପ୍ରତି ସମାଜରେ ଅବକ୍ଷୟ ଘଟିବା ସହ ନାରୀ ପ୍ରତି ସମ୍ମାନବୋଧର ହ୍ରାସ ହେଉଛି। ଏକଥା କିନ୍ତୁ ଭୁଲି ଯିବା ନାହିଁ ଯେ ଯେଉଁ ନାରୀ ସୃଷ୍ଟି କରିପାରେ ସେ ଚାହିଁଲେ ଧ୍ୱଂସ ବି କରିପାରେ। ଆସନ୍ତୁ ଆମେ ଶପଥ ନେବା ନାରୀ ବା କନ୍ୟାମାନଙ୍କୁ ଉପଯୁକ୍ତ ସମ୍ମାନ ଓ ଆଦର ଦେବା ସହ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବା। ଏହି ଅବସରରେ କନ୍ୟା ସନ୍ତାନ ସୁରକ୍ଷା ପାଇଁ ଏକ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅଧ୍ୟକ୍ଷତା କରିବା ସହ ସଭା ପରିଚାଳନା କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ମାନେ ‘ବେଟି ବଚାଓ ବେଟି ପଢ଼ାଓ’ ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ସକାଳ ୯ ଘଟିକାରେ କନ୍ୟା ସୁରକ୍ଷା ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରା ମଧ୍ୟ ସୁଭାଷ ବୋଷ ଛକ ଠାରୁ ସଦଭାବନା ସଭାଗୃହ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସିଡିପିଓ, ଅଙ୍ଗନବାଡ଼ି କର୍ମୀ, ଛାତ୍ରୀମାନେ ପ୍ରମୁଖ ଭାବେ ଯୋଗଦାନ କରି କାର୍ଯ୍ୟକ୍ରମରେ ନିଜ ନିଜର ଉତ୍ସାହ ପ୍ରଦର୍ଶନ କରିଥିଲେ।

# ପିକ୍‌ଅପ ଧକ୍କାରେ ଶ୍ରମିକ ମୃତ

ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା କଟକ-ଚାନ୍ଦବାଲି ରାସ୍ତାର ୫୪ମାଇଲି ଛକରେ ପିକ୍‌ଅପ ଗାଡ଼ିଧକ୍କାରେ ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଉଛନ୍ତି ରାଜସ୍ଥାନ ଭରତପୁର ଜିଲ୍ଲାର ସେକ ଆଜୁ। ସେ କିଛିଦିନ ହେବ ଆଳି ଅଞ୍ଚଳରେ ରହି ଏକ ଘରେଇ କମ୍ପାନୀ ଅଧୀନରେ ଠିକା ଶ୍ରମିକ ଭାବରେ କାମ କରୁଥିଲେ। ସକାଳେ ମୋଟର ସାଇକେଲ ଯୋଗେ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ବେଳେ ପିକ୍‌ଅପ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇବା ପରେ ଆଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ପିକ୍‌ଅପ ଗାଡ଼ି ଓ ଡ୍ରାଇଭରକୁ ଥାନାରେ ଅଟକରଖି ତଦନ୍ତ ଆରମ୍ଭ କରିଛି।

# ନଗରମଣ୍ଡଳ ସଭାପତି ହେଲେ ଅଜିତ ବିହାରୀ

ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ଅଞ୍ଚଳର ଜଣାଶୁଣା ଯୁବ ଶିଳ୍ପପତି ଅଜିତ କୁମାର ବିହାରୀ ନଗରମଣ୍ଡଳ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଉଦୀୟମାନ ଯୁବ



ନେତା ବିହାରୀ ବିଜେପି ଯୁବମୋର୍ଚ୍ଚାର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ଦୃଢ଼ ସଙ୍ଗଠକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ନଗର ମଣ୍ଡଳ ସଭାପତି ଭାବେ ନିର୍ବାଚିତ ହୋଇ ଥିବାରୁ କାମାକ୍ଷାନଗର ମାନ୍ୟବର ବିଧାୟକ ଶତ୍ରୁଘ୍ନ ଜେନା ଓ ସ୍ଥାନୀୟ ନେତୃ ମଣ୍ଡଳୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ତାଙ୍କ ନେତୃତ୍ୱରେ ଭୁବନରେ ବିଜେପି ସୁଦୃଢ଼ ହେବ ଓ ଆଗକୁ ବଢ଼ିବ ବୋଲି ଆଶା କରାଯାଉଛି।

# କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଏମ୍‌ସିଏଲ୍‌ର କାର୍ଯ୍ୟକୁ କଲେ ପ୍ରଶଂସା



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ମାନ୍ୟବର କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ମଙ୍ଗଳବାର ଦିନ ଭୁବନେଶ୍ୱରରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଗଡଖ)ର ଏକ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଥିଲେ। ମାନ୍ୟବର ମନ୍ତ୍ରୀ ଦେଶକୁ ଶକ୍ତି ସୁରକ୍ଷା ପ୍ରଦାନ କରିବାରେ ଏମ୍‌ସିଏଲ୍‌ର ଅକ୍ଲାନ୍ତ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ଆୟୋଜିତ ଏହି ବୈଠକରେ କମ୍ପାନୀର କାର୍ଯ୍ୟ ସମୀକ୍ଷା କରାଯାଇଥିଲା ଏବଂ କାର୍ଯ୍ୟଦକ୍ଷତାକୁ ଆହୁରି ଉନ୍ନତ କରିବା ପାଇଁ ରଣନୀତି ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ, ଏମ୍‌ସିଏଲ୍‌ର ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ କମ୍ପାନୀର କାର୍ଯ୍ୟଦକ୍ଷତା, ସଫଳତା, ଚ୍ୟାଲେଞ୍ଜ, ଭବିଷ୍ୟତର ସମ୍ଭାବନା ଏବଂ ଉଦୀୟମାନ ସୁଯୋଗ ବିଷୟରେ ଏକ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଏହା ସହ ମାନ୍ୟବର ମନ୍ତ୍ରୀ ଏମ୍‌ସିଏଲ୍ ଦ୍ୱାରା କରାଯାଇଥିବା ପ୍ରଗତିକୁ ପ୍ରଶଂସା କରିଥିଲେ ଏବଂ କୋଇଲା କ୍ଷେତ୍ରରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ‘ଆତ୍ମନିର୍ଭର ଭାରତ’ ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଏମ୍‌ସିଏଲ୍‌ର ଅବଦାନକୁ ପ୍ରଶଂସା କରିଥିଲେ। କୋଇଲା ଯୋଗାଣ ସୁନିଶ୍ଚିତ କରିବା ଏବଂ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ରେଳ-ସମୁଦ୍ର-ରେଳ ମୋଡ଼ର ପ୍ରଭାବଶାଳୀ ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ, ରେଡ୍ଡୀ ଭାରତର ନେଟ୍-ଶୂନ୍ୟ ନିର୍ଗମନ ପ୍ରତିବଦ୍ଧତାକୁ ସମର୍ଥନ କରି ଫାଷ୍ଟ ମାଇଲ୍ ସଂଯୋଗ (ଏଫଏମ୍‌ସି) ପ୍ରକଳ୍ପ, ବିବିଧତା ଯୋଜନା, କୋଇଲା ଖଣିରେ ଆଇଟି ଏବଂ ଇଆଇର ସମନ୍ୱୟ ଏବଂ ସବୁଜ ଶକ୍ତି ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କୋଇଲା ଶିଳ୍ପରେ ଲିଙ୍ଗଗତ ବିବିଧତାକୁ ପ୍ରୋତ୍ସାହିତ କରିବା ଏବଂ କର୍ମଚାରୀ କଲ୍ୟାଣକୁ ସୁଦୃଢ଼ କରିବା ପାଇଁ ସେ କମ୍ପାନୀର କର୍ପୋରେଟ୍ ବୀମା ଯୋଜନାରେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ନାମଲେଖାକୁ ତ୍ୱରାନ୍ୱିତ କରିବାକୁ ମଧ୍ୟ ଆହ୍ୱାନ କରିଥିଲେ। ଏହି ବୈଠକରେ କୋଲ୍ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ ପି.ଏମ୍. ପ୍ରସାଦ, କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ବିସ୍ମିତା ତେଜ, ଯୁଗ୍ମ ସଚିବ ଏସ୍. ଆର କାସି, ଏମସିଏଲର ସିଏମଡି ଉଦୟ ଅନନ୍ତ କାଓଲେ, ଏମସିଏଲର ନିର୍ଦ୍ଦେଶକ, ମୁଖ୍ୟ ସତର୍କତା ଅଧିକାରୀ, ଆଞ୍ଚଳିକ ମହାପ୍ରବନ୍ଧକ ଏବଂ ମୁଖ୍ୟାଳୟର ବିଭାଗ ମୁଖ୍ୟମାନେ ଉପସ୍ଥିତ ଥିଲେ।

# ନିମାପଡ଼ାରେ ଅଳିଆ କୁଣ୍ଡ ନିର୍ମାଣରେ ମହାଦୁର୍ନୀତି

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବ୍ଲକ୍ ଅଞ୍ଚଳରେ ଅଳିଆ କୁଣ୍ଡ ନିର୍ମାଣରେ ମହାଘୋଟାଲା ହୋଇଥିବା ଜଣାପଡ଼ିଛି। ଏହି ମହାଦୁର୍ନୀତି ପୂର୍ବ ସରକାର ସମୟରେ ଘଟିଥିବା ବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ କ’ଣ ପାଇଁ ହୋଇପାରୁ ନାହିଁ ତାହାକୁ ନେଇ ଚିନ୍ତା ପ୍ରକଟ କରିଛି। ତୁରନ୍ତ ଏହାକୁ ତଦନ୍ତ ପରିସରଭୁକ୍ତକୁ ନେବା ପାଇଁ ସଚେତନ ନାଗରିକଙ୍କ ପକ୍ଷରୁ ଦାବୀ ହୋଇଛି। ବର୍ତ୍ତମାନ ଅଳିଆ କୁଣ୍ଡ ପାଲଟିଛି ନିଶା କାରବାରର ପେଣ୍ଠସ୍ଥଳୀ। ଧଳା ଜହର ଠାରୁ ଆରମ୍ଭ କରି ଗଞ୍ଜେଇ, ଅଫିମ ପର୍ଯ୍ୟନ୍ତ ଏହି ଅଳିଆକୁଣ୍ଡ ଗୃହରେ ଚାଲିଛି। ଅନେକ ସମୟରେ ଭୋଜିଭାତର ଆସର ଲାଗୁଥିବା ବେଳେ ମଦ୍ୟପମାନେ ହୋହାଲ୍ଲା କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବିଜେଡ଼ି ସରକାର ଅମଳରେ ଅଳିଆ କୁଣ୍ଡ ନିର୍ମାଣ ନାମରେ ମହାଦୁର୍ନୀତି ଘଟିଛି। ଦଳୀୟ କର୍ମୀମାନେ ବିଭିନ୍ନ ୱାର୍ଡ଼ରେ ଓ ପଞ୍ଚାୟତରେ ଅଳିଆ କୁଣ୍ଡ ନିର୍ମାଣ କରି ଅର୍ଥ ଚଳୁ କରିଥିବା ଜଣାପଡ଼ିଛି। ଏପରି ଦୁର୍ନୀତିକୁ କ’ଣ ପାଇଁ ପ୍ରଶାସନ ଘଣ୍ଟ ଘୋଡ଼ାଉଛି ତାହାକୁ ନେଇ ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ବଡ଼ଶିରିବିଲା ପଞ୍ଚାୟତରେ ଅଳିଆ କୁଣ୍ଡ ନିର୍ମାଣ ନାମରେ ବ୍ୟାପକ ଘୋଟାଲା ଘଟିଛି। ବଡ଼ଗାଁ ଗବନାଳିଆ ରାସ୍ତାକଡ଼ ଏକ ଜୋର ଭିତରେ ଅଳିଆ କୁଣ୍ଡ ଗୃହ ନିର୍ମାଣ କରାଯାଇଥିବା ବେଳେ ବର୍ତ୍ତମାନ ଏହି ଅଳିଆ କୁଣ୍ଡ ଗୃହ ପାଲଟିଛି ନିଶାଖୋର ମାନଙ୍କର ଆଡ୍ଡାସ୍ଥଳୀ। ନିଶାଖୋରମାନେ ଏଠାରେ ନିଶା ସେବନ କରି ଧଳା ଜହର ବିକ୍ରି କରୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଭୋଗଶାଳଦା ପଞ୍ଚାୟତ ନିମାପଡ଼ା-ଚାରିଛକ ରାସ୍ତା କଡ଼ରେ ଅଳିଆକୁଣ୍ଡ ନିର୍ମାଣ କରାଯାଇଥିବା ବେଳେ ଏହା ଗ୍ରାମ ଠାରୁ ବହୁ ଦୂରରେ ହୋଇଥିବାରୁ ଏଠାରେ କୌଣସି ଆବର୍ଜନା ଲୋକମାନେ ପକାଉ ନାହାନ୍ତି। ମାଇଲ୍ ଖୁଣ୍ଟି ସଦୃଶ ରାସ୍ତାକୁ ଅବରୋଧ କରି ଏହି ଅଳିଆ କୁଣ୍ଡଟି ରହିଛି। ଅରିଷଣ୍ଡ ପଞ୍ଚାୟତ ତାଳବଣିଆଁ ଜଗନ୍ନାଥ ମହାପ୍ରଭୁଙ୍କ ଜମିରେ ଅଳିଆ କୁଣ୍ଡ ନିର୍ମାଣ କରାଯାଇଛି।

# ଧାନ ମଣ୍ଡିରେ ତେଜିଲା ଚାଷୀ ଅସନ୍ତୋଷ

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ତରିକୁନ୍ଦ ଧାନ ମଣ୍ଡିରେ ବୁଧବାର ଧାନ କ୍ରୟ କରିବା ପ୍ରଥମ ପାଳିରେ ତୀବ୍ର ଚାଷୀ ଅସନ୍ତୋଷ ଦେଖା ଦେଇଛି। ପୂର୍ବପ୍ରସ୍ତୁତି ଅନୁଯାୟୀ ବୁଧବାର ଦିନ ଧାନ ବିକ୍ରୀ କରିବାକୁ ଥିବା ଚାଷୀମାନେ ନିଜନିଜ ଧାନବସ୍ତାକୁ ଭଡ଼ାଗାଡ଼ି କରି ଆଣିଥିଲେ। କିନ୍ତୁ ଜଗତସିଂହପୁର ଆର୍‌ଏମସି ପକ୍ଷରୁ ଦେବାଶିଷ ସାମଲ ଧାନର ଏଫ୍‌ଏକ୍ୟୁ ମାନକୁ କଡ଼ାକଡ଼ି ଭାବରେ ଯାଞ୍ଚ କରିବାକୁ ନେଇ ଚାଷୀ ଉତ୍ତେଜନା ଦେଖା ଦେଇଥିଲା। ଗତ ଅଦିନିଆ ବର୍ଷାରେ ରଘୁନାଥପୁର ବ୍ଲକ୍ ଅଞ୍ଚଳରେ ବ୍ୟାପକ ଧାନ ଫସଲ କ୍ଷତି ହୋଇଥିବା ବେଳେ ଧାନର ମାନ ମଧ୍ୟ କିଛିକାଂଶରେ ହାନି ହୋଇଛି। ତେବେ ଧାନ କ୍ରୟରେ ସରକାର ମାନ ନିର୍ଦ୍ଧାରଣ କଡ଼ାକଡ଼ି କଲେ ବହୁ ଚାଷୀ ନିଜନିଜ ଧାନ ବିକ୍ରୀ କରିବାରେ ଅସୁବିଧାର ସମ୍ମୁଖୀନ ହେବେ। ସରକାର ଏହି ଅସୁବିଧାକୁ ସହୃଦୟତାର ସହ ବିଚାର କରି ଧାନର ମାନ ନିର୍ଦ୍ଧାରଣ ନୀତିକୁ କୋହଳ କରିବାପାଇଁ ଚାଷୀ ଭାସ୍କର ନାୟକ, ଅଜୟ ବାରିକ, ବଳରାମ ସାହୁ, ଚିତ୍ତରଞ୍ଜନ ସାମନ୍ତରାୟ, ବିଷ୍ଣୁ ଚରଣ ଜେନା, ଅଶୋକ ଦେହୁରୀଆ, ମାଧବାନନ୍ଦ ଦାସ, ସ୍ମୃତି ରଞ୍ଜନ ଲେଙ୍କା, ଦେବେନ୍ଦ୍ର ନାୟକ, ରଘୁନାଥ ସ୍ୱାଇଁ ପ୍ରମୁଖ ଦାବୀ କରିଛନ୍ତି। ଏଥି ସହିତ ଚାଷୀମାନେ ଉପ ଜିଲ୍ଲାପାଳଙ୍କ ଉପସ୍ଥିତରେ କଟନି ଛଟନିକୁ ତୀବ୍ର ବିରୋଧ କରିଛନ୍ତି। ଏହି ମଣ୍ଡିରେ ତରିକୁନ୍ଦ, ଜୟଶୋଳ ଓ ବରାଗୋଳ ପଞ୍ଚାୟତର ୬୪୦ଜଣ ଚାଷୀ ଧାନ ବିକ୍ରୀ କରିବାକୁ ପଞ୍ଜିକରଣ କରିଛନ୍ତି।

# ଶିମିଳିପାଳ ଦକ୍ଷିଣ ୱାଇଲ୍ଡଲାଇଫ୍ ବିଭାଗ ଦ୍ୱାରା ଆଇନ ଉଲ୍ଲଂଘନ କରିଥିବା ତିନି ଅଭିଯୁକ୍ତ ଗିରଫ



ବାରିପଦା, (ଭାସ୍କର ନ୍ୟୁଜ୍):ଶିମିଳିପାଳ ଦକ୍ଷିଣ ବନ୍ୟଜୀବ ବିଭାଗର ବିଶେଷ ଆରକ୍ଷୀ ବାହିନୀ ଏ.ଆଇ କ୍ୟାମେରାର ଫଟୋକୁ ଆଧାର କରି ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫରେ ଦୁଇଟି ଅବୈଧ ଦେଶି ଅସ୍ତ୍ର ଓ ଗୋଟିଏ ଫାସ ଜବତ କରାଯାଇଛି। ଆଇନ୍ ଉଲ୍ଲଂଘନ କରାଯାଇଥିବା ହେତୁ ଓଡ଼ିଶା ବନ୍ୟଜୀବ ସୁରକ୍ଷା ଅଧିନିୟମ ଅନୁସାରେ ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତମାନଙ୍କୁ ଜୁଡିସିଆଲ୍ ରିମାଣ୍ଡ ପାଇଁ ବାରିପଦା ମୁଖ୍ୟ ନ୍ୟାୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ପ୍ରେରଣ କରାଯାଇଛି। ତଥାପି ଘଟଣାର ସୂଚନା ଅନୁସନ୍ଧାନ ଚାଲିଥିବା ସମୟରେ ଅସ୍ତ୍ର ଆଇନ, ୧୯୫୯ ଅନୁସାରେ ମଧ ମାମଲା ରୁଜୁ କରାଯିବ। ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ, (୧) ବୁଧୁରାମ ହାନ୍ସଦା, ପିତା: ପଣ୍ଡୁ ହାନ୍ସଦା, ଗ୍ରାମ- ଅନନ୍ତପୁର, ଥାନା: ଉଦଳା, (୨) ମୁନିରାମ ହେମ୍ବ୍ରମ, ପିତା: ସମୟ ହେମ୍ବ୍ରମ, ଗ୍ରାମ: ବଡ଼ଖମନ, ଥାନା: ଉଦଳା, (୩) ମାଧବ ସିଂହ, ପିତା: ସମ୍ଭୁଆ ସିଂହ, ଗ୍ରାମ: ବଡ଼ଖମନ, ଥାନା: ଉଦଳା। ସମସ୍ତ ଅଭିଯୁକ୍ତ ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳର ହୋଇଥିବା ବିଭାଗୀୟ ସୂଚନାରୁ ପ୍ରକାଶିତ। ବନବିଭାଗ ପକ୍ଷରୁ ଚାଲୁଥିବା ଏହି ଅଭିଯାନରେ ଆବଶ୍ୟକ ସଫଳତା ହାସଲ କରିଥିବା ବେଳେ, ଏହି ପଦକ୍ଷେପ ଅବୈଧ ଶିକାରକୁ ରୋକିବା କ୍ଷେତ୍ରରେ ଆଗକୁ ଆହୁରି ସଫଳ ଉଦାହରଣ ସୃଷ୍ଟି କରିବ।

# ଗୁରୁଙ୍କ ଠାରୁ ମିଳିଥିବା ପ୍ରେରଣାଦାୟୀ ବାର୍ତ୍ତାରୁ ବିଶ୍ୱକୁ ନୂଆ ମାର୍ଗ ଦେଖାଇବା - ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର, (ଭାସ୍କର ନ୍ୟୁଜ୍): ବୁଧବାର ସମ୍ବଲପୁର ଜିଲ୍ଲା ଖେତରାଜପୁର ସ୍ଥିତ ଗୁରୁ ନାନକ ପବ୍ଲିକ ସ୍କୁଲ ସମ୍ବଲପୁରର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇ ପ୍ରଧାନ କହିଛନ୍ତି ଯେ, ପୂଜ୍ୟ ଗୁରୁ ନାନକ ଦେବଙ୍କ ନାମରେ ନାମିତ ଏହି ସ୍କୁଲ ଦୀର୍ଘ ୫୦ ବର୍ଷରେ ପଦାର୍ପଣ କରିବା ଏକ ଗୌରବମୟ ଉପଲବ୍ଧି। ଗୁରୁ ନାନକଙ୍କ ଯେଉଁଭଳି ଆଦର୍ଶ, ବିଚାର, ସିଦ୍ଧାନ୍ତ ଏବଂ ସେବା ମନୋଭାବର ସମର୍ପଣ ଥିଲା, ତାଙ୍କ ସଂସ୍କାର ଆଧାରରେ ସ୍କୁଲଟି ପରିଚାଳିତ ହେବା ଆନନ୍ଦର ବିଷୟ। ଯେତେବେଳେ ଭାରତୀୟ ସଂସ୍କୃତିକୁ ନଷ୍ଟ କରିବା ପାଇଁ ଉଦ୍ୟମ ହେଉଥିଲା, ସେହି ସମୟରେ ଗୁରୁ ନାନକ ସମାଜକୁ ଏକାଠି କରି ଭାରତର ସଂସ୍କୃତିର ସୁରକ୍ଷା ପାଇଁ ଦାୟିତ୍ୱ ନେଇଥିଲେ। ସେ ସମାଜରେ ସମାନତା, ଭାଇଚାରା ଓ ଏକତାର ଶିକ୍ଷା ଦେଇଥିଲେ। ବିଭିନ୍ନ ସାମାଜିକ କଳୁଷତାକୁ ଦୂର କରିବା ଲାଗି ସଂଘର୍ଷ କରିଥିଲେ। ଶିଖ ପରମ୍ପରାରେ ଗୁରୁ ପରମ୍ପରାର ଆଦର୍ଶ ଓ ବଳିଦାନକୁ ଭୁଲି ହେବ ନାହିଁ। ଭାରତୀୟ ପରମ୍ପରାରେ ଶିଖ ସମୁଦାୟର ଧର୍ମଗୁରୁଙ୍କ ଅବଦାନ ଅତୁଳନୀୟ। ଶିଖ ବନ୍ଧୁମାନେ ସମ୍ବଲପୁର ସମେତ ପାର୍ଶ୍ୱବର୍ତ୍ତୀ ଜିଲ୍ଲାରେ ରହି ଅଞ୍ଚଳର ବିକାଶ ପାଇଁ ଯେଉଁ କାମ କରୁଛନ୍ତି, ତାହା ପ୍ରଶଂସନୀୟ। ସେଇ ପରମ୍ପରାର ଅଂଶ ଭାବରେ ଏହି ସ୍କୁଲ ଗଢ଼ିଉଠିଛି। ଏହାବ୍ୟତୀତ ଆମ ଶିଖ ସମାଜ ସହ ଓଡ଼ିଶାର ଅନନ୍ୟ ସମ୍ପର୍କ ରହିଛି। ପ୍ରଧାନ କହିଛନ୍ତି ଶିଖ୍ ସମ୍ପ୍ରଦାୟର ଅନେକ ଗୁରୁଙ୍କ ସହିତ ଅବିଭକ୍ତ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ, ଧ୍ରୁବ ସାଏ, ଉଜ୍ଜଳ ସାଏ, ଛବିଳ ସାଏ, ଯାଜ୍ଞଳ ସାଏ, ମେଦିନୀ ସାଏ, କରୁଣାକର ସିଂହ ନାଏକ, ମାଧୋ ସିଂହ, କୁଞ୍ଜଲ ସିଂହ, ଐରୀ ସିଂହ, ବୈରୀ ସିଂହ, ହଟେ ସିଂହ, ଶହୀଦ ମଧୁ ଗଡତିଆ ଦେଶ ପାଇଁ ବଳିଦାନ ଦେଇଥିଲେ। ଆଜି ଦେଶ ଯେତେବେଳେ ନୂଆ ଉଚ୍ଚତାକୁ ଯାଉଛି, ସେହି ସମୟରେ ମାତୃଭୂମି ପାଇଁ ସମସ୍ତ ନାଗରିକ ବିଶେଷ ଭାବରେ ଯୁବପିଢ଼ିଙ୍କ ଦାୟିତ୍ୱ ଅଧିକ। ଯୁବଶକ୍ତିମାନେ ଟେକ୍ନୋଲୋଜି ଜରିଆରେ ବିଶ୍ୱକୁ ଅନ୍ୱେଷଣ କରିବା ଦରକାର। ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ। ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ଶହେ ବର୍ଷ ପୂରଣ କରିବ। ଏହି ସମୟରେ ଆମକୁ ଦେଶ ପାଇଁ ବଞ୍ଚିବାକୁ ପଡ଼ିବ, ବିକଶିତ ରାଷ୍ଟ୍ର ଗଢ଼ିବାକୁ ପଡ଼ିବ। ଏଥିପାଇଁ ଆଜିର ପିଢ଼ି ଆଗକୁ ଆସିବା ଦରକାର। ନିଜ ପାଇଁ ନୁହେଁ ବରଂ ସମୂହଙ୍କ ପାଇଁ ଦାୟିତ୍ୱ ନେବା ଦରକାର ବୋଲି ପ୍ରଧାନ ମତପ୍ରକାଶ କରିଛନ୍ତି। ପୂଜ୍ୟ ଗୁରୁ ନାନକ ଦେବଙ୍କ ସମେତ ଶିଖ୍ ସମ୍ପ୍ରଦାୟର ଧର୍ମଗୁରୁ ଏବଂ ବୀର ସୁରେନ୍ଦ୍ର ସାଏ ଓ ବାଜି ରାଉତଙ୍କ ପରି ଅନେକ ସଂଗ୍ରାମୀମାନେ ଦେଶ ପାଇଁ ଅନେକ ତ୍ୟାଗ ଓ ବଳିଦାନ ଦେଇଛନ୍ତି। ସେହି ଗୁରୁ ଓ ସଂଗ୍ରାମୀମାନଙ୍କ ଧର୍ମ, ଆଦର୍ଶ, ସଂସ୍କାର ତଥା ପ୍ରେରଣାଦାୟୀ ବାର୍ତ୍ତାରୁ ଅନୁପ୍ରାଣିତ ହୋଇ ଆମର ଯୁବପିଢ଼ିମାନେ ବିଶ୍ୱକୁ ନୂଆ ମାର୍ଗ ଦେଖାଇବା ଦିଗରେ ଆଗଭର ହୁଅନ୍ତୁ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ବ୍ୟାସନଗର, (ଭାସ୍କର ନ୍ୟୁଜ୍) : ଦାନଗଦୀ ବ୍ଲକ ଅନ୍ତର୍ଗତ ଟୋଲକାନୀସ୍ଥିତ ଝାଡେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ଧରି ଅନୁଷ୍ଠିତ ବାଳିକା ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ଚଳିତ ମାସରେ ୧୩ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିରରେ ୧୬୦ଜଣ ଯୁକ୍ତ ଦୁଇ (+୨)ପ୍ରଥମ ବର୍ଷର ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ଏହି ଉତ୍ସବରେ କଲେଜର ଅଧକ୍ଷ ଡ଼ ଅକ୍ଷୟ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଗୋବର୍ଦ୍ଧନପୁର ମେଡିକାଲର ମେଡ଼ିକାଲ ଅଫିସର ଡା. ସଂଜୀବ କୁମାର ବେହେରା ଯୋଗଦେଇ ଛାତ୍ରୀ ମାନଙ୍କ ପାଇଁ ଆତ୍ମରକ୍ଷା କୌଶଳର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମର ନୋଡାଲ ଅଫସର ରଞ୍ଜନ କୁମାର ଖଣ୍ଡା ପ୍ରଶିକ୍ଷଣର ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପିକା ମୀରାମ୍ବିକା ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଶିକ୍ଷିକା ଭାବେ ମିନତୀ ନାୟକ ଓ ରୂପସୀ ଲେଙ୍କା ଯୋଗଦେଇ ଆତ୍ମସୁରକ୍ଷା କୌଶଳ ଛାତ୍ରୀମାନଙ୍କ ପାଇଁ ରକ୍ଷା କବଚ ବୋଲି ମତ ଦେଇଥିଲେ। କଲେଜର ଅଧ୍ୟାପକ ଅଧ୍ୟାପିକା ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଅତିଥି ମାନଙ୍କ ଦ୍ୱାରା ପିଲାମାନଙ୍କୁ ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା।



# ରେଡିଓ ଜୁହାରରେ 'ଆମ ଗୁରୁଜନ ଆମ ସ୍ୱାଭିମାନ'



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦଭାବନା ଦ୍ୱାରା ପରିଚାଳିତ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ଜୁହାର, ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ତଥା କମ୍ୟୁନିଟି ରେଡିଓ ଆସୋସିଏସନ୍ ଦ୍ୱାରା ପ୍ରସ୍ତୁତ 'ଅଟଳ ଭାୟୋ ଅଭ୍ୟୁଦୟ ଯୋଜନା' ଉପରେ ଆଧାରିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସାରଣ କରା ଯାଉଛି। ବରିଷ୍ଠ ନାଗରିକ ମାନଙ୍କୁ ସେମାନଙ୍କ ନିମନ୍ତେ ଥିବା ବିଭିନ୍ନ ସରକାରୀ ଯୋଜନା ଗୁଡିକ ବିଷୟରେ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ପରିପ୍ରେକ୍ଷୀରେ ରେଡ଼ିଓ ଜୁହାର ତରଫରୁ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ସମ୍ବନ୍ଧୀୟ ସଚେତନତା ମୂଳକ ନାଟକ, ଲୋକଗୀତ, ପାଲା, ନ୍ୟାରୋକାଷ୍ଟିଂ ମାଧ୍ୟମରେ ଗୋଷ୍ଠୀଗତ ଆଲୋଚନା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ ଓ ବରିଷ୍ଠ ଆଇନଜୀବୀ ଚତୁର୍ଭୁଜ ହୋତାଙ୍କ ସମେତ ଜିଲ୍ଲାର ବୁଦ୍ଧିଜୀବୀ ତଥା ବରିଷ୍ଠ ନାଗରିକ ମାନଙ୍କ ବ୍ୟକ୍ତିଗତ ସାକ୍ଷାତକାର ଏହି ସଚେତନତା ଧର୍ମୀ କାର୍ଯ୍ୟକ୍ରମକୁ ଆହୁରି ବଳିଷ୍ଠ କରିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବରିଷ୍ଠ ନାଗରିକ ମାନଙ୍କର ସାମାଜିକ ନ୍ୟାୟ, ଆତ୍ମ ସ୍ୱାଭିମାନ ଓ ସମ୍ମାନ ରକ୍ଷା କରିବାରେ ସହାୟକ ହେବ ବୋଲି ଜିଲ୍ଲାର ବୁଦ୍ଧିଜୀବୀ ମହଲରେ ବେଶ୍ ପ୍ରଶଂସା ସାଉଁଟିଛି ରେଡିଓ ଜୁହାର ଟିମ୍।

# ପାଲା ଗାୟକଙ୍କ ପ୍ରତିମୂର୍ତ୍ତି ଅନାବରଣ

ଫୁଲନଖରା, (ଭାସ୍କର ନ୍ୟୁଜ୍ ) : ହଂସପାଳ ମୌଜାର ପାଲା ସଙ୍ଗୀତ ଗାୟକ ଗଜେନ୍ଦ୍ର ଜେନା ଓ ତାଙ୍କ ଧର୍ମପତ୍ନୀ ସୁଲୋଚନା ନାୟକଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଯାଇଛି। ଏହି ଅନାବରଣ ଉତ୍ସବରେ ବରେଣ୍ୟ ଅତିଥି ହିସାବରେ ମାନ୍ୟବର ବିଧାୟକ ସୁଶାନ୍ତ ରାଉତ, ସମାଜସେବୀ ଅକ୍ଷୟ କୁମାର ଲେଙ୍କା, ସଂସ୍କୃତି ସେବକ ଲକ୍ଷ୍ମୀଧର ବେହେରା, ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ଗାୟକ ଜ୍ଞାନ ବାରିଧି ଉଲ୍ଲାଶ ଷଡ଼ଙ୍ଗୀ, ଗାୟକ ବାଣୀରତ୍ନ ନିରଞ୍ଜନ ସ୍ୱାଇଁ, ଶିବ ଶଙ୍କର ମହାରଣା, ଶିକ୍ଷାବିତ୍ ବ୍ରଜବନ୍ଧୁ ମିଶ୍ର, ସଂସ୍କୃତି ପ୍ରେମୀ ଗୋପାଳ ଚନ୍ଦ୍ର ନାୟକ ଯୋଗଦେଇ ପ୍ରତିମୂର୍ତ୍ତି ଦ୍ୱୟ ଅନାବରଣ କରି ଏକ ସଭାରେ ସ୍ୱର୍ଗତ ଗଜେନ୍ଦ୍ର ଜେନାଙ୍କ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ତାଙ୍କ ପୁଅ ପୀତବାସ ନାୟକଙ୍କ ସମେତ ତାଙ୍କ ପରିବାରର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ବ୍ୟାପୁଛି ହଇଜା, ଜିଲ୍ଲାପାଳ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଂଚଳ ପରିଦର୍ଶନ

କଣାସ, (ଭାସ୍କର ନ୍ୟୁଜ୍ ) : କଣାସ ବ୍ଲକର ଗଡିଶାଗୋଦା ଗ୍ରାମପଞ୍ଚାୟତ ନୂଆଗାଁ ଗ୍ରାମରେ ୧୯ଦିନ ହେଲା ଝାଡାବାନ୍ତି ଲାଗିରହିବା ଉକ୍ତ ଗ୍ରାମର ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପାଖ ଗ୍ରାମ ନଈକୂଳପାଟଣା ଗ୍ରାମରେ ଝାଡାବନ୍ତିରେ ଜଣଙ୍କର ମୃତ୍ୟୁ ହେବା ପରେ ନିକଟସ୍ଥ ଗ୍ରାମ ଗଡିଶାଗୋଦା, ଯାଗୁଲେଇପଦର, କଳାପଦର, ଗୋପିନାଥପୁର, ହରିପୁର, ଯାମଳଗୋଦା ଗ୍ରାମକୁ ଝାଡାବାନ୍ତି ବ୍ୟାପିବା ଜିଲ୍ଲା ପ୍ରଶାସନର ନିଦ ହଜିଯାଇଛି । ଆଜି ଜିଲ୍ଲାପାଳ ସିର୍ଦ୍ଧାଥ ଶଙ୍କର ସ୍ୱାଇଁ, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ରୂପଭାନୁ ମିଶ୍ର ମିଳିତ ଭାବେ ଆସି ପ୍ରଥମେ ନୂଆଗାଁ ଓ ଜାଗୁଲେଇପଦର ଗ୍ରାମକୁ ଯାଇ ସେଠାରେ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଁଚି ଝାଡାବାନ୍ତିରେ ଆକ୍ରାନ୍ତ ହେଉଥିବା ରୋଗୀମାନଙ୍କୁ କିପରି ଚିକିତ୍ସା କରାଯାଉଛି ବୁଝିବା ସହିତ ନଦୀଜଳ ବିଷାକ୍ତ ଯୋଗୁଁ



ଝାଡାବାନ୍ତି ବ୍ୟାପୁଥିବାରୁ ନଦୀଜଳ କେହି ବ୍ୟଭହାର ନ କରିବାପାଇଁ ଗ୍ରାମବାସୀମାନଙ୍କୁ ନିର୍ଦ୍ଦେଶ ଦେବାପରେ ସେଠାରୁ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଆସିଥିବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦିନ ୧ଟା ସମୟରେ ଆସି ଡାକ୍ତରଖାନାରେ ପହଁଚି ରୋଗୀମାନଙ୍କୁ ପାଖକୁ ଯାଇ ଦେଖାକରି ପଚାରିବୁଝିଥିଲେ। କେହି ଭୟଭିତ ନହେବା ପାଇଁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ସୁଧା ଝାଡାବାନ୍ତିରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସରକାରୀ ହିସାବରେ ୩ଜଣଙ୍କର ମୃତ୍ୟୁ ହୋଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସକ ଶ୍ରୀମିଶ୍ର କହିବା ସହିତ ଗତକାଲି ସୁଧା ୬ଟି ଗ୍ରାମରେ ୭୧ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ସୂଚନା ଦେଇଥିଲେ। ଅସ୍ଥାୟୀଭାବେ ନୂଆଗାଁ ଓ ଜାଗୁଲେଇପଦର ଗ୍ରାମରେ ଦୁଇଟି ଚିକିତ୍ସା କେନ୍ଦ୍ର ଖୋଲାଯାଇଥିବା ବେଳେ ଦୁଇଟି ଆମ୍ବୁଲାନସ୍ ମହଯୁଦ୍ ରଖାଯିବା ସହିତ ୪ଟି ପ୍ରେଟୋଲିଙ୍ଗ ସ୍ୱାସ୍ଥ୍ୟ ଟିମ୍ ଗାଁକୁ ଗାଁ ବୁଲି ଚିକିତ୍ସା କରୁଛନ୍ତି । ଆଜି ମ୍ଭ ଯାମଳଗୋଦା ଯାମଳଗୋଦା ଓ ଗଡସାହି ପଞ୍ଚାୟତର ଦୟାବିହାର ଗ୍ରାମରେ ୫ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ସଂଧ୍ୟା ୬ଟା ସମୟରେ ପବ୍ଲିକ୍ ହେଲ୍‌ଥ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ପ୍ରମିଳା ଦେବୀ ନୂଆଗାଁ ଓ ଜାଗୁଲେଇପଦରରେ ପହଞ୍ଚି ଲୋକମାନଙ୍କ ସହିତ ଆଲୋଚନା କରିଥିଲେ।

# ବାଳିକ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦଯାପିତ



କଣାସ, (ଭାସ୍କର ନ୍ୟୁଜ୍ ) : କଣାସ ବ୍ଲକ ଅନ୍ତର୍ଗତ ଚଉଦ ମୌଜା ଉଚ୍ଚ ବିଦ୍ୟାଳୟ ଆନୁକୁଲ୍ୟରେ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଆଜି ଉଦଯାପିତ ହୋଇଯାଇଛି । ଅଧକ୍ଷ ବିଷ୍ଣୁପ୍ରସାଦ ସାମନ୍ତରାୟଙ୍କ ପୌରହତ୍ୟରେ ଆୟେଜିତ ଉଦ୍‌ଯାପନି ଉତ୍ସବରେ ବରିଷ୍ଠ ଅଧ୍ୟାପିକା ଡଃ ଦିପ୍ତମୟୀ ରାୟ, ଡଃ ଲକ୍ଷ୍ମୀପ୍ରିୟା ସାହୁ, ଅ୍ଧ୍ୟାପିକା ତୃପ୍ତି ଦଳାଇ, ଅଞ୍ଜଳୀ ମିଶ୍ର, ନିବେଦିତା ପଲେଇ, ସୀମାରଣୀ ସାହୁ, ରଞ୍ଜିତା ନାୟକ, ଅନ୍ନପୁର୍ଣା ବେହେରା, ଅଧ୍ୟାପକ ବିଜୟ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ବିଶେଷତ୍ୱ ଉପରେ ଆଲୋଚନା କରିଥିଲେ। ମାଷ୍ଟର ଟ୍ରେନର ହରପ୍ରିୟା ଭୁଜବଳ ୧୨୫ ଜଣ ଛାତ୍ରୀଙ୍କୁ ସଫଳତାର ସହ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ସଂସଦ କୁମାର ପ୍ରଧାନ ଶିବିର ସୁଚାରୁ ରୁପେ ପରିଚାଳନା କାରଥିଲେ ।

# ଭୋଜିଭାତ ନକରିବା ପାଇଁ ତହସିଲଦାରଙ୍କ ନିର୍ଦ୍ଦେଶ

କଣାସ, (ଭାସ୍କର ନ୍ୟୁଜ୍ ) : କଣାସ ଅଂଚଳର ୬ରୁ ୭ଟି ଗ୍ରାମରେ ଦୀର୍ଘ ଦିନହେଲା ଝାଡାବାନ୍ତି ଲାଗିରହିଥିବା ବେଳେ ଦୟାନଦୀ କୂଳର ୪୨ଟି ଗ୍ରାମ ଦୟାନଦୀ ଜଳ ଉପରେ ନିର୍ଭର କରୁଥିବାରୁ ଦୟନାଦୀ ଜଳକୁ କେହି ବ୍ୟବହାର ନକରିବା ସହିତ ବିଭିନ୍ନ ଭୋଜିଭାତ ନକରିବା ପାଇଁ କଣାସ ତହସିଲଦାର ହିମାଂଶୁ ଶେଖର ଗିରି ପ୍ରତିଗ୍ରାମବାସୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଇଞ୍ଜାର ବରିଷ୍ଠ ଉପପ୍ରବନ୍ଧକଙ୍କୁ ବଦଳିକାଳୀନ ସମ୍ବର୍ଦ୍ଧନା



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଚୌଦ୍ୱାର ସ୍ଥିତ ଇମ୍ଫା ଶିଳ୍ପଗୋଷ୍ଠୀର ବରିଷ୍ଠ ଉପପ୍ରବନ୍ଧକଙ୍କୁ କଳାପ୍ରକାଶିନୀ କ୍ଲବ୍ ପକ୍ଷରୁ ବଦଳିକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଉପପ୍ରବନ୍ଧକ ଶ୍ରୀ ରାଉତ ଦୀର୍ଘ ବର୍ଷ ଧରି ଇମ୍ଫା ଶିଳ୍ପଗୋଷ୍ଠୀରେ ଜଣେ ଦକ୍ଷ ପ୍ରଶାସକ ତଥା ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ଭାବେ ଚୌଦ୍ୱାର ତଥା ଏହାର ଆଖପାଖ ଅଂଚଳରେ ବେଶ୍ ଲୋକପ୍ରିୟ ହୋଇପାରିଥିଲେ । ପ୍ରତ୍ୟେକ ସମୟରେ ଶିଳ୍ପଗୋଷ୍ଠୀ ପକ୍ଷରୁ କରାଯାଉଥିବା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଦାୟିତ୍ୱକୁ ସୂଚାରୁରୂପେ ତୁଲାଇ ଆସିଥିଲେ। ଏପରିକି ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ବିଭିନ୍ନ ଜନକଲ୍ୟାଣ ଯୋଜନା କାର୍ଯ୍ୟକ୍ରମରେ ସାମିଲ ହୋଇ ଏକ ନୂଆ ରୂପ ଦେଖାଉଥିଲେ । ଅଂଚଳର ପ୍ରାୟ ସବୁ ଅନୁଷ୍ଠାନ ସହ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ଥିବା ବେଳେ ଜଣେ ଲୋକପ୍ରିୟ ପ୍ରଶାସକ ଭାବେ ସମସ୍ତଙ୍କ ପାଖରେ ଜଣାଶୁଣା ଥିଲେ। ତାଙ୍କର ବଦଳି ହେବା କଥା ଜଣାପଡ଼ିବା ପରେ ଚୌଦ୍ୱାର ଥର୍ମାଲ ରୋଡ଼ ସ୍ଥିତ କଳାପ୍ରକାଶିନୀ କ୍ଲବ୍ ପକ୍ଷରୁ ପୂର୍ବତନ ପାରିଷଦ ବିଷ୍ଣୁଚରଣ ପରିଡ଼ାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ଶ୍ରୀ ରାଉତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଇମ୍ଫାର ନୂତନ ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ଘୋଷ ସୌମ୍ୟରଞ୍ଜନ ପରିଡ଼ା, ବଳରାମ ବେହେରା, ପାବକ ବେହେରା, ବିଶ୍ୱଜିତ୍ ବିଶ୍ୱାଳ, ବିଜୟ କୁମାର ସାହୁ, ହିମାଂଶୁ ସାହୁ, ସୁଧାଂଶୁ ଶେଖର ପରିଜା ପ୍ରମୁଖ ଉପସ୍ଥିତ ଥିଲେ।

# ବୁର୍ଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍ ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ବୁର୍ଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଏନ-ଭି-ଲକ୍ଷ୍ମୀଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ବାର୍ଷିକ ଉତ୍ସବରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ଡିଆଇ ଗୋବିନ୍ଦ ଚନ୍ଦ୍ର ସେଠି, ଏବିଇଓ ବିଭୁତି ଭୂଷଣ ଟାକ୍ରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ଆରତୀ କୁଲଦୀପ, ସରପଞ୍ଚ ଜଲ୍ଲୀ ମିଣିଆକା, ବିଦ୍ୟାଳୟ ପରିଚାଳନା ସଭାପତି ନବୀନ ମିଣି ଆକା, କୈଳାସ ଖସଲା, ମଣ୍ଟି ଖରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଜଗନ୍ନାଥଙ୍କ ଫୋଟଚିତ୍ର ରଖି ପୂଜାର୍ଚ୍ଚନା କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।ପ୍ରଧାନ ଶିକ୍ଷୟତ୍ରୀ ଭି. ଲକ୍ଷ୍ମୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିବା ସହ ଗତବର୍ଷ ମାଟ୍ରିକ ପରୀକ୍ଷାରେ ସତ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ପ୍ରକାଶ କରିବା ସହ ଆଶ୍ରମ ବିଦ୍ୟାଳୟରୁ ଏହା ମାଧ୍ୟମିକ ବିଦ୍ୟାଳୟରେ ପରିଣତ ହୋଇଥିବାକୁ ନେଇ ଖୁସି ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ମହାବିଦ୍ୟାଳୟର +୨ଅଧକ୍ଷ ଗିରିଜା ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିବା ସହ କିପରି ଆମେ ଭଲ ପଢିବା, ଭଲ ଖେଳିବା ଓ ସମାଜରେ ଉଚ୍ଚ ପ୍ରଶଂସିତ ହୋଇ ନିଜ ପରିବାର ସହ ନିଜ ଗାଁ ନିଜ ଜିଲ୍ଲା ଓ ନିଜ ସ୍କୁଲର ନାଁ ରଖିବା ତାହା ବିଷୟରେ ମତ ପରିବେଷଣ କରିଥିଲେ। ପରେ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରୀଡାରେ କୃତି ହାସଲ କରି ଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ସହ ଟ୍ରଫି ମଞ୍ଚାଶୀନ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶେଷ ଭାଗରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ବହୁ ସଂଖ୍ୟାରେ ଅଭିଭାବକ ମାନେ ଯୋଗ ଦେଇଥିଲେ। ଗଣିତ ଶିକ୍ଷକ ଧନୁର୍ଜୟ ହନ୍ତାଳ ମଞ୍ଚ ପରିଚାଳନା କରିଥିଲା ବେଳେ ଯୁକ୍ତ ଦୁଇ ଅଧକ୍ଷା ମମତା ସ୍ୱାଇଁଙ୍କ ସହ ବରିଷ୍ଠ ଇଂରାଜୀ ଶିକ୍ଷୟତ୍ରୀ ଦିପ୍ତିମୟୀ ଳିମା ଓ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟତ୍ରୀ ଓ ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଧୁଷୁରୀ ବଜାର ସରକାରୀ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ



ଧାମନଗର, (ଭାସ୍କର ନ୍ୟୁଜ୍ ) : ଧାମନଗର ତହସିଲ ଅଧିନସ୍ତ ଶହ ଶହ ଏକର ସରକାରି ଗୋଚର, ଅନାବାଦୀ ଜାଗା ଥିଲା ବେଳେ ଏବେ ଜମି ଦଲାଲ ମାନେ ଉକ୍ତ ଜାଗାକୁ ଅକ୍ତିଆର କରି ଜବର ଦଖଲ କରି ବିକ୍ରି ବଟା କରୁଛନ୍ତି। ଅନେକ ସରକାରୀ ରାସ୍ତା ବି ଜବର ଦଖଲରେ ରହିଛି। କିଛିଦିନ ତଳେ ଧାମନଗର ଓ ଦୋବଲରେ ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଛି। ସେହି ପରି ଧୁଶୁରୀ ବଜାର ଉଭୟ ପାଖ ବେଆଇନି ଭାବେ ଜବର ଦଖଲ ବଢ଼ି ଚାଲିଛି ଫଳରେ ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣି ଧାମକୁ ଦୈନିକ ଶହ ଶହ ଭକ୍ତ ଯିବାବେଳେ ଘୋର ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏ ନେଇ ବାରମ୍ବାର ଅଞ୍ଚଳବାସୀ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନି ମାତ୍ର ଜବର ଦଖଲ ବଢ଼ି ଚାଲିଛି। ସେହିପରି ଧୁଷୁରୀ - ହସନାବାଦ ମୁଖ୍ୟ ରାସ୍ତା ସମ୍ପ୍ରସାରଣ ନିମନ୍ତେ ଧୁଷୁରୀ ବଜାରରୁ ସରକାରୀ ଜାଗା ଜବରଦଖଲ ଉଚ୍ଛେଦ ଓ ସ୍ଥିତିବାନ ଜମି ଅଧିଗ୍ରହଣ ନିମନ୍ତେ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ଧାମନଗର ତହସିଲଦାର ଦୀପକ ଦାସ ଏବଂ ଅତିରିକ୍ତ ତହସିଲଦାର ସାଇ ସିଲନାଙ୍କ ଉପସ୍ଥିତରେ ରାଜସ୍ୱ ଅଧିକାରୀ ଓ ସହକର୍ମୀ ମାନେ ଜମି ମାପଚୁପ କରି ସରକାରୀ ଓ ସ୍ଥିତିବାନ ଜମି ଚିହ୍ନଟ କରିଛନ୍ତି। ଏହି ମାପ ତିନିଦିନ ଧରି ହେବାକୁ ଥିବାବେଳେ ପ୍ରଥମ ଦିନରେ ହରିହଂସ ଛକ ଠାରୁ ଆରମ୍ଭ କରି ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ମାପ ହୋଇ ଉଭୟ କିସମ ଜମି ଚିହ୍ନଟ ହୋଇଥିବା ସୂଚନା ଦିଆଯାଇଛି। ଏହି ଖବର ଶୁଣିବା ପରେ ଧୁଷୁରୀ ବଜାରରେ ପ୍ରାୟ ୮୦ ପ୍ରତିଶତ ଦୋକାନୀ ଦୀର୍ଘ ବର୍ଷ ଧରି ସରକାରୀ ଜାଗା ଜବର ଦଖଲରେ ରଖି ବେପାର କରୁଥିବା ବ୍ୟବସାୟୀ ମାନଙ୍କ ମନରେ ଆତଙ୍କ ଖେଳି ଯାଇଛି। ତିନି ଦିନ ମାପ ପରେ ସରକାରୀ ସ୍ତରରେ ଆଲୋଚନା କରାଯାଇ ଉଚ୍ଛେଦ ପ୍ରକ୍ରିୟା କରାଯିବ ବୋଲି ତହସିଲଦାର ଶ୍ରୀ ଦାସ ସୂଚନା ଦେଇଛନ୍ତି।

# ସଡକ ଦୁର୍ଘଟଣାରେ ଏଏସଆଇ ଆହତ

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ଥାନା ସହକାରୀ ସବ ଇନିସପେକ୍ଟର ବୁଦ୍ଧିରାମ ପୁର୍ତ୍ତି ଗତ ସୋମବାର ସନ୍ଧ୍ୟାରେ ସଡକ ଦୁର୍ଘଟଣାରେ ଆହତ ହୋଇଥିବା ଜଣାଯାଇଛି। ଶ୍ରୀ ପୁର୍ତ୍ତି ଯାଜପୁରରୋଡ ବାସବଭନରୁ ଭଣ୍ଡାରିପୋଖରୀ ଥାନାକୁ ଆସୁଥିବା ବେଳେ ସନ୍ଧ୍ୟା ୬ଟା ସମୟରେ ୧୬ ନଂ ଜାତୀୟ ରାଜପଥ ଛତାବର ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କ ବାଇକକୁ ପଛପଟୁ ଅଜଣା ଗାଡି ଧକ୍କା ଦେବାରୁ ସେ ତଳକୁ ଛିଟିକି ପଡିଥିଲେ। ଫଳରେ ତାଙ୍କ ବାମ ହାତ ଭାଙ୍ଗିଯାଇଥିଲା। ଓ ସେ କ୍ଷତାକ୍ତ ହୋଇଥିଲେ। ତାଙ୍କୁ ଭଣ୍ଡାରିପୋଖରୀ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ କଟକ ରେଫର କରିଦିଆଯାଇଥିଲା। ସେଠାରେ ସେ ଚିକିତ୍ସାଧିନ ଥିବା ଜଣାଯାଇଛି।

# ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ



ବାଲିମେଳା, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ବାଲିମେଳା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ୫୬ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନ୍ଏସି ଅଧକ୍ଷ ପ୍ରଦୀପ କୁମାର ନାୟକ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ, ଡିଏସଏସ ଶରତ କୁମାର ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ବେହେରା, ବିଦ୍ୟାଳୟ ଆଲୁମିନି ସଦସ୍ୟ ରାଜେନ୍ଦ୍ର କୂଳଦୀପ, ଜେଏନଭି-୨ ବିଦ୍ୟାଳୟ ଶିକ୍ଷକ କବିରାଜ ସେଠୀ, ବରିଷ୍ଠ ସାମ୍ବାଦିକ ରବିରଶ୍ମି ଗୁରୁ, ସାମ୍ବାଦିକ ସୁଧାଂଶୁ ଶେଖର ମହାନ୍ତି, ପ୍ରଧାନ ଶିକ୍ଷୟତ୍ରୀ ସୁଶିଳା ହିଆଲ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ଏନ୍ଏସି ବାଜାର ତାଳେ ତାଳେ ପିଲାମାନେ ପରେଡ଼ କରି ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହାପରେ ସ୍ୱାଗତ ସମ୍ବର୍ଦ୍ଧନା ନିମନ୍ତେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ସ୍ୱାଗତମ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିସହ ଅତିଥି ମାନଙ୍କ ସମ୍ମୁଖରେ ପିଲାମାନେ ନୃତ୍ୟ ଏବଂ ପିରାମିଡ ପ୍ରଦର୍ଶନ କରିଥିଲେ। ଏହାକୁ ଦେଖି ଏନ୍ଏସି ଅଧକ୍ଷ ଶ୍ରୀ ନାୟକ ଭାବବିହ୍ୱଳ ହୋଇ ନିଜ ପିଲାଦିନର ସ୍ମୃତିକୁ ମନେ ପକାଇ କିଛି ଅଭିଭାଷଣ ଦେବା ସହ ସେ ଏହି ବିଦ୍ୟାଳୟର ପୁରାତନ ଛାତ୍ର ହୋଇଥିବାରୁ ନିଜକୁ ଗର୍ବିତ ମନେ କରୁଥିବା କହିଥିଲେ। ଏଥିସହ ଛାତ୍ରଛାତ୍ରୀ ମାନଙ୍କ ନୃତ୍ୟ ଏବଂ ପିରାମିଡ ପ୍ରଦର୍ଶନରେ ଅତ୍ୟନ୍ତ ମୁଗ୍ଧ ହୋଇ ୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ପରେ କ୍ରୀଡା ପତାକା ଅଧକ୍ଷ ଶ୍ରୀ ନାୟକ ଉତ୍ତୋଳନ କରିବା ପରେ କ୍ରୀଡା କାର୍ଯ୍ୟକ୍ରମ ପ୍ରଥମେ ପୁଚି ଖେଳ ଠାରୁ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

## ରାଷ୍ଟ୍ରୀୟ ବିକାଶ ସେନାର ପ୍ରଭାବ

# ବୁଲା ବିକାଳୀଙ୍କ କବ୍‌ଜାରୁ ମୁକ୍ତ ହେଲା ଗୋବିନ୍ଦପାଲି ଯାତ୍ରୀ ନିବାସ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ବହୁ ପ୍ରତୀକ୍ଷାର ଅନ୍ତ ପରେ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀ ବସଷ୍ଟାଣ୍ଡ ନିକଟରେ ଥିବା 'ଯାତ୍ରୀ ନିବାସ'ଟି ଲୋକାର୍ପିତ ହୋଇଥିଲା। କିନ୍ତୁ ଗୋବିନ୍ଦପାଲ୍ଲୀ ପଞ୍ଚାୟତ କର୍ତୃପକ୍ଷ ନିଜ ଇଚ୍ଛା ମୁତାବକ ଉକ୍ତ 'ଯାତ୍ରୀ ନିବାସ'ଟିକୁ ଅନ୍ୟ ରାଜ୍ୟର କିଛି ବୁଲା ବିକାଳି ମାନଙ୍କୁ ମାସିକ ଭଡ଼ା ସୂତ୍ରରେ ଦେଇ ଦେଇଥିଲେ। ଏ ବାବଦରେ ଅବଗତ ହେବା ପରେ ରାଷ୍ଟ୍ରୀୟ ବିକାଶ ସେନା ତତଫରୁ ରାଷ୍ଟ୍ରୀୟ ବିକାଶ ସେନାର ସଭାପତି କେ ବାଲାରାଜୁ ଆଚାରିଙ୍କ ନେତୃତ୍ୱରେ ସେନାର କିଛି କାର୍ଯ୍ୟକର୍ତ୍ତା। ମାଲକାନଗିରି ଜିଲ୍ଲାପାଳଙ୍କୁ ଭେଟି ଗୋବିନ୍ଦପାଲ୍ଲୀ ପଞ୍ଚାୟତ କର୍ତୃପକ୍ଷଙ୍କ ଏଭଳି ବେଆଇନ୍ କାର୍ଯ୍ୟକଳାପ ବାବଦରେ ଅବଗତ କରାଇ ଥିଲେ ଏବଂ ଗୋବିନ୍ଦପାଲି ଯାତ୍ରୀ ନିବାସକୁ ସେହି ବୁଲା ବିକାଳି ମାନଙ୍କ କବଜାରୁ ମୁକ୍ତ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିଲେ। ତା ପରେ ମାଲକାନଗିରି ଜିଲ୍ଲାପାଳ ଈଶ୍ୱର ଆଶିଷ ପାଟିଲ ଏ ବାବଦରେ ତଦନ୍ତ କରିବା ପାଇଁ ମାଲକାନଗିରି ଜିଲ୍ଲା ମୁଖ୍ୟ ଉନୟନ ଅଧିକାରୀଙ୍କୁ



ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଦନ୍ତ କରିବା ପରେ ଯାତ୍ରୀ ନିବାସକୁ ଖାଲି କରିବା ପାଇଁ ବୁଲା ବିକାଳୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାହା ଫଳରେ ବର୍ତ୍ତମାନ ଗୋବିନ୍ଦପାଲ୍ଲୀ ଯାତ୍ରୀ ନିବାସଟି ବର୍ତ୍ତମାନ ବୁଲା ବିକାଳି ମାନଙ୍କ ଠାରୁ ମୁକ୍ତ ହୋଇ ପାରିଛି। ଯୋଉଥିପାଇଁ ରାଷ୍ଟ୍ରୀୟ ବିକାଶ ସେନା ସଭାପତି କେ ବାଲାରାଜୁ ଆଚାରୀଙ୍କୁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।

# ଏକ ସପ୍ତାହ ହେଲା ବିଦ୍ୟାଳୟ ଖାଲି




ଉମରକୋଟ, (ଭାସ୍କର ନ୍ୟୁଜ୍ ) : ଏକ ସପ୍ତାହରୁ ଉର୍ଦ୍ଧ ହେବ ବିଦ୍ୟାଳୟରେ କେବଳ ଶିକ୍ଷକ, ଶିକ୍ଷୟିତ୍ରୀ ଦେଖା ଯାଉଛନ୍ତି, କିନ୍ତୁ ଛାତ୍ରଛାତ୍ରୀ ନୁହଁ। ହଷ୍ଟେଲ ମଧ ଖାଲି। ପିଲାମାନେ ଗଲେ କୁଆଡେ ? ବିଦ୍ୟାଳୟକୁ ପାଠ ପଢିବା ପାଇଁ ଆସୁ ନାହାନ୍ତି କାହିଁକି ? ଏଭଳି ଅନେକ ପ୍ରଶ୍ନ ଉପୁଜୁଥିବା ଦେଖିବାକୁ ମିଳିଛି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବେହେଡା ପଂଚାୟତ ଅଧୀନରେ ଥିବା ଶିରାଗୁଡା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଗ୍ରାମବାସୀ ତଥା ବିଦ୍ୟାଳୟରେ ପାଠ ପଢୁଥିବା ପିଲାମାନଙ୍କ କହିବା ଅନୁଯାୟୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଚିତ୍ରା ସାହୁ ପିଲାମାନଙ୍କୁ ଆଦିବାସୀ, ଦେଶିଆ, ତମର ଦେହରୁ ଦୁର୍ଗନ୍ଧ ବାହାରୁଛି ବୋଲି କୁହନ୍ତି। ଆଉ ମଧ କୁହନ୍ତି ଯଦି କେହି ଚେୟାର କିମ୍ବା ଟେବୁଲକୁ ସ୍ପର୍ଶ କରେ ତାହାହେଲେ ସେହି ଚେୟାର କିମ୍ବା ଟେବୁଲକୁ ପାଣି ଦ୍ୱାରା ସଫା କରେଇଥାନ୍ତି। ଏସବୁ କାର୍ଯ୍ୟ ଯୋଗୁଁ ଅଞ୍ଚଳର ପିଲାମାନେ ସ୍କୁଲକୁ ଯିବାକୁ ମନା କରିଦେଇଛନ୍ତି। ଯେତେଦିନ ପର୍ଯ୍ୟନ୍ତ ସେ ଦିଦି ସ୍କୁଲରୁ ବଦଳି ହୋଇ ଯିବେ ନାହିଁ ସେତେଦିନ ପର୍ଯ୍ୟନ୍ତ ଆମେ ପାଠ ପଢିବାକୁ ସ୍କୁଲ ଯିବୁ ନାହିଁ ବୋଲି ପିଲାମାନେ ଅଭିଯୋଗ କରିବା ସହ ବାଟି ଖେଳିବା, ଧାନ ଶୁଖେଇବା, ନାଚ ଗୀତ ଗାଇବା ଇତ୍ୟାଦି କାମରେ ବ୍ୟସ୍ତ ରହୁଛନ୍ତି। ସେପଟେ ସ୍କୁଲ କମିଟି ତଥା ଗ୍ରାମବାସୀ ଏ ବିଷୟରେ ଏକ ଲିଖିତ ଅଭିଯୋଗ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦେଇଥିବା ସୂଚନା ମିଳିଛି। ଶିକ୍ଷୟିତ୍ରୀଙ୍କ ଏଭଳି କାରନାମାକୁ ନେଇ ବ୍ଲକ ଶିକ୍ଷା ଅଧିକାରୀ ବିକାଶ ସରକାରଙ୍କୁ ପଚାରିବାରୁ ଏ ବିଷୟରେ ମୁଁ ସଂଜ୍ଞା ନେବି ଏବଂ ଯଦି ଶିକ୍ଷୟିତ୍ରୀ ସୁଚିତ୍ରା ସାହୁ ଦୋଷୀ ହୁଅନ୍ତି ତାହାହେଲେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ବିଜ୍ଞାନ ଯୁଗରେ ସବୁ ଜାତି, ଧର୍ମର ଲୋକ ସମାନ ବୋଲି ପାଠ ପଢ଼ାଉଥିବା ଜଣେ ଶିକ୍ଷୟିତ୍ରୀ ଛୁଆଁଛୁତିର ଭେଦ ଭାବ କରୁଛନ୍ତି ତାଙ୍କ ଉପରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ଦେଖିବାକୁ ବାକି ରହିଲା।

# ଜବରଦଖଲ ଉଚ୍ଛେଦ ପାଇଁ ହାଇକୋର୍ଟରୁ ଆଦେଶ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍ ) : ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ନଗୁଆଁ ପଞ୍ଚାୟତ ହେଲପୁର ଗ୍ରାମର ଜବରଦଖଲ କରାଯାଇଥିବା ସର୍ବସାଧାରଣ ଜମିରୁ ଉଚ୍ଛେଦ କରିବାକୁ ତହସିଲ ପ୍ରଶାସନକୁ ହାଇକୋର୍ଟରୁ ଆଦେଶ ହୋଇଛି। ଗ୍ରାମବାସୀ କେଶବ ଚନ୍ଦ୍ର ନାୟକ, ସୁଧାକର ମହାନ୍ତି ଓ ଅନ୍ୟମାନେ ଗ୍ରାମର ସର୍ବସାଧାରଣ ଜମି ଖାତା ନଂ ୧୬୦ ଅନ୍ତର୍ଗତ ପ୍ଲଟ ନଂ ୩୪ର ରକବା ୧୪ ଡେସିମିଲ ଜମିରୁ ଜବରଦଖଲକାରୀ ଅନନ୍ତ ସାହୁଙ୍କୁ ଉଚ୍ଛେଦ କରିବାକୁ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଏଥିପୂର୍ବରୁ ୨୦୨୪ ଫେବୃୟାରୀ ମାସରେ ଗ୍ରାମବାସୀମାନେ ତହସିଲଦାରଙ୍କୁ ଉଚ୍ଛେଦ ପାଇଁ ଦରଖାସ୍ତ କରିଥିଲେ। ତହସିଲ ପକ୍ଷରୁ ଗତ ଜୁଲାଇ ମାସରେ ମାପଚୁପ କରାଯାଇଥିଲା। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଗ୍ରାମବାସୀମାନେ ଗତ ସେପ୍ଟେମ୍ବର ମାସରେ ଜିଲ୍ଲାପାଳଙ୍କୁ ଏଥିନେଇ ଅଭିଯୋଗ କରିଥିଲେ। ପ୍ରଶାସନିକ ସ୍ତରରେ ଉଚ୍ଛେଦ ଫଳପ୍ରଦ ନହେବାରୁ ଗ୍ରାମବାସୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର କରିବା ହାଇକୋର୍ଟ ଆଗାମୀ ୩ ମାସ ମଧ୍ୟରେ ପଦକ୍ଷେପ ନେବାକୁ ଆଦେଶ ହୋଇଛି। ଆଇନଜୀବୀ ତୁଷାରକାନ୍ତ ନାୟକ ମାମଲାର ପରିଚାଳନା କରୁଥିବା ଜଣାଯାଇଛି।

# ଡିମିରି ଗ୍ରାମ୍ୟ କମିଟି ବୈଠକରେ ନୂତନ କର୍ମକର୍ତ୍ତା ନିର୍ବାଚିତ

କଣାସ, (ଭାସ୍କର ନ୍ୟୁଜ୍ ) : କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତର ଡିମିରି ଗ୍ରାମ୍ୟ କମିଟି ବୈଠକ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବ କମିଟିର କର୍ମକର୍ତ୍ତାମାନେ ସେମାନଙ୍କର ସମସ୍ତ ହିସାବପତ୍ର ପ୍ରଦାନ କରିବାପରେ ନୂତନ ଗ୍ରାମ୍ୟ କମିଟି ଗଠନ କରାଯାଇଥିଲା। ପ୍ରଶାନ୍ତ କୁମାର ମିଶ୍ର ସଭାପତି, ସଚ୍ଚିଦାନନ୍ଦ ପଟ୍ଟନାୟକ ଉପସଭାପତି, ଦିବାକର ପରିଡା, ସଂପାଦକ, ସତ୍ୟନାରାୟଣ ପଟ୍ଟନାୟକ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିବା ବେଳେ ଶ୍ରୀକାନ୍ତ ପଟ୍ଟଯୋଷୀ, ପ୍ରକାର ବଳିୟାରସିଂହ, ସୁର୍ଦ୍ଦଶନ ସାମନ୍ତରାୟ, ଦାଶରଥି ସାହୁ, ଦେବିପ୍ରସାଦ ପରମଗୁରୁ, ଦୟାନିଧି ବେହେରା, ପ୍ରଭାକର ଭୋଇ, ବୈଷ୍ଣବ ସେଠୀ, ମାନଗୋବିନ୍ଦ ସାହୁ, ଶରତ ଚନ୍ଦ୍ର ସ୍ୱାଇଁ, ପ୍ରଭାକର ମିଶ୍ର, ଜଳନ୍ଧର ଭୋଇ, ସ୍ୱପନ୍ନେଶ୍ୱର ବେହେରା ପ୍ରମୁଖ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଆଗାମୀ ଦିନରେ ଗ୍ରାମ୍ୟରାସ୍ତା ଓ ପୁଷ୍କରିଣୀ ସଫାସୁତରା ରଖିବା ସହିତ ଗ୍ରାମ୍ୟ ସ୍ମଶାନ ସଫା ରଖିବା ଚାରିପାଖ ଫୁଲ ଗଛ ଲଗାଇବା ପାଇଁ ପ୍ରସ୍ତାବ ରହିଥିଲା।




ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ ସଦର ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ୮ ଦିନ ଧରି ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଦିନ ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସେଠିଙ୍କ ସଭାପତିତ୍ୱରେ ଏହି ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା । ପ୍ରଶିକ୍ଷଣ ଭାବେ ଯୋଗ ଦେଇଥିବା ସୀମା କିର୍ଶାନିଙ୍କ ଦ୍ୱାରା ୫୫ ଜଣ ଛାତ୍ରୀଙ୍କୁ ନେଇ ଚଳିତ ମାସ ୩ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ସ୍କୁଲ ପରିସରରେ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବନ୍ଧୁଗାଁ ସଦର ପଞ୍ଚାୟତର ସରପଞ୍ଚ ଯୋଗଦେଇ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ବରିଷ୍ଠ ଶିକ୍ଷକ ଦୁର୍ଗା ପ୍ରସାଦ ଚୌଧୁରୀ ଓ କେ. ଲିପସା ଦୋରା ଯୋଗଦେଇ ଏହି ଉତ୍ସବକୁ ପରିଚାଳନା କରିଥିବା ବେଳେ ନୋଡ଼ାଲ ଅଫିସର ଭାବେ ଟି. ରୀନା କୁମାରୀ ଉପସ୍ଥିତ ରହି ତାଲିମ ଶିବିର କାର୍ଯ୍ୟ ସମ୍ପାଦନ କରିଥିଲେ ।



# ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ବିକ୍ଷୋଭ




ଛତ୍ରପୁର (ଭାସ୍କର ନ୍ୟୁଜ୍) : ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ବିଭିନ୍ନ ଦାବି ଗୁଡିକର ସମାଧାନ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଦାବିଗୁଡିକ ମଧ୍ୟରେ ଧାନମଣ୍ଡି ପରିଚାଳନାରେ ଅବ୍ୟବସ୍ଥାର ସମାଧାନ କରି କଟ୍‌ନୀ ଛଟ୍‌ନୀ ବନ୍ଦ କରିବା, ଛତ୍ରପୁର ଠାରେ ଥିବା ନେତାଜୀଙ୍କ ବିକୃତ ପ୍ରତିମୂର୍ତ୍ତିର ପରିବର୍ତ୍ତନ ସହିତ ମୃତ୍ୟୁ ତାରିଖ ହଟାଇବା, ଚିକିଟି ମଦ ଘଟଣାର ତଦନ୍ତକୁ କ୍ରିୟାଶୀଳ କରିବା ସହିତ ପୀଡିତାଙ୍କୁ କ୍ଷତିପୂରଣ ପ୍ରଦାନ ଓ ଦୋଷୀ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ, ଗଞ୍ଜାମ ଜିଲ୍ଲାରେ ବିପର୍ଯ୍ୟସ୍ତ ହୋଇ ପଡିଥିବା ଆଇନ ଶୃଙ୍ଖଳାର ସୁଧାର ଆଣିବା ପାଇଁ ଅଧିକ ଥାନା ଖୋଲିବା ଓ ଆବଶ୍ୟକ ପୋଲିସ କର୍ମଚାରୀଙ୍କୁ ନିଯୁକ୍ତି ଦେବା ସହିତ ନିୟମିତ ପାଟ୍ରୋଲିଂ କରିବା, ଗଞ୍ଜାମ ଜିଲ୍ଲାରେ ଜାଲ୍ ସାର୍ଟିଫିକେଟ ଦେଇ ନିଯୁକ୍ତି ପାଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଗୁଡିକର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଗଞ୍ଜାମ ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା,ଏସ୍‌ପି ଭିଜିଲାନ୍ସ ବ୍ରହ୍ମପୁର କାର୍ଯ୍ୟାଳୟରେ ବିଗତ ୧୦ ବର୍ଷ ବର୍ଷ ମଧ୍ୟରେ ଦୁର୍ନୀତିର ତଦନ୍ତ ପାଇଁ କେତେ ଅଭିଯୋଗ ହୋଇଛି, କେତେ ତଦନ୍ତ ହୋଇଛି ଏବଂ କେତେ ତଦନ୍ତ ନହୋଇ ଫାଇଲ ଭିତରେ ବନ୍ଧା ହୋଇ ପଡିଛି ତା'ର ସମୀକ୍ଷା କରିବା ଇତ୍ୟାଦି ରହିଛି । ବିକ୍ଷୋଭ ବେଳେ ଜିଲ୍ଲା ସଭାପତି ବିଭୂଧେନ୍ଦ୍ର ପାଢୀ, ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସାହୁ, ସମରଜିତ୍ ମହାନ୍ତି, ଜଗନ୍ନାଥ ପ୍ରଧାନ, ସନ୍ତୋଷ ପ୍ରଧାନ, ଶଙ୍କର ବେହେରା, କାଳୁଚରଣ ନାୟକ, ଦିଲ୍ଲୀପ ଅଧିକାରୀ ପ୍ରମୁଖ ସାମିଲ ଥିଲେ ।

# ମଣ୍ଡିରେ ଅବ୍ୟବସ୍ଥା ନେଇ ଚାଷୀଙ୍କ ଅସନ୍ତୋଷ, ଧାରଣା ଚେତାବନୀ



ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକ୍ ଦଳାଙ୍ଗ ସେବା ସମବାୟ ସମିତିରେ ଧାନ ମଣ୍ଡିରେ ଅବ୍ୟବସ୍ଥା ନେଇ ଚାଷୀଙ୍କ ଅସନ୍ତୋଷ ପ୍ରକାଶ ପାଇଛି । ସରକାରୀ ସ୍ତରରେ ଗତ ୫ ତାରିଖରୁ ମଣ୍ଡି ଖୋଲା ଯାଇଥିଲେ ସୁଦ୍ଧା ଦଳାଙ୍ଗ ସେବା ସମବାୟ ସମିତିରେ ଆଜିପର୍ଯ୍ୟନ୍ତ ଧାନ କିଣାଯାଇପାରିଲା ନାହିଁ । ୩ ପଞ୍ଚାୟତକୁ ନେଇ ଏହି ସେବା ସମବାୟ ସମିତିରେ ପାଖାପାଖି ୪୭୭ ଜଣ ଅନ୍‌ଲାଇନ ପଞ୍ଜୀକୃତ ଥିବାବେଳେ ୧୫ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରାଯିବ ବୋଲି ଜଣାପଡ଼ିଛି । ପରିଚାଳନା ପରିଷଦ, ସମିତି ସମ୍ପାଦିକା ସ୍ୱାଗତିକା ରାଉତ ସମିତି ଅଧିନ ଅନଲାଇନ ଟୋକନ ପାଇଥିବା ଚାଷୀମାନଙ୍କୁ ଧାନ ବିକ୍ରୟ ପାଇଁ ସୂଚନା ଦେଇଥିଲେ । ଶୁକ୍ରବାର ଦିନ କିଛି ଚାଷୀ ସେମାନଙ୍କ ଧାନ ନେଇ ମଣ୍ଡିକୁ ଆସିଥିଲେ । ପୂର୍ବରୁ ଉପସ୍ଥିତ ଥିବା ଆରଏମସି ଅଧିକାରୀ ନୃସିଂହ ପୃଷ୍ଟି, ନୋଡ଼ାଲ ଅଫିସର ସତ୍ୟବ୍ରତ ରାଉତ ଚାଷୀଙ୍କ ଧାନର ମାନ ନିରୀକ୍ଷଣ କରିଥିଲେ । ପରେ ନିୟମ ଅନୁଯାୟୀ ଧାନର ଆଦ୍ରତା ୧୭ ପ୍ରତିଶତ ସ୍ଥାନରେ ୧୨ ରୁ ୧୩ ପ୍ରତିଶତ ରହିଥିଲା, ଯାହାକି ଅନେକ କମ୍ । ହେଲେ ଅନ୍ୟାନ୍ୟ ମାନ ଅଳ୍ପ ମାତ୍ରାରେ ବ୍ୟତିକ୍ରମ ଦେଖାଯାଇଥିଲା । ପରେ ଏଫଏକ୍ୟୁ ମାନର ଧାନ ନୁହେଁ ବୋଲି ଉପସ୍ଥିତ କ୍ୱାଲିଟି କଣ୍ଟ୍ରୋଲ ଅଧିକାରୀମାନେ କହିଥିଲେ । ପରେ ଚାଷୀଙ୍କ ମଧ୍ୟରେ କଟନି ଛଟନିକୁ ନେଇ ଆଲୋଚନା ହୋଇଥିଲା । ସେପଟେ ଚାଷୀଙ୍କ ଅଭିଯୋଗ ଧାନ ମାନ ନିରୀକ୍ଷଣ ସମୟରେ ୧୭ ପ୍ରତିଶତରୁ ଅନେକ କମ୍ ରହିଛି, କିନ୍ତୁ ଧାନର ଲମ୍ୱ, ମୋଟେଇ, ରଙ୍ଗ ଓ ବଙ୍କା ଅଛି ବୋଲି କହି ଧାନ ଏଫଏକ୍ୟୁ ମାନର ନୁହେଁ ବୋଲି କହିଥିଲେ । ଉପସ୍ଥିତ ଥିବା ଚାଷୀଙ୍କୁ ଅତ୍ୟଧିକ କଟନି ଛଟନି କଲେ ଧାନ ନେବୁ ବୋଲି ମିଲରମାନେ କହିଥିଲେ, ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଯାଇଥିଲା । ଏହାର କୌଣସି ସମାଧାନ ନହେବାରୁ ମିଲର ସେଠାରୁ ଚାଲି ଯାଇଥିଲେ । ତେବେ ଚାଷୀ ଆଣିଥିବା ସହସହ ବସ୍ତା ଧାନ ମଣ୍ଡି ଆଗରେ ଖରାକାକରରେ ପଡ଼ିରହିଛି । ତେବେ ଧାନ ନ ଉଠାଇଲେ ଏଭଳି ସମିତି ଆଗରେ ଧାନ ପଡ଼ିରହିବା ସହ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି ଚାଷୀ ଦୀପକ ହାତୀ, ଭାସ୍କର ରାଉତ, ପ୍ରଭାତ ପଣ୍ଡା, କେଶବ ନାୟକ, ସୁଶାନ୍ତ ପ୍ରଧାନ, ଗୋପୀନାଥ ସାହୁ, ନିରାକାର ପଣ୍ଡା, ପ୍ରଭାକର କବି ପ୍ରମୁଖ କହିଛନ୍ତି ।

# ବିଲେଇଶୁଣି ମକର ମହୋତ୍ସବରେ ପୁରସ୍କାର ବିତରଣ

ଗରଦପୁର, (ଭାସ୍କର ନ୍ୟୁଜ) : ଗରଦପୁର ବ୍ଲକ୍ ପଳସୁଧା ପଞ୍ଚାୟତ ବିଲେଇଶୁଣି ମକର ମହୋତ୍ସବରେ ଶ୍ରୀ ଶ୍ରୀ ବଜ୍ର ମହାକାଳୀ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନି ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠାନର ସଭାପତି ବସନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଏବଂ ସମ୍ମାନୀୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ଯୋଗଦେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ



ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ଅନ୍ୟତମ ଅତିଥି ଭାବରେ ଜଗତସିଂହପୁର ଏକ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ରଞ୍ଜିତା ସିଂହ, ପାଟକୁରା ବିଧାୟକଙ୍କ ପ୍ରତିନିଧି କ୍ଷିତିଶ ଚନ୍ଦ୍ର ଦାଶ, କେନ୍ଦ୍ରାପଡ଼ା ଜିଲ୍ଲା ଯୁବ ବିଜେଡ଼ି ସଭାପତି ରାଜେଶ ଦାସ, ଗରଦପୁର ବ୍ଲକ୍ ଅଧ୍ୟକ୍ଷ ଅଭୟ ମହାରାଜ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଦିଲ୍ଲୀପ ସାହୁ, ପୂର୍ବତନ ସରପଞ୍ଚ ମଧୁସୂଦନ ରାଉତ ପ୍ରମୁଖ ଯୋଗ ଦେଇଥିବା ବେଳେ ଅନୁଷ୍ଠାନ ପକ୍ଷରୁ ହୋଇଥିବା ଖେଳ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ପ୍ରଫୁଲ୍ଲ କୁମାର ସିଂ(କୁନିଆ) ଏବଂ ବିକାଶ କୁମାର ସିଂ । ମକର ମହୋତ୍ସବରେ ଅନୁଷ୍ଠିତ ବିଶ୍ୱ ଶାନ୍ତି ମହାଯଜ୍ଞରେ କର୍ତ୍ତା ଭାବରେ ଦିପକ କୁମାର ସ୍ୱାଇଁ ବସିଥିବା ବେଳେ ଆନନ୍ଦ ବଜାର ପରିଚାଳନା କରିଥିଲେ ପ୍ରଣବ କୁମାର ଜେନା, ଜିବିତେଶ ପରିଡ଼ା ଏବଂ ଶୁଧାଂଶୁ ଶେଖର ସିଂ । ଶେଷରେ ପଳସୁଧା ପୂର୍ବତନ ସରପଞ୍ଚ ଅନୁଜ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ସାରା ରାଜ୍ୟରେ ବିଶ୍ୱ ପ୍ରାର୍ଥନା ଦିବସ ପାଳିତ




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ାର ଗରାପୁରସ୍ଥିତ ଦିବ୍ୟ ଜୀବନ ସଂଘ ଶିବାନନ୍ଦ ଆଶ୍ରମର ପ୍ରତିଷ୍ଠାତା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରଚେଷ୍ଟାରେ ଓଡ଼ିଶାର ସମସ୍ତ ଜିଲ୍ଲାରେ ଦୀର୍ଘ ୮ବର୍ଷ ହେବ ବିଶ୍ୱ ପ୍ରାର୍ଥନା ଦିବସ ପାଳିତ ହୋଇଆସୁଛି । ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଶ୍ରୀମା'ଙ୍କ ଏହି ସାଧୁ ଉଦ୍ୟମ ଯୋଗୁଁ କେବଳ ଏହା ସମ୍ଭବ ହୋଇପାରିଛି । ଚଳିତବର୍ଷ ମଧ୍ୟ ସାରା ରାଜ୍ୟରେ ବିଶ୍ୱ ପ୍ରାର୍ଥନା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଶ୍ରୀକ୍ଷେତ୍ର ପୁରୀରେ ଅନୁଷ୍ଠିତ ବିଶ୍ୱ ପ୍ରାର୍ଥନା ସଭାରେ ଶ୍ରୀମା' ଅଧ୍ୟକ୍ଷତା କରି କହିଥିଲେ ଯେ, ବର୍ତ୍ତମାନ ବିଶ୍ୱର ଅବସ୍ଥା ଦେଖି ଜଣେ ସାମାନ୍ୟ ସଚେତନ ବ୍ୟକ୍ତି ମଧ୍ୟ ଧୈର୍ଯ୍ୟ ଧରି ରହିପାରିବ ନାହିଁ । ଆମର ଏକମାତ୍ର ବଳ ହେଉଛି ବ୍ୟାକୁଳ ଭାବେ ପ୍ରଭୁଙ୍କୁ ପ୍ରାର୍ଥନା କରିବା । ତାଙ୍କ ବିଶ୍ୱକୁ ସେ ହିଁ ରକ୍ଷା କରନ୍ତୁ । ସାରା ବିଶ୍ୱରେ ଦୟା, ଶାନ୍ତି, କ୍ଷମା, ଶ୍ରଦ୍ଧା, ପ୍ରେମ ଓ ମୈତ୍ରୀ ପ୍ରତିଷ୍ଠା ହେଉ । ସମସ୍ତଙ୍କ ପ୍ରତି ଭଲପାଇବା ବୃଦ୍ଧିପାଉ ଏବଂ ବିଶ୍ୱ ଶାନ୍ତି ପ୍ରତିଷ୍ଠା ହେଉ ବୋଲି ଶ୍ରୀମା ପ୍ରାର୍ଥନା କରିଥିଲେ । ଏଥିରେ ସ୍ୱାମୀ ଶିଚ୍ଚିଦାନନ୍ଦ ସରସ୍ୱତୀ, ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ, ସ୍ୱାମୀ ନିତ୍ୟପ୍ରେମାନନ୍ଦଜୀ, ସ୍ୱାମୀ ବିଜ୍ଞାନାନନ୍ଦଜୀ, ସ୍ୱାମୀ ରାମସରଣାନନ୍ଦ ସରସ୍ୱତୀ, ସ୍ୱାମୀ ପ୍ରଭୁଦାନନ୍ଦଜୀ, ସ୍ୱାମୀ ସତ୍ ସ୍ୱରୂପାନନ୍ଦଜୀ, ସ୍ୱାମୀ ନାରାୟଣା ର୍ପଣାନନ୍ଦ ସରସ୍ୱତୀ, ସ୍ୱାମୀ ଗୁରୁ ଶରଣାନନ୍ଦ ମାତାଜୀ ପ୍ରମୁଖ ଯୋଗଦେଇ ବିଶ୍ୱଶାନ୍ତି ପାଇଁ ସମୂହ ପ୍ରାର୍ଥନାର ଶକ୍ତି ଉପରେ ଆର୍ଶୀବଚନ ପ୍ରଦାନ କରିବା ସହ ଶ୍ରୀମା'ଙ୍କ ଏହି ସାଧୁ ଉଦ୍ୟମ ସଫଳ ହେଉ ବୋଲି କାମନା କରିଥିଲେ ।

# ଯୁବକର ଆତ୍ମହତ୍ୟା

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବାଘମାରୀ ଥାନା ଅନ୍ତର୍ଗତ ହଂସୁଆ ମଠ ପରିସରରେ ଜଣେ ଯୁବକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବାର ଥାନା ଅଧିକାରୀ ଶମ୍ଭୁନାଥ ନାୟକ ସୂଚନା ଦେଇଛନ୍ତି । ଅଭିଯୋଗ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ଥାନା ଅନ୍ତର୍ଗତ ଜଗବନ୍ଧୁପୁର ଶାସନ ଗ୍ରାମର ପ୍ରଶାନ୍ତ କୁମାର ରଣା (୨୯) ଏକ ପ୍ରାଇଭେଟ କମ୍ପାନୀରେ କାର୍ଯ୍ୟ କରିଥିଲେ । କୌଣସି କାରଣ ବଶତଃ କମ୍ପାନୀରୁ ବାହାରି ଦୀର୍ଘ ଏକମାସ ହେବ ହଂସୁଆ ମଠରେ ରହୁଥିଲେ । ତେବେ ମଙ୍ଗଳବାର ଦିନ ପୂର୍ବାହ୍ନରେ ଆତ୍ମହତ୍ୟା କରିଥିବାର ଖବର ପୁଲିସ ନିକଟରେ ପହଞ୍ଚି ଥିଲା । ଏଥିରେ ତଦନ୍ତ ଆରମ୍ଭ କରିବା ପାଇଁ ଥାନା ଅଧିକାରୀ ନାୟକଙ୍କ ନିର୍ଦ୍ଦେଶରେ ଏଏସଆଇ ରଣଜିତ ନାୟକ ପହଞ୍ଚି ଘଟଣାର ତଦନ୍ତ ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି ।

# ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦମ୍ପତି ମୃତ

## କ୍ଷତିପୂରଣ ଦାବିରେ ଥାନା ଆଗରେ ଗ୍ରାମବାସୀଙ୍କ ଧାରଣା

କୋରାପୁଟ, (ଭାସ୍କର ନ୍ୟୁଜ୍): କାଠ ଆଣିବାକୁ ଜଙ୍ଗଲକୁ ଯାଇ ଫେରୁଥିବା ଦମ୍ପତିଙ୍କର ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ବିଛା ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଛି । ଏହି ଘଟଣାରେ ପୋଲିସ ୨ଜଣ ଶିକାରୀଙ୍କୁ ନନ୍ଦପୁର ଥାନାରେ ରଖି ପଚରାଉଚୁରା କରୁଛି । ଅନ୍ୟପଟେ ମୃତକ ଦମ୍ପତି ନନ୍ଦପୁର ହାଟପଦାରେ ଏକ ଛୋଟ ଚା' ଜଳଖିଆ ଦୋକାନ କରି ନିଜ ୮ବର୍ଷୀୟ ଝିଅ, ବୃଦ୍ଧା ମା' ଓ ଜେଜେମା'ଙ୍କୁ ନେଇ ପ୍ରତିପୋଷଣ କରୁଥିଲେ । ତାଙ୍କ ମୃତ୍ୟୁପରେ ପରିବାର ଚଳିବା କଷ୍ଟକର ହୋଇପଡ଼ିଛି । ତାଙ୍କୁ କ୍ଷତିପୂରଣ ଦିଆଯାଉ ଓ ବନ୍ୟଜନ୍ତୁ ଶିକାର ଲାଗି ତାର ବିଛାଇଥିବା ଲୋକଙ୍କ ଉପରେ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଶତାଧିକ ପରିଜନ ଓ ଗେରୁପୁଟ ଗ୍ରାମବାସୀ ନନ୍ଦପୁର ଥାନା ପରିସରରେ ଜମା ହୋଇ ଦାବି କରି ଧାରଣା ଦେଇଥିଲେ । ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ନନ୍ଦପୁର ଅତିରିକ୍ତ ତହସିଲଦାର ପୂର୍ଣ୍ଣଚନ୍ଦ୍ର ସାହୁ ଥାନାକୁ ଆସି ମୃତକଙ୍କ ମା' ଓ ଜେଜେମା'ଙ୍କୁ ଭେଟି ୨୦ହଜାର ଟଙ୍କା ରେଡ଼କ୍ରସ ପାଣ୍ଠିରୁ ପ୍ରଦାନ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ନନ୍ଦପୁର ଗୋଷ୍ଠୀକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ମୃତକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଅନୁକମ୍ପା ରାଶି ପ୍ରଦାନ କରାଯାଉ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଜିଲ୍ଲା ପ୍ରଶାସନ ଜରିଆରେ ନିବେଦନ କରିଛନ୍ତି । ସୂଚନା ଅନୁଯାଇ, ନନ୍ଦପୁର ପୋଲିସ ବିଳମ୍ବିତ ରାତିରେ ଘଟଣାସ୍ଥଳରେ ପହଞ୍ଚି ଅର୍ଦ୍ଧଦଗ୍ଧ ଅବସ୍ଥାରେ ପଡ଼ିଥିବା ଦମ୍ପତିଙ୍କ ମୃତଦେହ ଜବତ କରିଥିଲା । ମୃତ ଦମ୍ପତି ନନ୍ଦପୁର ପଞ୍ଚାୟତ ଉପର ଗେରୁପୁଟ ଗ୍ରାମର ବଳରାମ ଗାଲେଲ (୨୫) ଓ ସ୍ତ୍ରୀ ବଲା ଗାଲେଲ (୨୪) । ନନ୍ଦପୁର ଥାନାଧିକାରୀ ମମତାପଣ୍ଡା ଓ ଟିମ୍, ବନପାଳ ଗୋପୀନାଥ ପାଙ୍ଗି, ଟିପିଏସ୍‌ଓଡିଏଲ କର୍ତ୍ତୃପକ୍ଷ ତଦନ୍ତ କରିଥିଲେ । ବିଛା ଯାଇଥିବା ବିଦ୍ୟୁତ ତାର ଜବତ କରାଯାଇଛି । ସନ୍ଦେହରେ କେତେକ ବ୍ୟକ୍ତିଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରି ତାର ବିଛାଇଥିବା ଶିକାରୀଙ୍କ ସନ୍ଧାନ କରୁଥିବା ନନ୍ଦପୁର ଏସ୍‌ଡିପିଓ ସମ୍ମିତ କୁମାର ମାଝି ସୂଚନା ଦେଇଛନ୍ତି ।

# କଣ୍ଟାବଲ୍ଲଭପୁରରେ ଧାନ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ

ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଆଜି ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ କଣ୍ଟାବଲ୍ଲଭପୁର ସେବା ସମବାୟ ସମିତି ପ୍ରାଙ୍ଗଣରେ ୨୦୨୪-୨୫ ଖରିଫ ବର୍ଷ ନିମନ୍ତେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ନିୟନ୍ତ୍ରିତ ବଜାର କମିଟି ଜଗତସିଂହପୁର ପକ୍ଷରୁ ଧାନ ସଂଗ୍ରହ କେନ୍ଦ୍ର (ମଣ୍ଡି) ମାନ୍ୟବର ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ଯାଇଛି । ପ୍ରକାଶ ଥାଉ କି, ଜିଲ୍ଲାରେ ୧୦୬ଟି ପ୍ରାଥମିକ କୃଷି ସମବାୟ ସମିତି ଓ ୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ କରାଯିବ । ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ବିଧାୟକ ଦାସ କହିଲେ ଯେ, ଚଳିତବର୍ଷ ଚାଷୀମାନଙ୍କ ଠାରୁ ସୁବ୍ୟବସ୍ଥିତ, ସ୍ୱଚ୍ଛ ଓ ସହଜରେ ଧାନ କିଣା ହେବ । ଚାଷୀମାନେ ଯେପରି ସଠିକ୍ ଭାବେ ଧାନ ବିକ୍ରି କରିବେ ସେଦିଗରେ ଗୁରୁତ୍ୱ ଦିଆଯିବ । ଏହି ଅବସରରେ ଯୋଗଦେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଜଗତସିଂହପୁର ବ୍ଲକ୍ ଅଧ୍ୟକ୍ଷା କନକ ପ୍ରଭା ଲେଙ୍କା ପ୍ରମୁଖ ମଣ୍ଡିରେ ଧାନ କ୍ରୟ କରିବା ପାଇଁ ସରକାରଙ୍କ ଦ୍ୱାରା କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ । ଧାନ ବିକ୍ରୟ କରିବାରେ କୌଣସି ଅସୁବିଧା ହେଉଥିଲେ ଟୋଲ ଫ୍ରି ନମ୍ବର ୧୯୬୭କୁ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ । ଯୋଗାଣ ଅଧିକାରୀ ସୁଜାତା ମିଶ୍ର କହିଲେ ଚାଷୀଭାଇମାନେ ଶୃଙ୍ଖଳା ଓ ସଫା ଧାନ ବିକ୍ରୟ କେନ୍ଦ୍ରକୁ ଆଣନ୍ତୁ ଏବଂ ସରକାରୀ ଧାର୍ଯ୍ୟ ଉଚିତ୍ ସହାୟକ ମୂଲ୍ୟରେ ପାଆନ୍ତୁ । ସାଧାରଣ ଧାନ କ୍ୱିଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୩୧୦୦ ଟଙ୍କା ଓ ଗ୍ରେଡ଼ ଏ ଧାନ କ୍ୱିଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୩୧୨୦ଟଙ୍କା ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଛି ଏବଂ ଚାଷୀମାନେ ଧାନ ସଂଗ୍ରହ କେନ୍ଦ୍ରରେ ସକାଳ ୭ ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ମଧ୍ୟରେ ଧାନ ପହଞ୍ଚାଇବେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏଆରସିଏସ୍ ପ୍ରଭାତ ଚନ୍ଦ୍ର ଶତପଥୀ, ବିଶିଷ୍ଟ ସମାଜସେବୀ ବିନାୟକ ପଟ୍ଟନାୟକ, ନିୟନ୍ତ୍ରିତ ବଜାର କମିଟି ସେକ୍ରେଟାରୀ ସୂର୍ଯ୍ୟକାନ୍ତ ଦାସ, ଯୋଗାଣ ବିଭାଗ କର୍ମକର୍ତ୍ତା, ଚାଷୀ, ମିଲର ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।




# ସତ୍ୟନାରାୟଣ ପାଲାକାର ସଂଘର ବିଂଶତମ ସମ୍ମିଳନୀ ଉଦ୍‌ଯାପିତ

ଧର୍ମଶାଳା, (ଭାସ୍କର ନ୍ୟୁଜ୍): ଧର୍ମଶାଳା ବ୍ଲକ୍ ଅଭୟପୁର ପଞ୍ଚାୟତ ନିଳାଦେଇପୁର ସ୍ଥିତ ଶନିଶ୍ଚର ମହାଗ୍ରହଙ୍କ ପବିତ୍ର ପୀଠରେ ରବିବାର ସନ୍ଧ୍ୟାରେ ସତ୍ୟନାରାୟଣ ପାଲାକାର ସଂଘର ବିଂଶତମ ସମ୍ମିଳନୀ ଉଦ୍‌ଘାଟିତ ହୋଇ ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଏହି ସମ୍ମିଳନୀକୁ ସ୍ଥାନୀୟ ସରପଞ୍ଚ ସ୍ନେହାଞ୍ଜଳୀ ଗନ୍ତାୟତ ଉଦ୍‌ଘାଟନ କରିଥିଲେ । ରବିବାର ସନ୍ଧ୍ୟାରେ ଗାୟକ ପ୍ରକାଶ ସ୍ୱାଇଁ ଓ ତାଙ୍କ ସାଥୀ, ଗାୟକ ମୂରଲୀ ମୋହନ ସାହୁ ଓ ତାଙ୍କ ସାଥୀ ପାଲା ପରିବେଷଣ କରିଥିଲେ । ସୋମବାର ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବରେ ସଂଘର ସଭାପତି ଦାଶରଥୀ ମିଶ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଅତିଥି ଭାବେ ସଂଘର ପ୍ରତିଷ୍ଠାତା ଭରତ ଚନ୍ଦ୍ର ଶତପଥୀ, ନୀଳାଞ୍ଚଳ ପାଲାଗାୟକ ସଂଘର ସଭାପତି ମଦନ ମୋହନ ଜେନା, ରାଜ୍ୟ ପାଲାକାର କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ଯୁଧିଷ୍ଠିର ପରିଜା, ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ, ଅଜୟ କୁମାର ଦାଶ ପ୍ରମୁଖ ଯୋଗଦେଇ ପାଲାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସଂଘର ସ୍ମରଣୀକା 'କଳା କାଇଁଚ' ଓ 'ମୁଁ ସୁର୍ଯ୍ୟୋଧନ କହୁଛି' ଉପନ୍ୟାସ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ରବି ନାରାୟଣ କର କରିଥିବା ବେଳେ ପାଲାକାର ସଂଘର ସମ୍ପାଦକ ପ୍ରସନ୍ନ କୁମାର କର ସୂଚନା ପ୍ରଦାନ କରିଥିଲେ । ଶେଷରେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ କେଶବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଗାୟକ ପରମାନନ୍ଦ ଘଡ଼େଇ, ଗାୟକ ଭବାନୀଶଙ୍କର ଦାଶ, ଗାୟକ ଶିବ ଦ୍ୱିବେଦୀ ଓ ସାଥୀମାନେ ପାଲା ପରିବେଷଣ କରିଥିଲେ । ଏହି ସମ୍ମିଳନୀରେ ଜିଲ୍ଲା ଓ ରାଜ୍ୟରୁ ବହୁ ପାଲାକାର ଯୋଗ ଦେଇଥିଲେ ।

# ଗିରିରାଜ ସିଂ ମାଝି ହେଲେ ଗୋଂଡ ମହାସଭାର ମହାସଚିବ

କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ): ମହାରାଷ୍ଟ୍ର ପ୍ରଦେଶ ଅମରାବତୀ ଜିଲ୍ଲା ଅଧିନସ୍ଥ ଗୋବିନ୍ଦପୁର ଠାରେ ଆୟୋଜିତ ତ୍ରିଦିବସୀୟ ରାଷ୍ଟ୍ରୀୟ ଅଧିବେଶନ ଗତ ଜାନୁୟାରୀ ୧୭ରୁ ୧୯ ତାରିଖ ଯାଏଁ ଅନୁଷ୍ଠିତ ହୋଇଥିଲା । ଏହି ମହାସଭାରେ ଗୋଂଡ ସମାଜର ଯୁବନେତା ତଥା ତଥା ସମାଜସେବୀ ଗିରିରାଜ ସିଂ ମାଝି ଓଡ଼ିଶା ପ୍ରଦେଶର ମହାସଚିବ ନିଯୁକ୍ତି ହୋଇଥିବାରୁ କଣ୍ଟାବାଞ୍ଜି, ତୁରେକେଲା ବ୍ଲକ୍‌ର ଗୋଂଡ ସମାଜ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିବା ବେଳେ ସ୍ଥାନୀୟ ବିଭିନ୍ନ ଅନୁଷ୍ଠାନ ତରଫରୁ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି ।

# ମା' ଭୂଆସୁଣୀ ଉଚ୍ଚ ବିଦ୍ୟାଳୟର ୩୩ତମ ବାର୍ଷିକ ଉତ୍ସବ



ଗୋପ, (ଭାସ୍କର ନ୍ୟୁଜ୍) : ମଙ୍ଗଳବାର ଗୋପ ବ୍ଲକ୍ ଅଧିନ ବେଦପୁର ପଞ୍ଚାୟତ ହନ୍ତସରା ଠାରେ ଥିବା ମା' ଭୂଆସୁଣୀ ଉଚ୍ଚ ବିଦ୍ୟାଳୟର ୩୩ତମ ବାର୍ଷିକଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୂଦତ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସେ କହିଥିଲେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ସଂସ୍କାର ଧର୍ମୀ ପ୍ରଗତୀଶୀଳ ରାଷ୍ଟ୍ରିୟ ପ୍ରେମ ଓ ନୈତିକତା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଶିକ୍ଷାନୁଷ୍ଠାନ ଏକ ବଳିଷ୍ଠ ମାଧ୍ୟମ । ଭାରତୀୟ ସଂସ୍କୃତିର ମହାନ ଚିନ୍ତା ଓ ଚେତନାର ବର୍ତ୍ତୀ ହୋଇ ସଂସ୍କାର ଧର୍ମୀ ଓ ଶୃଙ୍ଖଳିତ ଛାତ୍ରଛାତ୍ରୀ ଗଠନ କରିବା ଦିଗରେ ଶିକ୍ଷାନୁଷ୍ଠାନ ଭୂମିକା ଅତୁଳନୀୟ ବୋଲି ଉପ-ମୁଖ୍ୟମନ୍ତ୍ରୀ ପରିଡ଼ା ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ହୀମାଂଶୁ ଭୂଷଣ ସମରଥ, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ଗୋପ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବନ ରଞ୍ଜନ ପଟ୍ଟନାୟକ, ସାଂସଦଙ୍କ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ମଣ୍ଡଳ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା, ବେଦପୁର ସରପଞ୍ଚ ଜୟନ୍ତୀ ଜେନା, ସମିତି ସଭ୍ୟା ଲିପିକା ସେନାପତି, ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟି ସଭାପତି ରବିନ୍ଦ୍ର ମିଶ୍ର, ପରିଚାଳନା କମିଟି ପୂର୍ବତନ ସମ୍ପାଦକ ନିରଞ୍ଜନ ଦାଶ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସହଦେବ ସାହୁ ପ୍ରମୁଖ ଯୋଗଦେଇ ଶୃଙ୍ଖଳା ଓ ସାଧନା ଛାତ୍ର ଜୀବନର ମୂଳ ମନ୍ତ୍ର । ଯେଉଁ ଛାତ୍ରଛାତ୍ରୀମାନେ ଏହାକୁ ମାନି ଚଳନ୍ତି ସେମାନେ ଜୀବନରେ ସଫଳତା ହାସଲ କରନ୍ତି । ଏଥିସହିତ ଗୁଣାତ୍ମକ ଶିକ୍ଷା ଏବଂ ଆଦର୍ଶ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ବିଦ୍ୟାର୍ଥୀ, ଶିକ୍ଷକ, ସୁସ୍ଥ ପରିବେଶ ପରି ଏକ ତ୍ରିଭୂଜ ଆବଶ୍ୟକ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପରେ ବିଭିନ୍ନ ବିଭାଗରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପରିଶେଷରେ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ତଥା ସଙ୍ଗୀତ ଭିତ୍ତିକ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ ।

# ରାଶିଫଳ

## ଗୁରୁବାର, ୨୩ ଜାନୁଆରୀ ୨୦୨୫



**ମେଷ:** ପରିବାରଜନମାନଙ୍କ ସହିତ ବୈଠକରେ ଆପଣ ମହତ୍ୱପୂର୍ଣ୍ଣ ଚର୍ଚ୍ଚା-ବିଚାରଣା କରିବେ । ଅଫିସ୍ କିମ୍ବା ବ୍ୟବସାୟ କ୍ଷେତ୍ରରେ ଅଧିକାରୀମାନଙ୍କ ସହିତ ମଧ୍ୟ ମହତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଚର୍ଚ୍ଚା ହେବ । ସ୍ୱାସ୍ଥ୍ୟ ମାମଲାରେ ଶାରୀରିକ ଆଳସ୍ୟ ସହିତ ଅଳ୍ପ ଅସୁସ୍ଥତା ଅନୁଭବ ହେବ ।



**ବୃଷ:** ନୂଆ କାର୍ଯ୍ୟର ପ୍ରେରଣା ମିଳିବ ଏବଂ ଆପଣ ତାଙ୍କୁ ପ୍ରାରମ୍ଭ କରିପାରିବେ । କୌଣସି ଧାର୍ମିକ ସ୍ଥଳ ଯାତ୍ରାକରି ଆପଣଙ୍କ ମନ ଭକ୍ତିମୟ ହୋଇଯିବ । ବ୍ୟାପାରରେ ଆର୍ଥିକ ଲାଭ ହୋଇପାରେ । ଦୂର ସ୍ଥିତ ସ୍ନେହୀଜନ କିମ୍ବା ମିତ୍ରମାନଙ୍କର ଶୁଭ ସମାଚାର ମିଳିବ ।



**ମିଥୁନ:** ନିଷେଧାତ୍ମକ ବିଚାରରୁ ଦୂରରେ ରହିବାକୁ ଉପଦେଶ । ନୂଆ କାର୍ଯ୍ୟର ପ୍ରାରମ୍ଭ ତଥା ସ୍ୱାସ୍ଥ୍ୟ ଉପଚାର ପ୍ରାରମ୍ଭ କରିବା ହୀତକର ନୁହେଁ । ନିଷେଧାତ୍ମକ ବିଚାରରୁ ଦୂରରେ ରହିବେ । ଆଧାତ୍ମିକତା ଏବଂ ଈଶ୍ୱରଙ୍କର ପ୍ରାର୍ଥନାରେ ଆଶ୍ୱସ୍ତି ମିଳିବ ।



**କର୍କଟ:** ବୈଭବ ଜୀବନଶୈଳୀ ତଥା ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆଜି ଆପଣ ଆନନ୍ଦିତ ରହିବେ । ବ୍ୟବସାୟ କ୍ଷେତ୍ରରେ ଆପଣଙ୍କୁ ଲାଭ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ମାନ-ପ୍ରତିଷ୍ଠାରେ ବୃଦ୍ଧି ହେବ । ଯାତ୍ରା କିମ୍ବା ପ୍ରବାସର ଆୟୋଜନ କରି ପାରିବେ ।



**ସିଂହ:** ଆପଣଙ୍କ ଆଜିର ଦିନ ମଧ୍ୟମ ଫଳଦାୟୀ ହେବ । ପାରିବାରିକ ସଦସ୍ୟମାନଙ୍କ ସହିତ ବାଣୀରେ ନିୟନ୍ତ୍ରଣ ରଖିବେ । ଯାହାଫଳରେ ସଂଘର୍ଷ ଟାଳି ପାରିବେ । ଦୈନିକ କାର୍ଯ୍ୟରେ ବିଘ୍ନ ଆସିପାରେ । ସେଥିପାଇଁ କାର୍ଯ୍ୟ ସଂପନ୍ନ ହେବାରେ ସହାୟତା ମିଳିବ । ଅଧିକ ପରିଶ୍ରମ ପରେ ମଧ୍ୟ ପ୍ରାପ୍ତି କମ ହେବାରୁ ହତାଶା ଅନୁଭବ ହୋଇପାରେ ।



**କନ୍ୟା:** ଆଜିର ଦିନ ଆପଣଙ୍କୁ କୌଣସି ଭାବରେ କଳହ ଏବଂ ଚର୍ଚ୍ଚାରୁ ଦୂରରେ ରହିବାକୁ ଉପଦେଶ । ବିଦ୍ୟାର୍ଥୀମାନଙ୍କପାଇଁ ପାଠପଢାରେ ବାଧା ଆସିବ । ପ୍ରିୟଜନମାନଙ୍କ ସହିତ ହେବାକୁଥିବା ସାକ୍ଷାତରେ ମନ ଆନନ୍ଦିତ ହେବ ।



**ତୁଳା:** ଆପଣଙ୍କପାଇଁ ସମୟ ଶୁଭ ଅଟେ । ମନରେ ସମ୍ବେଦନଶୀଳତାର ମାତ୍ରା ଅଧିକ ରହିବ । ଶାରୀରିକ ଫୂର୍ତ୍ତିର ଅଭାବ ରହିବ । ମାନସିକ ବ୍ୟଗ୍ରତା ମଧ୍ୟ ରହିବ । ଧନ ଏବଂ କୀର୍ତ୍ତିର ହାନି ହେବ । ମାତାଙ୍କର ସ୍ୱାସ୍ଥ୍ୟର ଚିନ୍ତା ରହିବ । ନିକଟ ସମ୍ବନ୍ଧିମାନଙ୍କ ସହିତ ଝଗଡ଼ା କିମ୍ବା ବିବାଦର କାରଣରୁ ମନକୁ ଚୋଟ ପହଁଚିବାର ପ୍ରସଙ୍ଗ ବନିବ ।



**ବିଛା:** ଆଜି ପୂରା ଦିନ ଆପଣ ପ୍ରସନ୍ନ ରହିବେ । କୌଣସି ନୂଆ କାର୍ଯ୍ୟର ପ୍ରାରମ୍ଭ କରି ପାରିବେ । ସାଥିମାନଙ୍କଠାରୁ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ । ମିତ୍ର ଏବଂ ସ୍ୱଜନମାନଙ୍କର ଭେଟ ହୋଇପାରେ । କୌଣସି କାମରେ ଆଜି ଆପଣଙ୍କୁ ସଫଳତା ମିଳିବ । ଆର୍ଥିକ ଲାଭ ଏବଂ ଭାଗ୍ୟବୃଦ୍ଧିର ଯୋଗ ଅଛି । ଭାଇ-ଭଉଣୀମାନଙ୍କଠାରୁ ଲାଭ ହେବ । ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସମକ୍ଷ ବିଜୟ ମିଳିବ । ସ୍ନେହ ସମ୍ବନ୍ଧ ବନିବ ।



**ଧନୁ:** ଆପଣଙ୍କର ଦିନ ମିଶ୍ର ଫଳଦାୟୀ ଅଟେ । ଅସାମଞ୍ଜସ୍ୟ କାରଣରୁ ନିର୍ଣ୍ଣୟ ନେବା କଠିନ ହେବ । ମନରେ ବ୍ୟଗ୍ରତା ରହିବ । ପରିବାରଜନମାନଙ୍କ ସହିତ ମନମାଳିନ୍ୟ ନ ହେଉ ଏହାର ଧ୍ୟାନ ରଖିବେ । କାର୍ଯ୍ୟରେ ଅପେକ୍ଷିତ ସଫଳତା ନ ମିଳିବାରୁ ନିରାଶା ହେବ । କାର୍ଯ୍ୟଭାର ମଧ୍ୟ ବଢିପାରେ । ନିରର୍ଥକ ଅର୍ଥ ଖର୍ଚ୍ଚ ହେବ ।



**ମକର:** ଜଗନ୍ନାଥଙ୍କର ଆଶୀର୍ବାଦରେ ଆଜି ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସରଳତାରେ ପୂର୍ଣ୍ଣ ହେବ । କାର୍ଯ୍ୟାଳୟରେ ତଥା ବ୍ୟବସାୟ ସ୍ଥଳରେ ଆପଣଙ୍କ ପ୍ରତିଷ୍ଠାରେ ବୃଦ୍ଧି ହେବ । ଗୃହସ୍ଥଜୀବନରେ ଆନନ୍ଦର ବାତାବରଣ ରହିବ । ମିତ୍ର ତଥା ସ୍ନେହୀଜନମାନଙ୍କ ସାଥିରେ ଭେଟ ହେବ । ମାନସିକ ରୂପରେ ଶାନ୍ତି ରହିବେ ।



**କୁମ୍ଭ:** ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବାକୁ ଉପଦେଶ । ମାନସିକ ସୁସ୍ଥତା କମ ରହିବ । କୋର୍ଟ-କଚେରୀର ମାମଲାରେ ପଡ଼ନ୍ତୁନାହିଁ । ପରିବାରର ସଦସ୍ୟ ବିରୋଧୀ ବ୍ୟବହାର କରିପାରନ୍ତି । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ । ଅଧିକ ପରିଶ୍ରମ ପରେ ମଧ୍ୟ ପ୍ରାପ୍ତି କମ ହେବାରୁ ହତାଶା ଅନୁଭବ ହୋଇପାରେ ।



**ମୀନ:** ଆଜି ଆପଣ ପାରିବାରିକ ତଥା ସାମାଜିକ କଥାଗୁଡ଼ିକରେ ବିଶେଷ ଲିପ୍ତ ରହିବେ । ମିତ୍ରମାନଙ୍କସହ ଭେଟ ହେବ ଏବଂ ତାଙ୍କ ଖର୍ଚ୍ଚ କରିବାକୁ ପଡ଼ିବ । ରମଣୀୟ ସ୍ଥାନକୁ ଯାତ୍ରା କରିବାର ସମ୍ଭାବନା ଅଛି । ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କୁ ଲାଭ ହେବ । ଜୀବନସାଥୀ ଇଚ୍ଛୁକଙ୍କୁ ଭଲ ଜୀବନସାଥୀ ମିଳିବାର ଯୋଗଅଛି ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ, (ଭାସ୍କର ନ୍ୟୁଜ): ଉମରକୋଟ ବ୍ଲକ ଉମରକୋଟ ସଠିକ ପ୍ରମାଣପତ୍ର ଦେଲାପରେ ବି ଆଧାର କାର୍ଡ ରେ ସଂଶୋଧନ ହେଇ ପାରୁନାହିଁ । ଏଭଳି ଘଟଣା ନବରଙ୍ଗପୁର ଜିଲ୍ଲାରେ ଆଧାର କାର୍ଡ ରେ ଭୁଲ ଥିବା ଯୋଗୁଁ ଅନେକ ଲୋକ ଅନେକ ପ୍ରକାର ଅସୁବିଧା ଭୋଗିବା ସହ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି ଦେବ କଲାରଙ୍କ କ୍ଷେତ୍ରରେ। ଆଧାର ସୁଧାର ନିମନ୍ତେ ସଠିକ ତଥ୍ୟ ପ୍ରମାଣ ଦେଲାପରେ ମଧ୍ୟ ବାରମ୍ୱାର ଆଧାର ସେବା କେନ୍ଦ୍ରକୁ ଦୌଡିବାକୁ ପଡୁଛି କିନ୍ତୁ କିଛି ବି ସୁଫଳ ମିଳୁନାହିଁ । ଏଭଳି ଅସୁବିଧାର ସମ୍ମୁଖୀନ ହେଇଛନ୍ତି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ କୋପେନା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତାରାଗାଁ ଦେଓର୍ଲପାରା ରେ ରହୁଥିବା ଦେବ କଲାର(୨୩) ପିତା ଶ୍ରୀ ଗୁଞ୍ଜୁ କଲାର । ଦେବ କଲାର କିଛି ବର୍ଷ ପୂର୍ବେ ଆଧାର କାର୍ଡ ପାଇଥିଲେ କିନ୍ତୁ ଉକ୍ତ ଆଧାର କାର୍ଡରେ ଦେବ କଲାରଙ୍କ ନାମ ଦେବ କଲାର ପରିବର୍ତ୍ତେ ଗଙ୍ଗାରାମ ଦେବ କଲାର ଲେଖା ଥିବା ଦେଖିବାକୁ ମିଳିଛି । ଯାହାଦ୍ୱାରା ଦେବ ବିଭିନ୍ନ ପ୍ରକାରର ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି । ଉକ୍ତ ଆଧାର କାର୍ଡ ଟିକୁ ସଂଶୋଧନ ନିମନ୍ତେ ସେ ବାରମ୍ୱାର ଆଧାର ସେବା କେନ୍ଦ୍ରକୁ ଯିବା ସହ ଆଧାର ସେବା କେନ୍ଦ୍ରରେ ଯେଉଁସବୁ ପ୍ରମାଣ ପତ୍ର ଆବଶ୍ୟକ ପଡୁଛି । ସେ ସବୁ ପ୍ରଦାନ କରିବା ପରେ ମଧ୍ୟ ତାଙ୍କର ଆଧାର ସଂଶୋଧନ ହେଇ ପାରୁନଥିବା କହିଛନ୍ତି । କିଭଳି ଆଧାର ସଂଶୋଧନ ହେଇପାରିବ ସେ ନେଇ ଦେବ କଲାର ଚିନ୍ତାରେ ପଡ଼ିଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ଦେଖିବାକୁ ବାକି ରହିଲା କେବେ ଦେବ କଲାରଙ୍କ ଆଧାର ସଂଶୋଧନ ହେଇ ପାରିବ ଏବଂ ସେ ସରକାରଙ୍କ ସୁବିଧା ସୁଯୋଗର ଲାଭ ପାଇପାରିବେ ।

# ମୌଳିକ ସୁବିଧାରୁ ବଞ୍ଚିତ ଉସକାପାଲ୍ଲୀ ଗ୍ରାମବାସୀ



ମାଲକାନଗିରି , (ଭାସ୍କର ନ୍ୟୁଜ୍): ବିକାଶ ଭଳି ପରିପୁରକ ଶବ୍ଦ କ'ଣ କେହି ଜାଣିନାହାଁନ୍ତି। ସେମାନେ ବୁଝନ୍ତି କେବଳ ସମସ୍ୟାର ଭାଷା। ଅଞ୍ଚଳରେ ବିକାଶକୁ ନେଇ ଗ୍ରାମବାସୀ ବହୁବାର ପ୍ରଶାସନ ଅଧିକାରୀ ଓ ନିର୍ବାଚିତ ଜନ ପ୍ରତିନିଧି ଯମାନଙ୍କ ଆଗରେ ଦ୍ୱାରସ୍ଥ ହୋଇ ନେହୁରା ହୋଇଛନ୍ତି । ହେଲେ ବି କେହି କର୍ଣ୍ଣପାତ କରୁନାହାଁନ୍ତି। ଗାଁରେ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ସମସ୍ୟାଗୁଡିକର ସମାଧାନ କରି ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ନିଜ ତରଫରୁ ଉଦ୍ୟମ ମଧ୍ୟ ଜାରି ରହିଛି। ହେଲେ ମୌଳିକ ସୁବିଧା ସୁଯୋଗର ଅଭାବ ଏବେ ଜନଅସନ୍ତୋଷ ରୂପ ନେଲାଣି। ଏଭଳି ସ୍ଥଳେ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ କାଳ କାଟୁଛନ୍ତି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତର ଉସକାପାଲ୍ଲୀ ଗ୍ରାମବାସୀ। ଗମନା ଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ,ଅତ୍ୟଧିକ ବିଦ୍ୟୁତ୍ ବିଲ, ଷ୍ଟ୍ରିଟ ଲାଇଟ, ଡ୍ରେନ ଭଳି ସର୍ବନିମ୍ନ ମୌଳିକ ସୁବିଧା ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଉସକାପାଲ୍ଲୀ ଗାଁରେ ପ୍ରାୟ ୧୨୨ କୋୟା ଓ ରାଣ ସମ୍ପ୍ରଦାୟ ପରିବାରର ମୋଟ ୬୧୮ଜଣ ଲୋକେ ବସବାସ କରୁଛନ୍ତି। ହେଲେଏହି ଗ୍ରାମବାସୀଙ୍କୁ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧା ମିଳିପାରିଲାନାହିଁ। ଫଳରେ ବିଚ୍ଛିନ୍ନାଞ୍ଚଳ ଭଳି କଷ୍ଟ ଭୋଗିବାକୁ ପଡୁଛି ବୋଲି ସେମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। କିଛିବର୍ଷ ପୂର୍ବେ ଗାଁରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଲାଗି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ଉକ୍ତ ପ୍ରକଳ୍ପ ନିକଟରେ ଥିବା କେବଳ ଗୋଟିଏ ପାଇପରେ ହିଁ ପାଣି ଆସୁଛି। ଗ୍ରାମବାସୀଙ୍କୁ ହାତ ପାହାନ୍ତାରେ ପାଣି ଯୋଗାଇ ଦେବା ପାଇଁ ବିଭିନ୍ନ ସାହିରେ ବିଭାଗ ପକ୍ଷରୁ ବିଛା ଯାଇଥିବା ପାଣି ପାଇପ ଗୁଡିକ ଫାଟି ଯିବା ସହ ସ୍ଥାପନ ହୋଇଥିବା ଷ୍ଟାଣ୍ଡ ପୋଷ୍ଟ ଗୁଡିକ ଅଚଳ ହୋଇ ପଡିରହିଛି। ଗାଁରେ ମୋଟ ୫ଟି ନଳକୂପ ରହିଛି। ସେଥିମଧ୍ୟରୁ ଚାଲାଣ ସାହି ଓ ରାଣା ସାହିରେ ଥିବା ଦୁଇଟି ନଳକୂପ ପାଣି ଯୋଗାଇବାରେ ସମ୍ପୂର୍ଣ୍ଣ ଭାବେ ଅକ୍ଷମ ହୋଇ ପଡ଼ିରହିଛି। ଅନ୍ୟ ତିନୋଟି ନଳକୂପରୁ ଲୋକଙ୍କ ଆବଶ୍ୟକତା ଅନୁସାରେ ଜଳ ବାହାରୁଥିବା କହିଛନ୍ତି ଗ୍ରାମବାସୀ। ପାନୀୟ ଜଳ ଅଭାବର କଷ୍ଟ କେବଳ ଗ୍ରାମବାସୀ ଭୋଗୁ ନାହାଁନ୍ତି , ଗୃହ ପାଳିତ ପଶୁମାନେ ମଧ୍ୟ ତ୍ରାହି ତ୍ରାହି ଡାକ ଦେଉଛନ୍ତି। ବର୍ଷା ଦିନେ ଗାଁରେ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ କରାଯାଇନାହିଁ। ଗାଁର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡିଛି। ଗାଁରେ ଷ୍ଟ୍ରିଟ ଲାଇଟ ନାହିଁ। ଫଳରେ ରାତିରେ ଗ୍ରାମବାସୀ ଯାତାୟତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଷଧର ସରୀସୃପଙ୍କ ପାଇଁ ଜନଜୀବନ କ୍ଷତିର ଭୟ ଲାଗିରହିଛି।ଗ୍ରାମବାସୀଙ୍କ କହିବା ଅନୁଯାୟୀ ଆଜକୁ ପ୍ରାୟ ୧୫ ବର୍ଷ ପୂର୍ବେ ଉସକାପାଲ୍ଲୀ ଗାଁ ଠାରୁ ଏମଭି – ୩୪ ଗ୍ରାମ ପର୍ଯ୍ୟନ୍ତ ବ୍ଲକ ତରଫରୁ ମହାତ୍ମାଗାନ୍ଧୀ ଆମ୍ ନିଯୁକ୍ତି ଯୋଜନାରେ ପ୍ରାୟ ୭ କିମି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ରାସ୍ତାରେ ୩ଟି ବଡ ଓ ଗୋଟିଏ ଛୋଟ କଲଭର୍ଟ ନିର୍ମାଣ ହେବାକୁ ଥିବା ବେଳେ କେବଳ ଗୋଟିଏ କଲଭର୍ଟର ଦୁଇ ପାର୍ଶ୍ୱରେ ଫାଉଣ୍ଡେସନ ପକାଯାଇଥିଲା।ଦୀର୍ଘବର୍ଷ ଧରି ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ହୋଇ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଥିବାରୁ ଯାତାୟାତରେ ସମସ୍ୟା ହେଉଛି। ବର୍ଷା ଜଳରେ ଉକ୍ତ କଲଭର୍ଟର ଗୋଟିଏ ଫାଉଣ୍ଡେସନ ୱାଲ ସମେତ ଉକ୍ତ ରାସ୍ତାରୁ ମାଟି ଧୋଇ ହୋଇଯାଇଛି। ରାସ୍ତାରେ ଏବେ ଖାଲି ଖାଲଖମା ରହିଛି। ସେହିପରି ଉସକାପାଲ୍ଲୀ ଗାଁରୁ ପୂଜାରୀପୁଟ ପର୍ଯ୍ୟନ୍ତ ରାସ୍ତା କିଛିବର୍ଷ ପୂର୍ବେ ଏମଜି ଏନ ଆର ଜିଏସ ଯୋଜନାରେ ଆରମ୍ଭ ହୋଇଥିଲା। ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ମଧ୍ୟ ଦୀର୍ଘବର୍ଷ ଧରି ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି। ଲୋକେ ଏହି ରାସ୍ତାରେ ଯାତାୟାତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ଯାତାୟତ କରିବା ସମୟରେ ଅନେକ ଥର ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଥିବା ନଜିର ରହିଛି।ଖାଲି ଏତିକିରେ ସରିନି ଏହି ଗାଁର ସମସ୍ୟା। ଗ୍ରାମବାସୀଙ୍କ କହିବାନୁଯାଇ ଗ୍ରାମରେ ଥିବା ହୀରାମଣି ପଡିୟାମୀଙ୍କ ଦେଢ଼ ବର୍ଷର ପୁଅ, ବାସନ୍ତୀ ମାଡକାମୀଙ୍କ ସାତ ମାସର ପୁଅ, ଶିବାନୀ ମାଡକାମୀଙ୍କ ଛଅ ମାସର ଝିଅ, ଲକି ସୋଡିଙ୍କ ଦେଢ଼ ବର୍ଷର ଝିଅ ଏବଂ ଗାଙ୍ଗେ ସୋଡିଙ୍କ ଚାରି ବର୍ଷର ଝିଅ ମୋଟ ୫ ଜଣ ଶିଶୁ ଅପପୃଷ୍ଟିର ଶିକାର ହେଲେ ପ୍ରଶାସନର ନିଘା ନାହିଁ।ଗ୍ରାମରେ ଲାଗି ରହିଥିବା ଉପରୋକ୍ତ ସମସ୍ୟା ଗୁଡିକର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ବହୁବାର ପଞ୍ଚାୟତ, ବ୍ଲକ କର୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଗ୍ରାମର ମୁଖିଆ ମୁକା ପଡିୟାମୀ, ୱାର୍ଡ ମେମ୍ବର ଜାଗା ପଡିୟାମୀ, କର୍ମୀ ଶିବା ମାଡି, ଦେବେ ପଡିୟାମୀ, ଅମ୍ବିକା ପଡିୟାମୀ, ବବିତା ପଡିୟାମୀ, ଇର୍ମେ ପଡିୟାମୀ, ମୁକେ ପଡିୟାମୀ, ଗଙ୍ଗା ପଡିୟାମୀ, ଏରା ପଡିୟାମୀ, ମୀରା ପଡିୟାମୀ, ରମା ପଡିୟାମୀ, ଇର୍ମା ସୋଡିଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଏ ସମ୍ପର୍କରେ କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ ସାହୁଙ୍କ ସହ ଯୋଗାଯୋଗ କରିବାରୁ ଉକ୍ତ ଗ୍ରାମକୁ ବିଭାଗୀୟ ଅଧିକାରୀ ମାନଙ୍କୁ ପଠାଇ ତୁରନ୍ତ ଗ୍ରାମର ସମସ୍ତ ସମସ୍ୟା ଗୁଡିକର ସମାଧାନ ଦିଗରେ ଉଚିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଗଞ୍ଜେଇ ଜବତ ୨ ଗିରଫ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ପୋଲିସ ପକ୍ଷରୁ ଗଞ୍ଜେଇ ଜବତ ହୋଇଛି। ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । କାଲିମେଳା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କ ସୂଚନା ଅନୁଯାୟୀ ଥାନା ଟିମ ପପଲୁର ଗ୍ରାମ ଅଞ୍ଚଳର ଜଙ୍ଗଲରୁ ଛଅ ଗୋଟି ବସ୍ତାରେ ଥିବା ୧୫୦ କିଲୋ ଗଞ୍ଜେଇ ଜବତ କରିଥିଲା । ଦୁଇ ଜଣ ଏମପିଭି–୩୫ ଗ୍ରାମର ନିରାପଦ ବିଶ୍ୱାସଙ୍କ ପୁଅ ମନିନ୍ଦ୍ର ବିଶ୍ୱାସ (୨୮) ଏବଂ ଏମ୍ଭି୯୦ ଗ୍ରାମର ବୈଦ୍ୟନାଥ ବିଶ୍ୱାସଙ୍କ ପୁଅ ଅପୂର୍ବ ବିଶ୍ୱାସ (୨୮) ଙ୍କୁ ପୋଲିସ ପକ୍ଷରୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ଗୋଟିଏ ମୋଟର ସାଇକଲ କୁ ଜବତ କରାଯାଇଛି। ଅଭିଯୁକ୍ତମାନେ ଗଞ୍ଜେଇକୁ ଆନ୍ଧ୍ର ପ୍ରଦେଶ ପରିବହନ କରିବାକୁ ଯୋଜନା କରୁଥିଲେ ବୋଲି ଥାନାଧିକାରୀ ଶ୍ରୀ ତାଣ୍ଡି କହିଛନ୍ତି । ସେମାନଙ୍କୁ କୋର୍ଟଚାଲାଣ ମଧ୍ୟ କରାଯାଇଛି ।

## ହୀରାକୁଦ ଜଳପ୍ରପାତକୁ ଆସିଛନ୍ତି ୧୨୨ ପ୍ରଜାତିର ପକ୍ଷୀ: ଡିଏଫ୍ଓ

ସମ୍ବଲପୁର, (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନରେ ୨୦୨୫ ପକ୍ଷୀ ଗଣନା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ହୀରାକୁଦ ଜଳପ୍ରପାତକୁ ଅନେକ ବିଦେସାଗତ ପକ୍ଷୀ ଆସିଛନ୍ତି। ସାଇବେରିଆ, ଆମେରିକା,ୟୁରୋପ, ଅଷ୍ଟ୍ରେଲିଆ,ଏପରିକି ଏସିଆ ମହାଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ଏହି ସୁତ୍ରରୁ ସୂଚନା ମିଳିଛି। ହୀରାକୁଦ୍ ବନ୍ୟପ୍ରାଣୀ ଡିଏଫ୍ ଓ ଆଁଶୁପ୍ରଜ୍ଞା ଦାସଙ୍କ ସୂତ୍ରରୁ ପ୍ରକାଶଯେ, ଚଳିତବର୍ଷ ୧୨୨ପ୍ରଜାତିର ପକ୍ଷୀ ଆସିଛନ୍ତି ଯାହାକି ଗତ ବର୍ଷ ୧୧୩ପ୍ରଜାତିଠାରୁ ଅଧିକ, ଏହି ଆକଳନ ଅନ୍ତିମ ପର୍ଯ୍ୟାୟରେ ପହଁଞ୍ଚିଛି। ଆଉ ଦୁଇ ଦିନ ମଧ୍ୟରେ ଶେଷ ହୋଇଯିବ। ଶେଷପରେ ସଂପୂର୍ଣ୍ଣ ଏବଂ ଚୁଡାନ୍ତ ଗଣନା ସ୍ପଷ୍ଟ ହୋଇଯିବ। ଡିସେମ୍ବର,ଜାନୁୟାରୀ ମାସ ମଧ୍ୟରେ ହିରାକୁଦ ଜଳଭଣ୍ଡାରକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ' ୪୯୬–୬୦ ବର୍ଗ କିଲୋମିଟରକୁ ପ୍ରତିବର୍ଷ ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀ ଆସିଥାନ୍ତି। ଯାହା ୧କିଲୋ ମିଟରରୁ ୪୦ ବର୍ଗ କିଲୋମିଟର ମଧ୍ୟରେ ସିମିତ ରହିଥାଏ। ଏଥିପାଇଁ ସମ୍ବଲପୁର, ହୀରାକୁଦ, ଝାରସୁଗୁଡା ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ୨୧ ସେକ୍ଟରରେ ପକ୍ଷୀ ଗଣନା କରାଯାଇଛି। ୩୨ଗୋଟି ବୋଟରେ ୭୦ଜଣପକ୍ଷୀ ବିଶେଷଜ୍ଞ ନିୟୋଜିତ ଅଛନ୍ତି। ପ୍ରତ୍ୟେକ ସେକରରେ ଆସିଥିବା ପକ୍ଷୀ ଅନ୍ୟଠାରୁ ଭିନ୍ନ ଅଟନ୍ତି। ୨୦୨୪–୧୧୩ପ୍ରଜାତି ୩ଲକ୍ଷ ୪୨ହଜାର ୩୪୫,୨୦୨୦ , ୯୩ପ୍ରଜାତି ୯୭ହଜାର ୮୯୯, ୨୦ ୨୧ରେ ୯୮ପ୍ରଜାତି ୧ଲକ୍ଷ ୨୪ହଜାର ୮୬୪, ୨୦୨୨–୧୦୪ ପ୍ରଜାତି ଦୁଇଲକ୍ଷ ୮ହଜାର ୬୩୪,୨୦୨୩–୩ଲକ୍ଷ ୧୬ହଜାର ୬୭୬ ପକ୍ଷୀ ଆସିଥିବନେଇ ରେକର୍ଡ ମହଜୁଦ ଥିବା ଡିଫ୍ଓ ଆଁଶୁ ପ୍ରଜ୍ଞାଦାସ ସୂଚନା ଦେବାସହ ଚଳିତ ବର୍ଷ ସବୁ ରେକର୍ଡକୁ ଅତିକ୍ରମ କରିଛି ବୋଲି ମଧ୍ୟ ସେ କହିଛନ୍ତି।

## ଅଭିଭାବକ ବୈଠକ



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିଶୁ ବାଟିକା ବିଭାଗର ଅଭିଭାବକ ବୈଠକଟି ଶିଶୁ ବାଟିକା ପ୍ରମୁଖ ବିଣାପାଣି ପଣ୍ଡା ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁର ଯୋଗଦେଇ ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଶିଶୁ ବାଟିକା ପ୍ରମୁଖ ବିଣାପାଣି ପଣ୍ଡା ଅବିଭାବକମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁର ତାଙ୍କର ଅଭିଭାଷଣରେ ଜାତୀୟ ଶିକ୍ଷାନିତୀ ୨୦୨୦ ର କ୍ରିୟାନ୍ୱୟନ ବିଷୟ ଉପରେ ଉପସ୍ଥାପନ କରିବା ସହ ଆଭିବାକ ଓ ବିଦ୍ୟାଳୟ ସମସ୍ତ ଗୁରୁଜୀ ଗୁରୁମା ଛାତ୍ର ଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ରେ କିପରି ଭୂମିକା ରହିବା ଦରକାର ସେ ବିଷୟରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ପଢ଼ାପଢ଼ି ବିଷୟରେ ଅଭିବାକ ସହ ଆଲୋଚନା କରିଥିଲେ । ସେଷରେ ବିଦ୍ୟାଳୟ ଗୁରୁମା ମିରା ରାଉତ ଧନ୍ୟବାଦ୍ ଅର୍ପଣ କରିଥଲେ । ଏହି ବୈଠକ ରେ ଶିଶୁବୋଧ ସମସ୍ତ ଅଭିଭାବକ ଓ ଅଭିବାବିକା ବୈଠକ ରେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ । ଶିଶୁ ବାଟିକା ର ସମସ୍ତ ଗୁରୁଜୀ ଗୁରୁମା ବିଶେଷ ଭାବରେ ସହଯୋଗ କରିଥିଲେ ।

## କଫ୍ ସିରପ ଜବତ, ୫ ଗିରଫ



ଖପ୍ରାଖୋଲ,(ଭାସ୍କର ନ୍ୟୁଜ): ଖପ୍ରାଖୋଲ ଥାନା ପୋଲିସ ବେଆଇନ୍ କଫ ସିରପ୍ ରଖିବା ଅଭିଯୋଗରେ ୫ ଯୁବକକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିବା ସୂଚନା ଦେଇଛି। ଗିରଫ ଯୁବକମାନେ ହେଲେ ଧଣ୍ଡାମୁଣ୍ଡା ଗାଁ ର ସତ୍ୟପ୍ରିୟ ପଟେଲ ଓରଫ କାଳିଆ (୪୩), ମନୋରଞ୍ଜନ ପଧାନ(୨୯), ବାଲଗୋପାଲ ଥନାପତି (୩୪), ଫାଲଗୁନୀ ଥନାପତି ଓରଫ ମୁନା (୩୫) ଓ ବାଞ୍ଜିପାଲି ଗାଁ ର ଏମ ଡି ଅନିସ (୪୩) ବୋଲି ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କ ଠାରୁ ୧୦ ବୋତଲ କଫ ସିରଫ ସହ ଏକ ପତା ଆଲ ପ୍ରାଯୋଲ ନିଶା ବାଟିକା ଜବତ କରିଥିବା ଜଣାଯାଇଛି। ସୂଚନା ଅନୁସାରେ ପୋଲିସ ସୋମବାର ରାତିରେ ପେଟ୍ରଲିଂ କଲାବେଳେ ଧଣ୍ଡାମୁଣ୍ଡା ଗାଁ ନିକଟରେ କଫ ସିରପ୍ ରଖି କିଣାବିକା କରୁଥିବା ଖବର ପାଇ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଯୁବକ ମାନଙ୍କ ଠାରୁ କଫ ସିରଫ ଓ ନିଶା ବାଟିକା ଜବତ କରି ଗିରଫ କରିଥିବା ବ୍ଳେ ଦୁଇଟି ମୋଟର ସାଇକେଲ ଜବତ କରିଥିବା ବେଳେ ଏନେଇ ଖପ୍ରାଖୋଲ ଥାନା କେସ ନମ୍ବର ୨୨/୨୫ରେ ଭାରତୀୟ ନ୍ୟାୟ ସଂହିତା ର ବିଭିନ୍ନ ଦଫାରେ ମାମଲା ରୁଜୁ କରି ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ ସହ ଘଟଣା ର ତଦନ୍ତ ଚାଳିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

## ମହାକୁମ୍ଭମେଳାରେ ଗଙ୍ଗା ସ୍ନାନ କଲେ ବିଧାୟକ



ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍): ଉତ୍ତରପ୍ରଦେଶର ପ୍ରୟାଗରାଜ ଠାରେ ପ୍ରତ୍ୟେକ ବର୍ଷ କୁମ୍ଭ ମେଳା ହୋଇ ଥାଏ । ଚଳିତ ବର୍ଷ ପଡ଼ିଥିବା ମହାକୁମ୍ଭମେଳାରେ ନବରଙ୍ଗପୁର ଯୁବ ବିଧାୟକ ଗୌରୀ ଶଙ୍କର ମାଝୀ ପବିତ୍ର ଗଙ୍ଗାନଦୀର ତ୍ରିବେଣୀ ସଙ୍ଗମରେ ମହାସ୍ନାନ କରିଛନ୍ତି। ସେ ରାୟପୁରରୁ ଟ୍ରେନ ଯୋଗେ ଯାଇ ପ୍ରୟାଗରାଜରେ ପହଞ୍ଚିବା ପରେ ସନ୍ଧ୍ୟାରେ ଗଙ୍ଗାନଦୀରେ ସ୍ନାନ କରିବା ସହିତ ସମସ୍ତ ବିଶ୍ୱବାସୀଙ୍କର କଲ୍ୟାଣ କାମନା କରିଥିଲେ । ବିଧାୟକଙ୍କ ସହିତ ନବରଙ୍ଗପୁର ବିଜେପି ନଗର ସଭାପତି ପିଣ୍ଟୁ ମିଶ୍ର, ଗୌରୀଶଙ୍କର ସାହୁ, ସନାତନ ବିଷୋୟୀ, ମୂରଲୀଧର ବିଷୋୟୀ ଓ ସାରଦା ମହାପାତ୍ର ଗଙ୍ଗାସ୍ନାନ କରିଛନ୍ତି।

## ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ସଚେତନତା




ଗୁଣୁପୁର(ଭାସ୍କର ନ୍ୟୁଜ୍): ଜଙ୍ଗଲ ସୁରକ୍ଷା ପାଇଁ ସଚେତନତା କରୁଛି ଗୁଣୁପୁର ବନ ବିଭାଗ। ବୁଧବାର ସକାଳେ ଗୁଣୁପୁର ଜଗନ୍ନାଥ ମନ୍ଦିର ଠାରୁ ଗୁଣୁପୁର ରେଞ୍ଜ ଓ ବନ ବିଭାଗ କର୍ମଚାରୀ ମାନେ ଏକତ୍ରିତ ହୋଇ ଏକ ବାଇକ୍ ଶୋଭାଯାତ୍ରା ଚିନାସାରି ଗ୍ରାମାଞ୍ଚଳ ଅଭିମୁଖେ ବାହାରି ଥିଲା। ଏହି କାର୍ଯ୍ୟକ୍ରମ କୁ ସ୍ଥାନିୟ ଯୁବ ସମାଜ ସେବି ଏମ୍ ଶ୍ରିକାନ୍ତ ଓ ବନ ବିଭାଗ ରେଞ୍ଜର ଗଙ୍ଗାଧର ମିଶ୍ର ସବୁଜ ପତକା ଦେଖାଇ ଉଦ୍ଘାଟନ କରିଥିଲେ। ଚିନାସାରି ପଞ୍ଚାୟତ ର ଗ୍ରାମାଞ୍ଚଳରେ ଜଙ୍ଗଲ ସୁରକ୍ଷା କୁ ନେଇ ଅଭିନବ ପଦ୍ଧତିରେ ନାଚଗିତ ମାଧ୍ୟମରେ ସଚେତନତା କରାଯାଉଥିଲା। ନିଆ ଦାଉରୁ ଜଙ୍ଗଲ କୁ ରକ୍ଷା କରିବା ପାଇଁ ଗ୍ରାମାଞ୍ଚଳରେ ସଚେତନତା କରାଯାଉଛି। ଏହି ସଚେତନତା କାର୍ଯ୍ୟକ୍ରମ ଗୁଣୁପୁର ରେଞ୍ଜ ଅନ୍ତର୍ଗତ ପ୍ରତ୍ୟେକ ପଞ୍ଚାୟତ ର ଗ୍ରାମାଞ୍ଚଳ କୁ ବୁଲି ସଚେତନତା କରାଯାଉଛି।

## ପିବିଏଲ କର୍ମଶାଳା

କନ୍ଧମାଳ, (ଭାସ୍କର ନ୍ୟୁଜ୍): ପିରାମଲ ଫାଉଣ୍ଡେସନ ଦ୍ୱାରା ଫୁଲବାଣୀ, କନ୍ଧମାଳର ବି. ଏଡ କଲେଜରେ ପ୍ରକଳ୍ପ-ଆଧାରିତ ଶିକ୍ଷା ( ପି ବି ଏଲ ) ଉପରେ ଦୁଇ ଦିନିଆ କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ ୧୦୦ ଜଣ ଶିକ୍ଷକ ଫ୍ୟାସିଲିଟେଟରଙ୍କ ଯୋଗଦାନରେ, ଏହି କାର୍ଯ୍ୟକ୍ରମରେ ଶିକ୍ଷାଦାନ ଅଭ୍ୟାସକୁ ବୃଦ୍ଧି କରିବା ପାଇଁ ଅଭିନବ ପି ବି ଏଲ ପଦ୍ଧତି ପ୍ରଚଳନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ଚିନ୍ତନଶୀଳ ଅଧିବେଶନରେ ସାମିଲ ହୋଇଥିଲେ, ପାରମ୍ପରିକ ଶିକ୍ଷା ମଡେଲରେ ଚ୍ୟାଲେଞ୍ଜ ବିଷୟରେ ଆଲୋଚନା ହୋଇଥିଲା ଏବଂ ୨୧ ଶତାବ୍ଦୀର ଦକ୍ଷତା ବିକାଶ ପାଇଁ ଢାଞ୍ଚା ଅନୁସନ୍ଧାନ କରିଥିଲେ। ପାରସ୍ପରିକ କେସ୍ ଷ୍ଟଡି ଏବଂ ଆଲୋଚନା ମାଧ୍ୟମରେ, ଫ୍ୟାସିଲିଟେଟର ମାନଙ୍କୁ ଛାତ୍ର-କୈନ୍ଦ୍ରିକ, ଅଭିଜ୍ଞତାମୂଳକ ଶିକ୍ଷଣ ପରିବେଶ ସୃଷ୍ଟି କରିବାକୁ ସଶକ୍ତ କରାଯାଇଥିଲା। ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିକ୍ଷାର ଦୃଷ୍ଟିକୋଣ ସଜାଡ଼ିବା ପାଇଁ ଶିକ୍ଷକମାନଙ୍କୁ ସଜ୍ଜିତ କରିବା ପାଇଁ ରଣନୀତି ସହିତ ସଜ୍ଜିତ କରିବା ପାଇଁ କର୍ମଶାଳାର ଲକ୍ଷ୍ୟ ଥିଲା।

# ଲୋକଙ୍କ ପାଇଁ ନାଳ ପାଲଟିଛି କାଳ



ଖଡ଼ିଆଳ(ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଡୁଆଝର ଗାଁର ତେନ୍ତୁଳି ନାଳା ସ୍ଥାନୀୟ ଲୋକଙ୍କୁ ଯାତାୟାତରେ ସମସ୍ୟାରେ ପକାଇଛି। ଡୁଆଝର ପଞ୍ଚାୟତରୁ ଦାବ୍ରି ପଞ୍ଚାୟତକୁ ସଂଯୋଗ କରିଥିବା ଏହି ରାସ୍ତା ନିକଟସ୍ଥ ଗାଁଗୁଡ଼ିକର ଲୋକଙ୍କ ଭରସା ପାଲଟିଥିବା ବେଳେ ଏହି ରାସ୍ତାରେ ବହିଯାଉଥିବା ନାଳର ପାଣି ସ୍ଥାନୀୟ ଲୋକଙ୍କ ପାଇଁ ଦୀର୍ଘଦିନ ହେଲା ଖରା ଓ ବର୍ଷା ଉଭୟରେ ସମସ୍ୟା ହୋଇରହିଛି। ଏହି ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ଦୃଷ୍ଟି ଦେଉନଥିବା ଲୋକେ ଅଭିଯୋଗ କରିଛନ୍ତି। ଡୁଆଝର ପଞ୍ଚାୟତର ଡୁଆଝର. ଭୀମାଖୋଲ ଓ ନାଗପଡ଼ା ଗାଁ ଶହ ଦାବ୍ରି ପଞ୍ଚାୟତର ଦାବ୍ରି କଏନେଷ୍ଟ ପଡ଼ା କୁ ସଂଯୋଗ କରୁଥିବା ଏହି ରାସ୍ତା ଖଡିଆଳ ସହରକୁ ବ୍ୟବସାୟ ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ନେଇ ଯିବାକୁ ପଡୁଥିବାବେଳେ ଏହି ନାଳଟି ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ସବୁଦିନ ଏହି ନାଳରେ ପାଣି ରହୁଥିବା ବେଳେ ବିଶେଷ କରି ବର୍ଷା ଦିନରେ ଅଧିକ ପାଣି ବହୁଛି। ଫଳରେ ଛାତ୍ର ଛାତ୍ରୀ ପାଠ ପଢ଼ିବା ପାଇଁ ଯିବାରେ ସମସ୍ୟା ହେଉଥିବାବେଳେ ଜରୁରି କାର୍ଯ୍ୟରେ ଲୋକଙ୍କ ପାଇଁ ଏହି ନାଳ ବାଧକ ସାଜୁଛି। ଏପରି ସମସ୍ୟାର ସମାଧାନ ପାଇଁ ଏହି ନାଳରେ ଏକ ବ୍ରିଜ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଗାଁ କୁ ସହର ଶହ ଯୋଡିବା ପାଇଁ ଗମନାଗମନ ବ୍ୟବସ୍ଥା ପ୍ରତି ପ୍ରଶାସନ ଦୃଷ୍ଟି ଦେଉନଥିବାରୁ ଡୁଆଝର ଓ ଦାବ୍ରି ପଞ୍ଚାୟତ ଅଞ୍ଚଳ ବାସୀ ନିଜ କାର୍ଯ୍ୟ ପାଇଁ ଦୀର୍ଘ ରାସ୍ତା ଅତିକ୍ରମ ଶହ ସମସ୍ୟା ରେ ପଡୁଛନ୍ତି। ଲୋକ ଙ୍କ ଏପରି ସମସ୍ୟା କୁ ଶୀଘ୍ର ସମାଧାନ କରାଯିବକୁ ଲୋକେ ଦାବି କରୁଛନ୍ତି। ଏଥି ପ୍ରତି ଜିଲ୍ଲା ପ୍ରଶାସନ ଧ୍ୟାନ ଦେବାକୁ ଦାବି ହେଉଛି।

## ଭୋଜପୁର ହାଇସ୍କୁଲରେ ପ୍ରତିଭା ମହୋତ୍ସବ

କୁଚିଣ୍ଡା, (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଭୋଜପୁର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ( ଏସ ଏସ ଡି) ଠାରେ ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ପ୍ରତିଭା ମହୋତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରୋହିତ କୁମାର ନାଥ ସଭାପତିତ୍ୱ କରିଥିଲେ। ସମାଜସେବୀ ଡ଼ାକ୍ତର ହୃଦାନନ୍ଦ ନାୟକ ମୁଖ୍ୟ ଅତିଥି ,ଅବସର ପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଓ ଶ୍ରମିକ ନେତା ମହମ୍ମଦ ମୂର୍ତ୍ତୁଜା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଗାନ୍ଧୀ ଓ ଗାନ୍ଧିବାଦ ଉପରେ ଆଲୋଚନା କରିଥିଲେ। ସହକାରୀ ଶିକ୍ଷକ ଚକ୍ରଧର ମାଝୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅଭିଯାନର ସଂଯୋଜକ ରମେଶ କିସାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀ ଗଣ ସ୍ୱାଗତ ସଙ୍ଗୀତ କରିଥିବାବେଳେ ବରିଷ୍ଠ ଶିକ୍ଷକ ଆଦିତ୍ୟ ପ୍ରଧାନ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥି ଗଣ ବିଭିନ୍ନ ପ୍ରତିଯୋଗିତାର କୃତର ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ପଙ୍କଜିନି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁଜାତା ତ୍ରିପାଠୀ,ସଞ୍ଜୁଲତା ବାଗ, ଅମିୟ ନାୟକ ସୁଶାନ୍ତ ଚୌଧୁରୀ, ରୁବୀ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ଦୁଗ୍ଧ ଚାଷୀଙ୍କ ପାଇଁ ସମବାୟ ସଚେତନତା ଶିବିର



ଉମରକୋଟ, (ଭାସ୍କର ନ୍ୟୁଜ୍): ପ୍ରାଥମିକ ଦୁଗ୍ଧ ସମବାୟ ସମିତିର ପରିଚାଳନା ପରିଷଦ ଓ କର୍ମକର୍ତ୍ତାଙ୍କ ନିମନ୍ତେ ସମବାୟ ସଚେତନତା ଶିବିର କୋମନାରା ଆଞ୍ଚଳିକ ଦୁଗ୍ଧ ସମବାୟ ତାଲିମ୍ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । କୋମନାରା ଆଞ୍ଚଳିକ ଦୁଗ୍ଧ ସମବାୟ ସମିତିର ସାଧାରଣ ପରିଚାଳକ କୁନି ରାଉତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ କୋରାପୁଟ ସେଣ୍ଟର ଫର କୋଅପରେଟିଭ ମ୍ୟାନେଜମେଣ୍ଟ ଅନୁଷ୍ଠାନର ଅଧକ୍ଷ ସଞ୍ଜୟ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ମମତା ସାହୁ, ଭାରପ୍ରାପ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା ଚିନ୍ମୟୀ ନାୟକ, ଉମରକୋଟ ସ୍ଥିତ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ମ୍ୟାନେଜର ତାପସ କୁମାର ପାତ୍ର ଯୋଗଦେଇ ସରକାର ଗୋପାଳନକୁ ପ୍ରାଧାନ୍ୟ ଦେଇ ନୂତନ ଭାବେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ ଆଗାମୀ ପାଞ୍ଚ ବର୍ଷରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ଦୁଇଗୁଣ କରିବାର ଲକ୍ଷ୍ୟ ରଖାଯାଇଛି। ଗାଈ ଓ ମଇଁଷି ପାଳନ ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଯୋଗାଇ ଦିଆଯାଉଛି। ଏହା ରାଜ୍ୟର ଗୋପାଳକ, ମହିଳା, ଉଦ୍ୟୋଗୀ ଓ ଯୁବକ ଯୁବତୀ ମାନଙ୍କୁ ଗୋପାଳନ ପ୍ରତି ଆକୃଷ୍ଟ କରିବ ଏବଂ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇ ଉଚ୍ଚତମ ସୋପାନରେ ପହଞ୍ଚିବ ବୋଲି ଆଶା ପ୍ରକାଶ କରାଯାଇଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଗାଈ ଫାର୍ମ ଓ ଦୁଗ୍ଧ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା କରିବା ପାଇଁ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦିଆଯାଉଛି। ପ୍ରାଣିଚିକିତ୍ସା ସେବା ପହଞ୍ଚାଇଦେବା ପାଇଁ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ କାର୍ଯ୍ୟ କରୁଛି। ରାଜ୍ୟର ଗୋପାଳକଙ୍କୁ ଅଧିକ ଲାଭବାନ କରିବା ପାଇଁ ଲିଙ୍ଗ ନିରୁପିତ ଶୁକ୍ର ମାଧ୍ୟମରେ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ କରାଯାଉଛି ଓ ଏହା ମାଧ୍ୟମରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ମାଈ ବାଛୁରୀ ଜନ୍ମ ହୋଇ ଗୋପାଳକ ଲାଭବାନ ହେଉଥିବା ପ୍ରକାଶ କରିଥିଲେ। ଏହି ଅବସରରେ ଓମଫେଡ୍ ୟୁନିଟ୍ ଇନଚାର୍ଜ ପ୍ରଶାନ୍ତ କୁମାର ବିଶ୍ୱାଳ,ସୁପରଭାଇଜର କୁନିଲତା ସେଠୀ, ଭବାନୀ ଶଙ୍କର ଜେନା, ବନିତା ମହାପାତ୍ର, ରଶ୍ମି ପ୍ରଭା ଦାସ, ପ୍ରାଚୀ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ସନେଇ



କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍): ସରକାର ଗରିବ ଶ୍ରେଣୀର ପ୍ରାପ୍ତ ବୟସ୍କ ବୃଦ୍ଧ ଓ ବୃଦ୍ଧାଙ୍କ ପାଇଁ ପଞ୍ଚାୟତ ଏବଂ ବ୍ଲକ ପ୍ରଶାସନ ତରଫରୁ ତାଲିକା ଭୁକ୍ତ କରି ଭତ୍ତା ଯୋଗାଇ ଦବା ପାଇଁ ସରକାରଙ୍କ ନିର୍ଦ୍ଦେଶ ଥିବାବେଳେ, ଏହି ବ୍ଲକରେ ଅନେକ ବୃଦ୍ଧ ଓ ବୃଦ୍ଧା ଭତ୍ତାରୁ ବଞ୍ଚିତ ହୋଇଥିବା ଦେଖିବାକୁ ମିଳିଛି। ଏହିଭଳି ଏକ ବୃଦ୍ଧାଙ୍କ କୁରୁଣ କାହାଣୀର ଚିତ୍ର ଦେଖିବାକୁ ମିଳିଛି। ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତର ତାଡିଝୋଲା ଗାଁର ବର୍ତ୍ତମାନ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ କୁନାକା ସନେଇ(୮୦)ସ୍ୱାମୀ ସ୍ୱର୍ଗତ ଲାଲୁ କୁନାକା। ସନେଇ ବାହାହେବା କିଛି ବର୍ଷ ପରେ ସ୍ୱାମୀ ଆରପାରିକୁ ଚାଲିଯାଇଥିଲେ। ନିଜର ବୋଲି ପାଖରେ କେହି ନଥିଲେ ସେ ବେସାହାରା ହୋଇଯାଇଥିଲେ। ସନେଇ ଗରିବ ଶ୍ରେଣୀର ହୋଇଥିବାରୁ କଣ ଖାଇବେ କେମିତି ବଞ୍ଚିବେ ନିଜର ପେଟ ପୋଷିବା ପାଇଁ ଘରେ ଘରେ କୁଲି ମଜୁରୀ ଲାଗି ଓଳିଏ ଖାଇଲେ ଓଳିଏ ଭୋକ ଉପାସରେ ରହୁଥିଲେ। ବର୍ତ୍ତମାନ ସନେଇଙ୍କ ବୟସର ଅପରାହ୍ନ ହେଲାଣି । ରହିବାକୁ ଖଣ୍ଡିଏ ଘର ନାହିଁ ଭଙ୍ଗା ଦଦାର ଚାଳ ଛପର ପାଲଥିନ କୁଡ଼ିଆ ଘରେ ରହୁଛନ୍ତି। ସନେଇଙ୍କ ବୟସ ଗଡିଗଡି ଯାଉଥିଲେ ସୁଧା ଚାଲିବା ବୁଲିବା ବହୁ କଷ୍ଟକର ହୋଇ ପଡୁଛି । କହିବାକୁ ଗଲେ ନିଜର ଶେଷ ନିଶ୍ୱାସ ସମୟ ଆସୁଥିଲେ ମଧ୍ୟ ଖଣ୍ଡିଏ ଭତ୍ତା ଆବାସ ଘର ପାଇଁ ହାତରେ ବାଡ଼ି ଧରି କାକୁତି ମିନତି ହୋଇ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ୍ କର୍ଯ୍ୟାଳୟ ପର୍ଯ୍ୟନ୍ତ ଦ୍ୱାରସ୍ଥ ହେଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ହୋଇପାରୁନାହିଁ। ବୃଦ୍ଧା ଜଣଙ୍କ ଗରିବ ଶ୍ରେଣୀର ହୋଇଥିବାରୁ ଓଳିଏ ଖାଇଲେ ଓଳିଏ କଷ୍ଟକର ହୋଇ ପଡୁଛି। କିନ୍ତୁ ସରକାରଙ୍କ ଯୋଜନା ଦେଖିଲେ ଜଣାପଡୁଛି। ଏହି ନିରୀହ ଗରିବ ଶ୍ରେଣୀର ଲୋକଙ୍କ ପ୍ରତି କେତେଦୂର ପହଞ୍ଚି ପାରୁଛି। ଯଥାଶୀଘ୍ର ଭତ୍ତା ଏବଂ ଖଣ୍ଡିଏ ଆବାସ ଘର ଯୋଗାଇ ଦେବାପାଇଁ ଗ୍ରାମର ମଣ୍ଡିକା ରାମଣ୍ଡୁ, ଲକ୍ଷ୍ମଣ କାଡ୍ରାକା, କାଡ୍ରାକା ନଖ ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୀଷା ଦାସଙ୍କୁ ଯୋଗା ଯୋଗ କରିବାରୁ ତାଙ୍କର କଣ ହେଇଛି ନା କ'ଣ ନାହିଁ ଆଧାର କାର୍ଡ ବ୍ୟାଙ୍କ ପାସ୍‌ବୁକ୍ ଦେଖିକି ଯୋଗାଇ ଦିଆଯିବ ବୋଲି କହିଥିଲେ,ନଖ,କାଡ୍ରାକା ପିଉ, କାଡ୍ରାକା ଡ଼ିଉ ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ନୂଆଦିଲ୍ଲୀ: ମେକ୍ସିକୋ ସମୁଦ୍ର କୂଳରେ ଦୁର୍ଲଭ ଓରାଫିଶ ଦେଖିବାକୁ ମିଳିଛି। ଏହି ଡୁମ୍ସଡେ ମାଛକୁ ଦେଖିବା ମାତ୍ରେ ସେଠାରେ ଉପସ୍ଥିତ ସର୍ଫର୍ସ ମାନେ ଏହି ମାଛକୁ ଉଠାଇ ସମୁଦ୍ର ମଧ୍ୟକୁ ଛାଡିଥିଲେ । ଏକ ସର୍ଫବୋର୍ଡ ଆକାରର ଏହି ମାଛ ଶରୀର ସିଲଭର ଓ ନୀଳ ରଙ୍ଗର ଥିବା ବେଳେ ଏଥିରେ ଲାଲ ରଙ୍ଗର ପଙ୍ଖ ରହିଛି । ତେବେ ଏହି ପ୍ରାକୃତିକ ବିପର୍ଯ୍ୟୟ ଆସିବାକୁ ଥିଲେ ଏହି ମାଛ କୂଳକୁ ଆସିଥାଏ । ତେବେ ବୈଜ୍ଞାନିକମାନେ ଏହାକୁ ସେମାନଙ୍କ ମନଗଢ଼ା ବୋଲି କହିଛନ୍ତି । ହୁଏତ କେତେକ ଘଟଣା ସଂଯୋଗବଶତଃ ଘଟିଥାଏ ପରେ ମାତ୍ର ଏହା ସତ୍ୟ ନୁହେଁ ବୋଲି ସେମାନେ କହିଛନ୍ତି । ୨୦୧୧ରେ ଜାପାନରେ ବିନାଶକାରୀ ସୁନାମୀ ଆସିବା ମାସକ ପୂର୍ବରୁ ୨୦ ଓରାଫିଶ ସମୁଦ୍ର କୂଳରେ ଦେଖିବାକୁ ମିଳିଥିଲା । ଜାପାନର ପୌରାଣିକ କଥା ଅନୁସାରେ ଏହି ମାଛ ସମୁଦ୍ର ତଳେ ରହିଥାଏ । ଭୂମିକମ୍ପ ହେବା ପୂର୍ବରୁ କୂଳକୁ ଆସି ସଚେତନ କରାଇଥାଏ । ତେବେ ଏହାର ସତ୍ୟତା ନେଇ କୌଣସି ପ୍ରମାଣିକ ତଥ୍ୟ ନାହିଁ । ୨୦୨୪ରେ କାଲିଫୋର୍ଣ୍ଣିଆରେ ଏହି ମାଛ ଦେଖିବାକୁ ମିଳିଥିଲା । ଏହା ପରେ ସେଠାରେ ଭୂମିକମ୍ପ ହୋଇଥିଲା।

# ୨୪ରେ ଏନ୍‌ୟୁସିଏଫ୍‌ଡିସିର କର୍ପୋରେଟ୍ କାର୍ଯ୍ୟାଳୟ ଉଦ୍‌ଘାଟନ କରିବେ ଶାହା

ନୂଆଦିଲ୍ଲୀ : କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଜାନୁଆରୀ ୨୪ ରେ ମୁମ୍ବାଇରେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଜାତୀୟ ସହରାଞ୍ଚଳ ସମବାୟ ଅର୍ଥ ଏବଂ ବିକାଶ ନିଗମ (ଏନୟୁସିଏଫଡିସି)ର କର୍ପୋରେଟ କାର୍ଯ୍ୟାଳୟକୁ ଉଦଘାଟନ କରିବେ । ଏହି ଅବସରରେ ସମବାୟ କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଶୁଭାରମ୍ଭ କରାଯିବ ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସହକାର ସେ ସମୃଦ୍ଧି'ର ସ୍ୱପ୍ନକୁ ଆହୁରି ମଜବୁତ କରିବ। ଶ୍ରୀ ଅମିତ ଶାହ ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ପାଇଁ କାର୍ଯ୍ୟକଳାପର ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚନ କରିବେ, ସାରା ଦେଶରେ ୧୦,୦୦୦ ନବଗଠିତ ବହୁମୁଖୀ ସମବାୟ ସମିତି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ଏବଂ



ପ୍ରାଥମିକ ସମବାୟ ସମିତି ପାଇଁ ଏକ ରାଙ୍କିଙ୍ଗ ଫ୍ରେମୱାର୍କ ପ୍ରଣୟନ କରିବେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏବଂ କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ଦୂରଦୃଷ୍ଟି ଏବଂ ଅକ୍ଳାନ୍ତ ପ୍ରୟାସ ଯୋଗୁଁ ସରକାର ସହରାଞ୍ଚଳ ସମବାୟ ବ୍ୟାଙ୍କଗୁଡିକ ସେମାନଙ୍କ ବ୍ୟବସାୟରେ ସମ୍ମୁଖୀନ ହେଉଥିବା ଅସୁବିଧାର ସମାଧାନ କରିବା ପାଇଁ ଜାତୀୟ ସହରାଞ୍ଚଳ ସମବାୟ ଅର୍ଥ ଏବଂ ବିକାଶ ନିଗମ (ଏନୟୁସିଏଫଡିସି) ନାମକ ଏକ ଶୀର୍ଷ ସଂସ୍ଥା (ୟୁଓ) ଗଠନ କରିବାକୁ ମଞ୍ଜୁରୀ ଦେଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ନବଗଠିତ ୧୦,୦୦୦ ବହୁମୁଖୀ ସମବାୟ ସମିତିର ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ, ଯାହା ଏହି ସମିତିଗୁଡ଼ିକୁ ଆବଶ୍ୟକ ଦକ୍ଷତା ସହିତ ସଶକ୍ତ କରି ସେମାନଙ୍କ ଦକ୍ଷତା ବୃଦ୍ଧି କରିବ। ଶ୍ରୀ ଅମିତ ଶାହ ପ୍ରାଥମିକ ସମବାୟ ପାଇଁ ରାଙ୍କିଙ୍ଗ ଫ୍ରେମୱାର୍କ ର ଶୁଭାରମ୍ଭ କରିବେ, ଯାହା ସମବାୟଗୁଡ଼ିକର କାର୍ଯ୍ୟଦକ୍ଷତା ମୂଲ୍ୟାୟନ ପାଇଁ ଏକ ଉତ୍ସର୍ଗୀକୃତ ବ୍ୟବସ୍ଥା ପ୍ରଦାନ କରିବ। ଏହା ସହ ଶ୍ରୀ ଶାହ ସମବାୟ ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରମୁଖ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ଏବଂ କାର୍ଯ୍ୟକ୍ଷମ ସମବାୟ ସମିତିଗୁଡ଼ିକୁ ସମ୍ବର୍ଦ୍ଧିତ କରିବେ।

## ରହସ୍ୟମୟ ରୋଗ ନେଲାଣି ୧୭ ଜୀବନ

# ପୁଣି ଘୋଷଣା ହେଲା କଣ୍ଟେନ୍‌ମେଣ୍ଟ ଜୋନ୍

ଶ୍ରୀନଗର: ଜମ୍ମୁ-କାଶ୍ମୀରରେ ଦିନକୁ ଦିନ ବ୍ୟାପିଚାଲିଛି ରହସ୍ୟମୟ ରୋଗ। ଏହି ରୋଗରେ ଏପର୍ଯ୍ୟନ୍ତ ଗଲାଣି ୧୭ ଜଣଙ୍କର ଜୀବନ। ଜମ୍ମୁ-କାଶ୍ମୀର ରାଜୌରୀର ବଧାଲ ଗାଁରେ ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି, ଜିଲ୍ଲା ମାଜିଷ୍ଟ୍ରେଟ ସେହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବରେ ଘୋଷଣା କରିଛନ୍ତି। ଯେକୌଣସି ସମ୍ଭାବ୍ୟ ବିପଦକୁ ରୋକିବା ପାଇଁ, ବିଏନଏସଏସ (BNSS) ଆଇନର ଧାରା ୧୬୩ (ପୂର୍ବରୁ ଉକ୍ଟତର ଧାରା ୧୪୪) ଅନୁଯାୟୀ ଅଞ୍ଚଳରେ ଦୃଢ ବ୍ୟବସ୍ଥା ଲାଗୁ କରାଯାଇଛି। ପ୍ରଭାବିତ ପରିବାରଗୁଡ଼ିକର ଘରକୁ ସିଲ୍ କରାଯାଇଛି ଏବଂ ଉତ୍ତମ ପରିଚାଳନା ପାଇଁ ସମଗ୍ର ଅଞ୍ଚଳକୁ ତିନୋଟି ଜୋନରେ ବିଭକ୍ତ କରାଯାଇଛି। ଏହା ସହିତ, ସମସ୍ତ ପ୍ରକାରର ସାର୍ବଜନୀନ ଏବଂ ବେସରକାରୀ କାର୍ଯ୍ୟ ଉପରେ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ରାଜୌରୀ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ରାଜୀବ କୁମାର ଖଜୁରିଆ ଗାଁକୁ ତିନୋଟି ନିୟନ୍ତ୍ରଣ କ୍ଷେତ୍ରରେ ବିଭକ୍ତ କରିବା ପାଇଁ ଏକ ଆଦେଶ ଜାରି କରିଛନ୍ତି। ପ୍ରଥମ ସେକ୍ଟରରେ ସେହି ସମସ୍ତ ପରିବାର ଅନ୍ତର୍ଭୁକ୍ତ ଯେଉଁମାନଙ୍କ ଘରେ ମୃତ୍ୟୁ ଘଟିଛି। ଯେଉଁମାନେ ଏହି ରହସ୍ୟମୟ ରୋଗରେ ପୀଡିତ ଲୋକଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନଙ୍କୁ ଦ୍ୱିତୀୟ କଣ୍ଟେନମେଣ୍ଟ ଜୋନରେ ରଖାଯାଇଛି। ଏହି ଲୋକମାନଙ୍କ ଉପରେ ନିରନ୍ତର ନଜର ରଖାଯିବ। ସେମାନଙ୍କୁ ସରକାରୀ ମେଡିକାଲ କଲେଜ ରାଜୌରୀକୁ ସ୍ଥାନାନ୍ତର କରାଯିବ ଏବଂ ସେଠାକୁ ଯିବା ବାଧ୍ୟତାମୂଳକ ହେବ। ସେହିପରି କଣ୍ଟେନମେଣ୍ଟ ଜୋନ୍ ୩ରେ ବାକି ଘରଗୁଡ଼ିକୁ କଭର କରାଯିବ। ଏହି ସମସ୍ତ ଜୋନରେ ରହୁଥିବା ଲୋକଙ୍କ ପାଇଁ ଖାଦ୍ୟ ଏବଂ ପାଣି ତଦାରଖ କରିବା ପାଇଁ କର୍ମଚାରୀମାନଙ୍କୁ ମଧ୍ୟ ନିୟୋଜିତ କରାଯିବ। ନିର୍ଦ୍ଦେଶର ସମ୍ପୂର୍ଣ୍ଣ ପାଳନ ସୁନିଶ୍ଚିତ କରିବା ପାଇଁ ପୋଲିସ କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯିବ। ଏହା ବ୍ୟତୀତ, ଲଗ୍ ବୁକ୍ ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ଅଧିକାରୀମାନଙ୍କୁ ନିୟୋଜିତ କରାଯିବ।

## ବିଜେପିକୁ ଝଟ୍‌କା ଦେଲା ନୀତିଶଙ୍କ ଜେଡିୟୁ

# ସମର୍ଥନ କଲା ପ୍ରତ୍ୟାହାର

ନୂଆଦିଲ୍ଲୀ: ମୋଦି ସରକାରଙ୍କୁ ବଡ଼ ଝଟ୍‌କା ଦେଲେ ନୀତିଶ କୁମାର। ବୁଧବାର ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱାଧୀନ ୟୁନାଇଟେଡ (JDU) ନିଜ ସମର୍ଥନ ପ୍ରତ୍ୟାହାର କରିଛି। ମଣିପୁରରେ ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହଙ୍କ ନେତୃତ୍ୱରେ ଭାଜପା ସରକାର ଅଛି। କିନ୍ତୁ ଏହା ବୀରେନ ସରକାରଙ୍କ ସ୍ଥିରତାକୁ ପ୍ରଭାବିତ କରିବ ନାହିଁ। କିନ୍ତୁ ଏହା ଏକ ଦୃଢ଼ ବାର୍ତ୍ତା ଦେବ। କାରଣ JDU କେନ୍ଦ୍ର ଏବଂ ବିହାରରେ ବିଜେପିର ଏକ ପ୍ରମୁଖ ସହଯୋଗୀ। ଏହି ବର୍ଷ ବିହାରରେ ନିର୍ବାଚନ ହେବାକୁ ଯାଉଛି। ମେଘାଳୟରେ କ୍ଷମତାରେ ଥିବା କନରାଡ ସାଙ୍ଗମାଙ୍କ ନେତୃତ୍ୱାଧୀନ ନ୍ୟାସନାଲ ପିପୁଲ୍ସ ପାର୍ଟି ବୀରେନ ସିଂହ ସରକାରଙ୍କୁ ସମର୍ଥନ ପ୍ରତ୍ୟାହାର କରିବାର କିଛି ମାସ ପରେ ଏହି ଘଟିଛି। ଏହାକୁ ଜେଡିୟୁ ଏବଂ ବିଜେପି ମଧ୍ୟରେ ସମ୍ପର୍କ ସହିତ ମଧ୍ୟ ଦେଖାଯାଉଛି। ମଣିପୁରରେ ୨୦୨୨ ବିଧାନସଭା ନିର୍ବାଚନରେ JDU ୬ଟି ଆସନ ଜିତିଥିଲା। କିନ୍ତୁ ନିର୍ବାଚନର କିଛି ମାସ ପରେ ଦଳର ୫



ଜଣ ବିଧାୟକ ବିଜେପିକୁ ଚାଲିଯାଇଥିଲେ, ଯାହା ଶାସକ ଦଳର ସଂଖ୍ୟାକୁ ମଜବୁତ କରିଥିଲା। ବର୍ତ୍ତମାନ ୬୦ ସଦସ୍ୟ ବିଶିଷ୍ଟ ବିଧାନସଭାରେ ବିଜେପିର ୩୭ ଜଣ ବିଧାୟକ ଅଛନ୍ତି। JDUର ଜଣେ ବିଧାୟକ ଅଛନ୍ତି। ପାଞ୍ଚ ଜଣ ନାଗା ପିପୁଲ୍ସ ଫ୍ରଣ୍ଟ ବିଧାୟକ, ୩ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ମିଳିଛି, ଯାହା ଦ୍ୱାରା ସହଜରେ ବହୁମତ ମିଳିଯାଉଛି। ମଣିପୁର ଜେଡିୟୁ ମୁଖ୍ୟ କେଶ ବୀରେନ ସିଂହ ରାଜ୍ୟପାଳ ଅଜୟ କୁମାର ଭଲ୍ଲାଙ୍କୁ ଏକ ଚିଠି ଲେଖି ସମର୍ଥନ ପ୍ରତ୍ୟାହାର କରିବା ବିଷୟରେ ଅବଗତ କରାଇଛନ୍ତି।

# ଆମେରିକାର ବୈଦେଶିକ ମନ୍ତ୍ରୀଙ୍କ ସହ ଜୟଶଙ୍କରଙ୍କ ବୈଠକ

ନୂଆଦିଲ୍ଲୀ : ଆମେରିକାରେ ଟ୍ରମ୍ପ ସରକାର ପରେ ବୈଦେଶିକ ମନ୍ତ୍ରୀଙ୍କ ଏସ ଜୟଶଙ୍କର ସହ ଆଲୋଚନା କରିଥିଲେ। ସେ ଟ୍ରମ୍ପଙ୍କ ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକ କରିଥିଲେ। ବୈଠକରେ ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଏବଂ ଶକ୍ତି ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ବୈଠକ ସମୟରେ ଦ୍ୱିପାକ୍ଷିକ ସହଭାଗୀତା ସମୀକ୍ଷା କରାଯାଇଥିଲା । ବୈଦେଶିକ ମନ୍ତ୍ରୀ ଆମେରିକାର ନୂତନ ସୁରକ୍ଷା ପରାମର୍ଶଦାତା ମାଇକେଲ ୱାଲ୍ଜଙ୍କୁ ମଧ୍ୟ ଭେଟିଥିଲେ । ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଆମେରିକା ଗସ୍ତରେ ଅଛନ୍ତି। ସେ ଭାରତର ପ୍ରତିନିଧି ଭାବରେ ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ସମାରୋହକୁ ଯାଇଥିଲେ । ସେଠାରେ ସେ QUAD ଦେଶଗୁଡ଼ିକର ବୈଦେଶିକ ମନ୍ତ୍ରୀ ସ୍ତରୀୟ ବୈଠକରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଏକ ପୋଷ୍ଟରେ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ସହ ତାଙ୍କର ସାକ୍ଷାତର ଏକ ଫଟୋ ସେୟାର କରି ଲେଖିଛନ୍ତି, 'ବିଦେଶ ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ମୋର ପ୍ରଥମ ଦ୍ୱିପାକ୍ଷିକ ବୈଠକ ପାଇଁ ସଚିବ ରୁବିଓଙ୍କୁ ଭେଟି ଆନନ୍ଦିତ।

# ପୁଟିନଙ୍କୁ ଟ୍ରମ୍ପଙ୍କ ଚେତାବନୀ

## ଆଲୋଚନା ପାଇଁ ନ ଆସିଲେ ପ୍ରତିବନ୍ଧକ ଲଗାଇବୁ



ୱାଶିଂଟନ: ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଟ୍ରମ୍ପ କହିଛନ୍ତି ଯେ ଯଦି ପୁଟିନ ଯୁଦ୍ଧର ଅନ୍ତ ତଥା ସମାଧାନ ପାଇଁ ଆଲୋଚନା କରିବାକୁ ରାଜି ନହୁଅନ୍ତି ତେବେ ଆମେରିକା ଋଷ ଉପରେ କଟକଣା ଲଗାଇବ। ସେ ସର୍ବଦା ପୁଟିନଙ୍କ ସହ କଥାବାର୍ତ୍ତା କରିବାକୁ ଏବଂ ତାଙ୍କୁ ବ୍ୟକ୍ତିଗତ ଭାବରେ ଭେଟିବାକୁ ପ୍ରସ୍ତୁତ। ସେ ଆହୁରି ମଧ୍ୟ କହିଛନ୍ତି ଯେ ୟୁକ୍ରେନରେ ଯୁଦ୍ଧ ଆରମ୍ଭ ହେବା ଉଚିତ୍ ନଥିଲା। ସେଠାରେ ପରିସ୍ଥିତି ଭୟଙ୍କର ହୋଇପଡିଥିଲା ବେଳେ ଲକ୍ଷ ଲକ୍ଷ ଲୋକ ଜୀବନ ହାରୁଛନ୍ତି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଋଷ, ୟୁକ୍ରେନ ଉପରେ ଆକ୍ରମଣ କରିବାକୁ କେବେ ସାହସ କରିନଥିଲା। ମୁଁ ସେ ସମୟରେ ରାଷ୍ଟ୍ରପତି ଥିଲେ ଏଭଳି ହୋଇନଥାନ୍ତା। ଅପରପକ୍ଷରେ ଆମେରିକାରୁ ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଣ ସମ୍ପର୍କରେ ଟ୍ରମ୍ପ କହିଛନ୍ତି ଯେ ଏହାର ସମୀକ୍ଷା କରାଯାଉଛି। ସମାଧାନ ନେଇ ସେ ୟୁକ୍ରେନ ରାଷ୍ଟ୍ରପତି ଭ୍ଲୋଦୁମିର ଜେଲେନସ୍କିଙ୍କ ସହ କଥା ହେଉଛନ୍ତି। ଖୁବ୍‌ଶୀଘ୍ର ପୁଟିନଙ୍କ ସହ ମଧ୍ୟ କଥା ହେବେ ବୋଲି କହିଛନ୍ତି ଟ୍ରମ୍ପ। କାରଣ ଜେଲେନସ୍କି ଶାନ୍ତି ଚାହାଁନ୍ତି। ଏଥିପାଇଁ ଉଭୟ ପକ୍ଷ ଅର୍ଥାତ୍ ଋଷ ଏବଂ ୟୁକ୍ରେନକୁ ଆଲୋଚନା କରିବାକୁ ପଡିବ। ଉଭୟଙ୍କ ମଧ୍ୟରେ ସହମତି ରହିବା ଆବଶ୍ୟକ ବୋଲି ଟ୍ରମ୍ପ କହିଛନ୍ତି।

# ଭାରତ ପର୍ବରେ ଦେଖିବେ ଛତିଶଗଡ ଜନଜାତିଙ୍କ ପରମ୍ପରା ଓ ରାମନାମୀ ସମୁଦାୟର ଝଲକ

ରାୟପୁର: ଗଣତନ୍ତ୍ର ଦିବସ ଅବସରରେ ଦିଲ୍ଲୀର ଲାଲକିଲ୍ଲାରେ ଆୟୋଜିତ ହେବାକୁ ଥିବା ଭାରତ ପର୍ବ ୨୦୨୫ରେ ଛତିଶଗଡ ଜନଜାତିର ପରମ୍ପରା ଓ ରାମନାମୀ ସମୁଦାୟର ଝଲକ ଦେଖିବାକୁ ମିଳିବ। ଛତିଶଗଡର ପ୍ରଜ୍ଞାପନ ମେଢ଼ ଭାରତ ସରକାରଙ୍କ ଥିମ୍ ସ୍ୱର୍ଣ୍ଣିମ ଭାରତ ବିରାସତ ଏବଂ ବିକାଶ ଉପରେ ଆଧାରିତ। ଏହି ପ୍ରଜ୍ଞାପନ ମେଢ଼ରେ ଛତିଶଗଡର ସମୃଦ୍ଧି ଓ ବିବିଧତାପୂର୍ଣ୍ଣ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ ଦେଖିବାକୁ ମିଳିବ। ବୁଧବାର ନୂଆଦିଲ୍ଲୀର ରାଷ୍ଟ୍ରୀୟ ରଂଗଶାଳାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଛତିଶଗଡର ପ୍ରଜ୍ଞାପନ ମେଢ଼ ଉପରେ ସାମ୍ବାଦିକମାନଙ୍କୁ ସୂଚନା ଦିଆଯାଇଥିଲା। ଏଥିରେ ଛତିଶଗଡ ଲୋକଙ୍କ



ସାଂସ୍କୃତି ଜୀବନଧାରା, ପ୍ରକୃତି ଏବଂ ଆଧ୍ୟାତ୍ମିକତାର ଗଭୀର ସଂପର୍କ ରହିଛି। ଏହି ପ୍ରଜ୍ଞାପନ ମେଢ଼ ଛତିଶଗଡର ଲୋକଙ୍କ ଜୀବନ ଶୈଳୀ, ରୀତିନୀତି ଏବଂ ପରମ୍ପରାକୁ ଦର୍ଶାଇଛି। ଝାଙ୍କିର ସମ୍ମୁଖରେ ପ୍ରଭୁ ରାମଙ୍କ ଉପାସନା କରୁଥିବା ରାମନାମୀ ସମୁଦାୟର ପ୍ରତିନିଧିତ୍ୱ କରାଯାଇଛି। ସେ ସେଠାରେ ରାମଚରିତ ମାନସ ପାଠ କରୁଥିବାର ଦେଖିବାକୁ ମିଳିବ। ଏହି ଅବସରରେ ସେଠାରେ ଭଜନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ। ଝାଙ୍କିର ପଛପଟରେ ମୟୂରପୁଚ୍ଛ ଏବଂ ଅନ୍ୟାନ୍ୟ ଚିତ୍ରକଳା ଅଙ୍କା ଯାଇଛି। ଯାହାକି ଲୋକଙ୍କ ଜୀବନ ସୌନ୍ଦର୍ଯ୍ୟ ତଥା ଜୀବନର ପ୍ରତୀକ ବୋଲି କୁହାଯାଉଛି।

# ବାଣିଜ୍ୟ




ନୂଆଦିଲ୍ଲୀ : କ୍ରୋମା ପକ୍ଷରୁ ଇଲେକ୍ଟ୍ରୋନିକ୍ସ ଓ ହୋମ୍ ଆପ୍ଲାଏନ୍ସେସ୍ ମୂଲ୍ୟରେ ଉଲ୍ଲେଖନୀୟ ହ୍ରାସ କରାଯାଇଛି। ବହୁ ପ୍ରତିକ୍ଷୀତ ସାଧାରଣତନ୍ତ୍ର ଦିବସ ସେଲ୍ ୨୦୨୫ ଜାନୁଆରି ୧୬ରୁ ଆରମ୍ଭ ହୋଇ ୨୬ ପର୍ଯ୍ୟନ୍ତ ଚାଲିବ ଯେଉଁଥିରେ ଷ୍ଟୋର୍ ଭିତରେ, କ୍ରୋମା ଡଟ୍ କମ୍‌ରେ ଓ ଟାଟା ନିଉ ଆପ୍‌ରେ ଅତୁଲ୍ୟ ଡିଲ୍ ରହିଛି। କ୍ରୋମାର ସାଧାରଣତନ୍ତ୍ର ଦିବସ ସେଲ୍ ଗ୍ରାହକମାନଙ୍କୁ ଇଲେକ୍ଟ୍ରୋନିକ୍ସ ଏବଂ ଘରୋଇ ଉପକରଣଉପରେ ସର୍ବୋତମ ମୂଲ୍ୟ ସହିତ ସେମାନଙ୍କ ଜୀବନଶୈଳୀକୁ ଉନ୍ନତ କରିବାର ଉପଯୁକ୍ତ ସୁଯୋଗ ପ୍ରଦାନ କରୁଛି। ୨୦୨୫ ଜାନୁଆରୀ ୨୩ରୁ ଆରମ୍ଭ ହେଉଥିବା ଏହି ସେଲ୍‌ରେ ୧.୫ଟି ୩ ଷ୍ଟାର ଏସି ୨୫,୬୯୦ ଟଙ୍କାରୁ ଆରମ୍ଭ ହୋଇଥିବା ବେଳେ ୨୪,୫୯୦ ଟଙ୍କାରୁ ଆରମ୍ଭ ହେଉଛି କ୍ରୋମା ୩୦୩ଏଲ ଫ୍ରଷ୍ଟ ଫ୍ରି ଫ୍ରିଜ୍। ୧୪,୩୯୦ ଟଙ୍କାରୁ ଆରମ୍ଭ ହେଉଥିବା କ୍ରୋମା ୮ କେଜି ଟପ୍ ଲୋଡ୍ ୱାସିଂ ମେସିନ୍ ସହିତ ସଫା କରିବା ସହଜ କରନ୍ତୁ । ୨୧,୬୯୦ ଟଙ୍କାରୁ ଆରମ୍ଭ ହେଉଥିବା କ୍ରୋମା ୭ କେଜି ଫ୍ରଂଟ୍ ଲୋଡ୍ ୱାସିଂ ମେସିନ୍ ଚୟନ କରନ୍ତୁ। କ୍ରୋମା ଇନଫିନିଟି ରିଟେଲ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶିବାଶିଷ ରାୟ କହିଛନ୍ତି ଯେ, 'କ୍ରୋମାର ସାଧାରଣତନ୍ତ୍ର ଦିବସ ବିକ୍ରୟ ଆମ ଗ୍ରାହକମାନଙ୍କୁ ମନେ ରଖିବା ଯୋଗ୍ୟ ସଂଚୟ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।

# ସ୍କୁଟର ଡେଫି ୨୨ର ଶୁଭାରମ୍ଭ

ନୂଆଦିଲ୍ଲୀ: ଇଲେକ୍ଟ୍ରିକ ମୋବିଲିଟି କ୍ଷେତ୍ରର ବିଶ୍ୱସ୍ତ ନାମ ଓପିଜି ମୋବିଲିଟି (ପୂର୍ବରୁ ଓକାୟା ଇଭି ନାମରେ ପରିଚିତ) ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ ୨୦୨୫ ରେ ବହୁ ପ୍ରତୀକ୍ଷିତ ଫେରାଟୋ 'ଡେଫି ୨୨'ର ଶୁଭାରମ୍ଭ କରିଛି। ୨୦୨୫ ଜାନୁଆରି ୧୭ ତାରିଖରୁ ଡେଫି ୨୨ ର ପ୍ରି-ବୁକିଂ ଆରମ୍ଭ ହେବ। ନୂଆ ଇଲେକ୍ଟ୍ରିକ ସ୍କୁଟର ଫେରାଟୋ 'ଡେଫି ୨୨' ରେ କମ୍ବି ଡିସ୍କ ବ୍ରେକ୍ ସିଷ୍ଟମ୍ ଲାଗିଛି, ଯାହା ୮୦ କିଲୋମିଟର ରେ ସହ ୭୦ କିଲୋମିଟର ବେଗରେ ଗତି କରିଥାଏ, ଯାହାକୁ ଆଇସିଏଟି ଗୋଟିଏ ଚାର୍ଜରେ ଯାଂଚ କରିଛି। ଏଥିରେ ଅତ୍ୟ' ସ୍ଥାୟୀ ଆଇପି ୬୭-ରେଟେଡ ଏଲଏଫପି ବ୍ୟାଟେରୀ ଏବଂ ଏକ ୱେଦରପ୍ରୁଫ ଆଇପି୬୫-ରେଟେଡ ଚାର୍ଜର ରହିଛି। ୧୨୦୦ ୱାଟର ମୋଟର ପାୱାର ଏବଂ ୨୫୦୦ ୱାଟର ପିକ୍ ପାୱାର ସହିତ ୭୨ଭି ୩୦ଏଏଚ (୨.୨ କିଲୋୱାଟ୍) ଏଲ୍ଏଫପି ବ୍ୟାଟେରୀ ସହିତ ଡେଫି ୨୨ ଏକ ଶକ୍ତିଶାଳୀ ଏବଂ ବ୍ୟବହାରିକ ଯାତ୍ରା ପ୍ରଦାନ କରିଥାଏ। ଷ୍ଟାଇଲିସ



ଡିଜାଇନରେ ନିର୍ମିତ 'ଡେଫି ୨୨' ୭ ଟି ଡୁଆଲ ଟୋନ କଲର ବିକଳ୍ପରେ ଉପଲବ୍ଧ। ଏହା ସହିତ ଫେରାଟୋ 'ଡେଫି ୨୨' ଉନ୍ନତ ପ୍ରଦର୍ଶନ, ଉନ୍ନତ ନିରାପତା ଏବଂ ଅନ୍ୟାନ୍ୟ ଆଇଓଟି ଫିଚରର ପ୍ରତିଶ୍ରୁତି ଦେଉଛି। ଓପିଜି ମୋବିଲିଟିର ମ୍ୟାନେଜିଂ ଡାଇରେକ୍ଟର ଅଂଶୁଲ ଗୁପ୍ତା ଏକ୍ସପୋରେ ଫେରାଟୋ 'ଡେଫି ୨୨' କୁ ଶୁଭାରମ୍ଭ କରି କହିଛନ୍ତି, 'ଭାରତୀୟଙ୍କୁ ଦୈନନ୍ଦିନ ଯାତାୟାତର ଚମତ୍କାର ଯାତ୍ରା ଅନୁଭୂତି ପ୍ରଦାନ କରୁଥିବା ଷ୍ଟାଇଲିସ୍ ତଥା ପ୍ରାକ୍ଟିକାଲ ସ୍କୁଟର ଶୁଭାରମ୍ଭ କରି ଆମେ ଆନନ୍ଦିତ। ଅସାଧାରଣ ଶୈଳୀ, ଅତୁଳନୀୟ ଶକ୍ତି ଏବଂ ଶୀର୍ଷସ୍ତରୀୟ ପ୍ରଦର୍ଶନର ସଠିକ ମିଶ୍ରଣ ହେଉଛି ନୂଆ ଡେଫି ୨୨। ଆଗାମୀ ଦିନରେ ଭାରତରେ ଦୁଇ ଚକିଆ ଯାନ ଇଲେକ୍ଟ୍ରିକ୍ ମୋବିଲିଟି କ୍ଷେତ୍ରରେ ଏହା ବିପ୍ଲବ ଆଣିବ। ଓପିଜି ମୋବିଲିଟି ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ ୨୦୨୫ ରେ ଓପିଜି ମୋବିଲିଟିର ବିଭିନ୍ନ ସ୍ଥାୟୀ ପରିବହନ ସମାଧାନ ଉପରେ ଆଲୋକପାତ କରିଛି, ଯେଉଁଥିରେ ଫେରାଟୋ ଇଲେକ୍ଟ୍ରିକ୍ ଦୁଇ ଚକିଆ ଉତ୍ପାଦ ଏବଂ ଓଟିଜିଓପିଜି ଇଲେକ୍ଟ୍ରିକ ତିନି ଚକିଆ ଯାନ ଉତ୍ପାଦ ଅନ୍ତର୍ଭୁକ୍ତ। ଚଳିତ ବର୍ଷ ପ୍ରଦର୍ଶିତ ହେଉଥିବା ଇଲେକ୍ଟ୍ରିକ ସ୍କୁଟର ଏବଂ ବାଇକର ସମ୍ପୂର୍ଣ୍ଣ ପରିସର ମଧ୍ୟରେ ରହିଛି ଫେରାଟୋ ଡେଫି ୨୨ ଡୁଆଲ-ଟୋନ୍ ଲାଲ ଏବଂ କଳା ରଙ୍ଗରେ ଓ ଡୁଆଲ-ଟୋନ ଗୋଲ୍ଡ ଏବଂ ଧଳା ରଙ୍ଗରେ, ଫେରାଟୋ ଫାଷ୍ଟ ଏଫ୍ ୪ ମାଟେ ଗ୍ରୀନ ରଙ୍ଗରେ, ଫେରାଟୋ ଫ୍ରିଡମ୍ ଏଲ୍ ଆଇ ସିଆନ, ଫେରାଟୋ ଡିସପ୍ଲେଟର କଳା ଏବଂ ଫେରାଟୋ ଜେଡ ମଡେଲ ସିଲଭର ରଙ୍ଗରେ।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ୫ ଲକ୍ଷ ଜରିମାନା ଆଦାୟ

TPWODL
TP WESTERN ODISHA DISTRIBUTION LIMITED

ବୁର୍ଲା (ଭାସ୍କର ନ୍ୟୁଜ) :ଟିପି ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ, (ଟିପିଡବ୍ଲୁଓଡିଏଲ) ପଶ୍ଚିମ ଓଡିଶାର ଗ୍ରାହକଙ୍କୁ ନିର୍ଭରଯୋଗ୍ୟ ତଥା ଗୁଣାତ୍ମକ ବିଦ୍ୟୁତ୍‌ଶକ୍ତି ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ। ବିଶେଷକରି ଦୁର୍ଗମ ଅଞ୍ଚଳମାନଙ୍କରେ ବେଆଇନ ବିଦ୍ୟୁତ୍ ବ୍ୟବହାରକୁ ରୋକିବା ପାଇଁ କମ୍ପାନୀ ମିଳିତପ୍ରୟାସ ଜାରି ରଖିଛି, ଯାହାଦ୍ୱାରା ସଚ୍ଚୋଟ ଗ୍ରାହକମାନେ ନିରବଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇପାରିବେ। ବିଦ୍ୟୁତ ଚୋରିପ୍ରତି ଶୂନ୍ୟ ସହନଶୀଳତା ନୀତି ଅନୁଯାୟୀ, ଟିପିଡବ୍ଲୁଓଡିଏଲ ବିଭିନ୍ନ ଅଞ୍ଚଳରେ ଯାଞ୍ଚ ଅଭିଯାନ ଜାରି ରହିଛି। ଏହିପରି ଏକ ଯାଞ୍ଚ ସମୟରେ ଟିପିଡବ୍ଲୁଓଡିଏଲର ଏନଫୋର୍ସମେଣ୍ଟ ଟିମ୍ ଦ୍ୱାରା ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଆଗଲପୁର ବ୍ଲକସ୍ଥିତ ବକ୍ତି ଗ୍ରାମରେ ଧାନ ମିଲ୍ ଓ ଏକ ଆଇସ୍କ୍ରିମ ଫ୍ୟାକ୍ଟ୍ରି ଉପରେ ଚଢାଉ କରାଯାଇଥିଲା। ନିକଟସ୍ଥ ଏଲଟି ବିଦ୍ୟୁତ ତାରରୁ ବେଆଇନ ହୁକିଂ ମାଧ୍ୟମରେ ଅନଧିକୃତ ଭାବରେ ଏହି ଦୁଇକାରାଖାନ ବିଗତ କିଛିଦିନ ଧରି ଚାଲୁରହିଥିବା ଆମ ନଜରକୁ ଆସିଥିଲା। ଫଳରେ ଏହି ଦୁଇକାରାଖାନ ଉପରେ ଚଢାଉ କରାଯାଇ ଉକ୍ତ କାରଖାନାର ମାଲିକଙ୍କ ଉପରେ ୫ଲକ୍ଷ ଟଙ୍କାର ଜରିମାନା ଲାଗୁ କରାଯାଇଥିବାବେଳେ ୨୫.୭୫କିଲୋୱାଟ ବିଦ୍ୟୁତ ଚୋରିକୁ ରୋକା ଯାଇପାରିଛି। ଏଠାରେ ଉଲ୍ଲେଖଥାଉକି, ଟିପିଡବ୍ଲ୍ୟୁଓଡିଏଲ୍ ତରଫରୁ ଆମେ ସମସ୍ତ ଗ୍ରାହକ ତଥା ଜନସାଧାରଣଙ୍କୁ ପୁଣି ଥରେ ଅନୁରୋଧ କରିବା ସହ ସୂଚାଇ ଦେବାକୁ ଚାହୁଁଅଛୁ ଯେ, ବିଦ୍ୟୁତ ଚୋରି କେବଳ ଯେ ଏକ ଅନୈତିକକାର୍ଯ୍ୟ ନୁହେଁ ବରଂ ଏହା ଆଇନଅନୁଯାଇ ଏକ ଦଣ୍ଡନୀୟ ଅପରାଧ। ଏହା ମଧ୍ୟ ଏକ ଅମାନବିକ କାର୍ଯ୍ୟ ଅଟେ। ତେଣୁ ଯଦି ଜନସାଧାରଣ କୌଣସି ସ୍ଥାନ, ବ୍ୟକ୍ତି ବା ଅନୁଷ୍ଠାନ ବିରୋଧରେ ଏହି ଅମାନବିକ କାର୍ଯ୍ୟ ପାଇଁ କମ୍ପାନୀକୁ ସୂଚନା ଦେବାକୁ ଚାହାଁନ୍ତି, ତେବେ ସେମାନେ ୮୦୯୩୦୬୧୧୭୯ ନମ୍ବରରେ ଯୋଗଯୋଗ କରିପାରିବେ।

# ଆମାଜନ୍ ଫ୍ୟୁଚର ପକ୍ଷରୁ ୫୦୦ ଛାତ୍ରୀଙ୍କ ପାଇଁ ବୃତ୍ତି ଘୋଷଣା

ନୂଆଦିଲ୍ଲୀ : ଆମାଜନ ଫ୍ୟୁଚର ଇନିୟର ପ୍ରୋଗ୍ରାମର 'କ୍ୟାରିୟର୍ସ ଅଫ୍ ଦି ଫ୍ୟୁଚର' ସମ୍ମିଳନୀର ପ୍ରଥମ ସଂସ୍କରଣରେ ଆମାଜନ ଆଜି ଘୋଷଣା କରିଛି ଯେ ୨୦୨୧ରେ ଆରମ୍ଭ ହୋଇଥିବା ଆମାଜନ ଫ୍ୟୁଚର ଇନିୟର କାର୍ଯ୍ୟକ୍ରମ ଭାରତର ୮ଟି ରାଜ୍ୟର ୨୭୨ଟି ଜିଲ୍ଲାରେ ୩ନିୟୁତ ସରକାରୀ ସ୍କୁଲ ଛାତ୍ରଛାତ୍ରୀ ଏବଂ ୨୦,୦୦୦ରୁ ଅଧିକ ଶିକ୍ଷକଙ୍କୁ ସଫଳତାର ସହ ତାଲିମ ପ୍ରଦାନ କରିଛି । ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଲିଙ୍ଗଗତ ବ୍ୟବଧାନକୁ ଦୂର କରିବା ପାଇଁ ପ୍ରସ୍ତୁତ କରାଯାଇଥିବା ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ଦ୍ୱିତୀୟ ଶ୍ରେଣୀର ସହରରେ ରହୁଥିବା କ୍ଷଷ ଓ ତା'ଠାରୁ ଅଧିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ହିନ୍ଦୀ, ଇଂରାଜୀ, ତାମିଲ, ତେଲୁଗୁ, କନ୍ନଡ, ଓଡ଼ିଆ ଏବଂ ମରାଠୀ ସମେତ ସାତଟି ଭାରତୀୟ ଭାଷାରେ ଆକର୍ଷଣୀୟ, ବହୁଭାଷୀ ଶିକ୍ଷଣ ସାମଗ୍ରୀ ଉପଲବ୍ଧ କରାଯାଉଛି। ଉନ୍ନତ କମ୍ପ୍ୟୁଟର ବିଜ୍ଞାନ ମଡ୍ୟୁଲ ସହିତ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାଧୁନିକ ଆପ୍ଲିକେସନ୍ ବିକଶିତ କରିବାକୁ ସଶକ୍ତ କରୁଛି ଏବଂ ମୌଳିକ ଏଆଇ ଧାରଣା, କୋଡିଂ ନୀତି ଏବଂ ସେମାନଙ୍କ ଜୀବନରେ ପ୍ରଯୁକ୍ତିବିଦ୍ୟାର ପରିବର୍ତ୍ତନଶୀଳ ଶକ୍ତିକୁ ଗଭୀର ଭାବରେ ବୁଝିବାକୁ ପ୍ରୋତ୍ସାହିତ କରୁଛି। ପ୍ରଯୁକ୍ତି କ୍ଷେତ୍ରରେ ଯୁବତୀମାନଙ୍କୁ ଅଧିକ ସଶକ୍ତ କରିବା ପାଇଁ ଆମାଜନ କମ୍ପ୍ୟୁଟର ସାଇନ୍ସ ଇନିୟରିଂ କିମ୍ବା ଆନୁଷଙ୍ଗିକ କ୍ଷେତ୍ରରେ ସ୍ନାତକୋତର ଡିଗ୍ରୀ ହାସଲ କରୁଥିବା ଛାତ୍ରୀମାନଙ୍କୁ ୪ ବର୍ଷ ମଧ୍ୟରେ ୨ ଲକ୍ଷ ଟଙ୍କା ମୂଲ୍ୟର ୫୦୦ ମେଧାବୃତି ପ୍ରଦାନ କରୁଛି। ଆମାଜନ ଫ୍ୟୁଚର ଇନିୟର ପ୍ରୋଗ୍ରାମ ଅଧୀନରେ ଆମାଜନ ପକ୍ଷରୁ ଆୟୋଜିତ 'କ୍ୟାରିୟର୍ସ ଅଫ୍ ଦି ଫ୍ୟୁଚର' ଶିଖର ସମ୍ମିଳନୀ ୨୦୨୫ରେ କମ୍ପ୍ୟୁଟର ବିଜ୍ଞାନ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିବା ପାଇଁ ପ୍ରମୁଖ ସରକାରୀ ନୀତି ଏବଂ ଶିଳ୍ପ ଲିଡରମାନଙ୍କୁ ଏକାଠି କରାଯାଇଥିଲା। ଏହି ଶିଖର ସମ୍ମିଳନୀରେ ସ୍କୁଲ ପିଲାମାନଙ୍କୁ ଭବିଷ୍ୟତ କ୍ୟାରିୟର ପାଇଁ ପ୍ରସ୍ତୁତ କରିବାରେ କମ୍ପ୍ୟୁଟର ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରାଯାଇଥିଲା। 'ଆମାଜନରେ ଆମେ ଶିକ୍ଷା ମାଧ୍ୟମରେ ଭାରତର ଡିଜିଟାଲ ବିଭାଜନକୁ ଦୂର କରିବାକୁ ପ୍ରତିଶ୍ରୁତିବଦ୍ଧ। ଆମର ଆମାଜନ ଫ୍ୟୁଚର ଇନିୟର ପ୍ରୋଗ୍ରାମ ମହିଳା କମ୍ପ୍ୟୁଟର ବିଜ୍ଞାନ ଛାତ୍ରୀଙ୍କୁ ୨ ଲକ୍ଷ ଟଙ୍କା ମୂଲ୍ୟର ୫୦୦ ମେଧାବୃତି ପ୍ରଦାନ କରୁଛି। ଆମେ ୮ଟି ରାଜ୍ୟରେ ୩ ନିୟୁତ ସରକାରୀ ସ୍କୁଲ ଛାତ୍ରଛାତ୍ରୀ ଏବଂ ୨୦,୦୦୦ ଶିକ୍ଷକଙ୍କୁ ତାଲିମ ଦେଇସାରିଛୁ। ଭାରତର ଯୁବପିଢ଼ିଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ଦକ୍ଷତାରେ ସଶକ୍ତ କରି ଆମେ ପରବର୍ତ୍ତୀ ପିଢ଼ିର ବୈଷୟିକ ଉଦ୍ଭାବକମାନଙ୍କୁ ପ୍ରୋତ୍ସାହିତ କରୁଛୁ। ବିବିଧ, ଅର୍ନ୍ତଭୁକ୍ତୀକରଣ ଶିକ୍ଷାକ୍ଷେତ୍ରରେ ଏହି ପୁନିବେଶ ଭାରତର ସାମର୍ଥ୍ୟକୁ ଉନ୍ମୋଚନ କରିବା ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଆମାଜନ ଇଣ୍ଡିଆର କଂଟ୍ରି ମ୍ୟାନେଜର ସମୀର କୁମାର କହିଛନ୍ତି। 'ଆମାଜନ ଫ୍ୟୁଚର ଇନିୟର ପ୍ରୋଗ୍ରାମ ମୋ ଛାତ୍ରଛାତ୍ରୀ ଏବଂ ମୋ ପାଇଁ ଆଶ୍ଚର୍ଯ୍ୟଜନକ ହୋଇଛି। ଏହା ସାଧାରଣତଃ ଏହି ସୁଯୋଗ ନଥିବା ପିଲାମାନଙ୍କୁ କମ୍ପ୍ୟୁଟର ବ୍ୟବହାର କରିକିପରି କୋଡ୍ କରିବା ଏବଂ ସମସ୍ୟାର ସମାଧାନ କରିବା ଶିଖିବାରେ ସାହାଯ୍ୟ କରୁଛି।

# ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କଲା ନୁଭୋକୋ ଭିସ୍ତାସ୍

ନୂଆଦିଲ୍ଲୀ : ଭାରତର ଏକ ଅଗ୍ରଣୀ ନିର୍ମାଣ ସାମଗ୍ରୀ କମ୍ପାନୀ ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ ଗତ ଡିସେମ୍ବର ୩୧, ୨୦୨୪ରେ ଶେଷ ହୋଇଥିବା ୨୦୨୪-୨୫ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ପାଇଁ ଏହାର ଅଡିଟ ହୋଇନଥିବା ଆର୍ଥିକ ଫଳାଫଳ ଘୋଷଣା କରିଛି। ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧ ଭାଗ ସିମେଂଟ ଶିଳ୍ପ ପାଇଁ ଆହ୍ୱାନପୂର୍ଣ୍ଣ ଥିବା ବେଳେ ୩ୟ ତ୍ରୈମାସିକରେ ପୁନରୁଦ୍ଧାର ଦେଖିବାକୁ ମିଳିଛି। କମ୍ପାନୀ ୩ୟ ତ୍ରୈମାସିକ ସମୟରେ ମଜବୁତ ବିକ୍ରି ଅଭିବୃଦ୍ଧିକୁ ପରିଚାଳନା କରିବା ପାଇଁ ଏକାଧିକ ପଦକ୍ଷେପ ଗ୍ରହଣ କରିଥିଲା। କମ୍ପାନୀ ଶେଷ ୧୩ଟି ତ୍ରୈମାସିକରେ ପ୍ରତି ଏମସିଏଲ ପିଛା ୧.୪୫ ଟଙ୍କାରେ ସର୍ବନିମ୍ନ ମିଶ୍ରିତ ଇନ୍ଧନ ହାସଲ କରିଛି। ନୁଭୋକୋର ଶକ୍ତି ଓ ଇନ୍ଧନ ଖର୍ଚ୍ଚ ଶିଳ୍ପରେ ସବୁଠାରୁ ସର୍ବନିମ୍ନ ଭାବେ ବଜାୟ ରହିଛି। ଆରଏମଏକ୍ସ ବ୍ୟବସାୟରେ ଚଳିତ ଆର୍ଥିକ ବର୍ଷ ଶୁଭାରମ୍ଭ ହୋଇଥିବା 'କଙ୍କ୍ରେଟୋ ୟୁନୋ କଙ୍କ୍ରିଟ' ବିଭିନ୍ନ ଅଂଚଳରେ ବିକ୍ରି ପରିମାଣ ବୃଦ୍ଧି ପାଇଥିବା ପରିଲକ୍ଷିତ କରିଛି। କମ୍ପାନୀର ପ୍ରଦର୍ଶନ ଉପରେ ମତ ପ୍ରକାଶ କରି ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଜୟାକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, 'କମ୍ପାନୀ ବଜାରରେ ଏହାର ସ୍ଥିତିକୁ ମଜବୁତ କରିବା ପାଇଁ ସକ୍ରିୟ ଭାବେ ଚାହିଦା ସୁଯୋଗଗୁଡିକୁ ହାସଲ କରିଛି ଏବଂ ୩ୟ ତ୍ରୈମାସିକ ସମୟରେ ମଜବୁତ ବିକ୍ରି ଅଭିବୃଦ୍ଧି ପ୍ରଦାନ କରିଛି। କମ୍ପାନୀ ପାଇଁ ରଣନୈତିକ ପ୍ରାଥମିକତାଗୁଡିକ ପ୍ରିମିୟମାଇଜେଶନକୁ ଆଗକୁ ବଢାଇବା, ଜିଓ-ମିକ୍ସକୁ ଅପ୍ଟିମାଇଜ କରିବା, ଇନ୍ଧନ ମିଶ୍ରଣ ଦକ୍ଷତାକୁ ଉନ୍ନତ କରିବା, ବ୍ରାଣ୍ଡ ଉପସ୍ଥିତିକୁ ସୁଦୃଢ଼ କରିବା ଓ ଖର୍ଚ୍ଚ ହ୍ରାସକୁ ବଜାୟ ରଖିବା ଉପରେ କୈନ୍ଦ୍ରିତ ରହିଛି।

# ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଆର୍ଥିକ ଫଳାଫଳ ଘୋଷଣା

IDBI BANK

ନୂଆଦିଲ୍ଲୀ: ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଏହାର ୨୦୨୪-୨୫ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଏହି ତ୍ରୈମାସିକରେ ବ୍ୟାଙ୍କର ଶୁଦ୍ଧ ଲାଭ ୧୯୦୮ କୋଟି ଟଙ୍କା ରହିଛି ଯାହା ବାର୍ଷିକ ଆଧାରରେ ୩୧%ର ଏକ ମଜବୁତ ଅଭିବୃଦ୍ଧି ହାସଲ କରିଛି। ଏହି ଅବଧିରେ ବ୍ୟାଙ୍କର ପରିଚାଳନାଗତ ଲାଭ ୨୮୦୨ କୋଟି ଟଙ୍କା ରହିଛି। ସେହିପରି ଶୁଦ୍ଧ ସୁଧ ମାର୍ଜିନ ବା ଏନଆଇଏମ୍ ୫.୧୭% ଓ ନିଟ ସୁଧ ଆୟ ବାର୍ଷିକ ୨୩% ବୃଦ୍ଧି ହୋଇ ୪୨୨୮ କୋଟି ଟଙ୍କା ରହିଛି। ଆଲୋଚ୍ୟ ତ୍ରୈମାସିକରେ କଷ୍ଟ୍ ଅଫ୍ ଡିପୋଜିଟ ୪.୭୩% ରହିଛି ଯାହା ଗତ ଆର୍ଥିକ ବର୍ଷର ସମାନ ତ୍ରୈମାସିକରେ ୪.୩୪% ଥିଲା। ସିଆର୍ଏଆର୍ ବାର୍ଷିକ ୧୬୬ ବିପିଏସ୍ ବୃଦ୍ଧି ହୋଇ ୨୧.୯୮% ରହିଛି। ଏହାଛଡା ରିଟର୍ଣ୍ଣ ଅନ୍ ଆସେଟ୍ସ (ଆରଓଏ) ୨୦୨୫ ଆର୍ଥିକ ବର୍ଷର ୩ୟ ତ୍ରୈମାସିକରେ ୨୯ ବିପିଏସ୍‌ରେ ୧.୯୯% ରେକର୍ଡ କରାଯାଇଛି ଯାହା ଏହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୧.୭୦% ରହିଥିଲା। ରିଟର୍ଣ୍ଣ ଅନ୍ ଇକ୍ୱିଟି (ଆରଓଇ) ବାର୍ଷିକ ୫୬ ବିପିଏସ୍ ବୃଦ୍ଧି ହୋଇ ୨୦.୧୩% ରହିଛି। ୩ୟ ତ୍ରୈମାସିକରେ ଶୁଦ୍ଧ ଏନ୍‌ପିଏ ୦.୧୮% ରହିଛି ଯାହା ଡିସେମ୍ବର ୩୧, ୨୦୨୩ରେ ୦.୩୪% ଥିଲା। ମୋଟ ଏନପିଏ ଡିସେମ୍ବର ୩୧, ୨୦୨୩ର ୪.୬୯%ରୁ ହ୍ରାସ ପାଇ ୩.୫୭% ରହିଛି। ପିସିଆର ୯୯.୪୭% ରହିଛି ଯାହା ୩୧ ଡିସେମ୍ବର ୨୦୨୩ ସୁଦ୍ଧା ୯୯.୧୭% ଥିଲା।


## ଶୁଭେଚ୍ଛା ବାର୍ତ୍ତା



ଅଦମ୍ୟ ସାହସ ଓ ଦେଶ ଭକ୍ତିର ପ୍ରତୀକ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କର ଜନ୍ମ ଜୟନ୍ତୀ ଉପଲକ୍ଷେ ଢେଙ୍କାନାଳର ସମସ୍ତ ସେଚାଞ୍ଚଳର ଭାଇ ଭଉଣୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି। ୨୦୨୫ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି, ସମୃଦ୍ଧି ଓ ଐଶ୍ୱର୍ଯ୍ୟର ବର୍ଷ ହେଉ, ଏତିକି କାମନା।

ଇଂ ପ୍ରଦୀପ କୁମାର ପ୍ରଧାନ
ମୁଖ୍ୟଯନ୍ତ୍ରୀ
ରେଙ୍ଗାଲି ଦକ୍ଷିଣ ଜଳସେଚନ ପ୍ରକଳ୍ପ, ଢେଙ୍କାନାଳ

## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ଗଭୀର ଶ୍ରଦ୍ଧାଞ୍ଜଳି



୰ ଦେବରାଜ ପ୍ରଧାନ
ପୂର୍ବତନ ମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀ ମଣିଷ ୰ଗୋକ ଗୋବିନ୍ଦ ପ୍ରଧାନଙ୍କ ଜ୍ୟେଷ୍ଠପୁତ୍ର
ଆବିର୍ଭାବ: ୧୩.୦୭.୧୯୫୭
ତିରୋଧାନ:୦୪.୦୨.୨୦୨୪
ଶ୍ରଦ୍ଧାଞ୍ଜଳି ସଭା -
୨୩.୦୧.୨୦୨୫ (ଗୁରୁବାର) ସନ୍ଧ୍ୟା ୬.୦୦ ଘଟିକା
ଡିହସାହି, ଗତିରାଉତପାଟଣା, କଟକ
ଆପଣ ଯିବା ଦିନରୁ ଆମ ପରିବାରରେ ନିଦ ହଜିଯାଇଛି।
ପତ୍ନୀ ଶ୍ରୀମତୀ ଅମ୍ବିକା ପ୍ରଧାନ
ଭାଇ-ବିଜୟ, ପୁଷ୍ପରାଜ,
ସଂଜୟ, ପୃଥୀରାଜ, ପ୍ରଜ୍ଞାରାଜ
ଭଉଣୀ- ସତ୍ୟଭାମା, ହେମବତୀ
୰ ଦେବରାଜ ପ୍ରଧାନ, ଟ୍ରଷ୍ଟି,
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି
ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଡ଼ଃ. ପ୍ରଫେସର ବୃନ୍ଦାବନ ମିଶ୍ର



ମୁମ୍ବାଇ : ଗୋଲଡେନ ବୟ ନୀରଜ୍ ଚୋପ୍ରା । ଅଲମ୍ପିକ୍ସରେ ତାଙ୍କ ଦମ୍‌ଦାର ପ୍ରଦର୍ଶନକୁ ସଭିଏଁ ମନେ ରଖିଛନ୍ତି । ନିଜ ଖେଳକୁ ନେଇ ଚର୍ଚ୍ଚାରେ ରହୁଥିବା ନୀରଜ୍ ଏବେ ବିବାହ କରିଛନ୍ତି । ଏହି ଗୁଡନ୍ୟୁଜ ଦେଇ ଫ୍ୟାନ୍ସଙ୍କୁ ସରପ୍ରାଇଜ ଦେଇଛନ୍ତି । ଜାନୁଆରୀ ୧୭ ତାରିଖରେ ହିମାନୀ ମୋରଙ୍କ ସହ ସାତଫେରା ନେଇଛନ୍ତି ନୀରଜ୍ । ଏବେ ବିବାହର ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରି ଫ୍ୟାନ୍ସ ଏବଂ ମିଡିଆକୁ ଏନେଇ ସୂଚନା ଦେଇଛନ୍ତି । ନୀରଜଙ୍କ ଦାଦା ସୁରେନ୍ଦ୍ର ଚୋପ୍ରା କହିଛନ୍ତି ଯେ ଏହି ବିବାହ ବିନା ଯୌତୁକ ହୋଇଥିଲା । ନୀରଜ ବିବାହ ରୀତିନୀତି ଅନୁଯାୟୀ କେବଳ ଗୋଟିଏ ଟଙ୍କା ଶଗୁନ ଭାବରେ ନେଇଥିଲେ। ସେ ଏହା ମଧ କହିଥିଲେ ଯେ ଏହି ବିବାହକୁ କାହିଁକି ଗୁପ୍ତ ରଖାଯାଇଥିଲା। ସେ କହିଥିଲେ, ଆମେ ଚାହୁଁଥିଲୁ ଯେ କେବଳ ବ୍ୟକ୍ତିଗତ ଲୋକମାନେ ସାମିଲ ହୁଅନ୍ତୁ । ବିବାହ ଅତି ସରଳ ଓ କୌଣସି ସୋର ଶଢ ବିନା ହେଉ। ଜଣେ ଷ୍ଟାର ଖେଳାଳି ହେବା ସତ୍ତ୍ୱେ, ନୀରଜ ଗ୍ଲାମରଠାରୁ ଦୂରରେ ରହିଥିଲେ । ସେ ଯେଉଁ ସରଳତା ସହିତ ବିବାହ କରିଥିଲେ । ଯାହା ତାଙ୍କ ପ୍ରଶଂସକମାନଙ୍କୁ ମଧ ପ୍ରଭାବିତ କରିଛି। ଦୁହେଁ ଖୁବ୍ ଶୀଘ୍ର ଏକ ଗ୍ରାଣ୍ଡ ରିସେପ୍ସନ ପାର୍ଟିର ଆୟୋଜନ କରିବେ। କହିବାକୁ ଗଲେ ନୀରଜ ଏବଂ ହିମାନୀଙ୍କ ପରିବାର ସ୍ପଷ୍ଟ କରିଛନ୍ତି ଉଭୟ ପରିବାର ପରସ୍ପରକୁ ୭-୮ ବର୍ଷ ଧରି ଜାଣନ୍ତି। ନୀରଜ ଏବଂ ହିମାନୀଙ୍କ ସମ୍ମତି ପରେ, ବିବାହ ସ୍ଥିର ହୋଇଥିଲା। ବିବାହ ପରେ, ନୀରଜ ଏବଂ ହିମାନୀ ଆମେରିକା ଯାଇଥିଲେ।

## ଭାରତ-ଇଂଲଣ୍ଡ ଟି-୨୦ ସିରିଜ୍

# ବିଜୟରୁ ଅଭିଯାନ ଆରମ୍ଭ କଲା ଭାରତ




କୋଲକାତା: ବିଜୟରୁ ଅଭିଯାନ ଆରମ୍ଭ କଲା ଇଣ୍ଡିଆ। କୋଲକାତାର ଇଡେନ ଗାର୍ଡେନରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳା ଯାଉଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ମ୍ୟାଚ୍ ଭାରତ ଜିତି ନେଇଛି। ଏଥିସହ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଟିମ ଇଣ୍ଡିଆ ୧-୦ର ଅଗ୍ରଣୀ ହାସଲ କରିଛି । ଇଂଲଣ୍ଡ ଦେଇଥିବା ୧୩୩ ରନର ଲକ୍ଷ୍ୟକୁ ପିଛା କରି ଭାରତ ୧୨.୫ ଓଭରରେ ୩ ୱିକେଟ ହରାଇ ଏହାକୁ ହାସଲ କରି ନେଇଥିଲା । ଅଭିଷେକ ଶର୍ମା ୩୪ ବଲରୁ ୭୯ ରନ ସଂଗ୍ରହ କରି ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେ ତାଙ୍କ ଇନିଂସରେ ୫ଟି ଚୌକା ଓ ୮ଟି ଛକା ମାରିଥିଲେ । ଅନ୍ୟମାନଙ୍କ ସଞ୍ଜୁ ସାମସନ (୨୬), ହାର୍ଦ୍ଦିକ ପାଣ୍ଡ୍ୟା(୩ ନଟ ଆଉଟ) ଓ ତିଳକ ବର୍ମା ୧୯ ରନ କରି ଅପରାଜିତ ରହିଥିଲେ । ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଖାତା ଖୋଲିପାରି ନ ଥିଲେ । ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚ୍ଚର ୨ଟି ଓ ଅଡିଲ ରଶିଦ ଗୋଟିଏ ୱିକେଟ ନେଇଥିଲେ । ଅଭିଷେକ କ୍ୟାଚ ଖସାଇବା ରଶିଦ ଏବଂ ଇଂଲଣ୍ଡ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ସେ ୨୦ ବଲରେ ତାଙ୍କ ଅର୍ଦ୍ଧଶତକ ପୂରଣ କରିଥିଲେ। ପୂର୍ବରୁ ଟସ ଜିତି ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପ୍ରଥମେ ଫିଲ୍ଡିଂ କରିବା ପାଇଁ ନିଷ୍ପତି ନେଇଥିଲେ । ଅଧିନାୟକ ଜୋସ ବଟଲର ଇଂଲଣ୍ଡ ପକ୍ଷରୁ ସର୍ବାଧିକ ୬୮ ରନ କରିଥିଲେ। ଅନ୍ୟ ବ୍ୟାଟ୍ସ୍ମ୍ୟାନମାନେ ଭାରତୀୟ ବୋଲରଙ୍କ ଉଚିତ ମୁକାବିଲା କରିପାରି ନ ଥିଲେ । ଟିମ ଇଣ୍ଡିଆର ବରୁଣ ଚକ୍ରବର୍ତ୍ତି ସର୍ବାଧିକ ୩ଟି ୱିକେଟ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅର୍ଶଦୀପ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ୨ଟି ଲେଖାଏଁ ୱିକେଟ ନେଇଥିଲେ ।

## ପାଞ୍ଚପିଢ଼ ପ୍ରିମିୟର ଲିଗ୍ ଉଦ୍‌ଯାପିତ: ଆର୍‌କେ ଏକାଦଶ ଚାମ୍ପିଅନ୍



କରଞ୍ଜିଆ (ଭାସ୍କର ନ୍ୟୁଜ୍) : ଯଶିପୁର ବ୍ଲକ ପାଣ୍ଡ ମିନିଷ୍ଟାଡିୟମ ଠାରେ ହେଲପିଂ ହ୍ୟାଣ୍ଡ ଫାଉଣ୍ଡେସନ ଦ୍ଵାରା ଆୟୋଜିତ ହୋଇଥିବା ପାଞ୍ଚପିଢ଼ ପ୍ରିମିୟର ଲିଗ ୨୦୨୫ର ତୃତୀୟ ସଂସ୍କରଣର ବୁଧବାର ଫାଇନାଲ ମ୍ୟାଚ ସହିତ ଉଦ୍‌ଯାପନ ହୋଇଯାଇଛି । ଚଳିତ ବର୍ଷ ଏହି ଟୁର୍ନାମେଣ୍ଟରେ ମୋଟ ୮ ଟି ଟିମ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲରେ ଆରକେ ଏକାଦଶ ଓ କରଞ୍ଜିଆ ନାଇଟ ରାଇଡ଼ର ମଧ୍ୟରେ ମୁକାବିଲା ହୋଇଥିଲା ଆଜିର ଫାଇନାଲ ମ୍ୟାଚରେ ଟସ ଜିତି ଆରକେ ଏକାଦଶ ବିପକ୍ଷ କରଞ୍ଜିଆ ନାଇଟ ରାଇଡ଼ର ଦଳକୁ ବ୍ୟାଟିଂ ପାଇଁ ନିମନ୍ତ୍ରଣ କରିଥିଲା କରଞ୍ଜିଆ ନାଇଟ ରାଇଡ଼ର ନିର୍ଦ୍ଧାରିତ ୧୨ ଓଭରରେ ୫ ବିକେଟ ହରାଇ ୧୫୬ ରନ ସଂଗ୍ରହ କରି ବିପକ୍ଷ ଆରକେ ଏକାଦଶକୁ ବିଜୟ ନିମନ୍ତେ ୧୫୭ ରନର ଟାର୍ଗେଟ ଦେଇଥିଲା କରଞ୍ଜିଆ ନାଇଟ ରାଇଡ଼ର ପକ୍ଷରୁ ସିପୁନ ମହାନ୍ତ ୧୨ ଟି ବଲରେ ୫ଟି ଛକା ଓ ୪ ଟି ଚୌକା ସହିତ ୪୯ ରନ କରିଥିଲେ ଆରକେ ଏକାଦଶ ପକ୍ଷରୁ ଜେଣ୍ଟେଲ ମ୍ୟାନ ୩ ଓଭର ରେ ୧୯ ରନ ଦେଇ ୨ଟି ବିକେଟ ନେଇଥିଲେ। ଜବାବରେ ଆରକେ ଏକାଦଶ ୧୧.୪ ଓଭରରେ ୫ଟି ୱିକେଟ ହରାଇ ୧୫୮ ରନ ସଂଗ୍ରହ କରିବା ସହିତ ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ରାଜ୍ୟ ଜଙ୍ଗଲ ଓ ପାରିବେଷ ଏବଂ ଜଳବାୟୁ ପରିବର୍ତ୍ତନ, ଶ୍ରମ, ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଇଂ ଗଣେଶ ରାମସିଂ ଖୁଣ୍ଟିଆ, ସରସକଣା ବିଧାୟକ ଭାଦବ ହାଁସଦା,ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ଜିଲ୍ଲା ବିଜେପି ସଭାପତି କୃପାସିନ୍ଧୁ ମହାନ୍ତ, ସମାଜସେବୀ ସୁଗଦା ମୁର୍ମୁ,ଓଡ଼ିଆ ଟେଲିଭିଜନ ଅଭିନେତ୍ରୀ ସୁଚରିତା ସ୍ୱାଇଁ,ପାଣ୍ଡ ସରପଞ୍ଚ ମିନତୀ ନାଏକ,ଜିଲ୍ଲା ବିଜେପି ଉପସଭାପତି ବିପିନ ବିହାରୀ ମହାନ୍ତ, ସମାଜସେବୀ କାମିନୀ କାନ୍ତ ମହାନ୍ତ, ସମାଜସେବୀ ଆଶିଷ ମହାନ୍ତ, ଜୁରିଲାଲ ମହାନ୍ତ,କାଳିଚରଣ ମହାନ୍ତ,ଙ୍କ ସହିତ ଅନେକ ଅତିଥି ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ଅତିଥି ଙ୍କ ଦ୍ୱାରା ବିଜେତା ଆରକେ ଏକାଦଶ ଦଳକୁ ୧ ଲକ୍ଷ ଟଙ୍କାର ଚେକ ସହିତ ଟ୍ରଫି ଓ ଉପବିଜେତା କରଞ୍ଜିଆ ନାଇଟ ରାଇଡ଼ର ଟିମ କୁ ୭୦ ହଜାର ଟଙ୍କାର ଚେକ ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।

## ବିସିସିଆଇ ନେଲା ନିଷ୍ପତ୍ତି

# ଇଣ୍ଡିଆ ଜର୍ସିରେ ରହିବ ପାକିସ୍ତାନର ନାମ




ନୂଆଦିଲ୍ଲୀ : ଫେବୃଆରୀ ୧୯ରୁ ଆରମ୍ଭ ହେବ ଚାମ୍ପିଅନ୍ସ ଟ୍ରଫି। ପାକିସ୍ତାନ ଆୟୋଜକ ଅଧୀନରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ହାଇବ୍ରିଡ ମଡେଲରେ ହେବ। ଭାରତ ସମସ୍ତ ମ୍ୟାଚ ଦୁବାଇରେ ଖେଳିବ।ଏହା ବ୍ୟତୀତ ଅନ୍ୟ ସମସ୍ତ ଦଳ ପାକିସ୍ତାନ ଗସ୍ତ କରିବେ। ଏସବୁ ମଧ୍ୟରେ କିଛି ରିପୋର୍ଟରେ ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫି ପାଇଁ ନିଜ ଜର୍ସିରେ ପାକିସ୍ତାନର ନାମ ଲେଖିବାକୁ ମନା କରିଥିବା ଦାବି କରାଯାଉଥିଲା। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏବେ ଏହି ପ୍ରସଙ୍ଗରେ ବିସିସିଆଇ ପକ୍ଷରୁ ଏକ ବଡ଼ ବୟାନ ଆସିଛି। ନିୟମ ଅନୁଯାୟୀ, ଓଡଓ ବ୍ୟାନରରେ ଆୟୋଜିତ ସମସ୍ତ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣକରୁଥିବା ଦଳଗୁଡ଼ିକୁ ଜର୍ସିର ଡାହାଣ ପାର୍ଶ୍ୱରେ ଆୟୋଜକ ଦେଶର ନାମ ଏବଂ ଟୁର୍ଣ୍ଣମେଣ୍ଟର ବର୍ଷ ସହିତ ଟୁର୍ଣ୍ଣାମେଣ୍ଟର ନାମ ଲେଖିବାକୁ ପଡ଼ିଥାଏ। ବିସିସିଆଇର ନୂତନ ସଚିବ ଦେବଜିତ ସାଇକିଆ ମଧ ଏବେ ନିଶ୍ଚିତ କରିଛନ୍ତି ଯେ ଚାମ୍ପିଅନ୍ସ ଟ୍ରଫି ସମୟରେ ବିସିସିଆଇ ଜର୍ସି ସମ୍ବନ୍ଧୀୟ ଆଇସିସିର ପ୍ରତ୍ୟେକ ନିୟମ ପାଳନ କରିବ। ଏହାର ଅର୍ଥ ହେଉଛି ଟିମ ଇଣ୍ଡିଆର ଜର୍ସିରେ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ପାକିସ୍ତାନର ନାମ ରହିବ। ନିକଟରେ, ପାକିସ୍ତାନ ଗଣମାଧ୍ୟମ ଏହି ପ୍ରସଙ୍ଗ ଉଠାଇଥିଲା ଏବଂ ବିସିସିଆଇ ଉପରେ ଟିମ ଇଣ୍ଡିଆ ଜର୍ସିରେ ପାକିସ୍ତାନର ନାମ ରଖିବାକୁ ମନା କରିଥିବା ଅଭିଯୋଗ କରିଥିଲା। ପିସିବି ମଧ ଏହି ପ୍ରସଙ୍ଗକୁ ଆଇସିସି ନିକଟରେ ଉଠାଇବାକୁ ଚାହୁଁଥିଲା। କିନ୍ତୁ ବିସିସିଆଇ ଏବେ ଏହି ସମସ୍ତ ଖବରକୁ ପ୍ରତ୍ୟାଖ୍ୟାନ କରିଛି ଏବଂ ଜର୍ସି ସମ୍ବନ୍ଧୀୟ ଆଇସିସିର ପ୍ରତ୍ୟେକ ନିୟମ ପାଳନ କରିବାକୁ ଘୋଷଣା କରିଛି। ଟିମ୍ ଇଣ୍ଡିଆ ଏହି ଟୁର୍ଣ୍ଣାମେଣ୍ଟରେ ୨୦ ଫେବୃଆରୀରୁ ତା'ର ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍‌ରେ ଦଳ ବାଂଲାଦେଶକୁ ଭେଟିବ। ଏହାପରେ ଟିମ୍ ଇଣ୍ଡିଆ ପାକିସ୍ତାନ ବିପକ୍ଷରେ ଦ୍ୱିତୀୟ ମ୍ୟାଚ୍ ଖେଳିବ। ଏହି ମ୍ୟାଚ ୨୩ ଫେବୃଆରୀରେ ଖେଳାଯିବ। ଏହା ପରେ, ଗ୍ରୁପର ଶେଷ ମ୍ୟାଚ୍‌ରେ ମାର୍ଚ୍ଚ ୨ ତାରିଖରେ ନ୍ୟୁଜିଲାଣ୍ଡ ସହିତ ମୁକାବିଲା କରିବ। ଏହା ପରେ ସେମିଫାଇନାଲ ଏବଂ ତା'ପରେ ଫାଇନାଲ ଖେଳାଯିବ। ଯଦି ଟିମ ଇଣ୍ଡିଆ ସେମିଫାଇନାଲ ଏବଂ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରେ, ତେବେ ଏହି ମ୍ୟାଚ୍ ଗୁଡ଼ିକ ମଧ ଦୁବାଇରେ ଖେଳାଯିବ।

# ବାର୍ଷିକ କ୍ରୀଡା ଉତ୍ସବ ଆରମ୍ଭ



କଣ୍ଟାପଡ଼ା (ଭାସ୍କର ନ୍ୟୁଜ୍) : ବ୍ରାହ୍ମଣ ସାଇଲୋ ନୋଡାଲ ହାଇସ୍କୁଲ ଏବଂ ପଞ୍ଚାୟତ ବାଳିକା ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ମିଳିତ ଭାବେ ବ୍ରାହ୍ମଣ ସାଇଲୋ ହାଇସ୍କୁଲ ପଡିଆରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ଉଭୟ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଗଣେଶ୍ୱର ଭୋଇ ଓ ସନ୍ତୋଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଗ୍ରାମରେ ଏକ ମଶାଲ ଶୋଭାଯାତ୍ରା ବାହାରିବା ପରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ରାହ୍ମଣ ସାଇଲୋ ଗ୍ରାମ ପଂଚାୟତର ସରପଂଚ ତୃପ୍ତିମୟୀ ରାଉତ ଏହି କ୍ରୀଡ଼ା ଉତ୍ସବକୁ ଉଦଘାଟନ କରିଥିଲେ । ପରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ସମାଜସେବୀ କିଶୋର କୁମାର ରାଉତରାୟ, ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ଅନିଲ କୁମାର ପଟ୍ଟନାୟକ ଏବଂ ଅନିରୁଦ୍ଧ ପଟ୍ଟନାୟକ । ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ପଣ୍ଡା ଏବଂ ସରିତା ବାରିକ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଉଦଘାଟନୀ ଉତ୍ସବ ପରେ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ସହକାରୀ ଶିକ୍ଷକ କବିତା ବିଟ, ରେଣୁବାଳା ଦାଶ, ପ୍ରଫୁଲ୍ଲ କୁମାର ଦାଶ, ବିଭୂତି ଭୂଷଣ ମାନସିଂ, ଚନ୍ଦ୍ରକାନ୍ତ ଜେନା, ଅସୀତ ପାଢୀ, ପତିତପାବନ ମହାପାତ୍ର ଏବଂ ମମତା ବାରିକ ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଆସନ୍ତା ୨୩ ତାରିଖ ଦିନ ଏକ ବିଶେଷ ପୁରସ୍କାର ବିତରଣୀ ଉତ୍ସବରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ।

# ଭାରତ-ଇଂଲଣ୍ଡ କ୍ରିକେଟ୍ ମ୍ୟାଚ୍ : ଟିକେଟ କିଣିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ଫେବୃଆରୀ ୯ ତାରିଖରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକ ଦିବସୀୟ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମ୍ୟାଚ୍ ଦେଖିବା ପାଇଁ ଟିକେଟ କିଣିଛନ୍ତି। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ କାର୍ଯ୍ୟକାରୀ ସଭାପତି ପଙ୍କଜ ମହାନ୍ତି, ସଂପାଦକ ସଞ୍ଜୟ ବେହେରା, ଅନୁଗୁଳ ବିଧାୟକ ତଥା ଆପେକ୍ସ କାଉନ୍‌ସିଲ ସଦସ୍ୟ ପ୍ରତାପ ପ୍ରଧାନ, ଓଡ଼ିଶା ଅଲିମ୍ପିକ ଆସୋସିଏସନର ସଂପାଦକ ଅଭିଜିତ ପାଲ୍, ପୂର୍ବତନ ବିଧାୟକ ଲଳିତେନ୍ଦୁ ମହାପାତ୍ର ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏହି ମ୍ୟାଚ୍‌ର ପ୍ରଥମ ଟିକେଟ କିଣିଛନ୍ତି।

# କାକଟପୁର ହାଇସ୍କୁଲରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା




କାକଟପୁର (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ କାକଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଭୟ ବାଳକ, ବାଳିକା ବିଭାଗର ଜୁନିଅର ଓ ସିନିଅର ବର୍ଗରେ ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର, ୮୦୦ ମିଟର ଦୌଡ ସହିତ ଲମ୍ବ ଡିଆ, ଉଚ୍ଚ ଡିଆ, ଡିସକସ୍ ଥ୍ରୋ, ପଟାଟେକ୍ଷ ରେସ୍, ମ୍ୟୁଜିକ୍ ଚେୟାର, ବସ୍ତା ଦୌଡ, ପୁଚି ଖେଳ, ସାଇକେଲ ସ୍ଲୋ, ଅଙ୍କ ଦୌଡ ଆଦି ପ୍ରତିଯୋଗୀତା ହୋଇଥିଲା ଓ ଏଥିରେ ୩୦୦ ରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଆୟୋଜିତ ପୁରସ୍କାର ବିତରଣି ଉତ୍ସବରେ ସ୍କୁଲର ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ବ୍ଲକ୍ ଶିକ୍ଷାଧିକାରୀ ଦିଲ୍ଲିପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ, ବଳଗଣ୍ଡି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅମ୍ରିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ରୁପେ ପ୍ରାଚୀ ଉଚ୍ଚ ମାଧମିକ ବିଦ୍ୟାଳୟର ତର୍କ ଶାସ୍ତ୍ର ଅଧାପକ ସୁରେନ୍ଦ୍ର କୁମାର ମାଣିକ ଯୋଗ ଦେଇଥିଲେ। କିଶୋର କିଶୋରୀ ବାଳକ ବାଳିକାମାନଙ୍କର କ୍ରୀଡା ଶାରିରିକ ସ୍ୱାସ୍ଥ୍ୟ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ନିହାତି ଅପରିହାର୍ଯ୍ୟ ବୋଲି ବକ୍ତାଗଣ ମତ ପ୍ରକାଶ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରତାପ କୁମାର ରାଉତ ସଭା ସଂଯୋଜନା କରିଥିଲେ। ବାଳକ ବର୍ଗରେ ୯ମ ଶ୍ରେଣୀରଛାତ୍ର ସେକ୍ ସଫିଉଲ୍ଲା ଚମ୍ପିୟାନ ଓ ବାଳିକା ବର୍ଗରେ ୯ମ ଛାତ୍ରୀ ପ୍ରିତିପ୍ରଜ୍ଞା ସ୍ୱାଇଁ ଚମ୍ପିୟାନ ହେଇଛନ୍ତି। ସେହିପରି କନିଷ୍ଠ ବର୍ଗରେ ୮ମ ଶ୍ରେଣୀର ସେକ ଅପତାବ ଅଲ୍ଲି ଓ ଅଙ୍କିତା ଶୁଭଦର୍ଶିନୀ ଦାସ ଯଥାକ୍ରମେ ଚମ୍ପିୟାନ ହୋଇଛନ୍ତି।ସମସ୍ତ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର କ୍ରୀଡାଶିକ୍ଷକ ସତ୍ୟ ନାରାୟଣ ସେଠୀ , ପୀତବାସ ଦୀକ୍ଷିତ୍, ସନତ କୁମାର ପ୍ରଧାନ, ସରୋଜିନୀ ହାନ୍ସଦା, ଗୀତାଞ୍ଜଳି ବେହେରା, ସ୍ୱପ୍ନା ମହାପାତ୍ର,ସଂଘମିତ୍ରା ନାୟକ, ଲୋପାମୁଦ୍ରା ବରାଳ ଓ ଦିଲ୍ଲିପ କୁମାର କାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଭକ୍ତିସୁଧା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ପାଟପୁର କ୍ରିକେଟ୍ କ୍ଲବ୍ ବିଜୟୀ



ବୋଲଗଡ଼ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ବ୍ଲକ ଅନ୍ତର୍ଗତ ଖଙ୍ଗୁରିଆ ଗ୍ରାମ ବଡ଼ତୋଟା ଖେଳପଡିଆରେ ଅନୁଷ୍ଠିତ ହେଉଥିବା ୧୦ମ ମା' ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣମେଣ୍ଟର ଶେଷ ଲିଗ୍ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଖଙ୍ଗୁରିଆ କ୍ରିକେଟ କ୍ଲବ ଓ ପାଟପୁର କ୍ରିକେଟ କ୍ଲବ ମଧ୍ୟରେ କଡା ମୁକାବିଲା ହୋଇଥିବା ବେଳେ ପାଟପୁର ଦଳ ବିଜୟ ଲାଭ କରି ପରବର୍ତ୍ତୀ ରାଉଣ୍ଡ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ମ୍ୟାଚରେ ପାଟପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ବିନିମୟରେ ୧୪୧ ରନ ସଂଗ୍ରହ କରିଥିଲା।ଏହାର ଜବାବରେ ଖଙ୍ଗୁରିଆ ଦଳ ୧୫ ଓଭର ଖେଳି ୧୩୭ ରନ ୭ ୱିକେଟ ହରାଇ ପରାଜୟ ବରଣ କରିବା ସହ ଟୁର୍ଣ୍ଣମେଣ୍ଟରୁ ବିଦାୟ ନେଇଛି । ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ସେବା ସମବାୟର ନିର୍ଦ୍ଦେଶକ ତଥା ଯୁବ କୃଷକ ନେତା ପ୍ରକାଶ କୁମାର ରାଉତରାୟ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚକୁ ଅମ୍ପେୟାର ଭାବେ ରାଜା କୁମାର ଓ ଜୀବନ କୁମାର ଖେଳ ପରିଚାଳନା କରିଥିଲେ।

# ମହାବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା




ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗର ମହାବିଦ୍ୟାଳୟ ପରିସରରେ 'ବାର୍ଷିକ କ୍ରୀଡ଼ା' ପ୍ରତିଯୋଗିତା ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଜୟ କୁମାର ବେଜ ଙ୍କ ସଭାପତିତ୍ୱ ରେ ମୁଖ୍ୟଅତିଥି ଭାବେ ପ୍ରାଧାପକ ପ୍ରଦୀପ କୁମାର ରାୟ, ମୁଖ୍ୟବକ୍ତା ଭାବେ ସଞ୍ଜୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ସନ୍ଦୀପ କୁମାର ଘୋଷ ଯୋଗଦେଇ ଉତ୍ତମ ଶିକ୍ଷା ପରିପ୍ରେକ୍ଷୀରେ ଶାରୀରିକ, ମାନସିକ ଓ ଦକ୍ଷତା କ୍ଷେତ୍ରରେ ସ୍ୱୟଂ ସଂପୂର୍ଣ୍ଣ ବିକାଶ ଲାଗି କ୍ରୀଡ଼ା ପ୍ରତି ଆକୃଷ୍ଟ ହେବା ର ଆବଶ୍ୟକତା ରହିଛି ବୋଲି କହିଥିଲେ। କ୍ରୀଡ଼ା ସଂଯୋଜକ ସଜଳ କୁମାର ମହାନ୍ତି ଅନୁଷ୍ଠିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଓ ଅଧ୍ୟାପକ ଚିନ୍ମୟ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଅଧ୍ୟାପକ ଚିନ୍ମୟ ଜେନା, ଅଧ୍ୟାପିକା କଲ୍ୟାଣୀ ଦାଶ, ଶ୍ୱେତା ସାମିନି ଓ ଚାନ୍ଦ ମହମ୍ମଦଙ୍କ ନେତୃତ୍ୱରେ ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ ର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ନେଇ ମହାବିଦ୍ୟାଳୟର କ୍ରୀଡାଙ୍ଗନ ରେ 'କ୍ରୀଡ଼ା' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ ର ୧୦୦ମିଟର, ୨୦୦ ମିଟର ଦୌଡ଼ ପ୍ରତିଯୋଗିତା ସାଙ୍ଗକୁ ଲମ୍ବ ଡିଆଁ, ଉଚ୍ଚ ଡିଆଁ, ପୁଟିଙ୍ଗ୍ ଦି ସଟ୍ , ଡିସ୍ କସ୍ ଥ୍ରୋ, ମ୍ୟୁଜିକ ଚେୟାର୍, ସ୍ଲୋ ସାଇକେଲ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର, ମେଡାଲ ଓ ଟ୍ରଫି ପୁରସ୍କୃତ କରାଯାଇଥିଲା । ସରୋଜ କୁମାର ପଣ୍ଡା, ସ୍ମରଣିକା ପ୍ରଧାନ, ଡ. ପ୍ରଶାନ୍ତ କୁମାର ପରିଡ଼ା, ଡ. ମନୋଜ କୁମାର କର, ଆଶୀର୍ବାଦ ମହାନ୍ତି, ବାସ୍ତବିକା ଦାସ, ପ୍ରମୁଖ ଅଧ୍ୟାପକ - ଆଧାପିକା, କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ। ଶେଷରେ କ୍ରୀଡ଼ା କାର୍ଯ୍ୟକ୍ରମର ସଦସ୍ୟ ଆଧାପିକା କଲ୍ୟାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ସହିଦ ରଞ୍ଜନ ସରଙ୍ଗୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ



ପୁରୀ (ଭାସ୍କର ନ୍ୟୁଜ) : ସହିଦ ହାବିଲଦାର ରଞ୍ଜନ ସରଙ୍ଗୀ ନାମରେ ଅଷ୍ଟମ ସଂସ୍କରଣ କ୍ରିକେଟ ଖେଳ ପୁରୀ ପୋଲିସ ଲାଇନ ପଡିଆରେ ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲ ଉଦଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ପୁରୀରେ ବ୍ୟସ୍ତ ବହୁଳ ଡିଉଟି ଯେପରିକି ସାଢେ ୩ମାସ ମଧ୍ୟରେ ସଫଳ ଭାବରେ ବହୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହା କେବଳ ଆରକ୍ଷୀ ମାନଙ୍କର ଦକ୍ଷତା ଯୋଗୁଁ ଏହା ସଫଳ ହୋଇପାରିଛି। ଏହା ସହ ଆଗାମୀ ରଥଯାତ୍ରା ପାଇଁ ପ୍ରସ୍ତୁତ ରହିବା ପାଇଁ ମଧ ଆହ୍ୱାନ ଦେଇଥିଲେ। ଶେଷରେ ଆରକ୍ଷ ଅଧିକ୍ଷକ ପୁରୀ ପୋଲିସର ସହିଦ ମାନଙ୍କ ପାଇଁ ନିରବ ପାର୍ଥନା କରିଥିଲେ । ଏହି ପ୍ରତିଯୋଗିତାରେ ପୁରୀ ପୋଲିସର ୨୦୫ ଜଣ ୮ଗୋଟି ଦଳରେ ଭାଗ ହୋଇ ଏହି ଖେଳରେ ଅଂଶ ଗ୍ରହଣ କରିଛନ୍ତି। ଏହି ଉଦ୍‌ଘାଟନ ମ୍ୟାଚରେ ବ୍ଲକ ପାନ୍ଥର ବନାମ ସାଇଲେଣ୍ଟ କ୍ରୋକାଡାଇଲ ମଧ୍ୟରେ ହୋଇଥିଲା। ପ୍ରଥମେ ଟସ୍ ଜିତି ବ୍ଲାକ ପାନ୍ଥରର ଅଧିନାୟକ ଦୁଷ୍ମନ୍ତ ସାହୁ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ସାଇଲେଣ୍ଟ କ୍ରୋକାଡାଇଲର ୧୫ ଓଭର ଖେଳରେ ୫ ଗୋଟି ବିକେଟ ହରାଇ ୧୭୭ ରନ କରିଥିଲେ। ଏହାକୁ ପିଛା କରି ବ୍ଲାକ ପାନ୍ଥରର ୧୫ ଓଭରରେ ୬ ୱିକେଟ ହରାଇ ୧୭୭ ରନ କରିଥିଲେ ଯାହା ମ୍ୟାଚ ଡ୍ର ହୋଇଥିଲା ଏବଂ ସୁପର ଓଭର ଖେଳ ହୋଇଥିଲା। ଏଥିରେ ବ୍ଲାକ ପାନ୍ଥର ୧୨ ରନ କରିଥିଲା ଏହାକୁ ପିଛା କରି ସାଇଲେଣ୍ଟ କ୍ରୋକାଡାଇଲ ଶେଷ ବଲରେ ୧୩ କରି ମ୍ୟାଚ ଜିତିଥିଲେ। ଏହି ଖେଳକୁ ଅନେକ ଦର୍ଶକ ଭରପୁର ମଜା ନେଇଥିଲେ ଯାହା ଖେଳ ଶେଷ ପ୍ରର୍ଯ୍ୟନ୍ତ କିଏ ଜିତିବ କିଏ ହାରିବ ତାହା ଅନିଶ୍ଚତତା ଥିଲା। ଶେଷରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଶୀଲ ମିଶ୍ର, ଆରଇ ଚିତ୍ତରଞ୍ଜନ ମହାନ୍ତି, ପୋଲିସ ସଂଘ ସଭାପତି ସନ୍ତୋଷ ମହାନ୍ତି, ଉପ-ସଭାପତି ସନ୍ତୋଷ ସାହୁ, ସେକେଟରୀ ସୂର୍ଯ୍ୟତାପ ଜେନା, କୋଷାଧକ ଦିଲୀପ ଭୋଇ, ପ୍ରହଲ୍ଲାଦ ଭୋଇ, ପ୍ରଶାନ୍ତ ବିଶ୍ୱାଳ, ରଞ୍ଜନ ପଲେଇ, ଅଂଶୁମାନ ପ୍ରଧାନ, ତ୍ରିଲୋଚନ ହୋତା, ଉପସ୍ଥିତ ରହି ଖେଳକୁ ସୁଚାରୁପେ ପରିଚାଳନା କରିଥିଲେ। ସୂଚନା ଥାଉ କି ରଞ୍ଜନ ସରଙ୍ଗୀ ବ୍ରହ୍ମଗିରିରେ ବୋମା ନିଷ୍କ୍ରିୟ କରିବାକୁ ଯାଇ ବିସ୍ପୋରଣରେ ସହିଦ ହୋଇଥିଲେ। ଏହି ସ୍ମୃତିରେ ପୁରୀ ପୋଲିସ ତାର ୮ ସଂସ୍କରଣ ରଞ୍ଜନ ସରଙ୍ଗୀ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି ୧୬ ଫେବୃଆରୀ ରେ ଫାଇନାଲ ଖେଳ କରାଯିବ।

## ସିଏମ୍ କପ୍ ଆନ୍ତଃ କ୍ଲବ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଗୁଆଲି ଏଫ୍‌ସି ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ବିଜୟୀ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବସେବା ଓ ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସିଏମ କପ ଆନ୍ତଃ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ ସପ୍ତମ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ବୁଧବାର ପ୍ରଥମ ଖେଳରେ ଗୁଆଲି ଏଫସି ଦଳ ବଡ଼ବିଲ ଏଫସି ବିପକ୍ଷରେ ୫-୦ ଗୋଲରେ ଏକ ସହଜସାଧ ବିଜୟଲାଭ କରି ପୁରା ଦୁଇ ପଏଣ୍ଟ ହାସଲ କରିଛି। ଗୁଆଲି ପକ୍ଷରୁ ୭ ନମ୍ବର ଖେଳାଳି ଆଦିତ୍ୟ ନାଏକ ଦୁଇଟି ଗୋଲ ସ୍କୋର କରିଥିବାବେଳେ ବଚନ ନାଏକ, ଲକ୍ଷ୍ମୀ ନାଏକ ଏବଂ ଅନୁପ ନାଏକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଜେଏସଡବ୍ଲ୍ୟୁ, ବନ୍ଧୁଆବେଡା ଏବଂ ଜିନ୍ଦଲ ଫାଉଣ୍ଡେସନ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଖେଳରେ ଗୋଲର ବର୍ଷା ହେବାର ଦେଖିବାକୁ ମିଳିଥିଲା। ଜେଏସଡବ୍ଲ୍ୟୁ ଦଳ ଜିନ୍ଦଲ ଫାଉଣ୍ଡେସନ ବିପକ୍ଷରେ ୧୭-୦ ଗୋଲରେ ଏକ ବିପୁଳ ବିଜୟ ହାସଲ କରି ପୁରା ପଏଣ୍ଟ ହାସଲ କରିଥିଲା। ଜେଏସଡବ୍ଲ୍ୟୁର ହିରୋ ଲେଫ୍ଟ ଉଇଙ୍ଗର ୯ ନମ୍ବର ଖେଳାଳି ସତ୍ୟ ନାଏକ ଅତି ଚମତ୍କାର ଖେଳ ପ୍ରଦର୍ଶନ କରି ଦର୍ଶକ ମାନଙ୍କ ମନ କିଣିବା ସହିତ ଏକ ହ୍ୟାଟ୍ରିକ ଜରିଆରେ ବ୍ୟକ୍ତିଗତ ୭ଟି ଗୋଲ ସ୍କୋର କରିଥିବାବେଳେ ଅନ୍ୟତମ ହିରୋ ୭ ନମ୍ବର ଖେଳାଳି ଲିଙ୍କମ୍ୟାନ ୫ଟି ଗୋଲ, କୁନା ନାଏକ ୪ଟି ଗୋଲ ଓ ଜୀବନ ମୁଣ୍ଡା ଦଳ ପକ୍ଷରୁ ଗୋଟିଏ ଗୋଲ ସ୍କୋର କରିଥିଲେ। ଆଜିର ଖେଳରେ ଜିଲ୍ଲା କ୍ରୀଡା



ସଂସ୍ଥା ପକ୍ଷରୁ ସାଧାରଣ ସମ୍ପାଦକ ଡ଼. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ କୁମାର ରଣା ଓ କାଉନସିଲ ସଦସ୍ୟ ଗିରିଷ ଚନ୍ଦ୍ର ହୋତା ପ୍ରମୁଖ ପଡିଆରେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ପ୍ରଥମ ଖେଳରେ ବୃନ୍ଦାବନ ମୁଣ୍ଡା ରେଫରୀ ଦାୟିତ୍ୱ ତୁଲାଇଥିବାବେଳେ ବେଣୁଧର ମୁଣ୍ଡା ଏବଂ ଯତୀନ ମହାନ୍ତ ତାଙ୍କୁ ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଶଙ୍କର୍ଷଣ ନାଏକ କ୍ଷ ସେହିପରି ଦ୍ୱିତୀୟ ଖେଳରେ ବେଣୁଧର ମୁଣ୍ଡା ରେଫରୀ ଥିବାବେଳେ ତାଙ୍କୁ ବୃନ୍ଦାବନ ମୁଣ୍ଡା ଓ ଯତୀନ ମହାନ୍ତ ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଶଙ୍କର୍ଷଣ ନାଏକ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ କମିଶନର ଭାବେ ନିଯୁକ୍ତି ପାଇଥିବାବେଳେ କ୍ରୀଡା ନିର୍ଦ୍ଦେଶାଳୟର ଯଶପକ୍ଷଲ ଉର୍ମା, ବୀରେନ୍ଦ୍ର ମହାନ୍ତ, କୃଷ୍ଣ ଚନ୍ଦ୍ର ମହାନ୍ତ ଓ ବାଦଲ ମହାକୁଡ଼ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ସିଏମ୍ ଫୁଟ୍‌ବଲ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ




ପୁରୀ (ଭାସ୍କର ନ୍ୟୁଜ) : ମୁଖ୍ୟମନ୍ତ୍ରୀ ଟ୍ରଫି ଅନ୍ତର୍ଗତ ୧୫ ବର୍ଷରୁ କମ ବାଳକ ଆନ୍ତଃ କ୍ଲବ ଫୁଟବଲ ଚମ୍ପିୟାନସିପ ଆଜି ଉଦଯାପିତ ହୋଇ ଯାଇଛି। ପୁରୀ ଜିଲ୍ଲା କ୍ରୀଡା ସଂସଦ ଓ ନୀଳଚକ୍ର ସ୍ପୋର୍ଟ୍ସ କ୍ଲବ ପୁରୀ ଙ୍କ ମିଳିତ ସହଯୋଗ ରେ ତାଳବଣିଆ ଇଣ୍ଡୋର ଷ୍ଟାଡିୟମ ଠାରେ ଏହି ଚମ୍ପିୟାନସିପ ଅନୁଷ୍ଠିତ ହୋଇଥିଲା। ଏହି ଚମ୍ପିୟାନସିପରେ ୭ ଟି ଦଳ ଯଥା ଶ୍ରୀ ନିଳଚକ୍ର ସ୍ପୋର୍ଟ୍ସ କ୍ଲବ, ନୀତା ଫୁଟ୍‌ବଲ ଏକାଡେମୀ, ନିଳଚକ୍ର ସ୍ପୋର୍ଟ୍ସ କ୍ଲବ, ପୁରୀ ଜିଲ୍ଲା ସ୍କୁଲ ସ୍ପୋର୍ଟ୍ସ ଜୋନ, ନିମାପଡା ଆଥଲେଟିକ ଆସୋସିଏସନ, କଳିଙ୍ଗ ସର୍ଟ୍ସ ,ନିମାପଡା ସ୍ପୋର୍ଟ୍ସ ଏକାଡେମୀ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ନୀତା ଫୁଟ୍‌ବଲ ଏକାଡେମୀ ନୀଳଚକ୍ର ସ୍ପୋର୍ଟ୍ସ କ୍ଲବକୁ ୫-୦ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡା ଶୃଙ୍ଖଳା ଓ ଭାଇଚାରାର ଶିକ୍ଷା ଦେଇଥାଏ। ବର୍ତ୍ତମାନ କ୍ରୀଡା କ୍ଷେତ୍ରରେ ଅନେକ ସୁଯୋଗ ରହିଛି ବୋଲି କହିଥିଲେ।ପରେ ଚମ୍ପିୟାନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା।କ୍ରୀଡା ସଂସଦ ର ପୂର୍ବତନ ଉପ ସଭାପତି ରାମଚନ୍ଦ୍ର ଦାସ ମହାପାତ୍ର, ଓଡିଶା ଅଲମ୍ପିକ ସଂଘର କୋଷାଧକ୍ଷ ରବି ଶଙ୍କର ପ୍ରତିହାରୀ, ଶ୍ରୀ ନିଳଚକ୍ର ସ୍ପୋର୍ଟ୍ସ କ୍ଲବର ସଭାପତି ଜଗନ୍ନାଥ ରେଡି, ସମ୍ପାଦକ ସନ୍ତୋଷ କୁମାର ଛୁଆଳସିଂ,ପୁରୀ ବକ୍ସିଂ ଏକାଡେମୀ ର ସମ୍ପାଦକ ସୁଦର୍ଶନ ସାହୁ ପ୍ରମୁଖ ଯୋଗ ଦେଇ ଦେଇଥିଲେ।

# ବିବିଧବର୍ଣ୍ଣା



ସୁସ୍ଥ ଶରୀର ପାଇଁ ସକାଳର ଜଳଖିଆ, ଦିନ ଓ ରାତି ଭୋଜନ ଖୁବ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ଶରୀରକୁ ଉପଯୁକ୍ତ ପୋଷଣ ମିଳିଥାଏ। ମାତ୍ର ଅନେକ ସମୟରେ ଦେଖାଯାଏ,କେତେକ ଲୋକେ ରାତି ଖାଦ୍ୟ ଖାଇ ନଥାଆନ୍ତି। କିଛି ଲୋକେ କର୍ମବ୍ୟସ୍ତତା ମଧ୍ୟରେ ଘରକୁ ଆସି ଥକ୍କାପଣ କାରଣରୁ ଖାଲି ପେଟରେ ଶୋଇ ପଡିଥାଆନ୍ତି। ସେହିପରି ଓଜନ ବୃଦ୍ଧି ପାଇଁ କେତେକ ଲୋକେ ରାତ୍ରି ଭୋଜନ କରିନଥାଆନ୍ତି। ମାତ୍ର ଏପରି କରିବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ବେଶ କ୍ଷତିକାରକ ହୋଇଥାଏ। ଜାଣନ୍ତୁ ରାତ୍ରି ଭୋଜନ ନକଲେ ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପକାଏ..। ରାତିରେ ଖାଦ୍ୟ ନଖାଇଲେ ଓଜନ ହ୍ରାସ ହେବ ବୋଲି ଚିନ୍ତା କରୁଥିଲେ, ଏହା ଭୁଲ ଧାରଣା। ରାତ୍ରି ଭୋଜନ ନକରିବା ଦ୍ୱାରା ଶରୀରକୁ ଆବଶ୍ୟକ ପରିମାଣରେ ପୋଷକ ତତ୍ତ୍ୱ ମିଳି ପାରିନଥାଏ। ଫଳରେ କୁପୋଷଣର ଶିକାର ହେବା ସହ ଅଧିକ ହାଲିଆ ଅନୁଭବ ହୋଇଥାଏ। ଦୈନନ୍ଦିନ କାମ ପାଇଁ ଆବଶ୍ୟକ ପରିମାଣରେ ଶକ୍ତି ମିଳିପାରି ନଥାଏ। ଶରୀରରେ ରକ୍ତର ଅଭାବ ହୋଇଥାଏ। ରାତିରେ ଖାଦ୍ୟ ନଖାଇବା ଦ୍ୱାରା ବାରମ୍ବାର ନିଦ ଭାଙ୍ଗିଥାଏ। ରାତି ଅଧରେ ଭୋକ ମଧ୍ୟ ଲାଗିଥାଏ। ଖାଲି ପେଟରେ ଶୋଇବା ଦ୍ୱାରା ପେଟ ଜନିତ ଅନେକ ସମସ୍ୟା ଦେଖାଦିଏ।





## ଫଲୋର୍ସରେ ଶାହରୁଖଙ୍କୁ ପଛରେ ପକାଇଲେ ଜନ୍ନତ

ବଲିଉଡର କିଙ୍ଗ ଖାନ ତଥା ଶାହାରୁଖ ଖାନ୍ । ତାଙ୍କର ସୋସିଆଲ ମିଡିଆରେ ବହୁତ ଫ୍ୟାନ୍ସ ଫଲୋଅର୍ସ ମଧ୍ୟ ଅଛନ୍ତି । ଅନେକ ସେଲିବ୍ରିଟିଙ୍କ ଠାରୁ ଅଧିକ ତାଙ୍କ ଇନଷ୍ଟାଗ୍ରାମର ଫଲୋଅର୍ସ । ହେଲେ ବର୍ତ୍ତମାନ କିଙ୍ଗ ଖାନଙ୍କୁ ପଛରେ ପକାଇଛନ୍ତି ଟେଲି ଅଭିନେତ୍ରୀ ଜନ୍ନତ୍ ଜୁବୈର। ତାଙ୍କୁ ଫଲୋର୍ସ ୪୯.୭ ମିଲିୟନ ଥିବାବେଳେ ଶାହରୁଖ ଖାନଙ୍କୁ ୪୭.୭ ମିଲିୟନ୍ ଫଲୋର୍ସ ଅଛନ୍ତି । ଇନଷ୍ଟାଗ୍ରାମରେ ଜନ୍ନତଙ୍କର ଅଧିକ ପ୍ରଶଂସକ ଅଛନ୍ତି। ସୂଚନା ଅନୁଯାୟୀ, ସେ କିଙ୍ଗ ଖାନଙ୍କୁ ଇନଷ୍ଟାଗ୍ରାମରେ ପଛରେ ପକାଇଛନ୍ତି। କେବଳ ଶାହାରୁଖ ଖାନ ନୁହଁନ୍ତି ଜନ୍ନତ ଜୁବୈର୍ ଅନେକ ବଲିଉଡ ସେଲିବ୍ରିଟିଙ୍କୁ ପଛରେ ପକାଇଛନ୍ତି। ଜନ୍ନତ ଜୁବୈରଙ୍କ ପ୍ରଶଂସକଙ୍କଠାରୁ ଜଣାପଡ଼ିଛି ଯେ, ତାଙ୍କୁ ଲୋକେ କେତେ ପସନ୍ଦ କରନ୍ତି । ତାଙ୍କ ପୋଷ୍ଟରେ ଲୋକେ ଅଧିକ ଲାଇକ ଓ କମେଣ୍ଟ କରନ୍ତି। ସୋସିଆଲ ମିଡିଆରେ ପ୍ରସିଦ୍ଧ ହେବା ବ୍ୟତୀତ ଜନ୍ନତ ଜୁବୈର ଟିଭିରେ ମଧ୍ୟ ବହୁତ ଲୋକପ୍ରିୟ। ଏହା ବ୍ୟତୀତ ଜନ୍ନତ ଜୁବୈର ରାନୀ ମୁଖାର୍ଜୀଙ୍କ ସହ ଫିଲ୍ମ 'ହିଚ୍‌କି'ରେ ନିଜର ଯାଦୁ ଦେଖାଇଥିଲେ। କେବଳ ଏତିକି ନୁହେଁ ଜନ୍ନତ ଜୁବୈର କୋଟି କୋଟି ଟଙ୍କାର ମାଲିକାଣି। ରିପୋର୍ଟ ଅନୁଯାୟୀ, ଜନ୍ନତଙ୍କ ସମ୍ପତ୍ତି ମୂଲ୍ୟ ୨୫ କୋଟି ଟଙ୍କା। ଜନ୍ନତଙ୍କ ଫ୍ୟାସନ୍ ଏବଂ ଷ୍ଟାଇଲ୍ ତାଙ୍କୁ ସବୁବେଳେ ଖବରର ଚର୍ଚ୍ଚାରେ ରଖେ। ଜନ୍ନତ ସୋସିଆଲ ମିଡିଆରେ ମଧ୍ୟ ବହୁତ ସକ୍ରିୟ ଏବଂ ତାଙ୍କ ପ୍ରଶଂସକଙ୍କ ସହ ନିଜ ସହ ଜଡିତ ଅପଡେଟ୍ ସେୟାର କରନ୍ତି। ଲୋକମାନେ ଜନ୍ନତଙ୍କ ଫଟୋ ଏବଂ ଭିଡିଓ ପାଇଁ ମଧ୍ୟ ଉତ୍ସାହର ସହିତ ଅପେକ୍ଷା କରନ୍ତି।

## ବାହା ହେବେ ନାଗାଙ୍କ ଭାଇ

ସାଉଥଷ୍ଟାର ନାଗା ଚୈତନ୍ୟ ଏବଂ ଶୋଭିତା ଧୁଲିପାଲାଙ୍କ ବିବାହ ସରିଛି। ତାଙ୍କ ପରେ ବର୍ତ୍ତମାନ ନାଗାର୍ଜୁନଙ୍କ ସାନପୁଅ ଅଖିଲ ଅକ୍କିନେନି ବିବାହ କରିବାକୁ ଯାଉଛନ୍ତି। ଅଖିଲ ଅକ୍କିନେନି, ଚିତ୍ରଶିଳ୍ପୀ ଜୈନବ ରାବଦଜୀଙ୍କୁ ତାଙ୍କ ଜୀବନସାଥୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନଭେମ୍ବର ୨୦୨୪ରେ ଦୁହେଁ ନିର୍ବନ୍ଧ କରିଥିବା ବେଳେ ଏବେ ଦୁହିଁଙ୍କ ବିବାହ ତାରିଖ ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ, ଅଖିଲ ଅକ୍କିନେନି ଏବଂ ଜୈନବ ୨୪ ମାର୍ଚ୍ଚ ୨୦୨୫ରେ ବିବାହ କରିବେ। ଅଖିଲ ଏବଂ ଜୈନବଙ୍କ ବିବାହ ମଧ୍ୟ ହାଇଦ୍ରାବାଦର ଅନ୍ନପୂର୍ଣ୍ଣା ଷ୍ଟୁଡିଓରେ ହେବ। ନାଗା ଚୈତନ୍ୟ ଏବଂ ଶୋଭିତା ଧୂଳିପାଲା ମଧ୍ୟ ଏଠାରେ ବିବାହ କରିଥିଲେ। ଅନ୍ନପୂର୍ଣ୍ଣା ଷ୍ଟୁଡିଓ ଅଖିଲଙ୍କ ଜେଜେବାପା ଅକ୍କିନେନୀ ନାଗେଶ୍ୱର ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ତେବେ ଅଖିଲ ଅକ୍କିନେନିଙ୍କ ପ୍ରେମିକା ଜୈନବ ରାବଦଜୀ ମୁମ୍ବାଇର ଜଣେ ଚିତ୍ରଶିଳ୍ପୀ ତଥା ଚିତ୍ରକଳା ପ୍ରଦର୍ଶକ। ଜୈନବଙ୍କ ଇନଷ୍ଟାଗ୍ରାମ ବାୟୋ ଅନୁଯାୟୀ, ସେ ଜଣେ ଲାଇଫଷ୍ଟାଇଲ ବ୍ଲଗର୍ ମଧ୍ୟ। ହାଇଦ୍ରାବାଦର ବାସିନ୍ଦା ଜୈନବଙ୍କ ଏକ ମୁସଲମାନ ପରିବାରର ଅଟନ୍ତି। ସେ ଶିଳ୍ପପତି ଜୁଲଫି ରାବଦଜୀଙ୍କ ଝିଅ ଏବଂ ଜେଡଆର ରିନିଉଏବଲ ଏନର୍ଜି ପ୍ରାଇଭେଟ ଲିମିଟେଡର ଚେୟାରମ୍ୟାନ୍ ଜୈନ ରାବଦଜୀଙ୍କ ଭଉଣୀ। ଅଖିଲ ଅକ୍କିନେନି ପୂର୍ବରୁ ଜଣାଶୁଣା ବ୍ୟବସାୟ ମ୍ୟାଗ୍ନେଟ୍ ଜି ଭି କୃଷ୍ଣା ରେଡ୍ଡୀଙ୍କ ନାତୁଣୀ ଶ୍ରୀୟା ଭୁପାଲଙ୍କ ସହ ନିର୍ବନ୍ଧ କରିଥିଲେ। ହେଲେ ଫେବ୍ରୁଆରି ୨୦୧୭ରେ ଦୁହେଁ ନିର୍ବନ୍ଧ ଭାଙ୍ଗିଥିବା ଘୋଷଣା କରିଥିଲେ।



## ଓଜନ ହ୍ରାସ କରେ ଚିଆ ସିଡ୍ସ



ଓଜନ ବୃଦ୍ଧି ଅଧିକାଂଶ ଲୋକଙ୍କ ପାଇଁ ଚିନ୍ତାର ବିଷୟ, କାରଣ ଏହା କେବଳ ଆପଣଙ୍କ ଶରୀରର ଆକୃତି ଉପରେ ପ୍ରଭାବ ପକାଇବ ନାହିଁ, ବରଂ ମେଦବହୁଳତା ଅନେକ ରୋଗ ମଧ୍ୟ ଆଣିଥାଏ । ଓଜନ ହ୍ରାସ କରିବାକୁ ଚାହୁଁଥିବା ଲୋକମାନେ ଅନେକ ପ୍ରକାରର ପାନୀୟ ପିଇଥା'ନ୍ତି, ସେଥିମଧ୍ୟରୁ ଚିଆ ସିଡ୍ସ ଡ୍ରିଙ୍କ ଯାହାକି ଲୋକମାନେ ସେମାନଙ୍କର ପ୍ରତିଦିନର ଡାଏଟରେ ସାମିଲ କରନ୍ତି । ଚିଆ ସିଡ୍ସରେ ପୋଟାସିୟମ୍, ଡାଏଟାରୀ ଫାଇବର, କ୍ୟାଲସିୟମ୍, ଭିଟାମିନ୍ ସି, ଆଇରନ୍ ଏବଂ ମ୍ୟାଗ୍ନେସିୟମ୍ ପରି ପୁଷ୍ଟିକର ଜିନିଷ ମିଳିଥାଏ ।

ଯାହା ମେଟାବୋଲିଜିମ୍ ବୃଦ୍ଧି କରିଥାଏ ଏବଂ ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ତଥାପି, ଅଧିକ ଚିଆ ସିଡ୍ସ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତି ପହଞ୍ଚାଇପାରେ । ଯଦି ଆପଣ ମଧ୍ୟ ଆପଣଙ୍କର ପ୍ରତିଦିନର ଡାଏଟରେ ଚିଆ ସିଡ୍ସ ଖାଉଛନ୍ତି, ତେବେ ବ୍ଲଡ୍ ପ୍ରେସର କଣ୍ଟ୍ରୋଲ, ହଜମ ପ୍ରକ୍ରିୟାରେ ଉନ୍ନତି, ବ୍ଲଡ୍ ସୁଗାର କଣ୍ଟ୍ରୋଲ ଭଳି ଅନେକ ଲାଭ ଅଛି, କିନ୍ତୁ ଏହାକୁ ସୀମିତ ପରିମାଣରେ ଗ୍ରହଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାଠାରୁ ଅଧିକ ଚିଆ ସିଡ୍ସ ଖାଇବା ମଧ୍ୟ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ ।

### ଚିଆ ସିଡ୍ସ କେତେ ଏବଂ କିପରି ଖାଇବେ ?

ଯଦି ଚିଆ ସିଡ୍ସ ପ୍ରତିଦିନର ଡାଏଟରେ ସାମିଲ କରୁଛନ୍ତି, ତେବେ ପ୍ରାୟ ୨୫ ରୁ ୨୮ ଗ୍ରାମ ଅର୍ଥାତ୍ ପ୍ରାୟ ଅଢେଇ ଚାମଚ ଚିଆ ସିଡ୍ସ ଯଥେଷ୍ଟ । ଏଥି ସହିତ, ଚିଆ ସିଡ୍ସ କେବେ ଶୁଖିଲା ଖାଇବା ଉଚିତ୍ ନୁହେଁ, ଏହାକୁ ହାଲୁକା ଭାବରେ ରୋଷ୍ଟ କରି, ସୁପ୍, ସାଲାଡ କିମ୍ବା ଏହାକୁ ଭିଜାଇ ରଖିବା ପରେ ଖାଇବା ଉଚିତ ।



## କୁମ୍ଭୀର ବୟସ ୧୨୪

ବିଶ୍ୱର ସବୁଠୁ ବୟସ୍କ କୁମ୍ଭୀର। ଯାହାର ବୟସ ୧୨୪ ବର୍ଷ। ୧୦,୦୦୦ ଛୁଆର ବାପା, ୬ ପତ୍ନୀର ସ୍ୱାମୀ। ଆମେ ଏଠି କୌଣସି ବ୍ୟକ୍ତିଙ୍କ ବିଷୟରେ ନୁହେଁ ବିଶ୍ୱର ସବୁଠୁ ବୟସ୍କ କୁମ୍ଭୀର ବିଷୟରେ କହୁଛି। ଯହାର ଆକାର ଏକ ମିନି ବସ୍ ସହ ସମାନ। ବିଶ୍ୱର ସବୁଠୁ ବୟସ୍କ କୁମ୍ଭୀର ହେନେରୀ। ଓଜନ ୭୦୦ କିଲୋଗ୍ରାମ ଓ ଲମ୍ବ ୧୬ ଫୁଟ। ସାରା ବିଶ୍ୱରେ ଏହି ବିଶାଳ କୁମ୍ଭୀରଟି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ନିଜ ଆତଙ୍କ ପାଇଁ ଜଣାଶୁଣା ଏହି କୁମ୍ଭୀର ଏବେ କାଟୁଛି ଆଜୀବନ କାରାଦଣ୍ଡ। ଦକ୍ଷିଣ ଆଫ୍ରିକାର ସ୍କଟବର୍ଗର କ୍ରୋକୱାର୍ଲ୍ଡ ସଂରକ୍ଷଣ କେନ୍ଦ୍ରରେ ହେନେରୀକୁ ଏକୁଟିଆ କରି ରଖାଯାଇଛି। ହେନେରୀ ହେଉଛି ନୀଳ ନଦୀର ଏକ ନରଭକ୍ଷୀ କୁମ୍ଭୀର। ହେନେରୀ ରହୁଥିବା ପ୍ରାଣୀ ଉଦ୍ୟାନ ଅଧିକାରୀଙ୍କ ଅନୁଯାୟୀ ହେନେରୀର ୬ଟି ପତ୍ନୀ ଅଛନ୍ତି। ଏମାନେ ହେନେରୀର ୧୦,୦୦୦ରୁ ଅଧିକ ସନ୍ତାନକୁ ଜନ୍ମ ମଧ୍ୟ ଦେଇ ସାରିଲେଣି। ଦି ସନର ରିପୋର୍ଟ ଅନୁଯାୟୀ ହେନେରୀର ଲମ୍ବ ଏକ ମିନି ବସ୍ ସହ ସମାନ। ସେ ୧୬ ଡିସେମ୍ବର ୧୯୦୦ରେ ବୋତସ୍ୱାନାର ଓକାଭାଙ୍ଗୋ ଡେଲ୍ଟାରେ ଜନ୍ମଗ୍ରହଣ କରିଥିଲା। ହେନେରୀର ଅତୀତ ଆତଙ୍କରେ ପରିପୂର୍ଣ୍ଣ। ସେ ତା'ର ତୀକ୍ଷ୍ଣ ଦାନ୍ତ ଓ ପଞ୍ଝାରେ ଅନେକ ଲୋକଙ୍କୁ ଶିକାର କରିଛି। କେବଳ ସେତିକି ନୁହେଁ ହଜାର ହଜାର ପିଲାଙ୍କୁ ମଧ୍ୟ ମାରି ଖାଇଛି। ୧୯୦୦ ଦଶକରେ ବୋତସ୍ୱାନା ଜନଜାତି ମଧ୍ୟରେ ଆତଙ୍କ ଖେଳାଇଥିଲା ହେନେରୀ। ହେନେରୀ ଅନେକ ଛୋଟ ପିଲାଙ୍କୁ ଶିକାର କରିଥିଲା। ଏହାପରେ ଏଠକାର ଆଦିବାସୀ ଲୋକେ ହେନେରୀକୁ ହତ୍ୟା କରିବାକୁ ଯୋଜନା କରିଥିଲେ। ସେମାନେ ପ୍ରସିଦ୍ଧ ଶିକାରୀଙ୍କ ସହ ଯୋଗାଯୋଗ କରିଥିଲେ। କିନ୍ତୁ ଏହି ଶିକାରୀ କୁମ୍ଭୀରକୁ ହତ୍ୟା କରିନଥିଲେ ବରଂ ଏହାକୁ ଧରି ବନ୍ଦୀ ରଖିଥିଲେ। ଏହା ପରେ କୁମ୍ଭୀରକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା।



## ୧୪ ରେ ରିଲିଜ ହେବ ରଶ୍ମିକାଙ୍କ 'ଛାବା'

ମ୍ୟାଡ୍ଡକ୍ ଫିଲ୍ମସ୍ ନିଜର ଆଗାମୀ ଫିଲ୍ମ ଛାୱାରେ ରଶ୍ମିକା ମନ୍ଦାନାଙ୍କ ଫାଷ୍ଟ ଲୁକ୍ ଜାରି କରିଛି। ଯେଉଁଥିରେ ସେ ଜଣେ ମହାରାଣୀଙ୍କ ଗେଟଅପ୍ ନେଇଛନ୍ତି। ମ୍ୟାଡ୍ଡକ୍ ଫିଲ୍ମସ୍ ନିଜର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଫଟୋ ସେୟାର କରିବା ସହ କ୍ୟାପ୍ସନରେ ଉଲ୍ଲେଖ ରହିଛି ଯେ 'ପ୍ରତ୍ୟେକ ମହାନ ରାଜାଙ୍କ ପଛରେ ତାଙ୍କର ରାଣୀ ଥାନ୍ତି ଯିଏକି ଅତୁଳନୀୟ ଶକ୍ତିର ଭଣ୍ଡାର। ରଶ୍ମିକା ମନ୍ଦାନା ଏହି ଫିଲ୍ମରେ 'ମହାରାଣୀ ୟେସୁବାଇ' ସ୍ୱରାଷ୍ଟ୍ରର ଗର୍ବ ଭୂମିକାରେ ଅଭିନୟ କରିଛନ୍ତି। ରିଲିଜ ହୋଇଥିବା ପୋଷ୍ଟର ମଧ୍ୟରୁ ଗୋଟିଏ ପୋଷ୍ଟରରେ ରଶ୍ମିକା ମନ୍ଦାନା ହସୁଥିବାର ନଜର ଆସିଛନ୍ତି। ଅନ୍ୟ ଏକ ଫଟୋରେ ତାଙ୍କର ସିରିୟସ ଲୁକ ଦେଖିବାକୁ ମିଳିଛି।

ତେବେ ଏହିସବୁ ଫଟୋରେ ରଶ୍ମିକା ହେଭି ଜୁଏଲାରୀ ପିନ୍ଧିଥିବାର ନଜର ଆସିଛନ୍ତି। ତେବେ ଏହି ଫିଲ୍ମ ୧୪ ଫେବୃଆରୀ ୨୦୨୫ରେ ପ୍ରେକ୍ଷାଳୟକୁ ଆସିବାକୁ ଯାଉଛି। ଏଥିରେ ରଶ୍ମିକାଙ୍କ ବିପକ୍ଷରେ ଭିକ୍କି କୌଶଳ ଛତ୍ରପତି ସମ୍ଭାଜୀ ମହାରାଜଙ୍କ ଭୂମିକାରେ ନଜର ଆସିବେ। ଏହି ଫିଲ୍ମର ନିର୍ମାଣ ମ୍ୟାଡ୍ଡକ ଫିଲ୍ମସ କରିଥିବା ବେଳେ ଲକ୍ଷ୍ମଣ ଉତେକର ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଅପରପକ୍ଷରେ ଫିଲ୍ମର ଟ୍ରେଲର ଜାନୁଆରୀ ୨୨ରେ ରିଲିଜ୍ ହେବ ବୋଲି ଜଣାପଡିଛି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଭିନେତା ସବ୍ୟସାଚୀଙ୍କୁ ଦେଖିବା ପାଇଁ ଲୋକମାନଙ୍କର ପ୍ରବଳ ଭିଡ଼ । ଲୋକମାନେ ଅଭିନେତାଙ୍କୁ ଦେଖିବା ପାଇଁ ଠେଲାପେଲା ହୋଇ ସେଲ୍‌ଫି ନେଉଥିବା ଜଣାପଡ଼ିଛି। ଟିଭି ପରଦାରେ ଅଭିନେତାଙ୍କୁ ଲୋକମାନେ ଦେଖୁଥିବା ବେଳେ ନିମାପଡ଼ାକୁ ସବ୍ୟସାଚୀ ମିଶ୍ର ଏକ ଟାଇଲ୍ ସୋ'ରୁମ୍ ଉଦ୍‌ଘାଟନରେ ଯୋଗ ଦେଇଥିବା ବେଳେ ଲୋକମାନଙ୍କର ଭିଡ଼ ଲାଗି ରହିଥିଲା । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ତୁଳସୀପୁର ବଜାରରେ ଜଗନ୍ନାଥ ଟାଇଲ୍ ଓ ସାନିଟାରୀ ନାମକ ଏକ ସୋ'ରୁମ୍ ଖୋଲାଯାଇଥିବା ବେଳେ ଉଦ୍‌ଘାଟନ ଉତ୍ସବରେ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ରଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଫିଲ୍ମ ତାରକାଙ୍କୁ ପାଖରେ ପାଇ ଲୋକମାନେ ସେଲ୍‌ଫି ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ଟାଇଲ୍ ଓ ସାନିଟାରୀର ମାଲିକ ଉପସ୍ଥିତ ଥିବା ବେଳେ ନିମାପଡ଼ା ପୋଲିସ ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ, ଚାରିଛକ ଥାନାଧିକାରୀ ମମତାରାଣୀ ବିଶ୍ୱାଳ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ସମାଜସେବୀ ଯୋଗ ଦେଇଥିବା ବେଳେ ଗ୍ରାମାଂଚଳର ଲୋକମାନେ ଦୂରକୁ ଯାଇ ଗାଡ଼ି ଭଡ଼ା କରି ଟାଇଲ୍, ମାର୍ବଲ ଓ ସାନିଟାରୀ ସାମଗ୍ରୀ କିଣିବା ପାଇଁ ଖର୍ଚ୍ଚାନ୍ତ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ତୁଳସୀପୁର ବଜାରରେ ଏହି ସୋ'ରୁମ୍‌ଟି ଖୋଲା ଯାଇଥିବା ବେଳେ ଉଚିତ୍ ମୂଲ୍ୟରେ ଲୋକମାନେ ଏଠାରୁ ଟାଇଲ୍ କିଣି ପାରିବେ ବୋଲି ସୋ'ରୁମ୍‌ର ପରିଚାଳକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟ କେତେକ କଳାକାର ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



## ଗାନ୍ଧୀ ଦର୍ଶନ ଆଲୋଚନାଚକ୍ର



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସର୍ବୋଦୟ ପରିବାର ଆନୁକୂଲ୍ୟରେ ବାଂଶପାଳ ବ୍ଲକ୍‌ର ଶୁଆକାଟୀ ସର୍ବୋଦୟ ସେବା ସମିତି ପରିସରରେ ୨୦ ତାରିଖ ସୋମବାର ଅପରାହ୍ଣରେ ଗାନ୍ଧୀ ଦର୍ଶନ ଆଲୋଚନା ଚକ୍ର ଓ ସ୍ୱର୍ଗତ ରବି ପଟ୍ଟନାୟକଙ୍କ ୯୯ତମ ଜନ୍ମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସୁଲେଖିକା ଆନନ୍ଦୀକା ସାମନ୍ତରାୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ସର୍ବୋଦୟ ବିଚାରରେ ବିଶ୍ୱାସ ରଖିଥିବା ବ୍ୟକ୍ତିବିଶେଷ, ଶିକ୍ଷକ, ଶିକ୍ଷୟିତ୍ରୀ, ଆଦିବାସୀ ଓ ବନବାସୀ ନେତୃମଣ୍ଡଳୀ ମାନେ ଆଲୋଚନାରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ ଭକ୍ତବତ୍ସଳ ମହାନ୍ତି ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଲେ ସ୍ୱର୍ଗତ ରବି ପଟ୍ଟନାୟକ ଜଣେ ସଚ୍ଚା ଗାନ୍ଧୀବାଦୀ ଥିଲେ। ମା' ରମାଦେବୀଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ଶୁଆକାଟୀ ଠାରେ ସର୍ବୋଦୟ ସେବା ସମିତି ଗଠନ କରିଥିଲେ। ୧୯୭୧ ମସିହାରୁ ବାଂଶପାଳ ଓ ତେଲକୋଇ ବ୍ଲକର ଅଗମ୍ୟ ଆଦିବାସୀ ଅଞ୍ଚଳରେ ୭୫ରୁ ଊର୍ଦ୍ଧ୍ୱ ବାଲୱାଡ଼ି ଚଳାଇ ଶିଶୁମାନଙ୍କୁ ଶିକ୍ଷାର ଆଲୋକ ଦେଖାଇ ପାରିଥିଲେ। ବାଂଶପାଳରେ ଅକାଳ ପଡ଼ିବା ସମୟରେ ତଳଚମ୍ପେଇଠାରେ ଖାଦ୍ୟ ବଦଳରେ କାର୍ଯ୍ୟ ଯୋଜନାରେ ସର୍ବୋଦୟ ରିଲିଫ୍ କମିଟି କଟକର ସହଯୋଗରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କରିଥିଲେ, ଯାହା ଆଜି ସର୍ବୋଦୟ ବନ୍ଧ ନାମରେ ସମସ୍ତେ ଜାଣନ୍ତି। ଅଦ୍ୟାବଧି ବର୍ଷର ୧୨ମାସ ଚମ୍ପେଇରେ ଜଳସେଚନ କରୁଅଛି। ମୁଖ୍ୟଅତିଥି ପ୍ରଫେସର ଡକ୍ଟର ବିମ୍ବାଧର ବେହେରା କହିଲେ ସ୍ୱର୍ଗତ ରବି ପଟ୍ଟନାୟକ ଶିକ୍ଷାର ପ୍ରସାର ପାଇଁ ବାଲବାଡ଼ି ସହିତ ବିଦ୍ୟାଳୟ ମାନ ସ୍ଥାପନ କରି ସାକ୍ଷରତା ଅଭିଯାନ ଚଳାଇଥିଲେ। ରବି ବାବୁଙ୍କ ସହ କାର୍ଯ୍ୟ କରିଥିବା ବରିଷ୍ଠ ସାମାଜିକ କର୍ମୀ ବୀରବର ନାୟକ, ଗାନ୍ଧୀ ବିଚାର ପରିଷଦର ଉପସଭାପତି କର୍ଣ୍ଣାଟ କିଶୋର ଜେନା, ଅଧ୍ୟାପକ ରମାକାନ୍ତ ସ୍ୱାଇଁ ସ୍ୱର୍ଗତ ରବି ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ରବି ବାବୁଙ୍କ ୧୦୦ ତମ ଜନ୍ମ ଜୟନ୍ତୀ ପାଳନ ଓ ସ୍ମରଣିକା ପ୍ରକାଶନ ପାଇଁ ଏକ କମିଟି ଗଠନ କରାଗଲା। ଆବାହକ ଭାବରେ ଭକ୍ତବତ୍ସଳ ମହାନ୍ତି କାର୍ଯ୍ୟ କରିଥିଲେ। ଡକ୍ଟର ବିମ୍ବାଧର ବେହେରା, ଅଧ୍ୟାପକ ରମାକାନ୍ତ ସ୍ୱାଇଁ, କର୍ଣ୍ଣାଟ କିଶୋର ଜେନା, ବୀରବର ନାୟକ, ଆନନ୍ଦିକା ସାମନ୍ତରାୟ, ପୁଷ୍ପହାସ ପଟ୍ଟନାୟକ, ଗୋପାଳ ସାମନ୍ତରାୟ, ବିନୋଦିନୀ ସାମଲ, ବସନ୍ତ କୁମାର ଦାସ, କୃଷ୍ଣ ଜୁଆଙ୍ଗ କମିଟିରେ ସଭ୍ୟ ଭାବରେ ଯୋଗଦାନ କରିଥିଲେ।

## ଦେହ ବ୍ୟବସାୟ ଘଟଣାର ପର୍ଦ୍ଦାଫାଶ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଆଦିବାସୀ ଅଧୁଷିତ କେନ୍ଦୁଝର ଜିଲ୍ଲାରୁ ଜଣେ ୧୬ ବର୍ଷ ବୟସ୍କା ନାବାଳିକାଙ୍କୁ ଭୁବନେଶ୍ୱର ଚାଲାଣ କରି ଦେହ ବ୍ୟବସାୟରେ ଲଗାଯାଇଥିଲା। ପୋଲିସ ତାଙ୍କୁ ଉଦ୍ଧାର କରିଥିବା ବେଳେ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ କାଉନସେଲିଂ ବେଳେ ଘଟଣାର ପର୍ଦ୍ଦାଫାଶ ହୋଇଛି। କେନ୍ଦୁଝର ଶିଶୁ ମଙ୍ଗଳ କମିଟିର ହସ୍ତକ୍ଷେପ ପରେ ନାବାଳିକାଙ୍କୁ କେନ୍ଦୁଝର ସ୍ଥିତ ମୁକ୍ତାଶ୍ରୟ କେନ୍ଦ୍ରରେ ରଖାଯାଇଛି। ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ୨ ଜଣଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି। ଜିଲ୍ଲାରେ ନାବାଳିକା ଚାଲାଣ ଓ ଦେହ ବ୍ୟବସାୟ ଘଟଣା ଏବେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାରେ କେନ୍ଦୁଝର ସହରର ଅନେକଙ୍କ ସମ୍ପୃକ୍ତି ନେଇ ସନ୍ଦେହ ହେଉଛି। ଏହାର ଠିକ୍ ତଦନ୍ତ ହେଲେ ମାନବ ଚାଲାଣ ଓ ଦେହ ବ୍ୟବସାୟରେ ନିୟୋଜନ ଘଟଣା ପଦାକୁ ଆସିପାରିବ ବୋଲି ମତପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, ଏକବର୍ଷ ପୂର୍ବେ କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା କିଆପଡ଼ା ଗ୍ରାମର ରଞ୍ଜିତ ସାହୁ ଓ ସୁଶୀଳା ପାତ୍ର ନାବାଳିକାଙ୍କ ଆଇଙ୍କୁ ଭେଟିଥିଲେ। ଘର କାମରେ ସାହାଯ୍ୟ କରିବାକୁ କହି ନାବାଳିକାଙ୍କୁ ଡାକି ନେଇଥିଲେ। ତାଙ୍କୁ ପ୍ରଥମେ କେନ୍ଦୁଝର ସହର ସ୍ୱଞ୍ଚ କଲୋନୀରେ ଏକ ଭଡ଼ା ଘରେ ରଞ୍ଜିତଙ୍କ ପାଖରେ ରଖିଥିଲେ। ସେଠାରେ ସୁଶୀଳା ଓ ତାଙ୍କ ଝିଅ, ପୁଅ ମଧ୍ୟ ରହୁଥିଲେ। ପରେ ରଞ୍ଜିତ ବଳଦେବଜୀଉ କଲୋନୀରେ ଏକ ଭଡ଼ା ଘରକୁ ଯିବା ପରେ ସେଠାରେ ନାବାଳିକା ତାଙ୍କ ସହିତ ରହିଲେ। ସେଠାରେ ରଞ୍ଜିତ ବିଭିନ୍ନ ଲୋକଙ୍କୁ ଘରକୁ ଡାକିଆଣନ୍ତି। ଉକ୍ତ ବ୍ୟକ୍ତିମାନେ ନାବାଳିକାଙ୍କ ସହ ଯୌନସମ୍ପର୍କ ରଖନ୍ତି। ଏଭଳି ଦିନକୁ ୫ରୁ ୬ ଜଣ ଲୋକ ଆସନ୍ତି। ଏ ନେଇ ବାରଣ କଲେ ଧମକ ଦିଆଯାଉଥିବା ନାବାଳିକା କହିଛନ୍ତି। କିଛିଦିନ ପରେ ଭୁବନେଶ୍ୱରରୁ ଡଲି ସ୍ୱାଇଁ ନାମ୍ନୀ ମହିଳା ମିଲୁ ନାମକ ଯୁବକ ସହ ବଳଦେବଜୀଉ କଲୋନୀ ଆସିଥିଲେ। ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଡଲି ସାଙ୍ଗରେ ଭୁବନେଶ୍ୱର ନେଇଯାଇଥିଲେ ଏବଂ ସେଠାରେ ଖଣ୍ଡଗିରି ଅଞ୍ଚଳର ଏକ ବସ୍ତିରେ ରଖିଥିଲେ। ଡଲିଙ୍କ ଘରେ ଆଉ ୩ ଜଣ ଝିଅ ଥିଲେ। ସେଠାରେ ମିଲୁ ନାବାଳିକାଙ୍କ ସହ ଜବରଦସ୍ତ ଶାରୀରିକ ସମ୍ପର୍କ ରଖୁଥିଲେ। ପରେ ଡଲି ଓ ମିଲୁ ଅନ୍ୟ ଲୋକଙ୍କୁ ଡକାଇ ଯୌନ ନିର୍ଯାତନା ଦେଉଥିଲେ। ସେଠାରେ ମଧ୍ୟ ଦିନକୁ ୫ରୁ ୬ ଜଣ ଲୋକ ଆସି ଶାରୀରିକ ସମ୍ପର୍କ ରଖୁଥିଲେ। ସେଠାରୁ ଜଣେ ଝିଅ ଖସିଯାଇ ପୋଲିସକୁ ସୂଚନା ଦେବା ପରେ ଡିସେମ୍ବର ୧ରେ ଖଣ୍ଡଗିରି ପୋଲିସ ଚଢ଼ାଉ କରି ନାବାଳିକାଙ୍କ ସମେତ ଅନ୍ୟ ଯୁବତୀଙ୍କୁ ଉଦ୍ଧାର କରିଥିଲା। ସେଠାରେ ତାଙ୍କୁ ଏକ ଓପନ ସେଣ୍ଟରରେ ରଖାଯାଇଥିଲା। ନାବାଳିକାଙ୍କ ଘର କେନ୍ଦୁଝରରେ ହୋଇଥିବାରୁ ଆଇନଗତ ପଦକ୍ଷେପ ନେବାକୁ ଖଣ୍ଡଗିରି ପୋଲିସ କେନ୍ଦୁଝରକୁ ସ୍ଥାନାନ୍ତରିତ କରିଥିଲା। କେନ୍ଦୁଝର ଶିଶୁ ମଙ୍ଗଳ କମିଟିର ହସ୍ତକ୍ଷେପ ପରେ ନାବାଳିକାଙ୍କୁ ଜିଲା ମୁକ୍ତାଶ୍ରୟ କେନ୍ଦ୍ରରେ ରଖାଯାଇଥିଲା। ଏପରିକି ମୁକ୍ତାଶ୍ରୟ କେନ୍ଦ୍ରରୁ ଉକ୍ତ ନାବାଳିକାଙ୍କୁ ନେଇଯିବାକୁ ଅଭିଯୁକ୍ତମାନେ ବହୁ ଉଦ୍ୟମ କରି ବିଫଳ ହୋଇଥିଲେ। ସୋମବାର ମୁକ୍ତାଶ୍ରୟ କେନ୍ଦ୍ର ପକ୍ଷରୁ କାଉନ୍‌ସେଲିଂ ବେଳେ ନାବାଳିକା ଉପରୋକ୍ତ କଳାକାହାଣୀ ବଖାଣିଥିଲେ। ନାବାଳିକାଙ୍କ ବୟାନକୁ ଭିତ୍ତିକରି ମୁକ୍ତାଶ୍ରୟ କେନ୍ଦ୍ର ପକ୍ଷରୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୪୩/୨୦୨୫) ରୁଜୁ କରିଛି। ଘଟଣାରେ ସମ୍ପୃକ୍ତ ୨ ମୁଖ୍ୟ ଅଭିଯୁକ୍ତ ରଞ୍ଜିତ ସାହୁ ଓ ସୁଶୀଳା ପାତ୍ରଙ୍କୁ ସୋମବାର ରାତିରେ ଗିରଫ କରାଯାଇଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଅଭିଯୁକ୍ତଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ତଦନ୍ତ ପରେ ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ନୋଡ଼ାଲ ସରକାରୀ ଉଚ୍ଚ ମାଧ୍ୟମିକ, ବିକ୍ରମପୁର ସମ୍ମିଳନୀ କକ୍ଷରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ 'କର୍ମ କ୍ଷେତ୍ରରେ ମହିଳାମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଓ ତା'ର ପ୍ରତିରୋଧ, ନିଷେଧ ଏବଂ ପୁନଃନିର୍ମାଣ ଆଇନ ୨୦୧୩' ଓ ବରିଷ୍ଠ ନାଗରିକ ମନଙ୍କର ଅଧିକାର ଓ କର୍ତ୍ତବ୍ୟ ଉପରେ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭୀପ୍ସା ଗୋଛୟତ ମଞ୍ଚାସିନ ରହିଥିଲେ। ଅନ୍ୟ ଅତିଥି ଭାବେ ଉପ ଭାରପ୍ରାପ୍ତ ଅଧିକ୍ଷକ ଦିବ୍ୟ କାନ୍ତି ଲାକ୍ରା, ପାନେଲ ଲୟାର କିଶୋରୀ ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳକଣ୍ଠ ବେହେରା, ସଖୀ ସେଣ୍ଟରର ପରାମର୍ଶ ଦାତା ସ୍ମରଣିକା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପିଲା ମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ବିଷୟରେ ସଚେତନ କରାଇଥିଲେ। ଶେଷରେ ନୋଡାଲ ସରକାରୀ ଉଚ୍ଚ ମାଧ୍ୟମିକ, ବିକ୍ରମପୁର ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନୀଳକଣ୍ଠ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ପରିଚାଳନା କରାଯାଇଥିଲା।

## ଓଡ଼ିଶା ବିଧାନସଭା ପବ୍ଲିକ୍ ଅଣ୍ଡରଟେକିଂ କମିଟିର ମୟୂରଭଞ୍ଜ ଗସ୍ତ




ବାରିପଦା, (ଭାସ୍କର ନ୍ୟୁଜ୍): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଓଡ଼ିଶା ବିଧାନସଭା ପବ୍ଲିକ୍ ଅଣ୍ଡରଟେକିଂ କମିଟିର ଜିଲ୍ଲା ଅଧିକାରୀମାନେ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଏହି ତିନି ଜିଲ୍ଲା ଗସ୍ତରେ ଆସି ଶେଷ ଦିନରେ ମୟୂରଭଞ୍ଜରେ ପହଞ୍ଚିଥିଲେ। ଅଧିକାରୀମାନେ ବୁଧବାର ଦିନ ଜିଲ୍ଲା ପରିଷଦ କନ୍‌ଫରେନ୍ସ ହଲରେ ସମୀକ୍ଷା ବୈଠକ କରିଥିଲେ ଏବଂ ପରେ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ୨୦୨୪-୨୫ ବର୍ଷର ଉକ୍ତ କମିଟିର ୯ମ ବୈଠକ ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଅଧ୍ୟକ୍ଷତାରେ କମିଟିର ଅନ୍ୟତମ ସଦସ୍ୟ ତଥା ବିଧାୟକ ଭାବେ ଅଶ୍ୱିନୀ କୁମାର ପାତ୍ର, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ପ୍ରମୁଖ ଏହି ଗସ୍ତ କାର୍ଯ୍ୟକ୍ରମରେ ସାମିଲ ଥିଲେ ଓ ବାରିପଦା ବିଧାୟକ ପ୍ରକାଶ ସୋରେନ ଏହି ସମୀକ୍ଷା ବୈଠକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମୀକ୍ଷା ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଓ.ଏସ୍.ଆର.ଟି.ସି., ପର୍ଯ୍ୟଟନ, ଓଡ଼ିଶା ବନନିଗମ, ଓଡ଼ିଶା ପୋଲିସ୍ ହାଉସିଂ କର୍ପୋରେସନ୍, ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍, ଓ.ପି.ଟି.ସି.ଏଲ୍., ଯୋଗାଣ ନିଗମ ଆଦି ଦ୍ୱାରା ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପ ଯୋଜନା ଆଦିର କାର୍ଯ୍ୟକାରୀତା, ସଫଳତା ଓ ସମସ୍ୟା ସମ୍ବନ୍ଧରେ ଚିକିନିକି ସମୀକ୍ଷା କରିଥିଲେ। ବିଶେଷ କରି ଧାନ ସଂଗ୍ରହ କାର୍ଯ୍ୟକୁ ସ୍ୱଚ୍ଛତାର ସହ ତ୍ୱରାନ୍ୱିତ କରିବା ପାଇଁ କମିଟିର ଅଧ୍ୟକ୍ଷ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବିନା କଟନି ଛଟନିରେ ଏଫ୍.ଏ.କ୍ୟୁ ମାନର ଧାନ କ୍ରୟ ପ୍ରତି ଯତ୍ନବାନ ହେବାକୁ କୁହାଯାଇଥିଲା। ସେହିପରି ବାଲି ଉତ୍ତୋଳନରେ ମାଫିଆ ରାଜ୍ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନକୁ କମିଟି ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ କି କ୍ଷେତ୍ର ପରିଦର୍ଶନରେ ଜିଲ୍ଲା ପ୍ରଶାସନ ଅଧିକାରୀ ଓ କମିଟି ସଦସ୍ୟମାନେ ଯଶିପୁର ଅଞ୍ଚଳ ପରିଦର୍ଶନ କରି ସେଠାରେ ଅଭିଯୋଗ ଓ ସମସ୍ୟାର ତଦାରଖ କରିଥିଲେ। ନିଜ ମନ୍ତବ୍ୟରେ କମିଟି ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଣ୍ଡା କହିଥିଲେ ଯେ ସାରା ଭାରତରେ ପ୍ରଥମ ରାଜ୍ୟ ଓଡ଼ିଶା ଯିଏକି ଚାଷୀ ମାନଙ୍କୁ ୮୦୦ ଟଙ୍କାର ସବସିଡି ପ୍ରଦାନ କରୁଛି ଏଣୁ ଏହି ଐତିହାସିକ ପଦକ୍ଷେପ ପାଇଁ ରାଜ୍ୟ ସରକାରଙ୍କୁ ଅନେକ ଧନ୍ୟବାଦ, କଥା ଦେଇ କଥା ରଖି ଥିବାରୁ ସରକାରଙ୍କୁ ସାଧୁବାଦ ଏବଂ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଯେ କୌଣସି ଚାଷୀମାନଙ୍କର ଏହି ଅଧିକାର ଯେପରି କ୍ଷୁର୍ଣ୍ଣ ନ ହେଉ। ସେହିପରି କମିଟିର ଅନ୍ୟ ସଦସ୍ୟ ମାନେ ଚାଷୀ ମାନଙ୍କର ସମସ୍ତ ସମସ୍ୟା ଶୁଣି ସମାଧାନ ପାଇଁ ଆଶୁ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଜିଲ୍ଲାରେ ବିଭିନ୍ନ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରି କମିଟିର ସଦସ୍ୟ ମାନେ ସନ୍ତୁଷ୍ଟି ପ୍ରକାଶ କରିବା ସହିତ ଯେଉଁ କାମ ଗୁଡିକ ସମୟ ସହିତ ବାଧାପ୍ରାପ୍ତ ହୋଇଛି ସେଗୁଡିକୁ ତୁରନ୍ତ ସମାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ଯଥାରୀତିରେ ଆଗେଇ ଚାଲିଥିବାରୁ ଅଧିକାରୀ ମାନଙ୍କୁ ତଥା ଜିଲ୍ଲା ପ୍ରଶାସନକୁ ସାଧୁବାଦ ଦେଇଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ କମିଟିର କ୍ଷେତ୍ର ସ୍ତରୀୟ ପରିଦର୍ଶନ କାର୍ଯ୍ୟକ୍ରମ ଓ ସମୀକ୍ଷା ବୈଠକରେ ଉପସ୍ଥିତ ରହି ସମୀକ୍ଷାରେ ଆବଶ୍ୟକ ମତେ ସମ୍ପୃକ୍ତ ବିଭାଗର ତଥ୍ୟ ଓ ସମସ୍ୟା ସମ୍ବନ୍ଧରେ କମିଟିକୁ ଅବଗତ କରାଇଥିଲେ। ସହକାରୀ କଲେକ୍ଟର ମାନସୀ ତରାଇ ଏହି ସମୀକ୍ଷା ବୈଠକ ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ। ସମ୍ପୃକ୍ତ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ନିଗମମାନଙ୍କର ସାଧାରଣ ପରିଚାଳକ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ଆବଶ୍ୟକ ମତେ କମିଟି ନିକଟରେ ନିଜ ନିଜ ବିଭାଗୀୟ ତଥ୍ୟ ଉପସ୍ଥାପନ କରିଥିଲେ।

## ସ୍ୱାବଲମ୍ବୀ ହେଉଛନ୍ତି ଚାଷୀ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଚେଷ୍ଟା, ନିଷ୍ଠାପର, ଏକାଗ୍ରତା ଏବଂ ରୋଜଗାର କରିବାର ମନବୃତି ଯୋଗୁଁ ସଫଳ ଚାଷୀ ହୋଇପାରିଛନ୍ତି ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକ୍ ଅଙ୍ଗାରପଦା ଗ୍ରାମ ପଞ୍ଚାୟତ କଳନ୍ଦା ଗ୍ରାମର ପ୍ରହଲ୍ଲାଦ ମହାନ୍ତ ଏବଂ ବାଉଁଶପୁର ଗ୍ରାମର କୁନା ମହାନ୍ତ। ତାଙ୍କର ମୁଖ୍ୟ ଥିଲା ପରିବା ଚାଷ କିନ୍ତୁ ଏବେ ଷ୍ଟ୍ରବେରି ଚାଷ କରି ଲାଭବାନ ହେଉଛନ୍ତି। ବର୍ଷଯାକ ବିଭିନ୍ୟ ପ୍ରକାର ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରନ୍ତି ଦୁଇ ଚାଷୀ। କିନ୍ତୁ ଚଳିତବର୍ଷ ଠାରୁ ପନିପରିବା ସହିତ ଷ୍ଟ୍ରବେରୀ ଚାଷ କରିଛନ୍ତି। ମାତ୍ର ୫୦ ଡିସିମିଲ ଯାଗାରେ ହୋଇଥିବା ଷ୍ଟ୍ରବେରୀ ଚାଷରୁ ଭଲ ରୋଜଗାର ହୋଇଛି। ସ୍ଥାନୀୟ ବଜାରରେ ବି ଏହାର ଚାହିଦା ବେଶ ଦେଖିବାକୁ ମିଳୁଛି। ଷ୍ଟ୍ରବେରୀ ଚାଷ ପାଇଁ ଦୁଇଚାଷୀଙ୍କୁ ସହଯୋଗର ହାତ ବଢ଼ାଇଛି ଉଦ୍ୟାନ କୃଷି ବିଭାଗ। ଯାହାଫଳରେ ଅଙ୍ଗାରପଦା ଅଞ୍ଚଳର ଏହି ଦୁଇଚାଷୀ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଆଗାମୀ ଦିନ ମାନଙ୍କରେ ଏଭଳି ସରକାରୀ ପ୍ରୋତ୍ସାହନ ମିଳିଲେ ଚାଷ ପ୍ରତି ବହୁ ଚାଷୀ ଆକୃଷ୍ଟ ହେବା ସହିତ ଏ ଅଞ୍ଚଳରେ ଅଧିକରୁ ଅଧିକ ଚାଷ ନିଶ୍ଚିତ ଭାବରେ ହୋଇପାରିବ।

## ବିଡ଼ିଓ ନିଜଗାଡ଼ିରେ ଦିବ୍ୟାଙ୍ଗଙ୍କୁ ପହଞ୍ଚାଇଲେ ଘରେ

ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ମହତ କାର୍ଯ୍ୟ କରି ସମସ୍ତଙ୍କ ପ୍ରିୟ ପାତ୍ର ହୋଇପାରିଛନ୍ତି। ବିଡ଼ିଓଙ୍କ ମହତ କାର୍ଯ୍ୟ ଦେଖି ଜନ ସାଧାରଣ ଆଜି ତେନ୍ତୁଳି ଖୁଣ୍ଟି ବ୍ଲକ୍ ଆଉଁଳିଗୁମ୍ମା ଗ୍ରାମର ଲକ୍ଷ୍ମଣ ଗଣ୍ଡା (୫୩) ଗୋଟିଏ ବାଉଁଶ ବାଡ଼ି ସାହାଯ୍ୟରେ ଚାଲୁଥିବା ଦେଖି ତାଙ୍କ ସହ କଥାବାର୍ତ୍ତା ହୋଇ ନିଜ ଗାଡ଼ିରେ ଘରେ ନେଇ ପହଞ୍ଚାଇଥିଲେ। ଲକ୍ଷ୍ମଣଙ୍କ ପିଲାଟି ଦିନରୁ ଗୋଟିଏ ଗୋଡ଼ ଓ ଗୋଟିଏ ହାତ ଅକ୍ଷମ ହୋଇଯାଇଥିଲା। ତଥାପି ସେ ଭାଙ୍ଗି ନ ପଡ଼ି କାହା ଉପରେ ନିର୍ଭର ନକରି ବଞ୍ଚିବା ପାଇଁ ସଙ୍ଘର୍ଷ କରି ଚାଲିଛନ୍ତି। କେବେ କାହାରି ଉପରେ ନିର୍ଭର ନକରି ଏକ ବାଉଁଶ ବାଡ଼ି ସାହାରାରେ ଯାତାୟାତ କରନ୍ତି। ଏପରିକି ଗାଈ ଚରାଇବା ଓ କାଠ କାଟିବା ମଧ୍ୟ ନିଜେ କରନ୍ତି। ଆଜି ଲକ୍ଷ୍ମଣ ବାଉଁଶ ବାଡ଼ି ସହରରେ ଚାଲୁ ଥିବା ବିଡ଼ିଓଙ୍କ ନଜରରେ ଆସିବା ପରେ ତାଙ୍କୁ ଆଶାବାଡ଼ି ପ୍ରଦାନ କରିବା ପାଇଁ ବିଏସଏସ ଓ ରବୀନ୍ଦ୍ର ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ୮୦ପ୍ରତିଶତ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରିବା ପାଇଁ ଆଗାମୀ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ଆସିବ ପାଇଁ ଲକ୍ଷ୍ମଣଙ୍କୁ କହିଥିଲେ। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଇ ଦେବା ବ୍ୟବସ୍ଥା କରିବେ ବୋଲି ବିଡ଼ିଓ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ବିଶିଷ୍ଟ ସାହିତ୍ୟିକ ଡ. ମହେଶ୍ୱର ଦାସଙ୍କ ସ୍ମୃତି ସମାରୋହ




ତିହିଡ଼ି, (ଭାସ୍କର ନ୍ୟୁଜ୍):ବିଶିଷ୍ଟ ସାହିତ୍ୟିକ ଡ. ମହେଶ୍ୱର ଦାସଙ୍କ ୧୧ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଏକ ସ୍ମୃତି ସମାରୋହ ତାଙ୍କ ଜନ୍ମମାଟି ଭଦ୍ରକ ଜିଲା ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ଅନ୍ତର୍ଗତ ଇଶାଣପୁର ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡ. ମହେଶ୍ୱର ଦାସ ସ୍ମୃତି ସଂସଦ ପକ୍ଷରୁ ଅନୁଷ୍ଠିତ ସଭାରେ ସଂସଦର ସଭାପତି ତଥା ବିଶିଷ୍ଟ ସାହିତ୍ୟିକ ମନୋଜ କୁମାର ମହାପାତ୍ର ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ହୃଦାନନ୍ଦ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଅଧ୍ୟପକ ଡ. ବିଶ୍ୱରଞ୍ଜନ ଦାସ ଯୋଗଦେଇ ସାହିତ୍ୟ କ୍ଷେତ୍ରରେ ଡ. ମହେଶ୍ୱର ଦାସଙ୍କର ଅତୁଳନୀୟ ଅବଦାନ ଥିଲା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ମୃତ୍ୟୁଞ୍ଜୟ ପଣ୍ଡା, ଭାଗବତ ସାହୁ, ସାରଥି ପଣ୍ଡା, ବୈକୁଣ୍ଠ ଓଝା, ସମାଜସେବୀ କିଶୋର ପୁହାଣ, ଭାଗବତ ପତି, ପ୍ରମୁଖ ଯୋଗଦେଇ ଡ. ମହେଶ୍ୱର ଦାସଙ୍କ ସାହିତ୍ୟ ଓ ସମାଜସେବା ଜୀବନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସାହିତ୍ୟ ଓ ସମାଜ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୁବ ଗାଳ୍ପିକ ଓ କବି ବିପ୍ଳବ ରଞ୍ଜନ ପତିଙ୍କୁ ମାନପତ୍ର, ଉପଢ୍ୌକନ ଓ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସମ୍ପାଦକ ଶିକ୍ଷକ ମନ୍ମଥ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ହରେକୃଷ୍ଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସଂଘ ସଭାପତି ମାୟାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ କୃତି ଛାତ୍ରଛାତ୍ରୀ, ଚିତ୍ରଶିଳ୍ପୀ ଓ କବିମାନଙ୍କୁ ପୁରସ୍କୃତ କରାଯାଇ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସଂଘ ସମ୍ପାଦକ ରମାକାନ୍ତ ଦାସ, ଗୁଆମାଳ ସଂଗୀତ ମହାବିଦ୍ୟାଳୟର ଅଧ୍ୟାପକ ଅଜୟ ପ୍ରଧଶନ, ଶିକ୍ଷକ ସନାତନ ଜେନା, ସମାଜସେବୀ ଭରତ ସାହୁ, ପ୍ରମୋଦ ନାୟକ, ଡ. ଅମୂଲ୍ୟ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଡ.ଦାସଙ୍କ ପତ୍ନୀ ମିନାକ୍ଷୀ ଦାସ ଓ କନ୍ୟା ଦେବହୂତୀ ଦାସଙ୍କ ସମେତ ସଂସଦର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରଘୁନାଥପୁର ପଞ୍ଚାୟତ ସମିତିର ୪ର୍ଥ ଅଧିବେଶନ




ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ପଞ୍ଚାୟତ ସମିତିର ୪ର୍ଥ ଅଧିବେଷନ ବୁଧବାର ଅଧାକ୍ଷା ଲକ୍ଷ୍ମୀ ବେହେରାଙ୍କ ପୌରୋହିତ୍ୟରେ ସମିତି ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ମାନ୍ୟବର ସାଂସଦ ବିଭୂ ପ୍ରସାଦ ତରାଇ ଓ ଅନ୍ୟତମ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଯୋଗଦେଇ ସମିତିର ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲ୍ଲାପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ବିଡିଓ ବିରଞ୍ଚି ନାରାୟଣ ବେହେରା, ବ୍ଲକ ସହକାରୀ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ବାରିକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱୋଳନ କରାଯାଇ ପ୍ରଥମେ ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱରଗତ ମନମୋହନ ସିଂହଙ୍କ ଉଦେଷ୍ୟରେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଭାକାର୍ଯ୍ୟ ଆରମ୍ଭରେ ଉପସ୍ଥିତ ଥିବା ମେଡିକାଲ ସୁପରେଣ୍ଟ ସୁକାନ୍ତ କୁମାର ଦଳାଇ ସ୍ୱାସ୍ଥ୍ୟ ଉପରେ ବିବରଣୀ ରଖିଥିଲେ।ଏଥିରେ ସ୍ୱାସ୍ଥ୍ୟ, ଶିଶୁ ବିକାଶ, ରାସନ ସାମଗ୍ରୀ,ବିଦ୍ୟୁତ ଭଳି ବହୁ ଗୁରୁତ୍ୱ ପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ଥିଲା। ଏହି ବୈଠକରେ ୧୯ ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଶ୍ନ ରଖିଥିଲେ। ଏଥିରେ ବ୍ଲକ୍ ସ୍ତରୀୟ ସମସ୍ତ ସରକାରୀ କାର୍ଯ୍ୟାଳୟର ଅଧିକାରୀ ଯୋଗଦେଇ ସମିତି ପ୍ରଶ୍ନର ଉତ୍ତର ରଖିଥିଲେ। ଅତିରିକ୍ତ ବିଡିଓ ଜ୍ଞାନଦା ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିପିଓ ସ୍ମାରକ ମହାନ୍ତି ପୂର୍ବ ବୀବରଣୀ ପଠନ କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ ମାନେ ଏଥିରେ ସହଯୋଗ ପ୍ରଦାନ କରିଥିବାବେଳେ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

## ପିଡ଼ିଏସ୍ ଚାଉଳ ବଣ୍ଟନ ଓ ଗଚ୍ଛିତକୁ ନେଇ ହଟ୍ଟଗୋଳ

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଲଙ୍ଗ ଗ୍ରାମରେ ଆଜି ପିଡ଼ିଏସ୍ ସାମଗ୍ରୀ ବଂଟନକୁ ନେଇ ପ୍ରବଳ ହଟ୍ଟଗୋଳ ହୋଇଥିଲା । ଏହି ଘଟଣା ଏତେ ଉଗ୍ର ରୂପ ନେଇଥିଲା ଯେ, ଘଟଣା ସ୍ଥଳରେ ଡେରାବିଶ ପୋଲିସ୍ ଓ ଯୋଗାଣ ନିରୀକ୍ଷକ ପହଞ୍ଚି ଘଟଣାଟିକୁ ସମାଧାନ କରିଥିଲେ। ସୂଚନାରୁ ପ୍ରକାଶ ଏହି ଗ୍ରାମରେ ପୂର୍ବରୁ ରେଶନ ସାମଗ୍ରୀ ଦେଉଥିବା ଡିଲର ଜଣକ ଅନିୟମିତତା କାର୍ଯ୍ୟ କରିବାରୁ ତାଙ୍କୁ ନିଲମ୍ବିତ କରାଯାଇଛି । ଫଳରେ ଏହି ଗ୍ରାମରେ ରେଶନ ସାମଗ୍ରୀ ଯୋଗାଇ ଦେବା ପାଇଁ ନିକଟସ୍ଥ ଖମୋଳ ପଞ୍ଚାୟତର ଡିଲର ରମାକାନ୍ତ ଦାସଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇ ଥିଲା। ତେବେ ରମାକାନ୍ତ ଆଜି ସବଲଙ୍ଗ ଗ୍ରାମରେ ଥିବା ଡିଲର ପଏଣ୍ଟରେ ଚାଉଳ ହିତାଧିକାରୀଙ୍କୁ ବାଣ୍ଟିବା ସମୟରେ କିଛି ହିତାଧିକାରୀ ଓଜନରେ କମ୍ ହେଉଥିବା ଦର୍ଶାଇ ହୋହାଲ୍ଲା କରିଥିଲେ । ଏପରିକି ସମ୍ପୃକ୍ତ ଡିଲରଙ୍କ ବିରୋଧରେ ଡେରାବିଶ ଥାନାରେ ବିଶ୍ୱରଞ୍ଜନ ବାହାଲିଆ ଏକ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ପାଇବା ପରେ ଡେରାବିଶ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଚାଉଳ ଦେବା କାର୍ଯ୍ୟ ବନ୍ଦ କରିଥିଲେ। ତେବେ ଏହି ସମୟରେ ଗ୍ରାମର କିଛି ଲୋକ ଏହି ଡିଲର ପଏଣ୍ଟ ଠାରୁ ପାଖାପାଖି ୩୦୦ ମିଟର ଦୂରରେ ଜନୈକ ଲୋକଙ୍କ ଘରେ ଏକ ଟ୍ରିପ ରେଶନ ଚାଉଳ ଲୁଚା ହୋଇ ରଖାଯାଇଥିବା ଅଭିଯୋଗ କରିଥିଲେ । ଏଥିସହ ଲୋକମାନେ ଉକ୍ତ ଘରକୁ ଦୀର୍ଘ ସମୟଧରି ଘେରି ଜଗି ରହିଥିଲେ। ତେବେ ଲୋକମାନେ ଡିଲରଙ୍କୁ ଏହି ଲୁଚା ହୋଇଥିବା ଚାଉଳ ସମ୍ପର୍କରେ ପଚାରିବାରୁ ସେ ଏ ସମ୍ବନ୍ଧରେ କୌଣସି କଥା ଜାଣିନାହିଁ ବୋଲି କହିଥିଲେ । ଏହି କଥା ଶୁଣିବା ପରେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ପିଡ଼ିଏସ୍ ଚାଉଳ ଲୁଚା ହୋଇଥିବା ନେଇ ସନ୍ଦେହ ବଢ଼ିଥିଲା । ଘଟଣା ସ୍ଥଳରେ ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରେ ଡେରାବିଶ ଥାନା ଏସ୍‌ଆଇ ମେନକା ତ୍ରିପାଠୀ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତକରିବା ସହିତ ଘଟଣା ସ୍ଥଳକୁ ଡେରାବିଶ ଯୋଗଣ ନିରୀକ୍ଷକ ସ୍ୱରୂପ ଦାସଙ୍କୁ ଡକାଇ ଥିଲେ। ପରେ ଯୋଗାଣ ନିରୀକ୍ଷକ ଦାସ ପହଞ୍ଚି ଓଜନ ଯନ୍ତ୍ରଟିକୁ ଯୋଗାଣ ବିଭାଗ ପକ୍ଷରୁ ରହିଥିବା ଟେକ୍ନିକାଲ ଟିମ୍ ଯାଂଚକରି ପ୍ରଦାନ କରିଥିଲେ । ତେବେ ଏହି ଡିଲର ପଏଣ୍ଟରେ ରହିଥିବା ମେସିନ୍‌କୁ ଯୋଗାଣ ବିଭାଗର ଟେକନିକାଲ୍ ଟିମ୍ ଯାଞ୍ଚ କଲା ପରେ ଯଦି ଓଜନ ମେସିନ୍‌ରେ ଓଜନ କମ୍ ହେଉଥିବ ତେବେ ସେହି ଚାଉଳକ ହିତାଧିକାରୀମାନଙ୍କୁ ଆସନ୍ତା ଦୁଇଦିନ ମଧ୍ୟରେ ଭରଣା କରାଯିବ । ହେଲେ ଲୋକମାନେ ଏହି ଡିଲର ପଏଣ୍ଟରେ ଥିବା ମେସିନ୍‌କୁ ଆସନ୍ତା କାଲି ଏହିଠାରେହିଁ ପଂଚାୟତର ସରପଞ୍ଚ, ସମିତି ସଭ୍ୟା ଓ ୱାର୍ଡ଼ସଭ୍ୟାଙ୍କ ଉପସ୍ଥିତିରେ ଟେକନିକାଲ ଟିମ୍ ଯାଚ କରିବେ ବୋଲି ଜିଦ୍‌ଧରିଥିଲେ। ଏଥିରେ ଯୋଗାଣ ନିରୀକ୍ଷକ ରାଜି ହୋଇଥିଲେ । ଏଥିସହିତ ଯୋଗାଣ ନିରୀକ୍ଷକ ନିକଟରେ ଅନ୍ୟ ଏକ ଘରେ ତାଙ୍କ ଜ୍ଞାତ ସାରରେ ପିଡିଏସ୍ ଚାଉଳ ରଖାଯାଇଥିବା ପ୍ରକାଶ କରିଥିଲେ। ଏଥିସହିତ ସେହି ଘରକୁ ପୋଲିସ୍ ଓ ପଲେଇ ସରପଂଚ ଅକ୍ଷୟ ସାହୁଙ୍କ ଉପସ୍ଥିତିରେ ଖୋଲି ଯାଞ୍ଚ କରାଯାଇ ଥିଲା। ଏହି ଘରେ ୧୨୭ ବସ୍ତା ପିଡିଏସ୍ ଚାଉଳ ରହିଥିବା ଦେଖାଯାଇ ଥିଲା। ଏହାକୁ ଗଣତି କରାଯାଇ ପୁନର୍ବାର ନୂତନ ତାଲା ପକାଇବା ସହିତ ଏହି ଚାଉଳ କୌଣସି ଚୋରା ଚାଉଳ ନୁହେଁ, ଏଠାରେ ପିଡ଼ିଏସ୍ ସାମଗ୍ରୀ ଷ୍ଟକ ରଖାଯିବା ପାଇଁ ଘର ମାଲିକଙ୍କ ସହିତ ଏଗ୍ରିମେଣ୍ଟ କରାଯାଇଥିବା ପ୍ରକାଶ କରିଥିଲେ।

## ପ୍ରଫେସର ଭୁବନେଶ୍ୱର ବେହେରାଙ୍କ ଜୟନ୍ତୀ ଉତ୍ସବ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ କଳାହାଣ୍ଡି ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଯୁବସଂସ୍କାର ହଲ ଠାରେ ପ୍ରଫେସର ଭୁବନେଶ୍ୱର ବେହେରାଙ୍କ ୧୦୯ତମ ଜୟନ୍ତୀ ଉତ୍ସବ ଏକ ସାରସ୍ୱତ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଓ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଅଧ୍ୟକ୍ଷତା କରିଥିଲାବେଳେ ବିଶିଷ୍ଟ ଶିକ୍ଷାବିତ ଡ. ଉମେଶଚନ୍ଦ୍ର ଶତପଥୀ ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି, ମୁଖ୍ୟବକ୍ତା ଭାବେ ଭର୍ଚୁଆଲ ମୋଡରେ ବିଶିଷ୍ଟ କବୟିତ୍ରୀ ମମତା ଦାଶ, ସମ୍ମାନୀତ ବକ୍ତା ଡ. ଶ୍ରୀକାନ୍ତ କୁମାର ବାରିକ, ସମ୍ମାନୀତ ଅତିଥି ଉପକୁଳସଚିବ ମେଜର ଡ. ଜୟଦେବ ସାହୁ, ସଂଗଠନ ସଭାପତି ବିରଜା ପ୍ରସାଦ ପଣ୍ଡା, ଧର୍ମଗଡ ପଞ୍ଚାୟତ କଲେଜ ଅଧ୍ୟାପକ ଲିଙ୍ଗରାଜ ପାତ୍ର, ବିଶିଷ୍ଟ ସମାଜସେବୀ ଚିନ୍ମୟ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସଂଗଠନ ସଂପାଦକ ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସମସ୍ତ କାର୍ଯ୍ୟକ୍ରମକୁ ଓଡ଼ିଆ ଅଧ୍ୟାପିକା ଡ. ପ୍ରତ୍ୟାଶା ଧଳ ପରିଚାଳନା କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ ସହକାରୀ ପ୍ରଫେସର ଡୋଳାମଣି ଧରୁଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜାତୀୟ ସ୍ତରରେ ଗୋଲ୍ଡ ମେଡାଲ ପ୍ରାପ୍ତ ଛାତ୍ର ଇଶାନ ପାତ୍ର ଓ ପରିବେଶବିତ୍ ପୀୟୁଷ ପାତ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ପରିଶେଷରେ ଓଡ଼ିଆ ଭାଷା ଅଧ୍ୟାପକ ସୁବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ଦୁଇ ଛାତ୍ରଛାତ୍ରୀ ପ୍ରଫେସର ଭୁବନେଶ୍ୱର ବେହେରାଙ୍କ ସାହିତ୍ୟ କୃତୀ ସମ୍ପର୍କରେ ସ୍ୱଲିଖିତ ମୂଲ୍ୟବାନ ପ୍ରବନ୍ଧ ପାଠ କରିଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଯେ କଳାହାଣ୍ଡିରେ ଜନ୍ମିତ ପ୍ରଫେସର ଭୁବନେଶ୍ୱର ବେହେରା ଏକାଧାରରେ ଜଣେ ପ୍ରଖ୍ୟାତ ଯନ୍ତ୍ରୀ, କଥାକାର, କବି, ଇଂଜିନିୟରିଂ କଲେଜର ଅଧ୍ୟକ୍ଷ ଓ ଆଦର୍ଶ ମଣିଷ ଥିବାବେଳେ ସେ ହୀରାକୁଦ ନଦୀ ବନ୍ଧ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଥିବା ସମୟରେ ସେ 'ସପ୍ତର୍ଷି' ନାମକ ଏକ ସାହିତ୍ୟ ପତ୍ରିକା ପ୍ରକାଶ କରିଥିଲେ। ଯାହାକି ଏଯାବତ୍ ବିଶ୍ୱବିଦ୍ୟାଳୟରୁ ପ୍ରକାଶ ପାଇ ଆସୁଛି। ଓଡ଼ିଆ ସାହିତ୍ୟ ପାଇଁ ତାଙ୍କ ଅବଦାନ ପ୍ରକୃତରେ ଅତୁଳନୀୟ। ସ୍ୱର୍ଗତ ବେହେରା ଶାରଳା ପୁରସ୍କାର, ଓଡିଆ ସାହିତ୍ୟ ଏକାଡେମୀ ପୁରସ୍କାର, ସାହିତ୍ୟ ସୁଧାକର ସମ୍ମାନ, ନନ୍ଦିଘୋଷ ପୁରସ୍କାର, ଉତ୍କଳ ରତ୍ନ ପୁରସ୍କାର ସହ ଜଣେ ଦକ୍ଷ ଯନ୍ତ୍ରୀ ଭାବେ ମର୍ଯ୍ୟାଦାବନ୍ତ ବିଶ୍ୱେଶ୍ୱରାୟା ପୁରସ୍କାର-୨୦୦୦ ଲାଭ କରିଥିଲେ। ଏଭଳି ଜଣେ ଯୋଗପୁରୁଷଙ୍କ ଜୟନ୍ତୀ ପାଳନ ନିମନ୍ତେ ଉଦ୍ୟମ କରିଥିବାରୁ ବିଶ୍ୱବିଦ୍ୟାଳୟ ଓ ଭୁବନେଶ୍ୱର ବେହେରା ମୋମୋରିଆଲ୍ ୟୁଥ୍ ଅର୍ଗାନାଇଜେନ୍‌ଙ୍କୁ ଉପସ୍ଥିତ ଅତିଥି ମାନେ ଧନ୍ୟବାଦ ଜଣାଇଥିଲେ।

## ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶଙ୍କୁ ମିଳିଲା ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ପୁରସ୍କାର




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଜୟ ପ୍ରକାଶ ସଂନ୍ଧ୍ୟା ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଜାତୀୟ ସେବା ଯୋଜନାର ରାଜ୍ୟସ୍ତରୀୟ ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଓ ୟୁନିଟ୍ ଭାବରେ ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଇଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିଅରର୍ସ ସଭାଗୃହରେ ରାଜ୍ୟର ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ ଏହି ରାଜ୍ୟ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ମଧ୍ୟରେ ସମ୍ମାନୀତ ଅତିଥିଭାବେ ପ୍ରଫେସର ଗୀତାଞ୍ଜଳୀ ଦାସ କୁଳପତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସରୀତା ପଟେଲ, ଆଞ୍ଚଳିକ ନିର୍ଦ୍ଦେଶିକା ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଓ ଡ.ରମେଶ ଚନ୍ଦ୍ର ବେହେରା ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ସଫଳତା ପାଇଁ ଅଧ୍ୟାପକ ଶ୍ରୀ ଦାଶ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଛବିଲାଲ ସାହୁ ଓ ସହକର୍ମୀ, ମା ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ସ୍ୱର୍ଗତ ପ୍ରଫେସର ସଂଜୟ ଶତପଥି, ବର୍ତ୍ତମାନର କୁଳପତି ଡ. ନିବେଦିତା ନାଥ, କୁଳସଚିବ ପୀତାମ୍ବର ଭୋଇ, କାର୍ଯ୍ୟକ୍ରମ ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ, ମହାବିଦ୍ୟାଳୟରରେ ସମସ୍ତ ଛାତ୍ରଛାତ୍ରୀ ଧନ୍ୟବାଦ ଦେଇଛନ୍ତି। ଏହି ପୁରସ୍କାର ଲାଭ ମୋତେ ଅଧିକ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ପ୍ରତାପ ଚନ୍ଦ୍ର ଦାଶ ତାଙ୍କ ପ୍ରତିକ୍ରିୟାରେ କରିଛନ୍ତି।

## ଟେମରା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍‌ର ଫାଇନାଲ୍ ମ୍ୟାଚ୍



ଝାରକୁଣ୍ଡାମାଲକୁ ହରାଇ ସିର୍ଲିଗୁଡା ଚାମ୍ପିଅନ

କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ଟେମରା ୟଙ୍ଗ୍ ଷ୍ଟାର ବଏଜ୍ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍‌ର ଫାଇନାଲ ଖେଳ ଅନୁଷ୍ଠିତ ହୋଇଛି। ଏଥିରେ ଝାରକୁଣ୍ଡାମାଲକୁ ହରାଇ ସିର୍ଲିଗୁଡା ଦଳ ବିଜେତା ହୋଇ ଟୁର୍ଣ୍ଣାମେଣ୍ଟ୍‌ର ଚାମ୍ପିଅନ ହୋଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କେହି କାହାରିକୁ ଗୋଲ ସ୍କୋର କରି ପାରି ନଥିବାବେଳେ ଟ୍ରାଇବେକ୍‌ରେ ସିର୍ଲିଗୁଡା ଦଳ ବିଜୟୀ ହୋଇଛି। ଖେଳକୁ ପିଇଟି ତାପସ ଦାସ ପରିଚାଳନା କରିଥିବାବେଳେ ଲାଇନ୍ସରେ ସଞ୍ଜୀବ ଦୁର୍ଗା ଓ ଭୁପିନ୍ଦ୍ର ଗୋପାଳ ସହଯୋଗ କରିଥିଲେ। ବୈକୁଣ୍ଠ ଜାଲ ଓ ଅଖିଳ ପଟେଲ ଖେଳର ଧାରା ବିବରଣୀରେ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଟେମରା ସରପଞ୍ଚ କ୍ଷିତିରାମ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସୁଧୀର କୁମାର ପାତ୍ର, ଚୈବନ ରଣା, ଜୟଲାଲ ନାଏକ, ପରମେଶ୍ୱର ପୁଝାରୀ, କେଦାର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ପରେ ଉଭୟ ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ସହିତ ଅର୍ଥରାଶି ଦେଇ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ଅନୁଷ୍ଠାନର ନରେଶ ମାଝୀ, ବେଲାଲ ପୁଝାରୀ, ଗଜୀନ୍ଦ୍ର ରଣା, ରମେଶ ଦଳପତି, ପଞ୍ଚା ଚଳାନ, ଭୂପେନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ହାତୀ ଭୟରେ ଚାଷୀ ଆତଙ୍କିତ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ବିଜାପାଟି ଓ ରିଞ୍ଜା ଅଞ୍ଚଳରେ ସୋମବାର ରାତିରୁ ହାତୀପଲ ବୁଲୁଛନ୍ତି। ଏହାକୁ ସ୍ଥାନୀୟଲୋକେ ଦେଖି ଭୟଭୀତ ହେଉଛନ୍ତି। କିଛି ଚାଷୀଙ୍କ କାନ୍ଦୁଲ ଓ ଧାନ ଫସଲ ନଷ୍ଟ କରିଛନ୍ତି। ସୂଚନା ପାଇ ମ. ରାମପୁର ରେଞ୍ଜ ଭାରପ୍ରାପ୍ତ ଅଧିକାରୀ ଅଶୀତ କୁମାର ଦାସ, ମଦନପୁର ବନପାଳ ସମ୍ପଦ କୁମାର, ସୁରୁଜୁଲି ବନ ରକ୍ଷୀ ସତ୍ୟଭାମା ନାଗଙ୍କ ସମେତ ଅନ୍ୟାନ୍ୟ ଟିମ ମଙ୍ଗଳବାର ସକାଳେ ପହଞ୍ଚି ହାତୀ ମାନଙ୍କୁ ଜଙ୍ଗଲକୁ ନେବାକୁ ଉଦ୍ୟମ କରିଥିଲେ। ତେବେ ବନ ବିଭାଗର ଆକଳନ ଅନୁସାରେ ୪୪ଟି ହାତୀ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଖବର ଅନୁସାରେ ହାତୀ ପଲକୁ କେସିଙ୍ଗା ରେଞ୍ଜ କର୍ମଚାରୀମାନେ ଇନ୍ଦିରାକାନନ ଜଙ୍ଗଲ ପର୍ଯ୍ୟନ୍ତ ଘଉଡ଼ାଇ ଥିବା ସୂଚନା ମିଳିଛି।

## ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ



ନର୍ଲା, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ସମ୍ମିଳନୀ କକ୍ଷରେ ଆସନ୍ତା ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ ଉନ୍ନୟନ ଅଧିକାରୀ ବିପିନ୍ ବିହାରୀ ଦିପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ନର୍ଲା ତହସିଲଦାର୍ ବଳଦେବ ବେହେରାଙ୍କ ସହିତ ବିଭିନ୍ନ ସ୍କୁଲ୍ କଲେଜର ଶିକ୍ଷକ, ଅଧ୍ୟାପକ, ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ, ନର୍ଲା ପୋଲିସ୍, ସାମ୍ବାଦିକ ଓ ବୁଦ୍ଧିଜୀବୀ ଗଣ ଉପସ୍ଥିତ ଥିଲେ। ଆଗକୁ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ଅବସରରେ ପାହାନ୍ତିଆ ସମୟରେ ପ୍ରଭାତ ଫେରି ସହ ପତାକା ଉତ୍ତୋଳନ ସମୟରେ ଛାତ୍ରଛାତ୍ରୀଙ୍କ ପ୍ୟାରେଡ୍ ଅଭ୍ୟାସ କରିବା ପାଇଁ ନିଷ୍ପତ୍ତି ନେବା ସହିତ ସ୍କୁଲ୍ କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ସ୍ଥିର କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସମସ୍ତ କାର୍ଯ୍ୟକ୍ରମ ପାଇଁ ସବ କମିଟି ଗଠନ କରି ସମସ୍ତଙ୍କୁ ଦାୟୀତ୍ୱ ବଣ୍ଟନ କରାଯାଇଥିଲା।

## ଗୋବର୍ଦ୍ଧନପୁର କ୍ଲଷ୍ଟରସ୍ତରୀୟ ବୈଠକ




ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ) : ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ସାଧନକେନ୍ଦ୍ର ଅନ୍ତର୍ଗତ ଅଷ୍ଟମ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଗୋପାଳପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଗୋବର୍ଦ୍ଧନପୁର ସାଧନ କେନ୍ଦ୍ର ସଂଯୋଜକ କୁମାର ଗୌରବ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୋପାଳପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରବିନ୍ଦ ଶବର ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ବରିଷ୍ଠ ଶିକ୍ଷକ ତପନ କୁମାର ଭୋଇ ସଭା ପରିଚାଳନା ଓ ଶିକ୍ଷକ ମାନସ ରଞ୍ଜନ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷୟିତ୍ରୀ ଅନିମା ପଣ୍ଡା, ଆର. ଭି. ସନ୍ଧ୍ୟାରାଣୀ, ଶିକ୍ଷକ ଚିନ୍ତାମଣି ବିଶ୍ୱାଳ, ଶରତ ଚନ୍ଦ୍ର ସାହାଣୀ, ସୁରେନ୍ଦ୍ର ବିଶ୍ୱାଳ, ରଞ୍ଜନ ବୁଢ଼ିଆଙ୍କ ସମେତ କ୍ଲଷ୍ଟର ଅନ୍ତର୍ଗତ ଅନ୍ୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

## ମୁକ୍ତେଶ୍ୱରଙ୍କ ନିଖୋଜ ନେଇ ଥାନାରେ ଅଭିଯୋଗ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଧର୍ମଗଡ ଥାନା କନାଗାଁ ଗ୍ରାମର ମୁକ୍ତେଶ୍ୱର ନାଏକ (୪୦) ଆଜକୁ ପ୍ରାୟ ୧୧ ଦିନ ହେବ ନିଖୋଜ ଥିବା ଧର୍ମଗଡ ଥାନାରେ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପ୍ରାପ୍ତ ସୂଚନା ମୁତାବକ ଗତ ଜାନୁଆରୀ ୮ ତାରିଖ ଦିନ କନା ଗାଁ ଗ୍ରାମର ହିମାଦ୍ରୀ ନାଏକଙ୍କ ସ୍ୱାମୀ ମୁକ୍ତେଶ୍ୱର ନାଏକ ଅସୁସ୍ଥ ଥିବାରୁ ତାଙ୍କୁ କଟକ ଏସ୍‌ସିବି ମେଡ଼ିକାଲ କଟକକୁ ଚିକିତ୍ସା କରିବା ପାଇଁ ନେଇଥିଲେ । ଚିକିତ୍ସା ସାରି ଭୁବନେଶ୍ୱରରୁ ଟ୍ରେନରେ ଫେରିବା ବେଳେ ସ୍ତ୍ରୀ ଶୋଇ ପଡ଼ିଥିବା ବେଳେ ବିଜେନଗରମ ଠାରେ ସ୍ୱାମୀ ମୁକ୍ତେଶ୍ୱରକୁ ପାଇଁ ନ ଥିଲେ । ସେଇଠାରେ ଖୋଜାଖୋଜି କଲାପରେ ମଧ୍ୟ ପାଇଲେ ନାହିଁ। ସେ ଗଲା ବେଳେ ଗୋଟିଏ କଳା ରଙ୍ଗର ପେଣ୍ଟ ଓ ଧଳା ରଙ୍ଗର ସାର୍ଟ ପିନ୍ଧି ଫେରୁଥିଲେ। ଏନେଇ ପରିବାର ତରଫରୁ ଧର୍ମଗଡ ଥାନାରେ ଏକ ଅଭିଯୋଗ କରିଛନ୍ତି। ଧର୍ମଗଡ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି। ଘଟଣାକୁ ୧୧ଦିନ ବିତି ଯାଇଥିଲେ ହେଁ କୌଣସି ସନ୍ଧାନ ନ ମିଳିବାରୁ ପରିବାର ଲୋକେ ଭାଙ୍ଗି ପଡିଛନ୍ତି । ପୋଲିସ ନିଖୋଜ ଯୁବକର ସନ୍ଧାନ କରି ଶୀଘ୍ର ଉଦ୍ଧାର କରିବା ପାଇଁ ପରିବାର ସାଧାରଣରେ ଦାବି କରିଛନ୍ତି ।

## ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି ବସୁଧା ପ୍ରକଳ୍ପ

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ବୋରିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗାଇଦର ଗ୍ରାମରେ ବସୁଧା ପାନୀୟ ଜଳ ଯୋଗାଣ ଦୀର୍ଘ ୩ରୁ ୪ବର୍ଷ ହେଲା ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ସୂଚନା ଯୋଗ୍ୟ ଯେ ଅଟକଳ ମୂଲ୍ୟ ୯୫,୫୯,୨୪୯ ନିର୍ମିତ ବସୁଧା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ଅଧାପନ୍ତରିଆ ଭାବରେ ପଡ଼ି ରହିଛି। କିନ୍ତୁ କାର୍ଯ୍ୟ ଶେଷ ତାରିଖ ୦୯/୦୪/୨୦୨୩ରେ ଶେଷ ହେବା କଥା ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପ୍ରକଳ୍ପଟି କାହା ସ୍ୱାର୍ଥରେ ପଡ଼ିରହିଛି ତାହା ଏବେ ପର୍ଯ୍ୟନ୍ତ ଗ୍ରାମବାସୀ ଜାଣି ପାରୁନାହାନ୍ତି। ଫଳରେ ଗ୍ରାମବାସି ପାଣି ପାଇଁ ହଇରାଣ ହରକତ ହେଉଛନ୍ତି। ଗାଇଦର ଗ୍ରାମର ଜନସଂଖ୍ୟା ପାଖାପାଖି ୧୦୦୦ରୁ ଉର୍ଦ୍ଧ ଲୋକ ବସୁଧା ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି । ଗ୍ରାମବାସୀ ବାରମ୍ବାର ଜେଇ ଓ ଠିକାଦାରଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି କାମରେ ଆସୁନି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପ୍ରକଳ୍ପ ଆଣିଲେ ମଧ୍ୟ ତାହା ଜନସାଧାରଣଙ୍କ କାମରେ ଆସୁନି ସବୁ ଅଧା ହୋଇ ରହିଯାଉଛି । କିଛି ଦିନ ତଳେ ସରପଞ୍ଚ ମହୋଦୟଙ୍କୁ ଏ ବାବଦରେ ଗ୍ରାମବାସୀ ଅଭିଯୋଗ କରିଥିଲେ କିନ୍ତୁ ସରପଞ୍ଚ ଆଶ୍ୱାସନା ଦେଇଥିଲେ ହେବ ବୋଲି ହେଲେ ଏବେ ପର୍ଯ୍ୟନ୍ତ କୌଣସି କାମ ଆଗକୁ ଯାଇନି ଯେମିତି ଥିଲା ସେମିତି ଅବସ୍ଥାରେ ପଡ଼ି ରହିଛି। ଏବେ ଗ୍ରାମବାସୀଙ୍କ ପ୍ରଶ୍ନ ଉଠୁଛି ଯେ କାହା ସ୍ୱାର୍ଥରେ ଆଜି ଯାଏଁ ବସୁଧା ପାନୀୟ ଜଳ ଯୋଗାଣ ଦୀର୍ଘ ବର୍ଷ ହେଲା ପଡ଼ି ରହିଛି। ଗ୍ରାମବାସୀଙ୍କ ଅଭିଯୋଗ ଯେ ଗାଁରେ ଥିବା ନଳକୂପରୁ ପାଣି ଭଲସେ ଆସୁନି ସବୁ ପୁରୁଣା ହେଇଗଲାଣି ଛୋଟ ଛୋଟ ଲୁହା ଗୁଣ୍ଡ ସବୁ ବାହାରୁଛି ଫଳରେ ପାଣି ପାଇଁ ଗ୍ରାମବାସୀ ବହୁତ୍ ହଇରାଣ ହେଉଛନ୍ତି। ତେଣୁ ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରି ଏହି ବସୁଧା ପ୍ରକଳ୍ପକୁ ଚାଲୁ କରିବେ ବୋଲି ଗାଇଦାର ଗ୍ରାମବାସୀଙ୍କ ଦାବି ହେଉଛି।



## ଜରାଜୀର୍ଣ୍ଣ ଅବସ୍ଥାରେ ଇକୋଲୋଜିକାଲ ପାର୍କ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ରଷିଗାଁ ୨୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଜିଲ୍ଲାର ପ୍ରଥମ ଇକୋଲୋଜିକାଲ ପାର୍କ ରକ୍ଷଣାବେକ୍ଷଣ ଅଭାବରୁ ନିଶ୍ଚିହ୍ନ ହେବାକୁ ବସିଲାଣି। ଜିଲ୍ଲା ପ୍ରଶାସନ ପକ୍ଷରୁ ୨୦୦୭-୦୮ ଆର୍ଥିକ ବର୍ଷରେ ଏହାକୁ ସ୍ଥାପନ କରାଯାଇଥିଲା। କୋଟିକୋଟି ଟଙ୍କା ବ୍ୟୟରେ ପ୍ରାୟ ୫ ଏକର ପରିବ୍ୟାପ୍ତ ଅଞ୍ଚଳକୁ ଉଦ୍ୟାନର ରୂପ ଦିଆଯାଇଥିଲା। ଏହାର ଚତୁଃପାର୍ଶରେ ସୁରକ୍ଷା ବାଡ଼, ପାର୍କରେ ପ୍ରାୟ ଶହେରୁ ଅଧିକ ବିଭିନ୍ନ ପ୍ରଜାତିର ଔଷଧୀୟ ବୃକ୍ଷ, ବିଭିନ୍ନ ପ୍ରକାର ଫୁଲ ଓ ଫଳଗଛ ରୋପଣ କରି ଉଦ୍‌ଘାଟନ ମଧ୍ୟ କରାଯାଇଥିଲା। ଏହାପରେ ୨୦୧୩ ମସିହାରେ ସେହି ସ୍ଥାନରେ ଶାନ୍ତି ବନ ସ୍ଥାପନ କରାଯାଇଥିଲା। କେବଳ ସେତିକି ନୁହଁ, ପରବର୍ତ୍ତୀ ସମୟରେ ପାର୍କ ପରିସରରେ କାର୍ଗିଲ ଶହୀଦଙ୍କ ଉଦ୍ଦେଶ୍ୟରେ ସ୍ଥାପନ କରାଯାଇଥିଲା ଶହୀଦ ସ୍ତମ୍ଭ। କିନ୍ତୁ ଏବେ ସେଠାରେ ସନ୍ତକ ଭାବେ ରହିଯାଇଛି ଶାନ୍ତି ବନ ଫଳକ ଓ ଭଙ୍ଗା ବାଡ଼। ଅନ୍ୟପଟେ ଶହୀଦ ସ୍ତମ୍ଭ ମଧ୍ୟ ଆବର୍ଜନାପୂର୍ଣ୍ଣ ଅବସ୍ଥାରେ ଦେଖିବାକୁ ମିଳିଛି। ଏହା ଶହୀଦଙ୍କ ପ୍ରତି ଅସମ୍ମାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଇକୋଲୋଜିକାଲ ପାର୍କର ପୁନରୁଦ୍ଧାର ପାଇଁ ଜନସାଧାରଣରେ ଦାବି ହେବା ସହିତ ପ୍ରଶାସନ ଏହାର ଦାୟିତ୍ୱ ନେଉ ବୋଲି ମତ ପ୍ରକାଶ ପାଉଛି। ଏହି ପାର୍କର ପୁନରୁଦ୍ଧାର ସହ ରକ୍ଷଣାବେକ୍ଷଣ ଓ ଶହୀଦ ସ୍ତମ୍ଭ ପ୍ରତି ପ୍ରଶାସନ ସମ୍ମାନ ପ୍ରଦର୍ଶନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଓଲଟିଲା ଟ୍ରକ୍, ଅଳ୍ପକେ ବଞ୍ଚିଲା ଝିଅର ଜୀବନ



କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଜାତୀୟ ରାଜପଥ ୨୬ ଚିର୍ଲା ଗାଁ ବୁଲାଣିରେ ମଙ୍ଗଳବାର ଭୋରରେ ଏକ ଟ୍ରକ ଜଣେ ଯୁବତୀଙ୍କୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ଇନ୍ଦିରା ଆବାସ ଗୃହରେ ପିଟି ହୋଇ ଓଲଟି ପଡ଼ିଛି। ପ୍ରାପ୍ତ ସୂଚନାରୁ ଅନୁଯାୟୀ ଝାରସୁଗୁଡାରୁ ଏକ ବିଦ୍ୟୁତ ଖୁଣ୍ଟ ବୋଝେଇ ଟ୍ରକ ଉମରକୋଟ ଯାଉଥିଲା। ଚିର୍ଲା ଗାଁ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ନଳକୂଅରେ ଛିଡା ହୋଇଥିବା ଚିର୍ଲା ଗାଁର ପ୍ରିୟଙ୍କା ମାଝୀ(୧୭)ଙ୍କୁ ଧକ୍କା ଦେଲା ପରେ ଗ୍ରାମର କୁଶ ମାଝୀଙ୍କ ପ୍ରଧାନମନ୍ତ୍ରୀ ଆବାସଗୃହକୁ ଧକ୍କାଦେଇ ଓଲଟି ପଡ଼ିଥିଲା। ଟ୍ରକ ଧକ୍କାରେ ଯୁବତୀ ଜଣକର ଗୋଡ଼ ଭାଙ୍ଗି ଯାଇଛି ଏବଂ ପ୍ରଧାନମନ୍ତ୍ରୀ ଆବାସ ଘର ମଧ୍ୟ ଅନେକ କ୍ଷତିଗ୍ରସ୍ତ ହୋଇଛି। ସ୍ଥାନୀୟ ଲୋକେ ଯୁବତୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କେସିଙ୍ଗା ଡାକ୍ତରଖାନାକୁ ଆଣିଥିଲେ। ତେବେ ଯୁବତୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ କେସିଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକ ଡ୍ରାଇଭର ଏବଂ ହେଲପରକୁ ଉଦ୍ଧାର କରିଥିଲା। ଏଥିରେ ଡ୍ରାଇଭର ଏବଂ ଖଲାସୀ ଉଭୟ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ପୋଲିସ ଟ୍ରକ ଜବତ କରି ତଦନ୍ତ କରୁଛି। ଡ୍ରାଇଭରର ଆଖି ଲାଗିଯିବାରୁ ଏଭଳି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି।

## ରାଶିଫଳ

ଗୁରୁବାର, ୨୩ ଜାନୁଆରୀ ୨୦୨୫



**ମେଷ:** ପରିବାରଜନମାନଙ୍କ ସହିତ ବୈଠକର ଆପଣ ମହତ୍ୱପୂର୍ଣ୍ଣ ଚର୍ଚ୍ଚା-ବିଚାରଣା କରିବେ । ଅଫିସ୍ କିମ୍ବା ବ୍ୟବସାୟ କ୍ଷେତ୍ରରେ ଅଧିକାରୀମାନଙ୍କ ସହିତ ମଧ୍ୟ ମହତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଚର୍ଚ୍ଚା ହେବ । ସ୍ୱାସ୍ଥ୍ୟ ମାମଲାରେ ଶାରୀରିକ ଆଳସ୍ୟ ସହିତ ଅଳ୍ପ ଅସୁସ୍ଥତା ଅନୁଭବ ହେବ ।



**ବୃଷ:** ନୂଆ କାର୍ଯ୍ୟର ପ୍ରେରଣା ମିଳିବ ଏବଂ ଆପଣ ତାଙ୍କୁ ପ୍ରାରମ୍ଭ କରିପାରିବେ । କୌଣସି ଧାର୍ମିକ ସ୍ଥଳ ଯାତ୍ରାକରି ଆପଣଙ୍କ ମନ ଭକ୍ତିମୟ ହୋଇଯିବ । ବ୍ୟାପାରରେ ଆର୍ଥିକ ଲାଭ ହୋଇପାରେ । ଦୂର ସ୍ଥିତ ସ୍ନେହୀଜନ କିମ୍ବା ମିତ୍ରମାନଙ୍କର ଶୁଭ ସମାଚାର ମିଳିବ ।



**ମିଥୁନ:** ନିଷେଧାତ୍ମକ ବିଚାରରୁ ଦୂରରେ ରହିବାକୁ ଉପଦେଶ। ନୂଆ କାର୍ଯ୍ୟର ପ୍ରାରମ୍ଭ ତଥା ସ୍ୱାସ୍ଥ୍ୟ ଉପଚାର ପ୍ରାରମ୍ଭ କରିବା ହୀତକର ନୁହେଁ। ନିଷେଧାତ୍ମକ ବିଚାରରୁ ଦୂରରେ ରହିବେ। ଆଧାତ୍ମିକତା ଏବଂ ଈଶ୍ୱରଙ୍କର ପ୍ରାର୍ଥନାରେ ଆଶ୍ୱସ୍ତି ମିଳିବ।



**କର୍କଟ:** ବୈଭବ ଜୀବନଶୈଳୀ ତଥା ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆଜି ଆପଣ ଆନନ୍ଦିତ ରହିବେ। ବ୍ୟବସାୟ କ୍ଷେତ୍ରରେ ଆପଣଙ୍କୁ ଲାଭ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ମାନ-ପ୍ରତିଷ୍ଠାରେ ବୃଦ୍ଧି ହେବ। ଯାତ୍ରା କିମ୍ବା ପ୍ରବାସର ଆୟୋଜନ କରି ପାରିବେ।



**ସିଂହ:** ଆପଣଙ୍କ ଆଜିର ଦିନ ମଧ୍ୟମ ଫଳଦାୟୀ ହେବ। ପାରିବାରିକ ସଦସ୍ୟମାନଙ୍କ ସହିତ ବାଣୀରେ ନିୟନ୍ତ୍ରଣ ରଖିବେ। ଯାହାଫଳରେ ସଂଘର୍ଷ ଟାଳି ପାରିବେ। ଦୈନିକ କାର୍ଯ୍ୟରେ ବିଘ୍ନ ଆସିପାରେ। ସେଥିପାଇଁ କାର୍ଯ୍ୟ ସଂପନ୍ନ ହେବାରେ ସହାୟତା ମିଳିବ। ଅଧିକ ପରିଶ୍ରମ ପରେ ମଧ୍ୟ ପ୍ରାପ୍ତି କମ ହେବାରୁ ହତାଶା ଅନୁଭବ ହୋଇପାରେ।



**କନ୍ୟା:** ଆଜିର ଦିନ ଆପଣଙ୍କୁ କୌଣସି ଭାବରେ କଳହ ଏବଂ ଚର୍ଚ୍ଚାରୁ ଦୂରରେ ରହିବାକୁ ଉପଦେଶ। ବିଦ୍ୟାର୍ଥିମାନଙ୍କପାଇଁ ପାଠପଢାରେ ବାଧା ଆସିବ। ପ୍ରିୟଜନମାନଙ୍କ ସହିତ ହେବାକୁଥିବା ସାକ୍ଷାତରେ ମନ ଆନନ୍ଦିତ ହେବ।



**ତୁଳା:** ଆପଣଙ୍କପାଇଁ ସମୟ ଶୁଭ ଅଟେ। ମନରେ ସମ୍ବେଦନଶୀଳତାର ମାତ୍ରା ଅଧିକ ରହିବ। ଶାରୀରିକ ସ୍ଫୂର୍ତ୍ତିର ଅଭାବ ରହିବ। ମାନସିକ ବ୍ୟଗ୍ରତା ମଧ୍ୟ ରହିବ। ଧନ ଏବଂ କୀର୍ତ୍ତିର ହାନି ହେବ। ମାତାଙ୍କର ସ୍ୱାସ୍ଥ୍ୟର ଚିନ୍ତା ରହିବ। ନିକଟ ସମ୍ବନ୍ଧିମାନଙ୍କ ସହିତ ଝଗଡ଼ା କିମ୍ବା ବିବାଦର କାରଣରୁ ମନକୁ ଚୋଟ ପହଁଚିବାର ପ୍ରସଙ୍ଗ ବନିବ।



**ବିଚ୍ଛା:** ଆଜି ପୂରା ଦିନ ଆପଣ ପ୍ରସନ୍ନ ରହିବେ। କୌଣସି ନୂଆ କାର୍ଯ୍ୟର ପ୍ରାରମ୍ଭ କରି ପାରିବେ। ସାଥିମାନଙ୍କଠାରୁ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ। ମିତ୍ର ଏବଂ ସ୍ୱଜନମାନଙ୍କର ଭେଟ ହୋଇପାରେ। କୌଣସି କାମରେ ଆଜି ଆପଣଙ୍କୁ ସଫଳତା ମିଳିବ। ଆର୍ଥିକ ଲାଭ ଏବଂ ଭାଗ୍ୟବୃଦ୍ଧିର ଯୋଗ ଅଛି। ଭାଇ-ଭଉଣୀମାନଙ୍କଠାରୁ ଲାଭ ହେବ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସମକ୍ଷ ବିଜୟ ମିଳିବ। ସ୍ନେହ ସମ୍ବନ୍ଧ ବନିବ।



**ଧନୁ:** ଆପଣଙ୍କର ଦିନ ମିଶ୍ର ଫଳଦାୟୀ ଅଟେ। ଅସାମଞ୍ଜସ୍ୟ କାରଣରୁ ନିର୍ଣ୍ଣୟ ନେବା କଠିନ ହେବ। ମନରେ ବ୍ୟଗ୍ରତା ରହିବ। ପରିବାରଜନମାନଙ୍କ ସହିତ ମନମାଳିନ୍ୟ ନ ହେଉ ଏହାର ଧ୍ୟାନ ରଖିବେ। କାର୍ଯ୍ୟରେ ଅପେକ୍ଷିତ ସଫଳତା ନ ମିଳିବାରୁ ନିରାଶା ହେବ। କାର୍ଯ୍ୟଭାର ମଧ୍ୟ ବଢିପାରେ। ନିରର୍ଥକ ଅର୍ଥ ଖର୍ଚ୍ଚ ହେବ।



**ମକର:** ଜଗନ୍ନାଥଙ୍କର ଆଶୀର୍ବାଦରେ ଆଜି ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସରଳତାରେ ପୂର୍ଣ୍ଣ ହେବ। କାର୍ଯ୍ୟାଳୟରେ ତଥା ବ୍ୟବସାୟ ସ୍ଥଳରେ ଆପଣଙ୍କ ପ୍ରତିଷ୍ଠାରେ ବୃଦ୍ଧି ହେବ। ଗୃହସ୍ଥଜୀବନରେ ଆନନ୍ଦର ବାତାବରଣ ରହିବ। ମିତ୍ର ତଥା ସ୍ନେହୀଜନମାନଙ୍କ ସାଥିରେ ଭେଟ ହେବ। ମାନସିକ ରୂପରେ ଶାନ୍ତି ରହିବେ।



**କୁମ୍ଭ:** ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବାକୁ ଉପଦେଶ। ମାନସିକ ସୁସ୍ଥତା କମ ରହିବ। କୋର୍ଟ-କଚେରୀର ମାମଲାରେ ପଡ଼ନ୍ତୁନାହିଁ। ପରିବାରର ସଦସ୍ୟ ବିରୋଧୀ ବ୍ୟବହାର କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ଅଧିକ ପରିଶ୍ରମ ପରେ ମଧ୍ୟ ପ୍ରାପ୍ତି କମ ହେବାରୁ ହତାଶା ଅନୁଭବ ହୋଇପାରେ।



**ମୀନ:** ଆଜି ଆପଣ ପାରିବାରିକ ତଥା ସାମାଜିକ କଥାଗୁଡ଼ିକରେ ବିଶେଷ ଲିପ୍ତ ରହିବେ। ମିତ୍ରମାନଙ୍କସହ ଭେଟ ହେବ ଏବଂ ତାଙ୍କ ଖର୍ଚ୍ଚ କରିବାକୁ ପଡ଼ିବ। ରମଣୀୟ ସ୍ଥାନକୁ ଯାତ୍ରା କରିବାର ସମ୍ଭାବନା ଅଛି। ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କୁ ଲାଭ ହେବ। ଜୀବନସାଥୀ ଇଚ୍ଛୁକଙ୍କୁ ଭଲ ଜୀବନସାଥୀ ମିଳିବାର ଯୋଗଅଛି।



ଉପସ୍ଥାପନା


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯